



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-347 ♦BHUBANESWAR ♦SUNDAY ♦15 JUNE 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୨ ♦ସଂଖ୍ୟା-୩୪୭ ♦ଭୁବନେଶ୍ୱର ♦ରବିବାର ♦୧୫ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


## ବିମାନ ଦୁର୍ଘଟଣାର ଯାଞ୍ଚ କରିବେ ୧୧ ଜଣିଆ କମିଟି



### ୩ ମାସ ମଧ୍ୟରେ ଦେବେ ରିପୋର୍ଟ

■ **ଅହମଦାବାଦ, ୧୪।୬ (ଏଜେନ୍ସି):** ବିମାନ ଚଳାଚଳ ମନ୍ତ୍ରାଳୟର ସଚିବ ଏସକେ ସିହ୍ନା କହିଛନ୍ତି ଯେ ଦୁର୍ଘଟଣାଗ୍ରସ୍ତ ବିମାନର ବ୍ଲାକବକ୍ସ ମିଳିଛି। ଏହାକୁ ଖୋଜିବା ପାଇଁ ଶହେ କର୍ମଚାରୀ ଏବଂ ୪୦ ଇଞ୍ଜିନିୟର ଲାଗିଥିଲେ। ମାମଲାର ତଦନ୍ତ ଚାଲିଛି। ବିମାନ କିପରି ଦୁର୍ଘଟଣାଗ୍ରସ୍ତ ହେଲା ତାହାର ଯାଞ୍ଚ ପାଇଁ ଏକ ୧୧ ଜଣିଆ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ କରାଯାଇଛି। ଦୁର୍ଘଟଣାର କାରଣ ଖୋଜିବା ସହିତ ତିନି ମାସ ମଧ୍ୟରେ ଏହାର ରିପୋର୍ଟ ପ୍ରଦାନ କରିବ। ସୋମବାର ଏହି କମିଟିର ପ୍ରଥମ ବୈଠକ ବସିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ ରାମ ମୋହନ ନାଇଡୁ ଏହା କହିଛନ୍ତି। ତେବେ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ନେତୃତ୍ୱରେ ଯାନ୍ତ୍ରିକ ତଦନ୍ତ ଜାରି ରହିଛି। ଏହା କେବଳ ଅହମଦବାଦ ବିମାନ ଦୁର୍ଘଟଣାର କାରଣ ଖୋଜୁଥିବା ବେଳେ ସରକାରୀ କମିଟି ବ୍ୟାପକ ସ୍ତରରେ ମାମଲାର ତଦନ୍ତ କରିବ। ଏହା ସହିତ ସୁରକ୍ଷାକୁ ଅଧିକ ମଜବୁତ କରିବା ନେଇ ପ୍ରସ୍ତାବ ଦେବ। ଏହି କମିଟିରେ ସ୍ୱରାଷ୍ଟ୍ର ସଚିବ, ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ, ସ୍ୱରାଷ୍ଟ୍ର ମନ୍ତ୍ରାଳୟ, ଗୁଜରାଟ ସରକାର,ବାୟୁସେନା, ଗୁଇନ୍ଦା ଏଜେନ୍ସିର ବରିଷ୍ଠ ଅଧିକାରୀଙ୍କ ସମେତ ୧୧ ସଦସ୍ୟ ଅଛନ୍ତି।

## ସୁଶାନ୍ତ ସିଂହଙ୍କୁ ହତ୍ୟା କରାଯାଇଥିବାର ପ୍ରମାଣ ନାହିଁ




### ସିବିଆଇ ଦେଲା କ୍ଲୋଜର୍ ରିପୋର୍ଟ

■ **ମୁମ୍ବାଇ, ୧୪।୬ (ଏଜେନ୍ସି):** ସିବିଆଇ ଶନିବାର ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ମୃତ୍ୟୁ ମାମଲାର ଚୂଡ଼ାନ୍ତ କ୍ଲୋଜର ରିପୋର୍ଟ ଦାଖଲ କରିଛି। ଦେଶର ପ୍ରମୁଖ ତଦନ୍ତ ଏଜେନ୍ସି ଭାବେ ପରିଚିତ ସିବିଆଇକୁ ଏହା ଦାଖଲ କରିବା ପାଇଁ ୪ ବର୍ଷ ୬ ମାସ ୧୫ ଦିନ ଲାଗିଯାଇଛି। ଆଉ ଏହି ରିପୋର୍ଟରେ ସୁଶାନ୍ତଙ୍କ ହତ୍ୟାର କୌଣସି ପ୍ରମାଣ ନାହିଁ ବୋଲି କୁହାଯାଇଛି। ସୁଶାନ୍ତଙ୍କୁ ଆତ୍ମହତ୍ୟା ପାଇଁ ଉସୁକା ଯାଇଥିବାର କୌଣସି ପ୍ରମାଣ ସିବିଆଇକୁ ମିଳିନାହିଁ। ୨୦୨୦ ଜୁନ୍ ୧୪ରେ ବାନ୍ଦ୍ରା ସ୍ଥିତି ନିଜ ଘରୁ ରହସ୍ୟଜନକ ଭାବେ ସୁଶାନ୍ତଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ପ୍ରଥମେ ମହାରାଷ୍ଟ୍ର ପୁଲିସ ଏହାକୁ ଆତ୍ମହତ୍ୟା ବୋଲି କହି ଦେଇଥିଲା। ମାତ୍ର ଏହାକୁ ତୀବ୍ର ବିରୋଧ କରାଯାଇଥିଲା। ସୁଶାନ୍ତଙ୍କ ମୃତ୍ୟୁକୁ ତାଙ୍କ ପୂର୍ବତନ ମ୍ୟାନେଜର ଦିଶା ସାଲିଆନଙ୍କ ମୃତ୍ୟୁ ସହ ଯୋଡି ଦେଖା ଯାଇଥିଲା। ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରାଯାଇଥିଲା। ପରେ ଗଣମାଧ୍ୟମ ଏବଂ ବିରୋଧୀ ଦଳଙ୍କ ଚାପରେ ମହାରାଷ୍ଟ୍ରର ତତ୍କାଳୀନ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ସରକାର ମାମଲାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରିଥିଲେ। ଏବେ ସିବିଆଇ ଆତ୍ମହତ୍ୟା ହିଁ ମୃତ୍ୟୁର ପ୍ରକୃତ କାରଣ ବୋଲି ନିଜ ରିପୋର୍ଟରେ ଦର୍ଶାଇଛି। ଦିଶାଙ୍କୁ ହତ୍ୟା କରାଯାଇଥିବା ▶ପୃଷ୍ଠା-୭

# ବର୍ଷପୂର୍ତ୍ତିରେ ମହାନଦୀ ଚିନ୍ତା

### ୬ ମାସ ହେବ ଟ୍ରିବ୍ୟୁନାଲରେ ଶୁଣାଣି ହୋଇନି

- ବୈଷୟିକ ମୂଲ୍ୟାଙ୍କନ କରିବେ ରାଜ୍ୟ ସରକାର
- ୯ଟି ବିନ୍ଦୁ ଉପରେ ତଥ୍ୟ ମାଗିଲା ଜଳ ସଂପଦ ବିଭାଗ
- ସରକାରଙ୍କ ନିଷ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଇଲେ ବିଶେଷଜ୍ଞ




■ **ଭୁବନେଶ୍ୱର, ୧୪।୬ (ସମିସ):** ମରି ମରି ଆସୁଛି ଓଡ଼ିଶାର ଜୀବନରେଖା ମହାନଦୀ। ଓଡ଼ିଶାକୁ ଅବାରିତ ଜଳଧାରା ପ୍ରବାହରେ ରୋକ ଲଗାଇଛି ପଡ଼ୋଶୀ ଛତିଶଗଡ଼। ଉପରମୁଣ୍ଡରେ ଏକାଧିକ ଡ୍ୟାମ୍ ଓ ବ୍ୟାରେଜ୍ ନିର୍ମାଣ କରି ଛତିଶଗଡ଼ ସରକାର ଏକପ୍ରକାର ମହାନଦୀର ତଣ୍ଟି ଚିପି ଦେଇଛନ୍ତି। ଓଡ଼ିଶା-ଛତିଶଗଡ଼ ମଧ୍ୟରେ ମହାନଦୀ ଜଳକୁ ନେଇ ଦୀର୍ଘଦିନରୁ ରହିଥିବା ବିବାଦ ଟ୍ରିପଲ୍ ଇଞ୍ଜିନ ସରକାରରେ ସମାଧାନ ହୋଇଯିବ ବୋଲି ଆଶା କରାଯାଉଥିଲା। ନିର୍ବାଚନ ପ୍ରଚାର ବେଳେ ବିଜେପି ଦେଇଥିବା ପ୍ରତିଶ୍ରୁତିରୁ ମହାନଦୀକୁ ନେଇ ଓଡ଼ିଶାର ଜନସାଧାରଣ ବହୁ ଆଶାବାଦୀ ଥିଲେ। ହେଲେ ଇତିମଧ୍ୟରେ ବର୍ଷଟିଏ ବିତିଯାଇଥିଲେ ହେଁ ରାଜ୍ୟ ସରକାରଙ୍କ ପକ୍ଷରୁ ମହାନଦୀ ଜଳ ବିବାଦର ସମାଧାନ ନେଇ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନିଆଗଲା ନାହିଁ। ଏବେ ଶାସନର ବର୍ଷପୂର୍ତ୍ତି ବେଳକୁ ରାଜ୍ୟ ସରକାର ତରବରିଆ ଭାବେ ମହାନଦୀର ମୂଲ୍ୟାଙ୍କନ କରିବାକୁ ଆଗଭର ହୋଇଛନ୍ତି। ରାଜ୍ୟ ବିଜେପି ସରକାରଙ୍କ ଏହି ନିଷ୍ପତ୍ତି କେବଳ ଲୋକଦେଖାଣିଆ ଏବଂ ବାସ୍ତବତାଠାରୁ ବହୁ ଦୂରରେ ବୋଲି ବିଶେଷଜ୍ଞ ମହଲ ମତବ୍ୟକ୍ତ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଭାଗର ବିଭିନ୍ନ ଅଧିକାରୀଙ୍କୁ ମୋଟ ୯ଟି ବିଷୟରେ ଆବଶ୍ୟକ ତଥ୍ୟ ମଗାଯାଇଛି। ବୈଷୟିକ ମୂଲ୍ୟାଙ୍କନ ପାଇଁ ସର୍ବୋଚ୍ଚ ଯନ୍ତ୍ରୀ ତଥ୍ୟ ମାଗିଛନ୍ତି, ତନ୍ମଧ୍ୟରେ ମହାନଦୀ ବେସିନ୍‌ର ଭୂପୃଷ୍ଠ ଜଳ ଏବଂ ଭୂତଳ ଜଳର ମୂଲ୍ୟାଙ୍କନ କରାଯିବ। ସେହିପରି ମହାନଦୀ ଜଳର ମାନ, ଜଳ ପ୍ରବାହ ଓ ଜଳଧାରଣ କ୍ଷମତା (ମୁଖ୍ୟଧାରା, ଉପନଦୀ ଓ ଶାଖାନଦୀ), ବନ୍ୟା ପ୍ରଭାବ, ପଟୁ ଚରିବା ଆଦି ସାମିଲ ହୋଇଛି। ଜୈବ ବିବିଧତା ଏବଂ ପରିବେଶ ସଂକ୍ରାନ୍ତ ତଥ୍ୟ ସଂଗ୍ରହ ଓ ଏହାର ଅଧ୍ୟୟନ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ରହିଛି। ଏସବୁ ରିପୋର୍ଟକୁ ଆଧାର କରି ବୈଷୟିକ ମୂଲ୍ୟାଙ୍କନ କରାଯିବାକୁ ଥିବାବେଳେ ଭବିଷ୍ୟତରେ ମହାନଦୀର ପୁନରୁଦ୍ଧାର କ୍ଷେତ୍ରରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି। ତେବେ ମହାନଦୀକୁ ନେଇ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ଉପରେ ପ୍ରଶ୍ନ ଉଠାଇଛନ୍ତି ଜଳ ବିଶେଷଜ୍ଞ। ▶ପୃଷ୍ଠା-୭

### ପ୍ରକାଶ ପାଇଲା ନିଟ୍ ପରୀକ୍ଷା ଫଳ

## ରାଜସ୍ଥାନର ମହେଶ ଟପ୍ପର



ମହେଶ କୁମାର



ସ୍ନେହାଶିଷ ଦାସ

- ଗତବର୍ଷ ତୁଳନାରେ ଓଡ଼ିଶାର ନୈରାଶ୍ୟଜନକ ଫଳାଫଳ
- ୬୦ ତମ ର୍‍ୟାଙ୍କ୍ ରଖି ସ୍ନେହାଶିଷ ରାଜ୍ୟ ଟପ୍ପର୍
- ଓଡ଼ିଆ ଭାଷାରେ ପରୀକ୍ଷା ଦେଇଥିଲେ ୮୧୨ ଛାତ୍ରଛାତ୍ରୀ

■ **ଭୁବନେଶ୍ୱର, ୧୪।୬ (ସମିସ):** ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଶନିବାର ମେଡିକାଲ ଆଶାୟୀମାନଙ୍କ ନିଟ୍ ୟୁଜି (ନ୍ୟାସନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ ଅଣ୍ଡରଗ୍ରାଜୁଏଟ୍) ପରୀକ୍ଷା ୨୦୨୫ର ଫଳାଫଳ ଘୋଷଣା କରିଛି। ଏଥିରେ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ମେଡିକାଲ ଆଶାୟୀଙ୍କ ଫଳ ପ୍ରକାଶ ପାଇଛି। ରାଜସ୍ଥାନର ମହେଶ କୁମାର ୯୯.୯୯ ପର୍ସେଣ୍ଟାଇଲ୍ ସ୍କୋର୍ ରଖି ଦେଶରେ ଟପ୍ପର ହୋଇଥିବାର ଗୌରବ ହାସଲ କରିଛନ୍ତି। ତାଙ୍କ ପଛକୁ ମଧ୍ୟପ୍ରଦେଶର ଉତ୍କର୍ଷ ଆୱାଦିଆ ଦ୍ୱିତୀୟ ସ୍ଥାନରେ ଥିବାବେଳେ ମହାରାଷ୍ଟ୍ରର ତ୍ରିସଙ୍ଗ ଯୋଶୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ସ୍ନେହାଶିଷ ଦାସ ୯୯.୯୯ ପର୍ସେଣ୍ଟାଇଲ୍ ସ୍କୋର ରଖି ଓଡ଼ିଶାରୁ ପ୍ରଥମ ହୋଇଥିବା ବେଳେ ▶ପୃଷ୍ଠା-୭

## ଚର୍ମ କର୍କଟ ରୋକିବ ଚିଲିକା ଶୈବାଳ

### ୨୦ ବର୍ଷ ଗବେଷଣା ପରେ ସାମ୍ନାକୁ ଆସିଲା ତଥ୍ୟ



ଜୈବିକ ସନ୍‌ସ୍କ୍ରିନ୍ ଭାବେ ହେବ ବ୍ୟବହାର

■ **ଭୁବନେଶ୍ୱର, ୧୪।୬ (ସମିସ):** ଓଡ଼ିଶାର ବିଶ୍ୱ ପ୍ରସିଦ୍ଧ ଚିଲିକା ହ୍ରଦର ଜୈବ ବିବିଧତା ବୈଜ୍ଞାନିକମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ରେଭେନ୍ସା ଓ ଉତ୍କଳ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏହି ସ୍ଥାନରୁ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନର ଆବିଷ୍କାର କରିଛନ୍ତି। ଏହି ହ୍ରଦରେ ପ୍ରାକୃତିକ ଭାବେ ବଢୁଥିବା ଲାଲ୍ ଶୈବାଳରେ ଥିବା ଉପାଦାନ ଅତି ବାଇଗଣୀ ରଶ୍ମି କିରଣରୁ ଚର୍ମକୁ ରକ୍ଷା କରିବ। ଏଥିସହ ଚର୍ମ କର୍କଟ ରୋଗକୁ ରୋକିବାରେ ମଧ୍ୟ ବେଶ ସହାୟ ହେବ। ଚିଲିକା ହ୍ରଦରୁ ଏଭଳି ଅନନ୍ୟ ଉପାଦାନର ଆବିଷ୍କାର ହୋଇଥିବାରୁ ଭାରତୀୟ ବୈଜ୍ଞାନିକମାନେ ଚିଲିକା ହ୍ରଦର ଭୂୟସୀ ପ୍ରଶଂସା କରିଛନ୍ତି।

ଗବେଷଣାରେ ବ୍ୟବହୃତ ଲାଲ ଶୈବାଳ ହେଉଛି 'ଗ୍ରାସିଲାରିଆ ଭେରୁକୋସା' ପ୍ରଜାତିର ତଥା 'ରୋଡୋଫାଇଟା' ଗୋଷ୍ଠୀର ବୋଲି ଜଣାପଡ଼ିଛି। ଏଥିରେ ମିଳୁଥିବା 'ମାଇକୋସ୍ପୋରିନ୍-ଆମିନୋ ଏସିଡ୍' ସୂର୍ଯ୍ୟ କିରଣରୁ ନିର୍ଗତ ଅତି ବାଇଗଣୀ ରଶ୍ମିକୁ ପ୍ରତିହତ କରିବାର କ୍ଷମତା ରଖୁଛି। ଏହି ରଶ୍ମି ମନୁଷ୍ୟ ଶରୀରର ଚର୍ମରେ ଥିବା କୋଷଗୁଡ଼ିକୁ କ୍ଷତି ପହଞ୍ଚାଇଥାନ୍ତି। ଏଥିଯୋଗୁଁ କର୍କଟ ରୋଗର ଆଶଙ୍କା ସୃଷ୍ଟି ହୋଇଥାଏ। ଏହି ଆବିଷ୍କାର କେବଳ କର୍କଟ ରୋଗ ନିବାରଣ ପର୍ଯ୍ୟନ୍ତ ସୀମିତ ନୁହେଁ, 'ମାଇକୋସ୍ପୋରିନ୍-ଆମିନୋ ଏସିଡ୍' ମଧ୍ୟ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ଭାବେ ▶ପୃଷ୍ଠା-୭

## ଛେଳିଚୋରକୁ ପିଟିପିଟି ହତ୍ୟା

**ଦମ୍ପତି ସମେତ ୩ ଗିରଫ, ପୁଅ ଫେରାର୍**

■ **ତୁରୁମୁଙ୍ଗା, ୧୪।୬ (ସମିସ):** ଛେଳି ଚୋରକୁ ଗଛରେ ବାନ୍ଧି ପିଟିପିଟି ମାରିଦେଲେ। କେନ୍ଦୁଝର ଜିଲ୍ଲା ପାଟଣା ଥାନା ଶଙ୍ଖୁଆ ଗ୍ରାମରେ ଶୁକ୍ରବାର ରାତିରେ ଏପରି ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ଗ୍ରାମର ବିପିନ ବିହାରୀ ନାଏକ (୪୬)। ପାଟଣା ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ପୁଲିସ୍ ଏକ ଦମ୍ପତିଙ୍କ ସମେତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ଦେବର୍ଷି ପାତ୍ର(୫୫), ତାଙ୍କ ସ୍ତ୍ରୀ ବୀଣାପାଣି (୪୦) ଓ ଅନ୍ୟ ଜଣେ ମହିଳା ପଦ୍ମିନୀ ପାତ୍ର (୪୫)। ତେବେ ଏହି ଘଟଣାର ଅନ୍ୟତମ ଅଭିଯୁକ୍ତ ବୀଣାପାଣିଙ୍କ ପୁଅ ▶ପୃଷ୍ଠା-୭

### ସୁଧୁରୁନି ଯାଜପୁର ଡାଇରିଆ ସ୍ଥିତି

# ଭୋଜିଭାତ ଉପରେ କଟକଣା

- ଜିଲ୍ଲାବ୍ୟାପୀ ହୋଟେଲ ଓ ଢାବା ଉପରେ ଚଢ଼ଉ
- ସିଲ୍ ହେଲା ୫ ହୋଟେଲ
- ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକାଙ୍କ ଜିଲ୍ଲା ଗସ୍ତ



■ **ଯାଜପୁର, ୧୪।୬ (ସମିସ):** ଯାଜପୁରରେ ସୁଧୁରୁନି ଡାଇରିଆ ସ୍ଥିତି। କମିବା ବଦଳରେ ଅଧିକ ଉଗ୍ର ହୋଇ ମାଡ଼ିମାଡ଼ି ଚାଲିଛି। ଅଧିକରୁ ଅଧିକଙ୍କୁ ଆକ୍ରାନ୍ତ କରିବା ସହ ମୁଣ୍ଡ ନେଇ ଚାଲିଛି। ଗତ ସୋମବାରରୁ ଯାଜପୁର ଜିଲ୍ଲାରେ ଦେଖାଦେଇଥିବା ଡାଇରିଆ ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇପାରିନାହିଁ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଂଗୃହୀତ ନମୁନାରୁ କଲେରା ବା ହଇଜା ଜୀବାଣୁ ବାହାରିବା ପରେ ଏହାକୁ ନେଇ ଜିଲ୍ଲାବ୍ୟାପୀ ଭୟର ବାତାବରଣ ଦେଖାଦେଇଛି। ଏହି ଡାଇରିଆକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ପକ୍ଷରୁ ଜୋରଦାର୍ ଉଦ୍ୟମ କରାଯାଇଥିଲେ ମଧ୍ୟ କୌଣସି ପରିସ୍ଥିତିରେ ଏହାକୁ ନିୟନ୍ତ୍ରଣ କରାଯାଇପାରିନାହିଁ। ସଂଗୃହୀତ ନମୁନାରୁ ୧୧ ଜଣଙ୍କଠାରେ କଲେରା ଜୀବଣୁ ମିଳିଥିବା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୁହାଯାଉଥିବା ବେଳେ ଜିଲ୍ଲା ବ୍ୟାପୀ ଝାଡ଼ାବାନ୍ତି ବ୍ୟାପିବାର କାରଣ ଏ ପର୍ଯ୍ୟନ୍ତ ଧରିବାରେ ପ୍ରଶାସନ ସଫଳ ହୋଇପାରନି। ତେବେ ଝାଡ଼ାବାନ୍ତି ରୋକିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଯାଜପୁର ଓ ବ୍ୟାସନଗର ପୌରପାଳିକା ସମେତ ଜିଲ୍ଲାର ବିଭିନ୍ନ ହୋଟେଲ ଓ ଢାବାଗୁଡ଼ିକ ଉପରେ ଚଢ଼ଉ ଜାରି ରହିଛି। ଉଭୟ ସହରରେ ୫ଟି ହୋଟେଲ୍‌କୁ ସିଲ୍ କରାଯାଇଥିବା ଜଣାପଡ଼ିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସାମୂହିକ ଭୋଜିଭାତ ଉପରେ ରୋକ୍ ଲଗାଇବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ▶ପୃଷ୍ଠା-୭

## ସ୍ଥିତି ଯାଞ୍ଚ କରିବ କେନ୍ଦ୍ରୀୟ ଟିମ୍

■ **ଭୁବନେଶ୍ୱର, ୧୪।୬ (ସମିସ):** ବର୍ତ୍ତମାନ ସୁଦ୍ଧା ଯାଜପୁର ଜିଲ୍ଲାରେ ୧୧ଜଣ କଲେରା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଆହୁରି ୨ଶହ ଜଣଙ୍କ ମଳ ନମୁନା ପରୀକ୍ଷା ପାଇଁ ଯାଇଛି। ଏହାରି ଭିତରେ ପରିସ୍ଥିତିର ଯାଞ୍ଚ ପାଇଁ ୧୪ ଜଣିଆ କେନ୍ଦ୍ରୀୟ ଟିମ୍ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଟିମ୍‌ରେ ଭାରତୀୟ ଆୟୁର୍ବିଜ୍ଞାନ ଓ ଗବେଷଣା ପରିଷଦ(ଆଇସିଏମ୍‌ଆର୍), ଏନ୍‌ସିଡିସି, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଭଳି ସଂସ୍ଥାର ସଦସ୍ୟ ରହିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି।

ଶ୍ରୀ ମିଶ୍ର କହିଛନ୍ତି, ଆସନ୍ତାକାଲି ଏହି ଟମ୍ ଘଟଣାସ୍ଥଳ ପରିଦର୍ଶନ କରିବ। ସଂକ୍ରମିତ ସ୍ଥାନରେ ସର୍ବେକ୍ଷଣ ଓ ଡାକ୍ତରୀ ଦଳ କାର୍ଯ୍ୟରତ ଅଛନ୍ତି। ଯାଜପୁରରେ ହୋଇଥିବା ଏକ ଭୋଜିରେ ବ୍ୟବହାର ହୋଇଥିବା ▶ପୃଷ୍ଠା-୭








ସକାଳ
THE SAKALA
www.sakalaepaper.com



## ଜଣେ ଥିଲେ ମନୀଷା

ଅହମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଅନେକଙ୍କ ସ୍ୱପ୍ନକୁ ଭାଙ୍ଗି ଦେଇଛି। ଏଥିରେ ୧୨ କ୍ରୁ ସଦସ୍ୟଙ୍କ ସହିତ ୨୨୯ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଏହି କ୍ରୁ ସଦସ୍ୟଙ୍କ ମଧ୍ୟରେ ଥିଲେ ନେପାଳର ମନୀଷା ଥାପା। ବିହାରରେ ପଢ଼ିଥିବା ମନୀଷା ସ୍ୱପ୍ନର ଉଡ଼ାଣ ଭରିଥିଲେ। ଦେଶର ପ୍ରତିଷ୍ଠିତ ଏୟାରଲାଇନ୍ସ ଏୟାର ଇଣ୍ଡିଆରେ ଚାକିରି କରିଥିଲେ। ସେ ଇଣ୍ଡିଗୋ ଏୟାରଲାଇନ୍ସରେ ଗ୍ରାଉଣ୍ଡ ସପୋର୍ଟିଂ ଷ୍ଟାଫ ଭାବେ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ଏହା ପରେ ସେ ଆକାଶା ଏବଂ ଏୟାର ଇଣ୍ଡିଆରେ କ୍ରୁ ସଦସ୍ୟ ଭାବେ ସାମିଲ ହୋଇଥିଲେ। ସେ ଲଣ୍ଡନ ଏବଂ ଅଷ୍ଟ୍ରେଲିଆ ଯାଉଥିବା ବିମାନରେ ସେବା ଦେଉଥିଲେ। ମନୀଷା ପାଠପଢାରେ ଧୂରନ୍ଧର ଥିଲେ। ସେ ନିଜ ଲକ୍ଷ୍ୟ ପୂରଣ କରିବା ପାଇଁ ଦିନରାତି ପରିଶ୍ରମ କରୁଥିଲେ। ସହଯୋଗୀମାନେ ମନୀଷାଙ୍କୁ ପ୍ରେରଣା ଭାବେ ଦେଖୁଥିଲେ। ସେ ନିଜ ବାପାମାଆଙ୍କ ସ୍ୱପ୍ନ ସାକାର କରିବା ପାଇଁ ଚାହୁଁଥିଲେ।

## ନଭେମ୍ବରରେ ହୋଇଥାନ୍ତା ରୋଶନୀଙ୍କ ନିର୍ବନ୍ଧ




ନଭେମ୍ବରରେ ମର୍ଚ୍ଚାଣ୍ଟ ନେଭି ଅଧିକାରୀଙ୍କ ସହ ନିର୍ବନ୍ଧ ହୋଇଥାନ୍ତା। ମାର୍ଚ୍ଚରେ ବିବାହ ଧାର୍ଯ୍ୟ ହୋଇ ସାରିଥିଲା। ଏଥିପାଇଁ ଘର ଲୋକେ ଜୋରସୋର୍‌ରେ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। ମାତ୍ର ଏହା ପୂର୍ବରୁ ସବୁ ସ୍ୱପ୍ନ ଛାରଖାର ହୋଇଗଲା। ବିମାନ ଦୁର୍ଘଟଣାରେ ଏୟାର ହୋଷ୍ଟେସ ତଥା ଟ୍ରାଭେଲ ଇନଫ୍ଲୁଏନ୍ସର ରୋଶନୀ ସୋନଘାରେ (୨୭)ଙ୍କ ଜୀବନ ଚାଲିଗଲା। କିଛି ମିନିଟ ମଧ୍ୟରେ ସବୁ ଖୁସି ଦୁଃଖରେ ବଦଳି ଗଲା। ଥାନେ ଅନ୍ତର୍ଗତ ଡୋମ୍ବିଭଲିରେ ରହୁଥିବା ସୋନଘାରେ ପରିବାର ଏହା ଗଭୀର ଆଘାତ ଦେଇଛି। ତିନି ଦିନ ତଳେ ଡ୍ୟୁଟିକୁ ଯାଇଥିବା ଝିଅ ଆଉ ଅଫେରା ରାଇଜକୁ ଚାଲିଯାଇଛି।

## ବିବାହର ଦୁଇ ଦିନ ପରେ ଚାଲିଗଲା ଜୀବନ



ଭଦୋଦରାର ୨୬ ବର୍ଷୀୟ ଭାବିକ ମାହେଶ୍ୱରୀ ଲଣ୍ଡନରେ ଚାକିରି କରୁଥିଲେ। ଦୁଇ ସପ୍ତାହ ତଳେ ଭାରତ ଆସିଥିଲେ। ଏହି ସମୟରେ ପରିବାର ତାଙ୍କ ବିବାହ ସ୍ଥିର କରିଥିଲେ। ଗତ ୧୦ ତାରିଖରେ ସେ କୋର୍ଟରେ ବିବାହ କରିଥିଲେ। ବିମାନ ଦୁର୍ଘଟଣା ସବୁ କିଛି ଛଡ଼ାଇ ନେଲା। ନବ ବିବାହିତାଙ୍କ ମଥାର ସିନ୍ଦୂର ଛଡ଼ାଇ ନେଲା। ଭାବିକଙ୍କ ପିତା ଅର୍ଜୁନ ମାହେଶ୍ୱରୀ କହିଛନ୍ତି ଯେ ପୁଅ ଗତ ୧୨ ତାରିଖରେ ବିମାନ ବୁକ୍ କରିଥିଲେ। ବୋହୂ ମଧ୍ୟ ତାଙ୍କୁ ବିଦାୟ ଦେବାକୁ ଅହମଦାବାଦ ବିମାନବନ୍ଦରକୁ ଯାଇଥିଲେ। ବିମାନ ଦୁର୍ଘଟଣାର ଖବର ଆସିବା ପର୍ଯ୍ୟନ୍ତ ବୋହୂ ଘରକୁ ମଧ୍ୟ ଫେରି ନ ଥିଲେ।

## ରୋଜଗାରିଆ ଝିଅକୁ ହରାଇଲା ପରିବାର



ଅହମଦାବାଦ, ୧୪।୬ (ଏଜେନ୍ସି): ଦୁର୍ଘଟଣାରେ ପ୍ରାଣ ହରାଇଥିବା କ୍ରୁ ସଦସ୍ୟଙ୍କ ମଧ୍ୟରେ ମଣିପୁର ହିଂସା ପୀଡ଼ିତ ୨୬ ବର୍ଷୀୟ ଲାମନୁନ୍ଥେମ୍ ସିଙ୍ଗସନ୍ ସାମିଲ ଅଛନ୍ତି। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ସଦସ୍ୟ ଥିଲେ। ସେ ଜଣେ ରୋଷେୟା ଥିଲେ। ମଣିପୁରରେ ହିଂସା ଯୋଗୁଁ ତାଙ୍କ ପରିବାରକୁ ଘରୁ ଛାଡ଼ିବାକୁ ପଡିଥିଲା। ସେ ଶେଷ ଥର ପାଇଁ ଗତ ୧୧ ତାରିଖରେ ନିଜ ବିଧବା ମାଆଙ୍କ ସହ କଥା ହୋଇଥିଲେ। ଦୁହେଁ ଫୋନରେ ଏକାଠି ପ୍ରାର୍ଥନା କରିଥିଲେ। ସମ୍ପର୍କୀୟ ଭାଇ ଲୁନ୍ କିପଜେନ୍ କହିଛନ୍ତି ଯେ ସିଙ୍ଗସନ୍‌ଙ୍କ ବଡ଼ ଭାଇ କିଛି କାମ କରୁନାହାନ୍ତି। ସେ ଏକ ଗମ୍ଭୀର ରୋଗରେ ପୀଡିତ। ଆଉ ଦୁଇ ଭାଇ ପାଠ ପଢୁଛନ୍ତି। ସମସ୍ତଙ୍କୁ ଅସହାୟ କରି ଭଉଣୀ ଚାଲି ଯାଇଛି। ଦୁର୍ଘଟଣା ଖବର ମାଆଙ୍କୁ ଗଭୀର ଆଘାତ ଦେଇଛି। ସେ ଖାଇବା ପିଇବା ବନ୍ଦ କରିଦେଇଛନ୍ତି। ଝିଅର ଫେରିବା ବାଟକୁ ଚାହିଁ ରହିଛନ୍ତି।

# ଇରାନ ଆକ୍ରମଣକୁ ଜୋରଦାର କଲା ଇସ୍ରାଏଲ

## ଇରାନର ଏୟାର ଡିଫେନ୍ସ ସିଷ୍ଟମ ଧ୍ୱସ୍ତ, ଆଉ ୭୮ ନିହତ



- ଇସ୍ରାଏଲ ଉପରେ ଇରାନର କ୍ଷେପଣାସ୍ତ୍ର ବର୍ଷା
- ତେଲ୍‌ଆଭିଭ୍ ସେନା ମୁଖ୍ୟାଳୟ କ୍ଷତିଗ୍ରସ୍ତ
- ପରମାଣୁ ଚୁକ୍ତି ସ୍ୱାକ୍ଷର ନ କଲେ ଇରାନ ଉପରେ ଇସ୍ରାଏଲ ଆକ୍ରମଣ ଜୋରଦାର ହେବ: ଟ୍ରମ୍ପ

ତେହରାନ, ୧୪।୬: ଗତକାଲି ଇରାନ ଉପରେ ଇସ୍ରାଏଲର ଅଚାନକ ଓ ଅପ୍ରତ୍ୟାଶିତ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟ ଆରମ୍ଭ ହୋଇଯାଇଛି ଯୁଦ୍ଧ। ଆକ୍ରମଣ ଜବାବରେ ଇସ୍ରାଏଲ ଉପରେ ଇରାନ ହମଲା କରିଥିବା ବେଳେ ଇସ୍ରାଏଲ ମଧ୍ୟ ଆକ୍ରମଣ ଜାରି ରଖିଛି। ଏହାକୁ ନେଇ ମଧ୍ୟପ୍ରାଚ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ବିଭିନ୍ନ ଦେଶ ଉଭୟ ଇରାନ ଓ ଇସ୍ରାଏଲକୁ ସଂଯମ ପାଇଁ ନିବେଦନ କରିଛନ୍ତି। କିନ୍ତୁ ଇସ୍ରାଏଲ ସ୍ପଷ୍ଟ କରିଦେଇଛି ଯେ ଇରାନର ସମସ୍ତ ପରମାଣୁ ଓ ସାମରିକ ପ୍ରତିଷ୍ଠାନ ଧୂଳିସାତ ନହେବା ପର୍ଯ୍ୟନ୍ତ ଆକ୍ରମଣ ଜାରି ରହିବ। ଆମେରିକା ମଧ୍ୟ ଧମକ ଦେଇଛି ଯେ ପରମାଣୁ ଚୁକ୍ତି ନକଲେ ଇରାନ ଉପରେ ଇସ୍ରାଏଲ ଆକ୍ରମଣ ଆହୁରି ତୀବ୍ର ହେବ।

ଅନ୍ୟପକ୍ଷରେ ଇରାନ ଧମକ ଦେଇଛି ଯେ ଯୁଦ୍ଧରେ ଇସ୍ରାଏଲକୁ ସହାୟତା କରୁଥିବା ଆମେରିକା, ବ୍ରିଟେନ ଏବଂ ଫ୍ରାନ୍ସକୁ ଏହା ଟାର୍ଗେଟ କରିବ। ମଧ୍ୟପ୍ରାଚ୍ୟରେ ରହିଥିବା ଏହିସବୁ ଦେଶର ସାମରିକ ପ୍ରତିଷ୍ଠାନ ଉପରେ ଏହା ଆକ୍ରମଣ କରିବ।

ଇସ୍ରାଏଲର ପ୍ରଚଣ୍ଡ ଆକ୍ରମଣରେ ଇରାନର ବ୍ୟାପକ କ୍ଷତି ହୋଇଛି। ଗତରାତିରେ ଇସ୍ରାଏଲ କରିଥିବା ତୃତୀୟ ପର୍ଯ୍ୟାୟ ଆକ୍ରମଣରେ ୭୮ ଜଣ ପ୍ରାଣ ହରାଇଥିବା ବେଳେ ୩୨୦ ଜଣ ଆହତ ହୋଇଛନ୍ତି। ନିହତମାନଙ୍କ ମଧ୍ୟରେ ଦୁଇ ଜଣ ବରିଷ୍ଠ ସାମରିକ ଅଧିକାରୀ ରହିଛନ୍ତି। ଇରାନ ପକ୍ଷରୁ କୁହାଯାଇଛି ଯେ ଏକ ଆବାସିକ ବିଲ୍ଡିଂ ଉପରେ ହୋଇଥିବା ଆକ୍ରମଣରେ ୬୦ ଜଣ ପ୍ରାଣ ହରାଇଥିବା ବେଳେ ସେଥିମଧ୍ୟରୁ ୨୦ ଶିଶୁ ରହିଛନ୍ତି। ଏହାସହିତ ଇସ୍ରାଏଲ ଆକ୍ରମଣରେ ପ୍ରାୟ ୪୦୦ ଲୋକ ପ୍ରାଣ ହରାଇଲେଣି। ଇସ୍ରାଏଲ କ୍ଷେପଣାସ୍ତ୍ର ମାଡ଼ କରିବା ସହିତ ଲଢୁଆ ବିମାନରୁ ବୋମା ବର୍ଷା ଜାରି ରଖିଛି। ଅନ୍ୟପକ୍ଷରେ ଇରାନ ମଧ୍ୟ ଇସ୍ରାଏଲ ଉପରେ ଗତରାତିରେ ୨୦୦ରୁ ଅଧିକ କ୍ଷେପଣାସ୍ତ୍ର ମାଡ଼ କରିଛି। ଅନେକ କ୍ଷେପଣାସ୍ତ୍ର ରାଜଧାନୀ ତେଲ୍‌ଆଭିଭରେ ପଡ଼ିଛି। କ୍ଷେପଣାସ୍ତ୍ର ମାଡ଼ରେ ଇସ୍ରାଏଲ ପ୍ରତିରକ୍ଷା ବିଭାଗର ମୁଖ୍ୟାଳୟ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।

ଏଥିରେ ତିନିଜଣ ପ୍ରାଣ ହରାଇଥିବା ବେଳେ ୭୦ରୁ ଅଧିକ ଆହତ ହୋଇଛନ୍ତି। ଇରାନର କ୍ଷେପଣାସ୍ତ୍ର ଆକ୍ରମଣ ପରେ ଇସ୍ରାଏଲ ବାସିନ୍ଦାମାନଙ୍କୁ ନିରାପଦ ସ୍ଥାନକୁ ଚାଲିଯିବା ଲାଗି କୁହାଯାଇଛି। ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କୁ ମଧ୍ୟ ନିରାପଦ ସ୍ଥାନକୁ ନିଆଯାଇଛି।

ଇତିମଧ୍ୟରେ ଇସ୍ରାଏଲ ଧମକ ଦେଇଛି ଇରାନ ଆକ୍ରମଣ ଜାରି ରଖିଲେ ରାଜଧାନୀ ତେହରାନ ଉପରେ ଆକ୍ରମଣକୁ ଜୋରଦାର କରାଯିବ। ତେହରାନକୁ ଜଳିବାରୁ କେହି ଅଟକାଇପାରିବେ ନାହିଁ। ଇରାନର ସମସ୍ତ ଏୟାର ଡିଫେନ୍ସ ସିଷ୍ଟମକୁ ଧ୍ୱଂସ କରିଦିଆଯାଇଛି। ଇସ୍ରାଏଲୀ ଲଢୁଆ ବିମାନ ବିନା ବାଧାରେ ତେହରାନ ଯାଇ ଆକ୍ରମଣ କରିପାରିବେ। ଗତକାଲି ଇସ୍ରାଏଲର ପ୍ରଥମ ପର୍ଯ୍ୟାୟ ଆକ୍ରମଣରେ ୨୦୦ ଲଢୁଆ ବିମାନ ୩୦୦ରୁ ଅଧିକ ବୋମା ବର୍ଷା କରିଥିବା ବେଳେ ପରମାଣୁ କେନ୍ଦ୍ର ସମେତ ପ୍ରାୟ ୧୦ଟି ସାମରିକ ପ୍ରତିଷ୍ଠାନ ଧ୍ୱଂସ କରିଦେଇଥିଲେ। ଏଥିରେ ସେନାଧ୍ୟକ୍ଷ ସମେତ ୨୦ରୁ ଅଧିକ ଜେନେରାଲ ଏବଂ ଅନେକ ପରମାଣୁ ବୈଜ୍ଞାନିକ ପ୍ରାଣ ହରାଇଥିଲେ। ଇସ୍ରାଏଲରୁ ତେହରାନ ମଧ୍ୟରେ ଦୂରତା ୧୫୦୦ କିଲୋମିଟର ହୋଇଥିବା ବେଳେ ଇସ୍ରାଏଲର ୧୨ରୁ ଅଧିକ ଯୁଦ୍ଧ ବିମାନ ବିନା କୌଣସି ବାଧାରେ ତେହରାନ ଉପରେ ଉଡ଼ି ବୋମା ବର୍ଷା କରିଥିବା ଇସ୍ରାଏଲ ପକ୍ଷରୁ କୁହାଯାଇଛି। ଏହାର ଜବାବରେ ଇସ୍ରାଏଲ ଉପରେ ଇରାନ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଯୁଦ୍ଧ ଚାଲିଥିବା ବେଳେ ଉଭୟ ଇରାନ ଏବଂ ଇସ୍ରାଏଲ ସେମାନଙ୍କର ବାୟୁସୀମାକୁ ଯାତ୍ରୀ ବିମାନ ପାଇଁ ବନ୍ଦ କରିଦେଇଛନ୍ତି।

ତେଣେ ଆମେରିକା ପକ୍ଷରୁ କୁହାଯାଇଛି ଯେ ଇସ୍ରାଏଲ ଚଳାଇଥିବା ଆକ୍ରମଣରେ ଏହାର କୌଣସି ହାତ ନାହିଁ। କିନ୍ତୁ ମିଳିଥିବା ଖବର ଅନୁସାରେ ଇରାନ ଉପରେ ଆକ୍ରମଣରେ ଇସ୍ରାଏଲକୁ ସହାୟତା କରୁଛି ଆମେରିକା। ଇରାନ କ୍ଷେପଣାସ୍ତ୍ରକୁ ଆକାଶମାର୍ଗରେ ନିଷ୍କ୍ରିୟ କରିବାରେ ଆମେରିକାର ସେନା ଇସ୍ରାଏଲକୁ ସହାୟତା କରୁଛି। ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଇରାନ ପରମାଣୁ ଚୁକ୍ତିରେ ସ୍ୱାକ୍ଷର ନକଲେ ଇସ୍ରାଏଲ ଏହାର ଆକ୍ରମଣକୁ ଜୋରଦାର କରିବ। ସଂଯମ ରକ୍ଷା କରିବା ଲାଗି ବ୍ରିଟେନ ଓ ଫ୍ରାନ୍ସ ଉଭୟ ଇରାନ ଓ ଇସ୍ରାଏଲକୁ ଅନୁରୋଧ କରିଥିବା ବେଳେ ଇରାନ କହିଛି ଯେ ଯେଉଁମାନେ ଇସ୍ରାଏଲକୁ ସମର୍ଥନ କରୁଛନ୍ତି ମଧ୍ୟପ୍ରାଚ୍ୟରେ ଥିବା ସେମାନଙ୍କର ସାମରିକ ପ୍ରତିଷ୍ଠାନ ଉପରେ ଏହା ଆକ୍ରମଣ କରିବ।

## ଧ୍ୱଂସ ହୋଇଥିବା ଇରାନର ୪ ପରମାଣୁ କେନ୍ଦ୍ର

ତେଲ ଆଭିଭ, ୧୪।୬ (ଏଜେନ୍ସି): ଇସ୍ରାଏଲ ଶୁକ୍ରବାର ସକାଳେ ୨୦୦ ଲଢୁଆ ବିମାନରୁ କ୍ଷେପଣାସ୍ତ୍ର ମାଡ଼ କରି ଇରାନର ୪ଟି ପରମାଣୁ ଏବଂ ୨ଟି ସାମରିକ ଠିକଣାକୁ ଧ୍ୱଂସ କରିଦେଇଛି। ଅନେକ ପ୍ରମୁଖ ସେନା ଅଧିକାରୀଙ୍କ ଘରକୁ ମଧ୍ୟ ନିଶାଣ କରାଯାଇଛି। ଏଥିରେ ସେନାମୁଖ୍ୟ, ସ୍ୱତନ୍ତ୍ର ବାହିନୀର ମୁଖ୍ୟ ସମେତ ୨୦ ପ୍ରମୁଖ ଅଧିକାରୀ ଏବଂ ୬ ଜଣ ପରମାଣୁ ବୈଜ୍ଞାନିକ ନିହତ ହୋଇଛନ୍ତି। ଇସ୍ରାଏଲ କେବଳ ୪ଟି ବଡ଼ ପରମାଣୁ କେନ୍ଦ୍ର, ଅସ୍ତ୍ରଶସ୍ତ୍ର ରଖାଯାଇଥିବା କାରଖାନା ଏବଂ ବଡ଼ ସାମରିକ ଅଧିକାରୀ ରହୁଥିବା ରେସିଡେନସିଆଲ କମ୍ପ୍ଲେକ୍ସକୁ ନଷ୍ଟ କରିଦେଇଛି। ତେହରାନରୁ ପ୍ରାୟ ୨୫୦ କିମି ଦୂରରେ ରହିଛି ନତାଞ୍ଜ ପରମାଣୁ କେନ୍ଦ୍ର। ୨୦୦୨ରେ ପ୍ରଥମ ଥର ପାଇଁ ଏହାର ଫଟୋ ସାମ୍ନାକୁ ଆସିଥିଲା। ଏହି ସାଇଟରେ ୯ଟି ପରମାଣୁ ବୋମା ପ୍ରସ୍ତୁତି ଲାଗି ୟୁରାନିୟମ ରଖାଯାଇଥିଲା ବୋଲି କୁହାଯାଉଛି। ଏଠାରେ ଆଡଭାନ୍ସ ସେଣ୍ଟ୍ରିଫ୍ୟୁଜ ଲାଗିଥିଲା। ଏହା ମାଧ୍ୟମରେ ୟୁରାନିୟମ-୨୩୫କୁ ସଫା କରାଯାଉଥିଲା। ପରମାଣୁ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତିରେ ବିଶୁଦ୍ଧ ୟୁରାନିୟମ ଜରୁରୀ। ସେଥିପାଇଁ ଏପରି କରାଯାଉଥିଲା। ଗତ ମାର୍ଚ୍ଚ ସୁଦ୍ଧା ଇରାନ ପାଖରେ ୨୭୫ କେଜି ୟୁରାନିୟମ ଥିଲା। ଏହାକୁ ୬୦ ପ୍ରତିଶତ ବିଶୁଦ୍ଧ କରାଯାଇଥିଲା। ଏହି ଦେଶ ଅସ୍ତ୍ରଶସ୍ତ୍ର ନିର୍ମାଣର ନିକଟତର ହୋଇ ଯାଇଥିଲା। ପୂର୍ବରୁ ନେତନ୍ୟାହୁ ଇରାନକୁ ସବୁଠାରୁ ବଡ଼ ପରମାଣୁ ବିପଦ କହିଥିଲେ। ଏଠାରେ ଥିବା ଭୂତଳ ସାଇଟକୁ ଇରାନ ୭.୬ ମିଟରର ମୋଟା କଂକ୍ରିଟ କାନ୍ଥରେ ଢାଙ୍କି ଦେଇଥିଲା। ଏହା ସତ୍ତ୍ୱେ ଇସ୍ରାଏଲ ଆକ୍ରମଣରେ ମୁଖ୍ୟ ଟ୍ରାନ୍ସଫର୍ମର କ୍ଷତି ହୋଇଛି। ତେବେ ଇରାନର ଏହି ପରମାଣୁ କେନ୍ଦ୍ର ଭୂତଳକୁ ୮୦ ମିଟର ଗଭୀରତା ପର୍ଯ୍ୟନ୍ତ ବ୍ୟାପିଛି। ତଳକୁ ୨୬ ମହଲା ପର୍ଯ୍ୟନ୍ତ ଯାଇଛି। ଇରାନର ସିମେଣ୍ଟ ଟେକ୍ନୋଲୋଜି ମଧ୍ୟ ବିଶ୍ୱ ପ୍ରସିଦ୍ଧ। ଏହି ପରମାଣୁ କେନ୍ଦ୍ରର ବିଶେଷ କ୍ଷତି ହୋଇ ନ ଥିବା କୁହାଯାଉଛି। ଏହି ପରମାଣୁ କେନ୍ଦ୍ରରୁ କୌଣସି ପ୍ରକାରର ବିକିରଣ ହୋଇନାହିଁ ବୋଲି ଆଇଏଇଏ ପକ୍ଷରୁ ରିପୋର୍ଟ ଜାରି କରାଯାଇଛି।

ସେହିପରି ରାଜଧାନୀରେ ତେହରାନ ନ୍ୟୁକ୍ଲିୟର ରିସର୍ଚ୍ଚ ସେଣ୍ଟର (ଟିଏନଆରସି) ରହିଛି। ୧୯୬୭ରେ ଆମେରିକା ସହାୟତାରେ ଏହାକୁ ପ୍ରତିଷ୍ଠା କରାଯାଇଥିଲା। ଏଠାରେ ୬୦୦ ଗ୍ରାମ ପର୍ଯ୍ୟନ୍ତ ପ୍ଲୁଟୋନିୟମ ଉତ୍ପାଦନ କରିହେବ। ଏହା ପରମାଣୁ ଅସ୍ତ୍ରଶସ୍ତ୍ର ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ। ଏହା ସବୁଠୁ ଅଧିକ ସୁରକ୍ଷିତ ଅଞ୍ଚଳରେ ମଧ୍ୟ ଥିଲା। ଏଠାରେ ଆକ୍ରମଣ କରି ଇସ୍ରାଏଲ ଇରାନକୁ ଚେତାଇ ଦେଇଛି। କୌଣସି କେନ୍ଦ୍ର ସୁରକ୍ଷିତ ନୁହେଁ ବୋଲି ବାର୍ତ୍ତା ଦେଇଛି। ସେହିପରି ଇସଫହାନରେ ୟୁରାନିୟମ କନଭର୍ସନ ଫାସିଲିଟି ରହିଛି। ଏଠାରେ ଅଶୋଧିତ ୟୁରାନିୟମକୁ ଗ୍ୟାସରେ ପରିବର୍ତ୍ତିତ କରାଯାଉଥିଲା। ଏଠାରେ ଅନେକ ଅସ୍ତ୍ରଶସ୍ତ୍ର କେନ୍ଦ୍ର ମଧ୍ୟ ଥିଲା। ତେଣୁ ଇସ୍ରାଏଲ ଏହାକୁ ଧ୍ୱଂସ କରିଦେଇଛି। ଏହା ବ୍ୟତୀତ ଇରାକର ହେଭି ୱାଟର ରିଆକ୍ଟରକୁ ଇସ୍ରାଏଲ ନିଶାଣ କରିଥିଲା। ଏଠାରେ ପ୍ଲୁଟୋନିୟମ ପ୍ରସ୍ତୁତ କରାଯାଉଥିଲା। ଅନୁସନ୍ଧାନ ଏବଂ ରେଡିଓ ଆଇସୋଟପ ଉତ୍ପାଦନ ପାଇଁ ଏହାକୁ ବ୍ୟବହାର କରାଯାଉଥିଲା। ଗବେଷଣାକୁ ରୋକିବା ଲାଗି ଏହାକୁ ଇସ୍ରାଏଲ ଧ୍ୱଂସ କରିଦେଲା।

# ଆମେରିକା ମହିଳା ସାଂସଦ, ସ୍ୱାମୀଙ୍କୁ ହତ୍ୟା

## ଗୁଳିମାଡ଼ରେ ଅନ୍ୟ ଜଣେ ସାଂସଦ ଓ ପତ୍ନୀ ଗୁରୁତର

ୱାଶିଂଟନ, ୧୪।୬ (ଏଜେନ୍ସି): ଆମେରିକାର ଚାଞ୍ଚଲ୍ୟ ଖେଳିଯାଇଛି। ଦେଶରେ ହିଂସା ଜାରି ରହିଥିବାବେଳେ ଶନିବାର ସକାଳେ ମିନେସୋଟା ରାଜ୍ୟରେ ଡେମୋକ୍ରାଟିକ ପାର୍ଟିର ୨ ସାଂସଦଙ୍କ ଘରେ ପଶି ଗୁଳିମାଡ଼ କରାଯାଇଛି। ଏହି ଗୁଳିକାଣ୍ଡରେ ପୂର୍ବତନ ବାଚସ୍ପତି ତଥା ସାଂସଦ ମେଲିସା ହର୍ଟମାନ ଏବଂ ତାଙ୍କ ସ୍ୱାମୀ ମାର୍କ ପ୍ରାଣ ହରାଇଛନ୍ତି। ଷ୍ଟେଟ ସିନେଟର ଜନ୍ ହୋଫମାନ ଏବଂ ତାଙ୍କ ପତ୍ନୀ ୟେଭେଟ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କ ଦେହରେ ଅନେକ ଗୁଳି ବାଜିଛି। ଏବେ ଦୁଇ ଜଣଙ୍କ ଚିକିତ୍ସା ଜାରି ରହିଛି। ଉଭୟଙ୍କ ଅସ୍ତ୍ରୋପଚାର ହୋଇଛି। ଦୁଇ ଜଣଙ୍କ ଜୀବନ ବଞ୍ଚିଯିବ ବୋଲି ଡାକ୍ତର ଆଶାବାଦୀ ଅଛନ୍ତି। ମିନେପୋଲିସର ଉତ୍ତର ଜିଲ୍ଲାରେ ଥିବା ଚେମ୍ପଲିନ ଏବଂ ବ୍ରୁକଲିନରେ ଏହି ଗୁଳିକାଣ୍ଡ ହୋଇଛି। ଆକ୍ରମଣକାରୀ ପୁଲିସ ପୋଷାକ ପିନ୍ଧି ଆସିଥିଲା। ପୋଷାକ ଦେଖି ଯେ କେହି ବି ତାକୁ ପୁଲିସ ଅଧିକାର ଭାବିବ। ସେ ଆସିଥିବା କାର୍‌କୁ ପୁଲିସ ଗିରଫ କରିଛି। ଏହି କାର୍‌ରୁ ଅନେକ ସାଂସଦଙ୍କ ନାମ ତାଲିକା ମିଳିଛି। ଏହି ତାଲିକା ଅନୁଯାୟୀ ଆକ୍ରମଣକାରୀ ସାଂସଦଙ୍କୁ ନିଶାଣ କରୁଛି ବୋଲି କୁହାଯାଉଛି। ତେଣୁ ତାଲିକାରେ ନାମ ଥିବା ସାଂସଦଙ୍କ ସୁରକ୍ଷା ବୃଦ୍ଧି କରାଯାଇଛି।



ଏବେ ବି ଆକ୍ରମଣକାରୀ ଫେରାର ଅଛି। ଆକ୍ରମଣ ପଛର କାରଣ ଜାଣିବା ଲାଗି ଏବଂ ଆକ୍ରମଣକାରୀକୁ ଚିହ୍ନଟ କରିବା ପାଇଁ ପ୍ରୟାସ ଜାରି ରହିଛି। ତାକୁ ଧରିବା ପାଇଁ ରାଜ୍ୟବ୍ୟାପୀ ଅଭିଯାନ ଆରମ୍ଭ କରାଯାଇଛି ବୋଲି ଗଭର୍ଣ୍ଣର ଟିମ ୱାଲ୍‌ଜ କହିଛନ୍ତି। ଦୁଇ ସାଂସଦଙ୍କ ଆକ୍ରମଣ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ସେ ଉଲ୍ଲେଖ କରିଛନ୍ତି। ମେଲିସା ଜଣେ ଭଲ ସାଂସଦ ଥିଲେ। ତାଙ୍କ ସ୍ଥାନ କେହି ନେଇପାରିବେ ନାହିଁ ବୋଲି ୱାଲଜ କହିଛନ୍ତି। ପୁଲିସ ସୂଚନା ଅନୁଯାୟୀ ଆକ୍ରମଣର ଶିକାର ହୋଇଥିବା ଦୁଇ ସାଂସଦଙ୍କ ଘର ମଧ୍ୟରେ ଦୂରତା ମାତ୍ର ୧୨ କିମି ଥିଲା। ହାଫମାନ ଏବଂ ତାଙ୍କ ପତ୍ନୀ ଚେମ୍ପଲିନରେ ରହୁଥିଲେ। ଭାରତୀୟ ସମୟ ସକାଳ ୧୧ଟା ୩୦ରେ ଉଭୟଙ୍କୁ ଗୁଳିମାଡ଼ କରାଯାଇଥିଲା। ହାଫମାନ ୨ଟି ଏବଂ ୟେଭେଟଙ୍କୁ ତିନୋଟି ଗୁଳି ବାଜିଛି।



## ହିମାଚଳରେ ଭୂସ୍ଖଳନ; ଧସିଗଲା ପାହାଡ଼

ନୂଆଦିଲ୍ଲୀ, ୧୪।୬ (ଏଜେନ୍ସି): ମୌସୁମୀ ପୁଣି ସକ୍ରିୟ ହୋଇ ଉଠିଛି। ଏହାର ପ୍ରଭାବରେ ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ହୋଇଛି। ଏଥିଯୋଗୁଁ ଚମ୍ବା ଜିଲ୍ଲାର ବସ କୁଣ୍ଡି ସୁନାରା ମାର୍ଗରେ ଥିବା ଏକ ପାହାଡ ସମ୍ପୂର୍ଣ୍ଣ ଧସିଯାଇଛି। ଏହାର ଅବଶେଷ ରାସ୍ତା ଉପରକୁ ଖସି ପଡ଼ିଛି। ତେବେ ସୌଭାଗ୍ୟର ବିଷୟ ଏହି କି ଯେ ଏଥିରେ କେହି ମୃତାହତ ହୋଇନାହାନ୍ତି। କୌଣସି ଗାଡ଼ି ଏହା ସଂସ୍ପର୍ଶରେ ଆସିନାହିଁ। ଲୋକେ ବିପଦ ଦେଖି ଆଗୁଆ ସତର୍କ ହୋଇ ଯାଇଥିଲେ। ଟ୍ରାଫିକକୁ ବନ୍ଦ କରି ଦେଇଥିଲେ। ଏହା ପରେ ଦେଖୁ ଦେଖୁ ସମ୍ପୂର୍ଣ୍ଣ ପାହାଡ ରାସ୍ତାକୁ ଖସି ପଡ଼ିଥିଲା। ୫ ମିନିଟ ପର୍ଯ୍ୟନ୍ତ ଧୂଳି ଧୂଆଁ ଉଡିବାରେ ଲାଗିଥିଲା। ଏହା ସମ୍ପୂର୍ଣ୍ଣ ଅଞ୍ଚଳକୁ ଆଚ୍ଛାଦିତ କରିଦେଇଥିଲା। ଏହାର ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି। ଅନ୍ୟପକ୍ଷରେ ମହାରାଷ୍ଟ୍ର ପୁନେରେ ଶୁକ୍ରବାର ରାତିରେ ପ୍ରବଳ ବର୍ଷା ହୋଇଛି। ଏଥିଯୋଗୁଁ ପିମ୍ପରି ଚିଞ୍ଚୱାଡ ସହରରେ ବନ୍ୟା ଭ୍ରମ ସୃଷ୍ଟି ହୋଇଛି। ନଳାରେ ୪ରୁ ୫ଟି ଗାଡ଼ି ଭାସି ଯାଇଛି। ସେହିପରି ହରିୟାଣାରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ସ୍ଥିତିକୁ ଦେଖି ସରକାର ମାର୍ଗଦର୍ଶିକା ଜାରି କରିଛନ୍ତି। ମହିଳାଙ୍କୁ ଦ୍ୱିପହରେ ରୋଷେଇ ନ କରିବାକୁ ସରକାର ପରାମର୍ଶ ଦେଇଛନ୍ତି। ଶୋଷ ନ ଲାଗୁଥିଲେ ବି ପାଣି ପିଇବାକୁ କହିଛନ୍ତି।

# ପାଇଲଟଙ୍କ ଶେଷ ବାର୍ତ୍ତା | ବିମାନ ଉପରକୁ ଉଠୁନି; କେହି ବଞ୍ଚିବୁନି

ଅହମଦାବାଦ, ୧୪।୬ (ଏଜେନ୍ସି): ୨୦୨୫ ଜୁନ୍ ୧୨। ଏହି ଦିନକୁ କେହି ବି ସହଜରେ ଭୁଲି ପାରିବେ ନାହିଁ। ଏୟାର ଇଣ୍ଡିଆ ବିମାନ ଏଆଇ-୧୭୧ ଗୁରୁବାର ଦ୍ୱିପହର ୧ଟା ୩୯ରେ ଅହମଦାବାଦ ବିମାନବନ୍ଦରରୁ ବ୍ରିଟେନ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲା। ଏହାର କିଛି ସେକେଣ୍ଡ ମଧ୍ୟରେ ବିମାନ ୬୨୫ ଫୁଟ ଉଚ୍ଚତାରେ ପହଞ୍ଚି ଯାଇଥିଲା। ୧୭୪ ନଟ୍ସର ସ୍ପିଡ୍ ହାସଲ କରିଥିଲା। ମାତ୍ର ଏହି ସମୟରେ ଅଚାନକ ସ୍ଥିତି ବଦଳି ଯାଇଥିଲା। ହଠାତ୍ ବିମାନ ଦ୍ରୁତଗତିରେ ତଳକୁ ଖସିବାରେ ଲାଗିଥିଲା। ଏହା ଦେଖି ପାଇଲଟ ସୁମିତ ସଭରୱାଲ ଏବଂ ସହଯୋଗୀ ପାଇଲଟ କ୍ଲାଇଭ କୁନ୍ଦର ଏୟାର ଟ୍ରାଫିକ କଣ୍ଟ୍ରୋଲର (ଏଟିସି) କୁ ଏମର୍ଜେନ୍ସି କଲ୍ କରିଥିଲେ। 'ମେଡେ ମେଡେ ମେଡେ' କହିଥିଲେ। ପାଇଲଟ ସୁମିତ ସଭରୱାଲ କହିଥିଲେ ଯେ ଥ୍ରଷ୍ଟ ମିଳୁନାହିଁ। ବିମାନ ଉପରକୁ ଉଠି ପାରୁନାହିଁ। ଏହା ତଳକୁ ଖସିବାରେ ଲାଗିଛି। କେହି ବଞ୍ଚିବୁ ନାହିଁ। ମେଡେ ମେଡେ ମେଡେ। ଏହି ବାର୍ତ୍ତା ପାଇବା ପରେ ଏଟିସି ପକ୍ଷରୁ ବିମାନକୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ କୌଣସି ଉତ୍ତର ମିଳିପାରି ନ ଥିଲା। ଏହାର କିଛି ସେକେଣ୍ଡ ମଧ୍ୟରେ ବିମାନବନ୍ଦରରୁ ଦୁଇ କିମି ଦୂର ମେଘାନିନଗର ସ୍ଥିତ ମେଡିକାଲ କଲେଜ ପରିସରରେ ବିମାନ ଖସି ପଡ଼ିଥିଲା। ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି ଶନିବାର ଏହି ସୂଚନା ଦିଆଯାଇଛି।

ଏହି ଦିନଟି ଦେଶବାସୀଙ୍କୁ ଦାରୁଣ ଦୁଃଖ ଦେଇ ଯାଇଛି। ଏ ପର୍ଯ୍ୟନ୍ତ ୨୭୫ ମୃତଦେହ ଉଦ୍ଧାର କରାଗଲାଣି।

ବିମାନର ମୁଖ୍ୟ ପାଇଲଟ ସୁମିତଙ୍କ ପାଖରେ ୮, ୨୦୦ ଘଣ୍ଟାରୁ ଅଧିକ ଉଡ଼ାଣ



ଅଭିଜ୍ଞତା ଥିଲା। ସେହିପରି ସହଯୋଗୀ ପାଇଲଟ ପାଖରେ ମଧ୍ୟ ୧୧୦୦ ଘଣ୍ଟା ଉଡ଼ାଣର ଅଭିଜ୍ଞତା ରହିଥିଲା। ଏହାସତ୍ତ୍ୱେ ଏଭଳି କ'ଣ ହୋଇଥିଲା ଯେ ୨ ମିନିଟରୁ କମ୍ ସମୟ ମଧ୍ୟରେ ଭାରତର ସବୁଠୁ ଭୟାନକ ବିମାନ ଦୁର୍ଘଟଣା ଘଟିଥିଲା ବୋଲି ପ୍ରଶ୍ନ ଉଠୁଛି। ଏହି ବିମାନ ପ୍ୟାରିସ-ଦିଲ୍ଲୀ-ଅହମଦାବାଦର ଉଡ଼ାଣକୁ ସଫଳତାର ସହ ଶେଷ କରିଥିଲା ବୋଲି ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ବିମାନ ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା ୨୭୫ରେ ପହଞ୍ଚି ଯାଇଛି। ମୃତଦେହ ରଖିବା ପାଇଁ ୧୭୦ କଫିନ ଅର୍ଡର କରାଯାଇଛି। ଏୟାର ଇଣ୍ଡିଆର ମ୍ୟାନେଜର ଫୋନ କରି ଏ ନେଇ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଏହାମଧ୍ୟରେ ଅହମଦାବାଦ ସିଭିଲ ହସ୍ପିଟାଲର ଡେପୁଟି ସିଭିଲ ସୁପରିଟେଣ୍ଡେଣ୍ଟ ରଜନୀଶ ପଟେଲ କହିଛନ୍ତି ଯେ ଏ ପର୍ଯ୍ୟନ୍ତ ୨୪୮ ମୃତଦେହର ଡିଏନଏ ନମୁନାକୁ ପୁଣିଥରେ ଯାଞ୍ଚ କରାଗଲାଣି। ଏଥିରୁ ୧୧ ଡିଏନ୍‌ଏ ସମ୍ପର୍କୀୟଙ୍କ ସହ ମିଶିଛି। ଆଜି ଜଣେ ମହିଳାଙ୍କ ମୃତଦେହ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ଏବେ ସୁଦ୍ଧା ୯ ମୃତଦେହ ହସ୍ତାନ୍ତର କରାଗଲାଣି। ୮ ଜଣ ଆହତଙ୍କ ଚିକିତ୍ସା ଜାରି ରହିଥିବା ବେଳେ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଏହା ପୂର୍ବରୁ ବିଜେ ମେଡିକାଲରେ ଫସିଥିବା ବିମାନର ପଛ ଭାଗ ବାହାର କରାଯାଉଥିବା ବେଳେ ଏକ ମୃତଦେହ ମିଳିଥିଲା। ଏହି ମୃତଦେହ ଏୟାର ହୋଷ୍ଟେସଙ୍କର ହୋଇପାରେ ବୋଲି କୁହାଯାଉଛି। ଅନ୍ୟପଟେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ସମ୍ପର୍କୀୟଙ୍କ ଅନ୍ତରୀଣ ସହାୟତା ଭାବେ ପ୍ରଥମେ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ଏୟାର ଇଣ୍ଡିଆ ପକ୍ଷରୁ ଘୋଷଣା କରାଯାଇଛି। ତତ୍କାଳ ସହାୟତା ଭାବେ ଆହତ ଏବଂ ମୃତକଙ୍କ ପରିବାରକୁ ଏହି ଅର୍ଥ ପ୍ରଦାନ କରାଯିବ।

**ସରଣ୍ଡାରେ ସର୍ଚ୍ଚ ଅପରେସନ ବେଳେ ଆଇଇଡି ବିସ୍ଫୋରଣ**

# ସିଆର୍‌ପିଏଫ୍ ଏଏସ୍‌ଆଇ ସହିଦ

ରାଉରକେଲା,୧୪।୬ (ସମିସ): ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରେ ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଏକ ଆଇଇଡି (ଲ୍ୟାଣ୍ଡମାଇନ) ବିସ୍ଫୋରଣରେ ଜଣେ ସିଆର୍‌ପିଏଫ୍ ଯବାନ ସହିଦ ହୋଇଛନ୍ତି। ତାଙ୍କ ଦୁଇଗୋଡ଼ ଉଡିଯିବା ସହ ଶରୀର ଖଣ୍ଡଖଣ୍ଡ ହୋଇଯାଇଛି। ସେ ହେଲେ, ସିଆର୍‌ପିଏଫ୍ ଏଏସ୍‌ଆଇ ସତ୍ୟବାନ କୁମାର ସିଂ(୩୪)। ତାଙ୍କ ଘର ଉତ୍ତରପ୍ରଦେଶରେ। ସେ ଝାଡ଼ଖଣ୍ଡରେ ସିଆର୍‌ପିଏଫ୍‌ର ୧୩୪ ବାଟାଲିୟନ୍‌ରେ ଏଏସ୍‌ଆଇ ଭାବେ କାର୍ଯ୍ୟରତ ଥିଲେ। ଶନିବାର ସକାଳେ ସୁନ୍ଦରଗଡ଼ ଜିଲ୍ଲାର ଲଙ୍ଗଲକଟା ଅଞ୍ଚଳରେ ଚାଲିଥିବା ସର୍ଚ୍ଚ ଅପରେସନ୍‌ରେ ସେ ସହିଦ ହୋଇଛନ୍ତି।

ସୂଚନାଯୋଗ୍ୟ, ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ବାଙ୍କୋ-ଲଙ୍ଗଲକଟା ଅଞ୍ଚଳରେ ସିଆର୍‌ପିଏଫ୍ ଯବାନମାନେ ସର୍ଚ୍ଚ ଅପରେସନ କରୁଥିଲେ। ଭୋର ପ୍ରାୟ ୫ଟା ୪୫ରେ ଲଙ୍ଗଲକଟା ନିକଟ ସିଲିକୁଟା ସଂରକ୍ଷିତ ଜଙ୍ଗଲରେ ମାଓବାଦୀ ଖଞ୍ଜିଥିବା ଏକ ଲ୍ୟାଣ୍ଡମାଇନ୍ ହଠାତ୍ ବିସ୍ଫୋରଣ ହୋଇଥିଲା। ଏଥିରେ ସିଆର୍‌ପିଏଫ ଏଏସ୍‌ଆଇ ସତ୍ୟବାନ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ରାଉରକେଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ଓ ଏସ୍‌ପି ନିତେଶ ୱାଧୱାନୀ ହସ୍ପିଟାଲରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଂପର୍କରେ ପଚାରି ବୁଝିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ପରେ ସହିଦ ସତ୍ୟବାନଙ୍କ ପାର୍ଥିବ ଶରୀରକୁ ସମ୍ମାନର ସହ ହସ୍ପିଟାଲରୁ ସ୍ୱତନ୍ତ୍ର ବିମାନରେ ରାଞ୍ଚି ଓ ସେଠାରୁ ତାଙ୍କ ଜନ୍ମମାଟି ଉତ୍ତରପ୍ରଦେଶକୁ ପଠାଯାଇଥିବା ଜଣାଯାଇଛି।



**ଜନ୍ମମାଟି ଉତ୍ତରପ୍ରଦେଶକୁ ଗଲା ମରଶରୀର**

ସୂଚନାଯୋଗ୍ୟ ଯେ, ଗତ ମଇ ୨୭ ତାରିଖରେ କେ. ବଲାଙ୍ଗ ଥାନା ବାଙ୍କୋ ପଥର ଖଣି ନିକଟରୁ ୩୦/୪୦ ଜଣ ସଶସ୍ତ୍ର ମାଓବାଦୀ ବଡଗାଁରୁ ଯାଉଥିବା ୫ ଟନ୍ ବିସ୍ଫୋରକ ବୋଝେଇ ଏକ ଭ୍ୟାନକୁ ଲୁଟି ନେଇଥିଲେ। ଏହି ଘଟଣା ପରେ ଓଡ଼ିଶା - ଝାଡ଼ଖଣ୍ଡ ପୁଲିସର ମିଳିତ ସର୍ଚ୍ଚ ଅପରେସନ କରାଯାଇ ତିରିଲପୋଷି ନିକଟରୁ ୩ଟି ପର୍ଯ୍ୟାୟରେ ମାଟି ତଳେ ମାଓବାଦୀମାନେ ପୋତି ଲୁଚାଇ ରଖିଥିବା ୩.୮ ଟନ୍ ବିସ୍ଫୋରକ ଜବତ କରାଯାଇଥିଲା। ତେବେ ଏବେ ବି ୨୦୦ କେଜିର ବିସ୍ଫୋରକ ସାମଗ୍ରୀ ମାଓବାଦୀମାନେ କେଉଁଠି ଲୁଚାଇ ରଖିଛନ୍ତି ତାର ଖୋଜ ପାଉନି ପୁଲିସ। ଏବେ ସରଣ୍ଡା ଜଙ୍ଗଲରେ ଏହି ସର୍ଚ୍ଚ ଅପରେସନ ଜାରି ରହିଛି। ଆଜି ସତ୍ୟବାନ ସହିଦ ହେବା ଘଟଣା ଉଭୟ ଓଡ଼ିଶା ଓ ଝାଡଖଣ୍ଡ ରାଜ୍ୟ ପୁଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି। ଏବେ ସର୍ଚ୍ଚ ଅପରେସନକୁ ସ୍ଥଗିତ ରଖି ପୁଲିସ ନୂଆ ରଣନୀତି ପ୍ରସ୍ତୁତ କରୁଥିବା ସୂଚନା ମିଳିଛି। ସମସ୍ତ ଯବାନ ଏବେ ଅପରେସନରୁ ଫେରି ଆସିଥିବା ସୂଚନା ମିଳିଛି।

# ରତ୍ନଭଣ୍ଡାର ମରାମତି ଶୀଘ୍ର ସାରିବାକୁ ଏଏସ୍‌ଆଇକୁ ଚିଠି

ପୁରୀ, ୧୪।୬ (ସମିସ): ରତ୍ନଭଣ୍ଡାର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଏଏସ୍‌ଆଇ ମହାନିର୍ଦ୍ଦେଶକଙ୍କୁ ପତ୍ର ଲେଖିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ଆଗାମୀ ରଥଯାତ୍ରା ସମୟରେ ମିଳିବାକୁ ଥିବା ଅବଧି (ଜୁନ୍ ୨୮ ରୁ ଜୁଲାଇ ୬) ମଧ୍ୟରେ ବାକିଥିବା ରତ୍ନଭଣ୍ଡାର କାମ ତ୍ୱରାନ୍ୱିତ କରି ଶୀଘ୍ର ସମାପନ ପାଇଁ ଚିଠିରେ ମୁଖ୍ୟ ପ୍ରଶାସକ ଉଲ୍ଲେଖ କରିଛନ୍ତି। ରତ୍ନଭଣ୍ଡାରର ଗୁରୁତ୍ୱ ଦୃଷ୍ଟିରୁ ଏହି କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ ହାତକୁ ନେବାକୁ ଚିଠିରେ ଦର୍ଶାଇଛନ୍ତି। ସେହିପରି ରଥଯାତ୍ରା ସମୟରେ କରାଯାଉଥିବା ଗର୍ଭଗୃହ ତଥା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସଂରକ୍ଷଣ କାର୍ଯ୍ୟର ତଦାରଖ ଏଏସ୍‌ଆଇ ଉପମହାନିର୍ଦ୍ଦେଶକ କିମ୍ବା ନିର୍ଦ୍ଦେଶକ ପଦର ଅଧିକାରୀଙ୍କ ଦ୍ୱାରା କରାଯିବାକୁ ମୁଖ୍ୟ ପ୍ରଶାସକ ଜଣାଇଛନ୍ତି।

ଅରୁଣ ସ୍ତମ୍ଭ ନିକଟରେ ଖଣ୍ଡୋଲାଇଟ୍ ପଥର ବଦଳାଇବା ଏବଂ ବର୍ତ୍ତମାନ ସୁଦ୍ଧା ରତ୍ନଭଣ୍ଡାରର ସଂରକ୍ଷଣ ଆଦି କାମ ପାଇଁ

**ଏଏସ୍‌ଆଇ ଡିଜିଙ୍କୁ ଚିଠି ଲେଖିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ**

ଏଏସ୍‌ଆଇକୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ମୁଖ୍ୟ ପ୍ରଶାସକ। ଏଥିସହ ୩ଟି ବିନ୍ଦୁ ଉପରେ ସ୍ୱତନ୍ତ୍ର ଭାବେ ଧ୍ୟାନ ଆକର୍ଷଣ ମଧ୍ୟ କରିଛନ୍ତି। ସେଗୁଡ଼ିକ ହେଉଛି, ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ଉତ୍ତରଦ୍ୱାରଠାରେ ରାମ୍ପ୍ ନିର୍ମାଣ ଏଏସ୍‌ଆଇ ପରାମର୍ଶ ତଥା ମାର୍ଗଦର୍ଶନରେ ଶେଷ ହୋଇଛି। ଏଏସ୍‌ଆଇର ନିର୍ଦ୍ଦେଶକ (ସଂରକ୍ଷଣ)ଙ୍କ ଅନୁଧ୍ୟାନ ପରେ ନାଟମଣ୍ଡପକୁ ବାତାନୁକୁଳିତ କରାଯିବା ନେଇ ପରିବର୍ତ୍ତିତ ଡିଜାଇନ ଦାଖଲ କରାଯିବା ସହ ଏ ସଂକ୍ରାନ୍ତରେ ଏଏସ୍‌ଆଇର ସହମତି ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି। ଏତଦ୍‌ବ୍ୟତୀତ ଶ୍ରୀମନ୍ଦିର ଓ ବେଢ଼ାରେ ଥିବା ପାର୍ଶ୍ୱ ମନ୍ଦିରଗୁଡ଼ିକର ସୁନ୍ଦର ଭାବେ ଆଲୋକୀକରଣ ସକାଶେ ଏଏସ୍‌ଆଇ ପରାମର୍ଶଦାତାଙ୍କ ସହ ଆଲୋଚନା ହୋଇଛି। ବିସ୍ତୃତ ରିପୋର୍ଟ ପାଇବା ପରେ ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଟେଣ୍ଡର୍ କରାଯାଇ କାର୍ଯ୍ୟ ଆରମ୍ଭ କରାଯିବ। ଶ୍ରୀମନ୍ଦିରର ଦୀର୍ଘମିଆଦି ସଂରକ୍ଷଣ ତଥା ସ୍ଥାପତ୍ୟ ସୁରକ୍ଷା ପାଇଁ ଏଏସ୍‌ଆଇର ସହଯୋଗ କାମନା କରିବା ସହ ଅନୁରୋଧ କରାଯାଇଥିବା ସମସ୍ତ କାର୍ଯ୍ୟର ଗୁରୁତ୍ୱକୁ ଉପଲବ୍ଧି କରି ଧାର୍ଯ୍ୟ ସମୟସୀମା ଭିତରେ ସାରିବାକୁ ପତ୍ରରେ ଉଲ୍ଲେଖ କରିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।

**ଛୁଆକୁ ଦେଖିବା ଆଗରୁ ଚାଲିଗଲା ବାପାର ଜୀବନ**

# ବାଇକ୍‌କୁ ପଛରୁ ପିଟିଲା ଟ୍ରକ୍; ୨ ମୃତ




ନୂଆପଡ଼ା, ୧୪।୬ (ସମିସ): ନିଜର ନବଜାତ ସନ୍ତାନକୁ ଆଖି ପୂରେଇ ଦେଖିବା ଆଗରୁ ଚାଲିଗଲା ବାପାର ଜୀବନ। ନୂଆପଡ଼ା ଜିଲ୍ଲା ସଦର ମହକୁମାଠାରୁ ମାତ୍ର ୧୦ କିଲୋମିଟର ଦୂର ଦଲଦଲି ଗାଁ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଛି। ଏକ ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଧାରଣା ଦେଇଥିଲେ। ତେବେ ପ୍ରଶାସନ ତରଫରୁ ଦୁଇ ପରିବାରକୁ ରେଡ୍‌କ୍ରସ୍ ତରଫରୁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନାନୁଯାୟୀ, କ୍ଷମାସାଗରଙ୍କ ସ୍ତ୍ରୀ ବୃନ୍ଦା ତରବୋଡ଼ ହସ୍ପିଟାଲରେ ଏକ ସନ୍ତାନ ପ୍ରସବ କରିଥିଲେ। ତାଙ୍କୁ ଭ୍ୟାନ୍

**ଡାକ୍ତରଖାନାରେ ଉତ୍ତ୍ୟକ୍ତଲୋକଙ୍କ ଧାରଣା**

ମୃତକଦ୍ୱୟ ହେଲେ, ସ୍ଥାନୀୟ ଦିଆମୁଣ୍ଡା ଗାଁର କ୍ଷମାସାଗର ଧରୁଆ (୨୫) ଓ ପୂରନ୍ଦର ଧରୁଆ (୪୫)। ପୁଲିସ୍ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ଏହି ଘଟଣାକୁ ନେଇ ଆଜି ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ସହ ଦୁର୍ଘଟଣା ରୋକିବା ଦିଗରେ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବାକୁ ଦାବି କରି ଉତ୍ତ୍ୟକ୍ତ ଲୋକେ ଯୋଗେ କ୍ଷମାସାଗରଙ୍କ ଶ୍ୱଶୁରଘର ଦଲଦଲିକୁ ନିଆଯାଇଥିଲା। ଗାଡ଼ି ପଛପଛେ କ୍ଷମାସାଗର ନିଜର ସହଯୋଗୀ ପୂରନ୍ଦରଙ୍କ ସହ ଏକ ବାଇକ୍‌ରେ ଦଲଦଲିକୁ ଆସୁଥିଲେ। ତେବେ ଗାଁ ନିକଟରେ ପହଞ୍ଚିବା ବେଳେ ପଛପଟୁ ଏକ ଟ୍ରକ୍ ତାଙ୍କ ବାଇକ୍‌କୁ ଧକ୍କା ଦେଇ ଚାଲିଯାଇଥିଲା। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ସକାଳେ ଦୁହିଁଙ୍କ ପରିବାରଲୋକଙ୍କ ସହ ଗ୍ରାମବାସୀମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଦାବି କରି ଧାରଣା ଦେଇଥିଲେ।

ଧାରଣାରେ ଆଦିବାସୀ କଲ୍ୟାଣ ସଙ୍ଘର ଜିଲ୍ଲା ସଭାପତି ଭାନୁ ପ୍ରତାପ ସିଂ ମାଝୀ, ସାଧାରଣ ସମ୍ପାଦକ ଭକ୍ତ ବନ୍ଧୁ ଧରୁଆ, ଶ୍ରମିକ ନେତା ଯଦୁମଣି ପାଣିଗ୍ରାହୀ ସାମିଲ ହୋଇ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ସହ ଜାତୀୟ ରାଜପଥରେ ଘଟୁଥିବା ଦୁର୍ଘଟଣାର ସ୍ଥାୟୀ ପ୍ରତିକାର କରିବାକୁ ଦାବି କରିଥିଲେ। ଖବର ପାଇ ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀଙ୍କ ସହ ଧାରଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରଲୋକଙ୍କ ସହ ଆଲୋଚନା କରିଥିଲେ। ରେଡକ୍ରସ ପାଣ୍ଠିରୁ ଦୁଇ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଥିଲେ। ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ୨୦ରେ ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ

- ଭୁବନେଶ୍ୱରରେ ରୋଡ୍ ଶୋ, ଜନତା ମଇଦାନରେ ସମ୍ବୋଧନ
- ଅନ୍ତ୍ୟୋଦୟ ଯୋଜନା ହିତାଧିକାରୀଙ୍କୁ କରିବେ କାର୍ଯ୍ୟାଦେଶ ବଣ୍ଟନ

ଭୁବନେଶ୍ୱର,୧୪।୬(ସମିସ): ରାଜ୍ୟ ବିଜେପି ସରକାରଙ୍କ ଶାସନର ଏକ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଆସୁଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱରରେ ଏକ ରୋଡ୍ ଶୋରେ ଯୋଗଦେବେ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଶନିବାର ସୂଚନା ଦେଇଛନ୍ତି।

ଶ୍ରୀ ନାଏକ କହିଛନ୍ତି ଯେ ୨୦ ତାରିଖ ଅପରାହ୍ନ ୩ଟାରେ ପ୍ରଧାନମନ୍ତ୍ରୀ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବେ। ବିମାନବନ୍ଦରରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯିବା ପରେ ପ୍ରଧାନମନ୍ତ୍ରୀ ତ୍ରିରଙ୍ଗା ଯାତ୍ରାରେ ସାମିଲ ହେବା ସହ ଭୁବନେଶ୍ୱରରୁ ଜନତା ମଇଦାନ ଯାଏଁ ଆୟୋଜିତ ରୋଡ୍ ଶୋ'ରେ ସାମିଲ ହେବେ। ଜନତା ମଇଦାନରେ ଅନୁଷ୍ଠିତ ବିଶାଳ ସମାବେଶରେ ପ୍ରଧାନମନ୍ତ୍ରୀ ଉପସ୍ଥିତ କର୍ମୀ ଏବଂ ରାଜ୍ୟବାସୀଙ୍କୁ ସମ୍ବୋଧନ କରିବେ ବୋଲି ଜଣାପଡ଼ିଛି।

ମନ୍ତ୍ରୀ ଶ୍ରୀ ନାଏକ ଆହୁରି ମଧ୍ୟ କହିଛନ୍ତି ଯେ ଏହି ଅବସରରେ ପ୍ରଧାନମନ୍ତ୍ରୀ ଅନ୍ତ୍ୟୋଦୟ ଯୋଜନାରେ ୫୦ ହଜାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବାଣ୍ଟିବେ। ଏଥିସହିତ ପ୍ରଧାନମନ୍ତ୍ରୀ କିଛି ନୂଆ ଯୋଜନା ଘୋଷଣା କରିବାର ସମ୍ଭାବନା ରହିଛି। ବିଶେଷକରି ଏହି ଅବସରରେ ମହାପୁରୁଷ ଆଦର୍ଶ ଗାଁ ଯୋଜନା ଘୋଷଣା ହୋଇପାରେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତକୁ ସଫଳ କରିବା ପାଇଁ ଉଭୟ ସରକାର ଏବଂ ଦଳୀୟ ସଂଗଠନ ଜୋର୍‌ଦାର୍ ପ୍ରସ୍ତୁତି ଚଳାଇଛନ୍ତି। ସାଂଗଠନିକ ସ୍ତରରେ ଏଥିପାଇଁ ଦଳୀୟ ବିଧାୟକଙ୍କୁ ନିର୍ଦ୍ଦିଷ୍ଟ ଦାୟିତ୍ୱ ପ୍ରଦାନ କରାଯାଇଥିବା ମଧ୍ୟ ଜଣାପଡ଼ିଛି।

**ଲୁଣି ମାଛ ବଜାରରେ ବଢ଼ିବ ଗହଳିଚହଳି**

# ଆଜି ମୁହାଣରୁ ବାହାରିବ ଶହଶହ ଟ୍ରଲର୍

ବାଲେଶ୍ୱର, ୧୪।୬(ସମିସ): ଦୀର୍ଘ ଦିନ ଧରି ଶାନ୍ତ ପଡ଼ିଥିବା ବାଲେଶ୍ୱରର ଲୁଣି ମାଛ ବଜାରରେ ପୁଣି ଗହଳିଚହଳି ବଢ଼ିବ। ହାତବାନ୍ଧି ବସିଥିବା ଟ୍ରଲର୍ ମାଲିକ, ମତ୍ସ୍ୟଜୀବୀ, ଛୋଟବଡ଼ ମାଛ ବ୍ୟବସାୟୀ ଚଳଚଞ୍ଚଳ ହେବେ। ଚାଲିବ କୋଟି କୋଟି ଟଙ୍କାର କାରବାର। ଦୁଇ ମାସର କଟକଣା ପରେ ଆସନ୍ତାକାଲି (ରବିବାର) ସମୁଦ୍ରକୁ ମାଛ ମାରିବାକୁ ବାଲେଶ୍ୱର

**ଦୁଇ ମାସର କଟକଣା ପରେ ସମୁଦ୍ରକୁ ଯିବେ ମତ୍ସ୍ୟଜୀବୀ**

ଜିଲ୍ଲା ପ୍ରମୁଖ ମାଛ ଅବତରଣ କେନ୍ଦ୍ର ବଳରାମଗଡ଼ି, ବାହାବଳପୁର, କଷାଫଳ ଆଦି ମୁହାଣରୁ ଶହଶହ ଟ୍ରଲର୍ ଗଭୀର ସମୁଦ୍ରକୁ ଯିବେ। ଏଥିପାଇଁ ମତ୍ସ୍ୟଜୀବୀ ଓ ଟ୍ରଲର୍ ମାଲିକଙ୍କ ପକ୍ଷରୁ ସବୁ ପ୍ରକାର ପ୍ରସ୍ତୁତି ସରିଛି। ଆଜି ବଳରାମଗଡ଼ିରେ ଟ୍ରଲର୍‌ଗୁଡ଼ିକୁ ପୂଜା କରାଯିବା ସହ ଆବଶ୍ୟକ ସରଞ୍ଜାମ ଭର୍ତ୍ତି କରାଯାଇଛି। ମୁଖ୍ୟତଃ ଟ୍ରଲର ପାଇଁ ତେଲ, ଖାଦ୍ୟ ପଦାର୍ଥ, ଜାଲ, ବରଫ ଇତ୍ୟାଦି ପ୍ରସ୍ତୁତ କରାଯାଇଛି। ଆସନ୍ତାକାଲି ଜୁଆର ସମୟ ସକାଳ ୧୦ରୁ ୧୨ଟା ମଧ୍ୟରେ ସମୁଦ୍ର ମଧ୍ୟକୁ ଟ୍ରଲର୍‌ଗୁଡ଼ିକ



ମାଛ ମାରିବାକୁ ବାହାରିବେ ବୋଲି ଜଣାଯାଇଛି।

ସୂଚନାନୁଯାୟୀ, ଏପ୍ରିଲ୍ ୧୫ରୁ ଜୁନ୍ ୧୫ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ମାଛମରା ଟ୍ରଲର୍ ନେଇ ସମୁଦ୍ରକୁ ଯିବାକୁ ବାରଣ କରାଯାଇଥାଏ। ଏହି ଦୁଇ ମାସ ସାମୁଦ୍ରିକ ଜୀବ ଓ ମାଛମାନଙ୍କର ପ୍ରଜନନ ସମୟ ହୋଇଥିବାରୁ ସରକାର କଟକଣା ଲଗାଇଥା'ନ୍ତି। ତେବେ ଆସନ୍ତାକାଲି (ରବିବାର) ସକାଳ ୬ଟାରେ ଏହି କଟକଣା ଅବଧି ଶେଷ ହେଉଛି। ତେଣୁ, ମାଛ ମାରିବାକୁ ଯିବା ପାଇଁ ମତ୍ସ୍ୟଜୀବୀମାନେ ଉତ୍ସାହିତ ଅଛନ୍ତି।

ଜଣେ ଟ୍ରଲର୍ ମାଲିକ କହିଛନ୍ତି ଯେ ମୁହାଣରୁ ଟ୍ରଲର୍ ଛାଡ଼ିବା ପରେ ସମୁଦ୍ରରେ ମାଇଲ୍ ମାଇଲ୍ ବାଟ ଘୂରି ବୁଲି ମାଛ ଧରିବେ। ପାଖାପାଖି ୧୫ ଦିନ ଗଭୀର ସମୁଦ୍ରରେ ମାଛ ଧରିବା ପରେ ପୁଣି ଫେରି ଆସିବେ। ଫଳରେ ଖୁବ୍ କମ୍ ଦିନ ଭିତରେ ବାଲେଶ୍ୱରର ପ୍ରମୁଖ ଲୁଣି ମାଛ ମାର୍କେଟ୍‌ଗୁଡ଼ିକ ପୁଣି ଚଳଚଞ୍ଚଳ ହୋଇଉଠିବ। ବଜାରରେ ଇଲିସି, ଫିରିକି, ଚିଙ୍ଗୁଡ଼ି, ଶିଳା ଭଳି ବିଭିନ୍ନ ପ୍ରକାରର ଲୁଣି ମାଛ ଗ୍ରାହକଙ୍କୁ ଶସ୍ତାରେ ମିଳିପାରିବ ଏବଂ ମାଛ ଧରାଳି, ବେପାରୀ ବି ଭଲ ଦି' ପଇସା ରୋଜଗାର କରିପାରିବେ। ଆଗକୁ ଭଲ ମୌସୁମୀ ବର୍ଷା ହେଲେ ଅଧିକ ଇଲିସି ମାଛ ଜାଲରେ ଲାଗିବେ ବୋଲି ସେ ଆଶାବାଦୀ ଅଛନ୍ତି।

ଟ୍ରଲର ଚାଳକ ଦୟାନିଧି ଦାସ, ନନ୍ଦ ମୌଳିକ, ଚାଳକ ଓ ମତ୍ସ୍ୟଜୀବୀ ପ୍ରଭାକର ମୌଳିକ ପ୍ରମୁଖ କହିଛନ୍ତି ଯେ ମାଛର ପ୍ରଜନନ ପାଇଁ ଦୁଇ ମାସ ସମୁଦ୍ରକୁ କଟକଣା ରହିଥିବା ବେଳେ ଏହି ସମୟରେ ଟ୍ରଲର ମାଲିକମାନେ ଟ୍ରଲର୍ ମରାମତି କରିଥା'ନ୍ତି। ସେହିପରି ମତ୍ସ୍ୟଜୀବୀମାନେ ଛୋଟ ବୋଟ ମରାମତି ଓ ଅନ୍ୟାନ୍ୟ ପ୍ରସ୍ତୁତି କରିଦେଇଥା'ନ୍ତି। ଅପରପକ୍ଷେ, ମାଛମରା ବନ୍ଦ ଯୋଗୁଁ ସମୁଦ୍ରରେ ମାଛ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଥାଏ। ଏଣୁ ଗୋଟିଏ ଗୋଟିଏ ଟ୍ରଲର ୪୦୦ ରୁ ୫୦୦ ଜାଲି ମାଛ ସଂଗ୍ରହ କରି କୂଳକୁ ଫେରିବେ ବୋଲି ଆଶା ରଖିଛନ୍ତି। ଏଥିପାଇଁ ମତ୍ସ୍ୟଜୀବୀ ମାନଙ୍କୁ ୧୦ ରୁ ୧୫ ଦିନ ସମୁଦ୍ର ମଧ୍ୟରେ ରାତି କାଟିବାକୁ ପଡ଼ିବ। ଏହାରି ମଧ୍ୟରେ ଖାଇବା ଶୋଇବା ସବୁ ହୋଇଥାଏ। ସେପଟେ, ଥରେ ସିଜିନ୍ ଆରମ୍ଭରୁ ଟ୍ରଲର ସମୁଦ୍ରକୁ ଯିବା ପାଇଁ ୫ ରୁ ୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଲିକ ଖର୍ଚ୍ଚ କରି ସାମଗ୍ରୀ ରଖିଥାନ୍ତି। ଏଣୁ, ଭଲ ମାଛ ଅମଳ ଓ ଦୁଇ ପଇସା ଲାଭ ପାଇଁ ମାଲିକ ବି ଆଶାବାଦୀ ରହିଥା'ନ୍ତି। ସେହିପରି ଦୁଇ ମାସ ହେବ ସମୁଦ୍ର ମାଛ ବଜାରକୁ ଆସୁନଥିବାରୁ ଲୁଣିମାଛର ବଜାର ଦର ଚଢ଼ା ରହିଛି। ଏବେ ପୁଣି ମାଛ ଧରା ଆରମ୍ଭ ହେଉଥିବାରୁ ଏହି ଦର କମ ହେବା ନେଇ ଆଶା କରାଯାଉଛି।

# ଛାତିରେ ଛୁରି ଭୁସି ସାଙ୍ଗକୁ ହତ୍ୟା



ଗଣିଆ,୧୪।୬(ସମିସ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ୍ ଅନ୍ତର୍ଗତ କିଶୋରପ୍ରସାଦ ପଞ୍ଚାୟତର ପାଣ୍ଡରାସିଂହା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ରଜ ମଉଜ ସମୟରେ ସାଙ୍ଗକୁ ଛୁରି ଭୁସି ହତ୍ୟା କରିଛି ସାଙ୍ଗ। ଏହି ଘଟଣା ଗଣିଆରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ମିଳିଥିବା ସୂଚନାନୁସାରେ, ଶନିବାର ଅପରାହ୍ଣରେ ଖଲିସରା କ୍ଲବ୍ ମଣ୍ଡପ ଉପରେ ପୁରୁଷୋତ୍ତମ ପ୍ରଧାନ (୩୭) ବସିଥିବା ବେଳେ ତାଙ୍କ ସାଙ୍ଗ ତଥା ସେହି ଗ୍ରାମର ଗଙ୍ଗାଧର ରାଉତ ଓରଫ ସୁନିଆ (୪୨) ଅତ୍ୟଧିକ ମଦ୍ୟପାନ କରି କ୍ଲବ୍ ମଣ୍ଡପକୁ ଯାଇଥିଲା। ଦୁଇଜଣଙ୍କ ମଧ୍ୟରେ କୌଣସି କାରଣ ନେଇ କଥା କଟାକଟି ହୋଇଥିଲା। ଏପରିକି, ଉଭୟେ ଉଭୟଙ୍କୁ ଗାଳିଗୁଲଜ କରିବା ସହିତ ମାରପିଟ୍ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଗଙ୍ଗାଧର ପାଖରେ ପଡ଼ିଥିବା ଏକ ଠେଙ୍ଗାରେ ପୁରୁଷୋତ୍ତମଙ୍କୁ ପିଟିଥିଲା। ପୁରୁଷୋତ୍ତମ ମାଡ଼ ଖାଇ ଗ୍ରାମର ମନୋରଞ୍ଜନ ପ୍ରଧାନଙ୍କୁ ଧରି ଭଦ୍ରଲୋକଙ୍କ ନିକଟକୁ ଯାଇ ଏହାର ସମାଧାନ କରିବାକୁ ଯିବା ପାଇଁ ବାହାରିଥିଲେ। କିନ୍ତୁ ଗଙ୍ଗାଧର ଭଦ୍ରଲୋକଙ୍କ ପାଖକୁ ଗଲେ ଜୀବନରେ ମାରିଦେବ ବୋଲି କହି ନିଜ ଘରକୁ ଦୌଡ଼ିଯାଇ ଗୋଟିଏ ଛୁରି ଆଣି ପୁରୁଷୋତ୍ତମଙ୍କ ଛାତିକୁ ଭୁସି ଦେଇ ଦୌଡ଼ି ପଳାଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ତାକୁ ଗୋଡ଼ାଇ କାବୁ କରିବା ସହ ଗଣିଆ ଥାନାକୁ ଖବର ଦେଇଥିଲେ। ଗ୍ରାମବାସୀମାନେ ସଙ୍ଗେସଙ୍ଗେ ପୁରୁଷୋତ୍ତମଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଗଣିଆ ଥାନା ଅଧିକାରୀ ଶବକୁ ଜବତ କରି ୮୧/୨୫ରେ ଏକ ହତ୍ୟା ମାମଲା ରୁଜୁ କରିବା ସହିତ ଅଭିଯୁକ୍ତକୁ ଆଣି ଗଣିଆ ଥାନାରେ ଅଟକ ରଖିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହିତ ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନ ଓ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା, ଏସ୍‌ଆଇ ଶ୍ୟାମସୁନ୍ଦର ପ୍ରଧାନ, ଏଏସ୍‌ଆଇ ମନୋରଞ୍ଜନ ପ୍ରଧାନ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଶବକୁ ବ୍ୟବଚ୍ଛେଦ ପାଇଁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଛି ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

**ବଢୁଛି ନାରୀ-ଶିଶୁ ନିର୍ଯାତନା**

# ବର୍ଷକରେ ୨୮ ହଜାର ମହିଳା ଓ ଶିଶୁ ନିର୍ଯାତିତ

ଭୁବନେଶ୍ୱର,୧୪।୬(ସମିସ): ପ୍ରତିଦିନ ରାଜ୍ୟରେ ନାରୀ ଓ ଶିଶୁ ନିର୍ଯାତନା ଖବର ସାମ୍ନାକୁ ଆସୁଛି। ତେବେ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ଯେଉଁ ଜିଲ୍ଲା ଅଧିକ ଶିକ୍ଷିତ ସେଠାରେ ନାରୀ ନିର୍ଯାତନା ଅଧିକ। ଅନ୍ୟପକ୍ଷରେ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ନାରୀ ଓ ଶିଶୁ ନିର୍ଯାତନା ହାର କମ୍ ରହିଛି। ଗୋଟିଏ ବର୍ଷରେ ପାଖାପାଖି ୨୮ ହଜାର ମହିଳା ଓ ଶିଶୁ ନିର୍ଯାତିତ ହୋଇଛନ୍ତି। ଏମାନଙ୍କ ସଂଖ୍ୟା ଯାଜପୁର ଜିଲ୍ଲାରେ ସର୍ବାଧିକ ରହିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି।

ଗତବର୍ଷ ରାଜ୍ୟରେ ପାଖାପାଖି ୨୮ ହଜାର ନାରୀ ଓ ଶିଶୁ ନିର୍ଯାତନା ଅଭିଯୋଗ ପଞ୍ଜୀକରଣ ହୋଇଥିବା ବେଳେ ଯାଜପୁର ଜିଲ୍ଲାରେ ଏହି ସଂଖ୍ୟା ଦୁଇ ହଜାରରୁ ଅଧିକ ରହିଛି। ଗଞ୍ଜାମ, ବାଲେଶ୍ୱର, ଭଦ୍ରକ, କଟକ, ଜଗତ୍ସିଂହପୁର, ଢେଙ୍କାନାଳ, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ ଜିଲ୍ଲାରେ ଏଭଳି ନିର୍ଯାତନା ସଂଖ୍ୟା ହଜାରରୁ ଅଧିକ ରହିଛି। ଏହି ଜିଲ୍ଲାଗୁଡିକରେ ମହିଳାମାନେ ଘରୋଇ ହିଂସା ଓ ଯୌତୁକ ହିଂସାର ଶିକାର ହେଉଥିବା ବେଳେ ଶିଶୁମାନେ ପାଶବିକ ଅତ୍ୟାଚାର ସହିତ ଅପହରଣର ଶିକାର ହେଉଛନ୍ତି। ଆଦିବାସୀ ଅଧ୍ୟୁଷିତ ନୂଆପଡା, ମାଲକାନଗିରି, ଗଜପତି, ବୌଦ୍ଧ, କଳାହାଣ୍ଡି

- ଶିକ୍ଷିତ ଜିଲ୍ଲାରେ ନାରୀ ଓ ଶିଶୁ ନିର୍ଯାତନା ଅଧିକ
- ଆଦିବାସୀ ଅଞ୍ଚଳରେ ନିର୍ଯାତନା ହାର କମ୍

ଆଦି ଜିଲ୍ଲାରେ ଏହି ନିର୍ଯାତନା ହାର ଅପେକ୍ଷାକୃତ କମ୍ ରେକର୍ଡ କରାଯାଇଛି। ଏହିସବୁ ଜିଲ୍ଲାରେ ଅପରାଧ ସଂଖ୍ୟା ୭ଶହ ରହିଛି।

ରାଜ୍ୟରେ ନାରୀ ଓ ଶିଶୁ ନିର୍ଯାତନା ହାର କମାଇବାପାଇଁ ୬ଶହରୁ ଅଧିକ ଥାନାରେ ମହିଳା ଓ ଶିଶୁ ଡେସ୍କ କାର୍ଯ୍ୟ କରୁଛି। ଏହିସବୁ ଥାନାରେ ମହିଳା ଓ ଶିଶୁମାନଙ୍କ ଅଭିଯୋଗକୁ ଅଗ୍ରାଧିକାର ଭିତ୍ତିରେ ପଞ୍ଜୀକରଣର ବ୍ୟବସ୍ଥା ରହିଛି। ସେହିଭଳି ମହିଳାମାନେ ଏଠାକୁ ଆସି ସହଜରେ ମଧ୍ୟ ନିଜର ଅଭିଯୋଗ ଦରଜ କରିପାରିବେ। କିନ୍ତୁ ଏବେ ଏହି ସବୁ ଥାନାରେ ଥିବା ମହିଳା ଶିଶୁ ଡେସ୍କ କାମ କରୁନି। ମନଇଚ୍ଛା ଏହି ଡେସ୍କରେ ପୁରୁଷ ପୁଲିସ ବସୁଛନ୍ତି। ଜଣେ ମହିଳା ନିର୍ଯାତନାର ଶିକାର ହୋଇ ଥାନାକୁ ଗଲେ ସେମାନେ ପୁରୁଷ ପୁଲିସର ସମ୍ମୁଖୀନ ହେଉଛନ୍ତି। ଯାହାଫଳରେ ମହିଳା ଜଣଙ୍କ ଲାଜରେ କିଛିବି ପାଟି ଖୋଲିପାରୁନି। ଅନେକ ସମୟରେ ମହିଳା ଅଭିଯୋଗ ଧରି ଘରକୁ ଫେରି ଆସୁଛନ୍ତି। ବିଶେଷ କରି ସହର ଥାନା ଗୁଡ଼ିକକୁ ଛାଡ଼ିଦେଲେ ଗ୍ରାମାଞ୍ଚଳ ଥାନା ମାନଙ୍କରେ ଏଭଳି ଅବସ୍ଥା ଦେଖିବାକୁ ମିଳିଛି।

ସେହିଭଳି ଓଡ଼ିଶାରେ ୩୪ଟି ଶିଶୁ ବନ୍ଧୁ ପୁଲିସ୍ ଷ୍ଟେସନ ପ୍ରତିଷ୍ଠା କରାଯାଇଛି। ମହିଳା ଓ ଶିଶୁଙ୍କ ବିରୁଦ୍ଧରେ ସାଇବର ଅପରାଧର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ଅଧୀନରେ ଶିଶୁ ଏବଂମହିଳା ଅନଲାଇନ୍ ନିର୍ଯାତନା ମନିଟରିଂ ୟୁନିଟ୍ କାର୍ଯ୍ୟ କରୁଛି। ବିପଦରେ ପଡିଥିବା ମହିଳାମାନଙ୍କୁ ଠିକ୍ ସମୟରେ ତ୍ୱରିତ ଏବଂ ସମ୍ବେଦନଶୀଳ ସହାୟତା ପାଇଁ ଡାଏଲ-୧୧୨ କାର୍ଯ୍ୟ କରୁଛି। ଏହାବାଦ୍ ମହିଳା ଓ ଶିଶୁ ନିର୍ଯାତନା ରୋକିବାପାଇଁ ବିଭିନ୍ନ ଅନୁଷ୍ଠାନ ଜରିଆରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଚଳାଉଛନ୍ତି। ଏ ବାବଦରେ ମଧ୍ୟ ରାଜକୋଷରୁ ଅର୍ଥ ଖର୍ଚ୍ଚ ହେଉଛି। ଏହାସତ୍ତ୍ୱେ ରାଜ୍ୟରେ ମହିଳା ଓ ଶିଶୁ ନିର୍ଯାତନାରେ ସେଭଳି ଉଲ୍ଲେଖନୀୟ ସୁଧାର ଆସୁନାହିଁ। ବିଶେଷ କରି ଶିଶୁ ନିର୍ଯାତନା ପୁଲିସର ମୁଣ୍ଡ ବିନ୍ଧା କାରଣ ପାଲଟିଛି। କାରଣ ଅଧିକାଂଶ ଶିଶୁ ଏବେ ଦୁଷ୍କର୍ମ ଏବଂ ହତ୍ୟାର ଶିକାର ହେଉଛନ୍ତି। ଏହା ପଛରେ ପୁଣି ନିଜ ସମ୍ପର୍କୀୟଙ୍କ ହାତ ରହୁଛି।


Vidyadhan
Transforming lives through education
A Shibulal Family Philanthropic Initiative

ଓଡ଼ିଶା ଦଶମ ପାସ୍ ଛାତ୍ର/ଛାତ୍ରୀ ମାନଙ୍କ ପାଇଁ ଛାତ୍ରବୃତ୍ତି - 2025

କୁମାରୀ ଶିବୁଲାଲ ଏବଂ ଏସ୍ ଡି ଶିବୁଲାଲ୍ (ସହ-ପ୍ରତିଷ୍ଠାତା ତଥା ପୂର୍ବତନ ସିଇଓ ଇନଫୋସିସ୍) ଦ୍ୱାରା ସ୍ଥାପିତ ସରୋଜିନୀ ଦାମୋଦରନ୍ ଫାଉଣ୍ଡେସନ୍ ଦ୍ୱାରା ବିଦ୍ୟାଧନ୍ ଏକ ପାନ୍ ଇଣ୍ଡିଆ ଉଚ୍ଚଶିକ୍ଷା ବୃତ୍ତି ଅଟେ | 1999 ରୁ ଏବେ ପର୍ଯ୍ୟନ୍ତ ବିଦ୍ୟାଧନ୍ 63000 ରୁ ଅଧିକ ଛାତ୍ରବୃତ୍ତି ବଣ୍ଟନ କରିସାରିଛନ୍ତି। ବର୍ତ୍ତମାନ ଓଡିଶାର 700 ଜଣ ଛାତ୍ରଙ୍କ ସହ ବିଦ୍ୟାଧନ୍ ରେ 13000 ରୁ ଅଧିକ ବିଦ୍ୱାନ ଅଛନ୍ତି।



BSE & CBSE board both students can apply

ମନୋନୀତ ଛାତ୍ର/ଛାତ୍ରୀ ପ୍ଲସ୍-୨ ପାଇଁ ବାର୍ଷିକ 10,000 / - ଟଙ୍କା ସ୍କଲାରସିପ୍ ପାଇବାକୁ ଯୋଗ୍ୟ ହେବେ | ଯଦି ସେମାନେ ଭଲ ଅଧ୍ୟୟନ ଜାରି ରଖନ୍ତି, ତେବେ ସେମାନଙ୍କ ଆଗ୍ରହର ଯେ କୌଣସି ଡିଗ୍ରୀ ପାଠ୍ୟକ୍ରମ ପାଇଁ ବର୍ଷକୁ 15,000 ରୁ 75,000 ମଧ୍ୟରେ ଛାତ୍ରବୃତ୍ତି ପ୍ରଦାନ କରାଯିବ |

For Inquiries: vidyadhan.odisha@sdfoundationindia.com

Call for Doubt/Inquiries : +91 8068333500/ 08068333500

ଛାତ୍ରମାନେ ସିଧାସଳଖ ୱେବସାଇଟରେ ମାଗଣାରେ ଆବେଦନ କରିପାରିବେ | ଆମ ତରଫରୁ ଛାତ୍ର ଚୟନ କରିବାକୁ ଅନ୍ୟ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନକୁ ଅନୁମତି ଦିଆଯାଇ ନାହିଁ |

Apply Online: www.vidyadhan.org

Application Start: 15th May 2025 Application Close: 30th June 2025

ଯୋଗ୍ୟତା ମାନଦଣ୍ଡ
- ପରିବାରର ବାର୍ଷିକ ଆୟ 2 ଲକ୍ଷ ରୁ କମ୍
- 2025 ରେ ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନେ
- 80% or 8 CGPA ଠାରୁ ଅଧିକ (65% or 6.5 CGPA ଭିନ୍ନକ୍ଷମ ଛାତ୍ରମାନଙ୍କ ପାଇଁ )

ଆବଶ୍ୟକ ଡକ୍ୟୁମେଣ୍ଟ
- ଫଟୋଗ୍ରାଫ୍
- ଦଶମ ମାର୍କସିଟ୍
- ଆୟ ପ୍ରମାଣପତ୍ର

Regn-273/99-2000, 9th Main, 5th Block, Jayanagar, Bangalore
Vidyadhan India

## ବିସ୍ଫୋରକ ଚାଲାଣ ମାମଲା

# ପୁଲିସଠାରୁ ବହୁଦୂରରେ ଦୁଇ ଗୋଦାମ ମାଲିକ

ବଲାଙ୍ଗିର, ୧୪।୬(ସମିସ)

ବଲାଙ୍ଗିର ଜିଲ୍ଲାରୁ ଜିଲ୍ଲା ବାହାରକୁ ବିସ୍ଫୋରକ ଚାଲାଣ ଘଟଣା ସାମ୍ନାକୁ ଆସିବାପରେ କଣ୍ଟାବାଞ୍ଜି ଓ ବେଲପଡ଼ା ଥାନା ଅଧୀନରେ ଥିବା ଚାରୋଟି ବିସ୍ଫୋରକ ଗୋଦାମକୁ ନେଇ ସ୍ୱାଭାବିକ ଭାବେ ଚର୍ଚ୍ଚା ଆରମ୍ଭ ହୋଇଛି। ବେଆଇନ ଚାଲାଣ ମାମଲାରେ କଳାହାଣ୍ଡି ପୁଲିସ ଚାଲାଣରେ ଲିପ୍ତଥିବା କ୍ରସର ମାଲିକଙ୍କୁ ଗିରଫ କରିଥିବାବେଳେ ଏହି ଚାଲାଣ କରୁଥିବା 'କଳିଙ୍ଗ ଆଣ୍ଡ କୋ' ବ୍ୟବସାୟିକ ପ୍ରତିଷ୍ଠାନର ମାଲିକଙ୍କୁ ଏଯାଏଁ ଗିରଫ କରିନାହିଁ। ଗୋଟିଏ ପଟେ କଳାହାଣ୍ଡି ପୁଲିସ ଦୁଇ ଜଣଙ୍କୁ ଖୋଜୁଥିବା ବେଳେ ଅନ୍ୟପଟେ ବେଲପଡ଼ା ପୁଲିସ ମଧ୍ୟ ସେମାନଙ୍କ ପଛରେ ପଡ଼ିଥିବା ଜଣାପଡ଼ିଛି। ତେବେ ଏହି କାରବାର କରୁଥିବା ଅନୁପ ଅଗ୍ରୱାଲ ଓ ଦୀପକ ଜୈନ୍ ଗଲେ କୁଆଡ଼େ?

ବଲାଙ୍ଗିର ଜିଲ୍ଲାରୁ ଜିଲ୍ଲା ତଥା ଜିଲ୍ଲା ବାହାରର ବିଭିନ୍ନ କ୍ରସରକୁ ବେଆଇନ ଭାବେ ବହୁ ପରିମାଣର ବିସ୍ଫୋରକ ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ତେବେ ଗତ କିଛିଦିନ ତଳେ କଳାହାଣ୍ଡି ଜିଲ୍ଲା ଜୟପାଟଣା ପୁଲିସ ଏହିଭଳି ଏକ ଚାଲାଣ ଉପରେ ଚଢ଼ଉ କରିବା ପରେ ଏହି ବେଆଇନ ଚାଲାଣ କାରବାର ସାମ୍ନାକୁ ଆସିଥିଲା। ଏହିସବୁ ବିସ୍ଫୋରକ ବେଲପଡ଼ା ଥାନା କର୍ଲାବାହାଲି ଠାରେ ଥିବା କଳିଙ୍ଗ ଆଣ୍ଡ କୋ. ଗୋଦାମରୁ ଚାଲାଣ ହେଉଥିବା ସ୍ପଷ୍ଟ ହୋଇଥିଲା। ଏନେଇ ପୁଲିସ ମାମଲା ରୁଜୁକରି ଚାଲାଣ କରୁଥିବା କଳିଙ୍ଗ ଆଣ୍ଡ କୋର ମାଲିକ ଅନୁପ ଅଗ୍ରୱାଲ ଓ ଦୀପକ ଜୈନଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିବାବେଳେ ଜିଲ୍ଲାର ଜଣେ ପୁଲିସ ଅଧିକାରୀଙ୍କ ସୂଚନା କ୍ରମେ ଉକ୍ତ ଦୁଇ ଅଭିଯୁକ୍ତ ଫେରାର ମାରିଥିବା ଜଣାପଡ଼ିଥିଲା। ତେବେ ଏନେଇ ବେଲପଡ଼ା ଥାନାରେ ଉଭୟଙ୍କ ନାମରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

**ଚଢ଼ଉ କରୁନାହିଁ ବିଭାଗ**

ବେଲପଡ଼ା ଥାନା କେସ ନଂ ୧୪୯ ରେ ପୁଲିସ ମାମଲା ରୁଜୁ କରି ଏହାର ତଦନ୍ତ ଚଲାଇଥିବା ବେଳେ ଉକ୍ତ ଦୁଇ ଅଭିଯୁକ୍ତ ଫେରାର ରହିଥିବା ଥାନା ଅଧିକାରୀ ଅନନ୍ତ ପଧାନ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ବେଆଇନ ଚାଲାଣ କରିବାରେ ଏହି ବ୍ୟବସାୟୀ ମାନଙ୍କୁ ଖୋଲା ଟିକଟ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ଗୋଦାମ ମାନଙ୍କରେ କେଉଁ ପ୍ରକାର ଓ କେତେ ପରିମାଣର ବିସ୍ଫୋରକ ରହିବା କଥା ତାହା ଖଣି ଅଧିକାରୀ ଯାଞ୍ଚକରିବା କଥା। କିନ୍ତୁ ବଲାଙ୍ଗିର ଜିଲ୍ଲାରେ ଖଣି ଅଧିକାରୀ ସାମାନ୍ୟ ଚଢ଼ଉ କରିବା ପାଇଁ ଅସହାୟତା ପ୍ରକାଶ କରୁଥିବା ବେଳେ ସ୍ୱାଭାବିକ ଭାବେ ଏହି ସବୁ ଗୋଦାମର ଯାଞ୍ଚ କରାଯାଉ ନ ଥିବା ସ୍ପଷ୍ଟ ହୋଇଛି। ଯାହାର ସୁଯୋଗ ନେଇ ଉକ୍ତ ଗୋଦାମମାନଙ୍କରୁ ବେଆଇନ ଭାବେ ବିସ୍ଫୋରକ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

# ଦେବାଳୟ ସୁରକ୍ଷା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ବଲାଙ୍ଗିର, ୧୪।୬(ସମିସ):** ବଲାଙ୍ଗିର ଜିଲ୍ଲା ଦେବାଳୟ ସୁରକ୍ଷା କମିଟି ପକ୍ଷରୁ ଦେବାଳୟମାନଙ୍କର ସୁରକ୍ଷା ପାଇଁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଐତିହ୍ୟ ସମ୍ପନ୍ନ ବଲାଙ୍ଗିର ଜିଲ୍ଲା ତଥା ପୁରାତନ ପାଟଣା ରାଜ୍ୟର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ମନ୍ଦିର ଉନ୍ନତିକରଣ ପାଇଁ ୧କୋଟି ୧୨ଲକ୍ଷ ଟଙ୍କା, ମାଁ ସମଲେଶ୍ୱରୀ ମନ୍ଦିର ଉନ୍ନତିକରଣ ପାଇଁ ୩କୋଟି ୧୫ ଲକ୍ଷ ୮୦ହଜାର ଟଙ୍କା ଏବଂ ଗୋପାଳଜୀ ମନ୍ଦିର ପାଇଁ ୫କୋଟି ୭୦ଲକ୍ଷ ୭୨ହଜାର ଟଙ୍କା, କୋଶଳ କଳାମଣ୍ଡଳ ଉନ୍ନତିକରଣ ପାଇଁ ୩କୋଟି ୭୦ଲକ୍ଷ ଏବଂ ୫୦୦ ବିଶିଷ୍ଟ ଅଡିଟରିୟମ ପାଇଁ ପୂର୍ବତନ ସରକାର ସ୍ୱତନ୍ତ୍ର ପାଣ୍ଠି ପ୍ରଦାନ କରିଥିଲେ। କିନ୍ତୁ ଏହି ଅର୍ଥ ବିଭିନ୍ନ କାରଣ ରୁ ଦେଢ ବର୍ଷରୁ ଊର୍ଦ୍ଧ୍ୱ ହେବ ପଡ଼ିରହିଛି। ଆସନ୍ତା ୧୭ ତାରିଖ ମୁଖ୍ୟମନ୍ତ୍ରୀ ବଲାଙ୍ଗିର ଗସ୍ତରେ ଆସି ଚାଷୀସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ଅସ୍ମିତାକୁ ସୁରକ୍ଷା ଦେବା ପାଇଁ ରାଜ୍ୟ ସରକାର ବିଭିନ୍ନ ଉନ୍ନତିକରଣ କରୁଥିବା ବେଳେ ବଲାଙ୍ଗିର ଜିଲ୍ଲାର ଐତିହ୍ୟ ବହନ କରୁଥିବା ରାଣିପୁର ଝରିଏଲରୁ ବିରଳ ଫଟୋଚିତ୍ର ଗାୟବ ହୋଇଥିବା କମିଟି ଅଭିଯୋଗ କରିଛି। ଜାତୀୟ ସଂଗ୍ରାହଳୟରେ କିଛି ଉଦ୍ଦେଶ୍ୟ କାରଣରୁ ଏହାକୁ କଢାଯାଇଥିବା ବେଳେ ଏହାକୁ ପୁନର୍ବାର ଲଗାଇବା ପାଇଁ କମିଟି ଦାବି କରିଛି। ବଲାଙ୍ଗିର ଜିଲ୍ଲା ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ଥିବା କୁଶଙ୍ଗାଇ ଦେବୀ ମନ୍ଦିର ଉନ୍ନତିକରଣ ପାଇଁ ୪ କୋଟି ଟଙ୍କା ପ୍ରଦାନ, ସାଉନ୍ତପୁର ସାଉନ୍ତେଶ୍ୱରୀ ଦେବୀଙ୍କ ମନ୍ଦିର ଉନ୍ନତିକରଣ ପାଇଁ ଅର୍ଥ ବରାଦ କରିବା ପାଇଁ କମିଟି ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି ଜଣାଇଛି। ଆସନ୍ତା ୧୭ ତାରିଖରେ ଆୟୋଜିତ ହେବାକୁ ଥିବା ଚାଷୀ ସମାବେଶରେ ଏ ନେଇ ଘୋଷଣା କରାଯିବା ସହ ଐତିହ୍ୟ ବହନ କରୁଥିବା ସର୍ବପୁରାତନ ଜଳଗଞ୍ଜନ ପ୍ରେସ୍‌କୁ ପୁନରୁଦ୍ଧାର, ୧୭ଟି ଜଳାଶୟକୁ ପୁନରୁଦ୍ଧାର କରିବା ପାଇଁ କମିଟି ଦାବି କରିଛି। ଦେବାଳୟ ସୁରକ୍ଷା କମିଟି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ପ୍ରଶାନ୍ତ ମହାକୁର, ଶମ୍ଭୁ ଶତପଥୀ, ଆଲୋକ ମିଶ୍ର, ନରେନ୍ଦ୍ର କବାଟ, ସୁରେନ୍ଦ୍ର ନେଗୀ, ଆଶୁତୋଷ ବାଗ ସାମିଲ ଥିଲେ।



## ଲେବଡ଼ା ପଞ୍ଚାୟତରେ ମନରେଗା ଦିଗହରା

# ରାସ୍ତା ଉନ୍ନତୀକରଣ ନାଁରେ ଅର୍ଥ ଆତ୍ମସାତ



**କଣ୍ଟାବାଞ୍ଜି/ମୁରିବାହାଲ, ୧୪।୬(ସମିସ):** ଗାଁ ରେ ଶ୍ରମିକ ରହି ରୋଜଗାର କରି ପରିବାର ପ୍ରତିପୋଷଣ କରିବାକୁ ସରକାର ମନରେଗା ମାଧ୍ୟମରେ ରୋଜଗାର ଦେବାକୁ ବ୍ୟବସ୍ଥା କରିଛନ୍ତି। ହେଲେ ଶ୍ରମିକଙ୍କୁ କାମ ଦେବା ବଦଳରେ ନିଜ ମନମାନୀ କରି ପଞ୍ଚାୟତ କର୍ତ୍ତୃପକ୍ଷ ଲକ୍ଷାଧିକ ଟଙ୍କା ହରିଲୁଟ କରିଥିବା ଅଭିଯୋଗ ସାମ୍ନାକୁ ଆସିଛି। ଏମିତି ଅଭିଯୋଗ ବଲାଙ୍ଗିର ଜିଲ୍ଲାର ମୁରିବାହାଲ ବ୍ଲକ ଅନ୍ତର୍ଗତ ଲେବଡା ପଞ୍ଚାୟତରୁ ଆସିଛି। ଏହି ପଞ୍ଚାୟତର ଟଟୋପରା ଗାଁରେ ଥିବା ତାରପୁର ଛକ ଠାରୁ ବରକାନି ରାସ୍ତା ଉନ୍ନତିକରଣ କାମ ପଞ୍ଚାୟତ ପକ୍ଷରୁ ମନରେଗା ଯୋଜନାରେ ଆର୍ଥିକ ବର୍ଷ ୨୦୨୪-୨୦୨୫ରେ ୧୦ ଲକ୍ଷ ଟଙ୍କାର ମାଟି ଉନ୍ନତୀକରଣ କାମ ହୋଇଥିବା ଫଳକରେ ଉଲ୍ଲେଖ ରହିଛି। ରାସ୍ତା ଉପରେ ମୋରମ ପଡ଼ିଥିବା ଥିବା ବେଳେ ମେଟାଲ କିମ୍ବା ଅନ୍ୟ ସାମଗ୍ରୀ ପଡ଼ିନାହିଁ। ସୂଚନା ଫଳକରେ ଅଟକଳ ଅନୁଯାୟୀ ସାମଗ୍ରୀରେ ସୂଚନାରେ ବାଲି ଟ୍ରିପ୍, ପଥର ଟ୍ରିପ୍, ମେଟାଲ ଟ୍ରିପ୍, ଚିପ ଟ୍ରିପ୍, ଛଡ କ୍ୱିଣ୍ଟାଲ, ସିମେଣ୍ଟ ବସ୍ତା, ଇଟା ଖଣ୍ଡ, ମୋରମ ଟ୍ରିପ୍ ବ୍ୟବହାର କରିବାକୁ ଉଲ୍ଲେଖ ରହିଥିଲା। କିନ୍ତୁ ଏହି ଭିତରୁ କୌଣସି ସାମଗ୍ରୀ ବ୍ୟବହାର ହୋଇଥିବା ଦେଖାଯାଉନି। କୋଣସି ସାମଗ୍ରୀ ବ୍ୟବହାର ନ କରି ସୂଚନା ଫଳକ ଲଗାଇ ଦେଇ କୌଣସି କାମ ନ କରି ତାରପୁର ଛକ ଠାରୁ ବରକାନି ରାସ୍ତାରେ ମାଟି ଉନ୍ନତୀକରଣ ନାରେ ୧୦ ଲକ୍ଷ ଟଙ୍କା ହରିଲୁଟ କରିଥିବା ଅଭିଯୋଗ ହେଉଛି। ସୂଚକ ଫଳକରେ କାର୍ଯ୍ୟ ଆରମ୍ଭ କି ଶେଷ ତାରିଖ ଉଲ୍ଲେଖ ନ ଥିବା ବେଳେ ବାସ୍ତବରେ କାମ ସରିଯାଇଛି ଥିବା ଦେଖା ଯାଇଛି। ସରକାରୀ ନିୟମ ଅନୁଯାଏ ପ୍ରଥମେ ଏଠାରେ ଶ୍ରମିକ ନିୟୋଜିତ ହୋଇ ରାସ୍ତାରେ ମାଟି ପକାଇବା କଥା କିନ୍ତୁ ଏଠାରେ ଶ୍ରମିକ ବଦଳରେ ମେସିନ କାମ କରଥିବା ଅଭିଯୋଗ ହେଉଛି। ସେହିପରି ରାସ୍ତା ଉପରେ ଅଳ୍ପ ପରିମାଣର ମୋରମ ପକା ଯାଇଥିବାରୁ ସାମାନ୍ୟ ବର୍ଷାରେ ତାହା ବୋହିଯାଉଥବା ଅଭିଯୋଗ ହେଉଛି। ଯଦି ରାସ୍ତାରେ ମାଟି ଉନ୍ନତିକରଣ ହୋଇଛି ତେବେ ସେଠାରେ ରୋଲର ମେସିନ୍ ଚାଲି ରାସ୍ତା ସମତଳ କରିବା କଥା କିନ୍ତୁ ଏଠାରେ ରୋଲର ମେସିନ୍‌ର ଦେଖାନାହିଁ। ସରକାରୀ ନିୟମ ଉଲ୍ଲଂଘନ କରାଯାଇଥିବା ଦେଖାଯାଇଛି। ଏନେଇ ମୁରିବାହାଲ ବ୍ଲକ ବିଡିଓ ବାସନ୍ତୀ ସେଠିଙ୍କୁ ପଚାରିବାରୁ ଏନେଇ କଣ ହୋଇଛି ମୁଁ ଅବଗତ ନାହିଁ ଦାୟିତ୍ୱ ଥିବା ଅଧିକାରୀଙ୍କ ଠାରୁ ପଚାରି ବୁଝି ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ବସ୍‌ଷ୍ଟାଣ୍ଡ ନିକଟରୁ ମୃତଦେହ ଉଦ୍ଧାର

**ବଙ୍ଗୋମୁଣ୍ଡା, ୧୪।୬(ସମିସ):** ବଙ୍ଗୋମୁଣ୍ଡା ପୁରୁଣା ବସ୍‌ଷ୍ଟାଣ୍ଡ ପାଖ ଏକ ଚାହା ଦୋକାନ ନିକଟରୁ ପୁଲିସ ଜଣେ ବ୍ୟକ୍ତିର ମୃତ ଦେହ ଉଦ୍ଧାର କରିଛି। ମୃତ ବ୍ୟକ୍ତି ଜଣକ ଶଙ୍କର ମଳିକ(୪୮) ବୋଲି ଜଣାପଡ଼ିଛି। ତାଙ୍କ ଘର ଖରିଆର ଥାନା ମୋହର ଗାଁର ବୋଲି ଜଣାପଡ଼ିଛି। ଶୁକ୍ରବାରଠାରୁ ବଙ୍ଗୋମୁଣ୍ଡାର ବିଭିନ୍ନ ଛକରେ ବୁଲୁଥିବାର ଲୋକେ ଦେଖିଥିବା କହିଛନ୍ତି।

# ବିଦ୍ୟୁତ ଖୁଣ୍ଟକୁ ଧକ୍କାଦେଲା ପିକ୍‌ଅପ୍

**କଣ୍ଟାବାଞ୍ଜି, ୧୪।୬(ସମିସ):** ବଲାଙ୍ଗିର ଜିଲ୍ଲାର କଣ୍ଟାବାଞ୍ଜିରୁ ବଙ୍ଗୋମୁଣ୍ଡା ଯିବା ରାସ୍ତା ୪୨ ନଂରାଜପଥ ବନମାଳି ପ୍ୟାଲେସ ନିକଟରେ ଶନିବାର ଏକ ପିକଅପ୍ ଭାରସାମ୍ୟ ହଜାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡ଼ିଟି ବଙ୍ଗୋମୁଣ୍ଡା ପଟୁ ଆସୁଥିବା ବେଳେ ଭାରସାମ୍ୟ ହଜାଉ ରାସ୍ତାରେ ଥିବା ବିଦ୍ୟୁତ ଖୁଣ୍ଟରେ ପିଟିହୋଇ ରାସ୍ତା ତଳକୁ ଖସି ପଡ଼ିଥିଲା। ଫଳରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇ ଥିଲା। ଅନେକ ସମୟ ଧରି ରାସ୍ତାରେ ଯାତାୟାତ ଠପ ରହିଥିଲା।



# ୨୮ ରୁ କ୍ରୀଡ଼ା ସଂସଦ ଫୁଟବଲ ଟୁର୍ଣ୍ଣାମେଣ୍ଟ



**ବଲାଙ୍ଗିର, ୧୪।୬(ସମିସ):** ବଲାଙ୍ଗିର ଗାନ୍ଧି ଷ୍ଟାଡିୟମଠାରେ ଶନିବାର କ୍ରୀଡ଼ା ସଂସଦର ଟୁର୍ଣ୍ଣାମେଣ୍ଟଓ ଟ୍ରାନ୍ସଫର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟ କମିଟି ଅଧକ୍ଷ ହେମନ୍ତ କୁମାର ବେହେରା ଏହି ବୈଠକରେ ଅଧକ୍ଷତା କରିଥିଲେ। ଚଳିତବର୍ଷ ସାହାଣି କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆସନ୍ତା ଜୁଲାଇ ରେ ହେବ। ଏ ପରିପ୍ରେକ୍ଷୀରେ ଜିଲ୍ଲା ଖେଳାଳି ଚୟନ ପାଇଁ ଜୁନ୍ ୨୮ ତାରିଖରୁ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପାଇଁ ନିଷ୍ପତ୍ତି ହୋଇଛି। ପ୍ରତ୍ୟେକ ଦଳର ଖେଳାଳି ୩୫ ବର୍ଷରୁ ଅଧିକ ହୋଇ ନ ଥିବେ ଓ ୧୯ ବର୍ଷରୁ କମ୍ ଅନ୍ୟୁନ ୪ ଜଣ ଖେଳାଳି ଥିବା ବାଧ୍ୟତାମୂଳକ ଅଟେ। ସମସ୍ତ ଖେଳାଳିଙ୍କ ଡିଜିଟାଲ ଜନ୍ମ ପ୍ରମାଣପତ୍ର କିମ୍ବା ହାଇସ୍କୁଲ ପାସ୍ ସାର୍ଟିଫିକେଟ, ଆଧାର କାର୍ଡ ଓ ଗୋଟିଏ ଲେଖାଏଁ ପାସପୋର୍ଟ ସାଇଜ ଫଟୋ ସହ ଖେଳାଳି ରେଜିଷ୍ଟ୍ରେସନ ସମୟରେ ଦେବାକୁ ପଡ଼ିବ। ଇଚ୍ଛୁକ ଅଂଶଗ୍ରହଣକାରୀ ଦଳ ଜୁନ୍ ୨୩ ଓ ୨୪ ତାରିଖ ଦିନ ସକାଳ ୧୦ରୁ ଅପରାହ୍ନ ୫ ମଧ୍ୟରେ ତାଙ୍କ ଆବେଦନ ଫର୍ମ ସହ ଖେଳାଳି ପଞ୍ଜୀକରଣ ପାଇଁ ଗାନ୍ଧିଷ୍ଟାଡିୟମ ବଲାଙ୍ଗିରଠାରେ ଦେବାକୁ ସଂସଦ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ବୈଠକରେ କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ସମ୍ପାଦକ ହରିନାରାୟଣ ପୂଝାରୀ, ଯୁଗ୍ମ ସମ୍ପାଦକ ପଦ୍ମ ଚରଣ ଆଚାର୍ଯ୍ୟ ଓ ଶତ୍ରୁଘ୍ନ ସିଂ, ସମ୍ପାଦକ ଶରତ କୁମାର ନନ୍ଦ, ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର, ଇଂ. ନାରାୟଣ ପ୍ରସାଦ ମିଶ୍ର, କୈଳାସ ଚନ୍ଦ୍ର କର୍ଣ୍ଣ, ଭୁପେନ୍ଦ୍ର ପ୍ରସାଦ ସିଂ ପ୍ରମୁଖ ଯୋଗ ଦେଇଥିଲେ। ହେମନ୍ତ କୁମାର ବେହେରା, ଶରତ କୁମାର ନନ୍ଦ ଓ ଡା. ସିଦ୍ଧେଶ୍ୱର ମିଶ୍ରଙ୍କ ସହ ଯୋଗାଯୋଗ ପାଇଁ ଅନୁରୋଧ କରାଯାଇଛି। ଯୁଗ୍ମ ସମ୍ପାଦକ ପଦ୍ମ ଚରଣ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# କଣ୍ଟାବାଞ୍ଜିରେ ବିଶ୍ୱ ରକ୍ତଦାତା ଦିବସ

**କଣ୍ଟାବାଞ୍ଜି, ୧୪।୬(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ସଭାଗୃହଠାରେ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସମ୍ମାନିତ ଅତିଥିଭାବେ ନଗରପାଳ ବରିୟାମ ସିଂ ସାଲୁଜା, କଣ୍ଟାବାଞ୍ଜି ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ମାରାଣ୍ଡି, ମେଡିକାଲ ଅଫିସର ରାକେଶ ପଣ୍ଡିତ, ମାରୱାଡି ଯୁବା ମଞ୍ଚ ବିକାଶ ଶାଖାର ସଭାପତି ନିଖିଲ ଅଗ୍ରୱାଲ, ଡା. ଶାନ୍ତାନୁ ରାଉତ, ସଚିନ ମେହେର ପ୍ରମୁଖ ମଞ୍ଚାସିନ ଥିଲେ। ରକ୍ତଦାନ ଭଳି ମହାନ କାର୍ଯ୍ୟରେ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ। ଗତ ଏକବର୍ଷରେ ରକ୍ତଦାନ ଶିବିରର ଆୟୋଜିତ କରିଥିବା ବିଭିନ୍ନ ସଂଗଠନକୁ ଆଜିର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସଦସ୍ୟ ଆଶିଷ ଖୈତାନ ମଞ୍ଚ ପରିଚାଳନା କରିଥିବାବେଳେ ରକ୍ତଭଣ୍ଡାର କର୍ମଚାରୀ ସୁନୀତା ଭୋଇ, କୁନାଲ ଦାସ, ଶିବ ସାହୁ, ଦୁର୍ଗା ତାଣ୍ଡି, ପ୍ରଶାନ୍ତ ସାହୁ, ଗୁରୁବାରୁ ରଣା ସହ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର, କର୍ମଚାରୀ ସାମିଲ ହୋଇଥିଲେ।




# କରାଟେ ଓ ଟାଏକ୍ୱୋଣ୍ଡୋ ସଂଘର ସମର କ୍ୟାମ୍ପ ଉଦ୍‌ଯାପିତ



**ବଲାଙ୍ଗିର, ୧୪।୬(ସମିସ):** ବଲାଙ୍ଗିର ଜିଲ୍ଲା କରାଟେ ଓ ଟାଇକଣ୍ଡୋ ସଂଘର ମିଳିତ ଉଦ୍ୟମରେ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ଏକମାସ ଧରି ଚାଲିଥିବା ସମର କ୍ୟାମ୍ପ ଆଜି ଉଦ୍‌ଯାପିତ ହୋଇଛି। କରାଟେ ତଥା ଟାଇକଣ୍ଡୋ କୋଚ୍ ଅସୀମ ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ ନାଗ, ସମ୍ମାନିତ ଅତିଥି ଜିଲ୍ଲା କ୍ରୀଡ଼ାଧିକାରୀ ପରାଶର ବାଗ, ଫରେଷ୍ଟରେଞ୍ଜ ଅଫିସର ନବୀନ ପଣ୍ଡା, ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ସ୍କୁଲ ଓ କଲେଜରେ ସରକାରଙ୍କ ତରଫରୁ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ନିମ୍ନମାନର ହୋଇଥିବାରୁ ଏହାର ଉଚିତ ପ୍ରଶିକ୍ଷଣ ପାଇଁ ଉପଯୁକ୍ତ ଟ୍ରେନରର ବ୍ୟବସ୍ଥା କରାଯାଉ ବୋଲି ଅସୀମ ଭୋଇ ମୁଖ୍ୟଅତିଥି ତଥା ଜିଲ୍ଲା ପ୍ରଶାସନଠାରେ ଅନୁରୋଧ କରିଛନ୍ତି। ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ପ୍ରକୃତି ମିତ୍ର ପୁରସ୍କାରରେ ସମ୍ମାନିତ ହୋଇଥିବାରୁ ସମ୍ମାନିତ ଅତିଥି ଶ୍ରୀ ବାଗ ଓ ଶ୍ରୀ ପଣ୍ଡା ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ଅବହେଳିତ ଶୈବପୀଠ

# ପ୍ରକୃତି କୋଳରେ ପୂଜା ପାଉଛନ୍ତି ଜଳ ମହାଦେବ





ବଲାଙ୍ଗିର, ୧୪।୬(ସମିସ)

ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ବଲାଙ୍ଗିର ଜିଲ୍ଲା। ଜିଲ୍ଲାରେ ଆଦିବାସୀଙ୍କ ସଂଖ୍ୟା ଅଧିକ ରହିଥିବା ବେଳେ ତାଙ୍କ ପରମ୍ପରା, ସଂସ୍କୃତି ମଧ୍ୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଜିଲ୍ଲାର ଖପ୍ରାଖୋଲ ବ୍ଲକରେ ରହିଥିବା ପ୍ରସିଦ୍ଧ ଶୈବପୀଠ ହରିଶଙ୍କରରେ ଠାରେ ମଧ୍ୟ ଆଦିବାସୀ ପରମ୍ପରାର ଝଲକ ଦେଖିବାକୁ ମିଳିଥାଏ। ପ୍ରସିଦ୍ଧ ହରିଶଙ୍କର ଶୈବପୀଠ ନିକଟରେ ରହିଛି ଜଳମହାଦେବ ମନ୍ଦିର। ଯଦିଓ ପୀଠଟି ଅନାଲୋଚିତ ହୋଇ ରହିଛି କିନ୍ତୁ ସେହି ପୀଠରେ ଆଦିବାସୀ ସମ୍ପ୍ରଦାୟଙ୍କ ପରମ୍ପରାର ଝଲକ ମିଳିଥାଏ। ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଗର୍ଦ୍ଧମାର୍ଦ୍ଧନ ଜଙ୍ଗଲ ଭିତରେ ରହିଥିବା ଜଳମହାଦେବ ପୀଠରେ ମଧ୍ୟ ବିଭିନ୍ନ ସମୟରେ ଭିଡ ଦେଖିବାକୁ ମିଳିଥାଏ।

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ କନ୍ଦ୍ରାଭଟ୍ଟା ପଞ୍ଚାୟତ ଅଧିନରେ ଜଙ୍ଗଲ ଭିତରେ ରହିଛି ଜଳମହାଦେବ ମନ୍ଦିର। ଝରଣାର କୁଳୁକୁଳୁ ନାଦ ଭିତରେ ଅପାର ଶାନ୍ତି ପ୍ରାପ୍ତି ହୋଇଥାଏ। ଝରଣା କଡରେ ମୁଖ୍ୟ ଶିବ ମନ୍ଦିର ରହିଛି। ଝରଣାର ଆଉ ଏକ କଡ଼ରେ ରହିଛି ଆଦିବାସୀ ସମ୍ପ୍ରଦାୟଙ୍କ ଏକ ମନ୍ଦିର ମାଁ ଭୈରବୀଙ୍କ ମନ୍ଦିର। ଆଜି ବି ଏହି ମନ୍ଦିର କୁଡିଆ ହୋଇ ରହିଛି। ମା'ଙ୍କ ପ୍ରତି ଆଦିବାସୀଙ୍କ ପ୍ରଗାଢ ବିଶ୍ୱାସ ରହିଛି। ଏହି ସ୍ଥାନର ଆକର୍ଷଣ ହେଉଛି ଜଳମହାଦେବ ସ୍ଥଳ। ଯେଉଁ ସ୍ଥଳ ପାଇଁ ଏହି ପୀଠକୁ ଜଳ ମହାଦେବଙ୍କ ପୀଠ ନାମରେ ନାମିତ କରାଯାଇଛି। ମୁଖ୍ୟମନ୍ଦିର କଡରେ ବହିଯାଇଥିବା ଝରଣାକୁ ଲାଗି ରହିଛି ଏକ ଛୋଟ ପାଦଚଳା ରାସ୍ତା। ଏହି ରାସ୍ତାରେ ପାହାଡ଼ ଉପରକୁ ପ୍ରାୟ ଶହେ ମିଟର ଗଲେ ରହିଛି ଏକ ଗର୍ତ୍ତ ରହିଛି। ଉକ୍ତ ଗର୍ତ୍ତରେ ଝରଣା ପାଣି ସବୁବେଳେ ପଡ଼ିଥାଏ। ଗର୍ତ୍ତ ଭିତରେ ଏକ ଶିବଲିଙ୍ଗ ରହିଛି। ଗର୍ତ୍ତ ଭିତରକୁ ହାତ ପୂରାଇ ଭକ୍ତ ମାନେ ଶିବଲିଙ୍ଗ ସ୍ପର୍ଷ କରିଥାନ୍ତି। ମୁଖ୍ୟ ଶିବ ମନ୍ଦିରରେ ପ୍ରତି ସୋମବାର, ଶିବରାତ୍ରି, ଶିତଳଷଷ୍ଠୀ ପୂଜା ଅନୁଷ୍ଠିତ ହୋଇଥାଏ। ସ୍ଥାନୀୟ ଲୋକଙ୍କ ସହଯୋଗରେ ସବୁ ପୂଜା ଅନୁଷ୍ଠିତ ହୋଇଥାଏ। ସେହିପରି ଏହି ସ୍ଥାନରେ ଥିବା ମା' ଭୈରବୀଙ୍କ ଠାରେ ପ୍ରତି ଶନିବାର ଦିନ ଆଦିବାସୀମାନେ ପୂଜା କରିଥାନ୍ତି। ଅନେକ ମାନସିକଧାରୀ ପୀଠରେ ବଳି ମଧ୍ୟ ଦେଉଥିବା ଲୋକେ କହନ୍ତି। ପ୍ରକୃତିର ପାଦଦେଶରେ ଥିବା ପୀଠଟି ଜଙ୍ଗଲ ଭିତରେ ରହିଥିବାରୁ ଲୋକଲୋଚନକୁ ଆସି ପାରିନାହିଁ। ତଥାପି ଏହି ପୀଠ ବିଷୟରେ ଜାଣିଥିବା ଲୋକେ ହରିଶଙ୍କର ଆସିଲେ ନିହାତି ଭାବେ ଜଳମହାଦେବଙ୍କ ମଧ୍ୟ ଦର୍ଶନ କରିଥାନ୍ତି। ଏହା ଏକ ପ୍ରସିଦ୍ଧ ଶୈବପୀଠ ହୋଇଥିଲେ ମଧ୍ୟ ଅନେକ ସମସ୍ୟା ଦେଇ ଗତି କରୁଥିବା ଲୋକେ କହନ୍ତି। ଜଙ୍ଗଲ ପାହାଡ଼ ଭିତରେ ଶୈବପୀଠ ରହିଥିବାରୁ ଏହି ସ୍ଥାନକୁ ଯିବା ପାଇଁ ବଡ ସମସ୍ୟା ହେଉଛି ରାସ୍ତା ସମସ୍ୟା। କଚ୍ଚା ରାସ୍ତା ଦେଇ ଜଙ୍ଗଲ ପାରି ହେବାକୁ ପଡ଼ିଥାଏ ଫଳରେ ଅନେକ ଅଧାରୁ ଫେରିଯାଇଥାନ୍ତି। ସେହିପରି ଏହି ସ୍ଥଳକୁ ବଣଭୋଜୀ କରିବାକୁ ଆସୁଥିବା ଅସାମାଜିକ ବ୍ୟକ୍ତିଙ୍କ ଉତ୍ପାତ ଦିନକୁଦିନ ବୃଦ୍ଧି ପାଉଛି। କିନ୍ତୁ ସୁରକ୍ଷା ବ୍ୟବସ୍ଥା ନାହିଁ। ଶୌଚାଳୟ, ବିଶ୍ରାମଗୃହର ବ୍ୟବସ୍ଥା ନଥିବା ବେଳେ ମନ୍ଦିର ପରିଚାଳନା ପାଇଁ ସରକାରୀ ଉଦ୍ୟମ ମଧ୍ୟ ନାହିଁ। ଏହାର ସମାଧାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

ଧାନ ଚୋରା ଚାଲାଣ ରୋକିବାରେ ପ୍ରଶାସନ ବିଫଳ

# ୨ହଜାରରେ କିଣି ୩୧ଶହରେ ବିକୁଛନ୍ତି

**ଭବାନୀପାଟଣା, ୧୪।୬(ସମିସ):**



ଛତିଶଗଡ଼ରୁ ଓଡ଼ିଶାକୁ ବେଆଇନ ଭାବେ ଧାନ ଚୋରାଚାଲାଣ ରୋକିବାକୁ ଚଳିତ ରବିରେ କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ହୋଇଥିଲା; ହେଲେ ଏହା ସତ୍ତ୍ୱେ ମଧ ଛତିଶଗଡ଼ରୁ ଓ କଳାହାଣ୍ଡିକୁ ବେଆଇନ ଭାବେ ପ୍ରତିଦିନ ଟ୍ରକ ଓ ପିକ୍‌ଅପ୍ ଜରିଆରେ ଧାନ ଚୋରାଚାଲାଣ ହେଉଛି। ବର୍ତ୍ତମାନ ସୁଦ୍ଧା ଧାନ ଚୋରା ଚାଲାଣ ହେଉଥିବା ୬ଟି ପିକଅପକୁ ଯୋଗାଣ ବିଭାଗ ପକ୍ଷରୁ ଜବତ କରାଯାଇଛି। ଛତିଶଗଡ଼ରେ ରବି ଧାନମଣ୍ଡି ହେଉ ନ ଥିବାରୁ କଳାହାଣ୍ଡି ଜିଲ୍ଲାର ଛତିଶଗଡ଼ ସୀମାନ୍ତବର୍ତ୍ତୀ ଗ୍ରାମ ପର୍ଲା, କଦଳୀମୁଣ୍ଡା, ବେହେରାଗୁଡ଼ା, ଛଞ୍ଚାଣବାହିଲି, ସନ୍ଧିକୁଲିହାରି, ହଳଦୀପାନୀ, ବାରିକପଡ଼ା ଆଦି ଅଞ୍ଚଳର ଦଲାଲମାନେ ଗାଡ଼ିରେ ଛତିଶଗଡ଼ ରାଜ୍ୟର ଧାନ ବ୍ୟବସାୟୀଙ୍କଠାରୁ ୨ ହଜାରରେ ଧାନ କିଣି ନିଜ ଗୃହରେ ରଖି ମଣ୍ଡିମାନଙ୍କରେ ବିକ୍ରି କରିବା ସହିକିଛି ରାଇସମିଲ୍‌କୁ ନେଇ ଧାନ ନେଇ ବିକ୍ରି କରୁଥିବା ମଧ ଅଭିଯୋଗ ହେଉଛି। ଏହି ସୀମାନ୍ତବର୍ତ୍ତୀ ଗ୍ରାମ୍ୟ ରାସ୍ତାରେ ଏବେ ଚୋରା ବେପାରୀ ସକ୍ରିୟ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ସୀମାନ୍ତବର୍ତ୍ତୀ ରାସ୍ତାରେ ଅସ୍ଥାୟୀ ଚେକ୍‌ଗେଟ୍ କରାଯିବା ସହ ସିସିଟିଭି କ୍ୟାମେରା ମଧ ଲଗାଯାଇଛି। ଏପରିକି ଚୋରାଗାଡ଼ି ଜଗିବା ପାଇଁ ଆର୍‌ଏମ୍‌ସି ପକ୍ଷରୁ କର୍ମଚାରୀଙ୍କୁ ଦାୟିତ୍ୱ ମଧ ଦିଆଯାଇଛି। ତଥାପି ଚୋରା ଚାଲାଣ ରୋକିବାକୁ ପ୍ରଶାସନ ବିଫଳ ହୋଇଛି। ଗତ କିଛିଦିନ ତଳେ ଏହି ସୀମାନ୍ତ ରାସ୍ତାକୁ ଅତିକ୍ରମ କରି କିଛି ଗାଡ଼ି ମଣ୍ଡି ଓ ଲଦୁଗାଁ ରାଇସମିଲ୍‌କୁ ଯାଉଥିବା ବେଳେ ଧର୍ମଗଡ଼ ପ୍ରଶାସନ ପକ୍ଷରୁ ୪ଟି ଧାନବୋଝେଇ ବେଆଇନ ଗାଡ଼ି (ଓଡି ୦୮ ଭି ୩୯୨୯) ଓ (ଓଡି ୨୪ -୩୩୨୬) ସହ ଅନ୍ୟ ୨ଟିକୁ ଜବତ କରାଯାଇ ଧର୍ମଗଡ଼ର ଏକ ରାଇସ୍‌ମିଲ୍‌ରେ ଜିମା ଦିଆଯାଇଥିଲା। ସେହିପରି ଏଠାକାର କିଛି ମିଲର ଅର୍ଥ ଲାଳସାରେ ଛତିଶଗଡ଼ରୁ ଟ୍ରକ୍ ଯୋଗେ କୁଇଣ୍ଟାଲ ପିଛା ୨ହଜାର ଟଙ୍କାରେ ଚୋରା ଧାନ ଆଣି ଧର୍ମଗଡ଼ ଉପଖଣ୍ଡରେ ଥିବା ମଣ୍ଡିରେ ଚାଷୀଙ୍କ ନାମରେ ୩୧ଶହ ଟଙ୍କାରେ ବିକ୍ରି କରି ପୁଣି ନିଜ ମିଲକୁ ନେଉଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ସାହୁଙ୍କୁ ପଚାରିବାରୁ ଛତିଶଗଡ଼ରୁ କଳାହାଣ୍ଡିକୁ ଧାନ ଆସିବା କଥାକୁ ସ୍ୱୀକାର କରିଥିଲେ। ଏହି କାମକୁ କିଛି ଅସାଧୁ ଚାଷୀ କରୁଥିବା ସେ କହିଥିଲେ। ଛତିଶଗଡ଼ରୁ ଧାନ ଆଣି ସେମାନେ ଏଠାକାର ମଣ୍ଡିରେ ନିଜ ଟୋକନରେ ବିକ୍ରି କରୁଛନ୍ତି। ତେବେ ଚୋରା ଚାଲାଣ ରୋକିବାକୁ ବିଭିନ୍ନ ସମୟରେ ପାଟ୍ରୋଲିଂ କରାଯାଉଛି। ଧରା ପଡ଼ିଲେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

# ଭୋପାଳରେ କଣ୍ଠଶିଳ୍ପୀ ଲିପ୍‌ସା ମହାରଣା ସମ୍ବର୍ଦ୍ଧିତ



**ଭବାନୀପାଟଣା, ୧୪।୬(ସମିସ):** ଭୋପାଳରେ ରହୁଥିବା ପଶ୍ଚିମ ଓଡ଼ିଶାବାସୀଙ୍କ ପରିବାର ପକ୍ଷରୁ ନୂଆଖାଇ ଭେଟଘାଟ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ଏକ ୫୦ ଜଣିଆ କଳାକାର ଦଳ ସେମାନଙ୍କ କଳା ପ୍ରତିଭା ପ୍ରଦର୍ଶନ କରି ଶହଶହ ଦର୍ଶକଙ୍କ ହୃଦୟ ଜିତିଥିଲେ। ସୁବର୍ଣ୍ଣପୁର ଜିଲ୍ଲାର ରୁମକୁ ଝୁମା ସାଂସ୍କୃତିକ ଦଳ ଏହି କାର୍ଯ୍ୟକ୍ରମରେ ସେମାନଙ୍କ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ କଳାହାଣ୍ଡି ଜିଲ୍ଲାର ଲୋକପ୍ରିୟ କଣ୍ଠଶିଳ୍ପୀ ଲିପ୍‌ସା ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରମୋଦ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ସଭାପତି ଭାବଗ୍ରାହୀ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଦିଲ୍ଲୀପ ମିଶ୍ର, ବିଶ୍ୱଜିତ୍ ମାଝୀ, ରୀନା ମାଝୀ ଓ ଜ୍ୟୋତ୍ସ୍ନାମୟୀ ଧରୁଆ ପ୍ରମୁଖ ସହଯୋଗ କରିଥିଲେ।

# ଆଦିବାସୀ ଭବନର ଶୁଭ ଉଦ୍‌ଘାଟନ



ଭବାନୀପାଟଣା, ୧୪।୬(ସମିସ):କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଗଣ୍ଡ ବାଦୋପଲା ଗ୍ରାମରେ ଆଦିବାସୀ ଭବନ ଗୃହ ବିଧାୟକ ଲାଞ୍ଜିଗଡ଼ଙ୍କ ପ୍ରଦୀପ କୁମାର ଦିଶାରି କରକମଳରେ ଶୁଭ ଉଦ୍‌ଘାଟନ ହୋଇଯାଇଛି। ପ୍ରତିଷ୍ଠା ଉତ୍ସବରେ ମାଳବିକା ଦେବୀ ସାଂସଦ କଳାହାଣ୍ଡି ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ରାଜ୍ୟସଭା ସାଂସଦ ସୁଜିତ୍ କୁମାର ସେଠ୍, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଷି, ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ, ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘ ଅଧକ୍ଷ ଗଙ୍ଗାଧର ମାଝୀ, କଳାହାଣ୍ଡି ଆଦିବାସୀ ସଂଘ ସଭାପତି ପ୍ରକାଶ ଚନ୍ଦ୍ର ମାଝୀ, ସମ୍ପାଦକ ରତୁରାଜ ମାଝୀ ସମେତ ଆଦିବାସୀ ସମାଜର କର୍ମକର୍ତା ଓ ସଦସ୍ୟ ମାନେ ଉପସ୍ଥିତ ରହିଥିବା ବେଳେ, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରି ସମସ୍ତ ଆଦିବାସୀ ସମାଜର କର୍ମକର୍ତ୍ତାଙ୍କୁ ଉନ୍ନତି ଦିଗରେ କାମନା କରିବା ସହ ସମାଜର ଲୋକମାନେ ଏକତ୍ରିତ ହୁଅ ଏବଂ ସଂଗଠନକୁ ଆହୁରି ତୃଣମୂଳସ୍ତରରୁ ମଜବୁତ୍ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିବା ବେଳେ, ରାଜ୍ୟସଭା ସାଂସଦ ସୁଜିତ୍ କୁମାର ଆଦିବାସୀ ସମାଜକୁ ତାଙ୍କ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଦେବା ପାଇଁ ଘୋଷଣା କରିଥିଲେ।

# ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ପେନ୍‌ସନ୍ ଅଦାଲତ

**ଭବାନୀପାଟଣା, ୧୪।୬(ସମିସ):** ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ କଳାହାଣ୍ଡି ପକ୍ଷରୁ ପେନସନ ଅଦାଲତ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲାର ସମସ୍ତ ବ୍ଲକରେ ବିଭିନ୍ନ କାରଣରୁ ଦୀର୍ଘ ଦିନ ଧରି ପଡ଼ି ରହିଥିବା ପେନସନ ଆବେଦନର ଶୁଣାଣି କରାଯାଇ ତୁରନ୍ତ ଫଇସଲା କରାଯାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ପେନସନ ଅଦାଲତରେ ସମସ୍ତ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ପ୍ରକଳ୍ପ କାର୍ଯ୍ୟାଳୟ କର୍ମଚାରୀ, ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ ଓ ତାଙ୍କ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୋଟ ୨୬ଟି ପେନସନ ମାମଲାର ବିଚାର କରାଯାଇ ଫଇସଲା କରାଯାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ କଳାହାଣ୍ଡି ଆସନ୍ତା ଏକ ମାସ ମଧ୍ୟରେ ସମସ୍ତ ବିଚାରାଧୀନ ପେନସନ ମାମଲାକୁ ଫଇସଲା କରି ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ କରିବାକୁ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ ଓ କର୍ମଚାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

# ଧର୍ମଗଡ଼ରେ ଆଦ୍ୱିକା କିଶୋରୀ ସୁଭଦ୍ରା ଉତ୍ସବ



**ଧର୍ମଗଡ଼, ୧୪।୬(ସମିସ):**ଧର୍ମଗଡ଼ ଶିଶୁବିକାଶ ପ୍ରକଳ୍ପ ପକ୍ଷରୁ କଲ୍ୟାଣ ମଣ୍ଡପ ଠାରେ ଆଦ୍ୱିକା କିଶୋରୀ ସୁଭଦ୍ରା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରଜ ଅବସରରେ ସରକାରଙ୍କ ଏକ ନୂଆ ଯୋଜନା ଏଥିରେ କିଶୋରୀ ବାଳିକାଙ୍କ ମାନସିକ ସ୍ତରର ଅଭିବୃଦ୍ଧି ଓ କଳା ସଂସ୍କୃତି ମାଧ୍ୟମରେ ଲୁଚି ରହିଥିବା ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ଏକ ପ୍ରୟାସ ବୋଲି ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଯୋଗ ଦେଇ ନିଜ ଅଭିଭାଷଣ ରେ କହିଥିଲେ।ସମ୍ମାନିତ ଅତିଥି ଭାବେ ପ୍ରୋଜେକ୍ଟ ଅଧିକାରୀ ଫୁଲଝେନସିଆ ସୋରେନ, ବିଧାୟକ ପ୍ରତିନିଧି ହିମାଂଶୁ ଶେଖର ପଣ୍ଡା, ଡ଼ଃ ସୁଶୀଲ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିବା ବେଳେ କାର୍ଯ୍ୟକ୍ରମର ସଭାପତିତ୍ୱ ଶିଶୁ ବିକାଶ ଅଧିକାରୀ ଧରିତ୍ରୀ ପାଣିଗ୍ରାହୀ କରିଥିଲେ।ଏଥିରେ କିଶୋରୀ ବାଳିକାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ କିଶୋରୀ ବାଳିକାଙ୍କୁ ପୁରସ୍କାର ବିତରଣ କାରାଯାଇଥିଲା।କାର୍ଯ୍ୟକ୍ରମରେ ଶିଶୁ ବିକାଶ ପ୍ରକଳ୍ପ ଅଧିନ ବିଭିନ୍ନ କେନ୍ଦ୍ରର ଅଙ୍ଗନବାଡି କର୍ମୀ ସମେତ ଅନେକ କିଶୋରୀ ବାଳିକାଙ୍କ ଉପସ୍ଥିତ ଥିଲେ।

# ମୁକୁଳା ଟ୍ରାନ୍ସଫର୍ମର ହେଲା କାଳ, ୨ବଳଦ ମୃତ

ଧର୍ମଗଡ଼, ୧୪।୬(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବୃନ୍ଦାବାହଲ ପଞ୍ଚାୟତ ବିଶିପଡ଼ା ଗ୍ରାମରେ ମୁକୁଳା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଦୁଇ ବଳଦର ମୃତ୍ୟୁ ଘଟିଛି। ସୂଚନାମତେ ଉକ୍ତ ବଳଦ ବିଶିପଡ଼ା ଗ୍ରାମର ସୁଶାନ୍ତ ବିଶି ଓ ରାଧାକାନ୍ତ ବିଶିର ଦୁଇଟି ବଳଦ ବୋଲି ଜଣାପଡ଼ିଛି। ଗ୍ରାମବାସୀ ଦୀର୍ଘ ଦିନ ହେଲା ମୁକୁଳା ଟ୍ରାନ୍ସଫର୍ମର ବିଷୟରେ ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ ମଧ ଉକ୍ତ ମୁକୁଳା ଟ୍ରାନ୍ସଫର୍ମର ବିପଦ ସଂକୁଳ ଅବସ୍ଥାରେ ପଡ଼ିରହିଛି। ଗାଁକୁ ପ୍ରବେଶ କରିବା ବାଟରେ ରାସ୍ତା କଡରେ ବିପଦ ସଂକୁଳ ଭାବରେ ରହିଅଛି। ଦୈନନ୍ଦିନ ଅନେକ ଲୋକ ଉକ୍ତ ରାସ୍ତା ଦେଇ ଯିବା ଆସିବା କରିବା ରେ ମଧ ନିଜକୁ ସୁରକ୍ଷିତ ମାନୁନାହାଁନ୍ତି। ଅନ୍ୟପଟେ ସେହି ରାସ୍ତା ଦେଇ ସ୍କୁଲ ଛାତ୍ରଛାତ୍ରୀ ମଧ ଯିବା ଆସିବା କରୁଛନ୍ତି। ଫଳରେ ଅନେକଥର ଗ୍ରାମବାସୀ ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ ହେଁ କୌଣସି ପ୍ରତିକାର ହାତକୁ ବିଭାଗ ନେଇନଥିବା ଦେଖିବାକୁ ମିଳିଛି। ଫଳରେ ଆଜି ଦୁଇ ନୀରିହ ବଳଦଙ୍କ ମୃତ୍ୟୁ ହୋଇଛି। ତୁରନ୍ତ ବଳଦ ମାଲିକଙ୍କୁ କ୍ଷତିପୂରଣ ଦେବା ଓ ମୁକୁଳା ପଡ଼ିଥିବା ଟ୍ରାନ୍ସଫର୍ମରରେ ସୁରକ୍ଷା ବାଡ଼ ଦେବା ପାଇଁ ଦାବି ହେଉଛି।

# ବିକଶିତ ଭାରତ, ବିକଶିତ ଓଡ଼ିଶାର ସଂକଳ୍ପ ସଭା

ମ.ରାମପୁର, ୧୪।୬(ସମିସ): ବିଜେପି କଳାହାଣ୍ଡି ତରଫରୁ ମ.ରାମପୁର ଶିବ ମନ୍ଦିର ପ୍ରାଙ୍ଗଣରେ ମ.ରାମପୁର ମଣ୍ଡଳ ସଭାପତି ଯଜ୍ଞସେନ ପଣ୍ଡାଙ୍କ ସଭାପତିତ୍ୱରେ ବିକଶିତ ଭାରତ, ବିକଶିତ ଓଡ଼ିଶା ର ସଂକଳ୍ପ ସଭା ଆଜି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ପଦ୍ମ ଲୋଚନ ମିଶ୍ର, ବକ୍ତା ଭାବେ ବରିଷ୍ଠ ବିଜେପି ନେତା ଶ୍ରୀକାନ୍ତ ହୋତା ଓ ସଂଯୋଜକ ଘନଶ୍ୟାମ ଗହୀର, ମୋହନଗିରି ମଣ୍ଡଳ ପ୍ରଭାରୀ ଖୁସିରାମ ସାହୁ, ମଣ୍ଡଳ ପ୍ରତିନିଧି ପ୍ରତାପ ଚନ୍ଦ୍ର ରଣା, କୃଷକ ମୋର୍ଚ୍ଚା ଉପସଭାପତି ଦିବାକର ବାଗ ପ୍ରମୁଖ ମଞ୍ଚାସୀନ ରହି କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ସନ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ବିକଶିତ ଭାରତର ଅମୃତ ମୁହୂର୍ତ୍ତ ରେ ସେବା ସୁଶାସନ ଓ ଗରୀବ କଲ୍ୟାଣ ଯୋଜନା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଦେବଦତ୍ତ ପ୍ରହରାଜ ମଞ୍ଚ ପରିଚାଳନା ଓ ସଂଯୋଜକ ବିଜୟ କୁମାର ମହାଖୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଜେପି ଦଳର ଯୁବ କାର୍ଯ୍ୟ କର୍ତ୍ତାମାନେ ସହଯୋଗ କରିଥିଲେ। ବିଭିନ୍ନ ପଞ୍ଚାୟତରୁ ଦୁଇ ଶହରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ।

# ନୂଆପଡ଼ାରେ ବିଶ୍ୱ ରକ୍ତଦାତା ଦିବସ

ନୂଆପଡ଼ା, ୧୪।୬(ସମିସ):ନୂଆପଡ଼ାରେ ଜିଲ୍ଲାସ୍ତରୀୟ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ରାଲି ବାହାରି ଏକତା ଛକ ଦେଇ ନ୍ୟାସନାଲ ହାଇସ୍କୁଲଠାରେ ପହଞ୍ଚିଥିଲା। ଜିଲ୍ଲାପାଳ ମଧୁସୂଦନ ଦାସ ନେତୃତ୍ୱ ନେଇଥିବା ରାଲିରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର କର୍ମଚାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ସ୍ୱେଚ୍ଛାସେବୀ, ଛାତ୍ର ଛାତ୍ରୀ, ନୂଆପଡ଼ା ଷ୍ଟୁଡେଣ୍ଟସ ରକ୍ତ ଦାତା ସଂଘ, ରାଜସ୍ୱ ବିଭାଗ, ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀ ସାମିଲ ଥିଲେ। ପରେ ନ୍ୟାସନାଲ ହାଇସ୍କୁଲରେ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଏହାକୁ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ଉଦ୍‌ଘାଟନ କରିଥିଲେ।ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ ମନୋଜ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସଚେତନତା ସଭା କାର୍ଯ୍ୟରେ ଜିଲ୍ଲାପାଳ ମଧୁସୂଦନ ଦାସ ମୁଖ୍ୟଅତିଥି ରୂପେ ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ସିଡିଓ ଲମ୍ବୋଦର ଧରୁଆ, ଏଡିଏମ ସୁବାଷ ଚନ୍ଦ୍ର ରଇତ, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ମନୋଜ କୁମାର ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ତତ୍ୱାବଧାରକ ଡା. ଲଳିତ ମୋହନ ବିଶି, ଡିପିଏମ ସତ୍ୟନାରାୟଣ ତ୍ରିପାଠୀ, ଜିଲ୍ଲା କୋଷାଗର ଅଧିକାରୀ ମର୍ଦରାଜ ମହାଲିଙ୍ଗ, ନ୍ୟାସନାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୁଲାପ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଜିଲ୍ଲାପାଳଙ୍କ ସମେତ ସମସ୍ତ ଅତିଥି କର୍ମଶାଳାର ସମସ୍ତ ଯୁବଗୋଷ୍ଠୀ ତଥା ରକ୍ତଦାନ ଶିବିରର ଆୟୋଜକ ଷ୍ଟୁଡେଣ୍ଟସ ମହାସଂଘର କର୍ମ କର୍ତ୍ତା ମାନଙ୍କୁ ଏହି ସାଧୁ ଉଦ୍ୟମ ସବୁବେଳେ ଚାଲୁ ରଖିବାକୁ ଆହ୍ୱାନ ଦେଇଥିଲେ। ଶିବିରରେ ସିଆରପିଏଫ କମାଣ୍ଡେଣ୍ଟ ଏରିକ ଗିଲବର୍ଟ ଜୋସେଫ ନିଜେ ରକ୍ତଦାନ କରିବା ସହିତ ଅନ୍ୟ ୪ ଜଣ ଯବାନ ମଧ ରକ୍ତଦାନ କରିଥିଲେ। ସମୁଦାୟ ୫୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ କିଶୋର ଚନ୍ଦ୍ର ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● ୧୮ ରୁ ଆନ୍ଦୋଳନ ପାଇଁ ଲାଗିଲା ପୋଷ୍ଟର

# ବିଭିନ୍ନ ସମସ୍ୟା ନେଇ ସଚେତନ ନାଗରିକ ମଞ୍ଚର ରଣ ହୁଙ୍କାର

କେସିଙ୍ଗା, ୧୪।୬(ସମିସ): କେସିଙ୍ଗା ଓ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ସରକାରୀସ୍ତରରେ ପହଞ୍ଚାଇବା ପାଇଁ ବିଗତ କିଛି ବର୍ଷ ତଳେ ସହର ବୁଦ୍ଧିଜୀବୀଙ୍କୁ ନେଇ ଗଠିତ କେସିଙ୍ଗା ସଚେତନ ନାଗରିକ ମଞ୍ଚ ଅନେକ ଥର ଏନଏସି କାର୍ଯ୍ୟନିର୍ବାହୀଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଦାବିପତ୍ର ପ୍ରଦାନ କରିଥିଲେ। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ଆସନ୍ତା ୧୮ ତାରିଖ ଠାରୁ ଅନିର୍ଦ୍ଧିଷ୍ଟ ହରତାଳ ପାଇଁ ସହରରେ ପୋଷ୍ଟର ଲଗାଇଛି। ପୋଷ୍ଟରରେ ୧୦ ପ୍ରମୁଖ ଦାବି ଗୁଡିକୁ ସ୍ଥାନ ଦେଇଥିବା ବେଳେ ମୁଖ୍ୟଦାବି ଗୁଡ଼ିକ ହେଉଛି ଚାରି ଦଶନ୍ଧି ଧରି ବନ୍ଦ ପଡ଼ିଥିବା କୋଣାର୍କ ସୂତାକଳର ପୁନରୁଦ୍ଧାର, କେସିଙ୍ଗାରୁ ରାଜଧାନୀ ପାଇଁ ସିଧାସଳଖ ଟ୍ରେନ ଚଳାଚଳ ବ୍ୟବସ୍ଥା, ଟ୍ରାଫିକ ସମସ୍ୟାରୁ ମୁକ୍ତି ପାଇଁ କନ୍ଡେସିରରୁ




ଯୋଲକୋ ପର୍ଯ୍ୟନ୍ତ ବାଇପାସ ରାସ୍ତା, କେସିଙ୍ଗା ପୌରପରିଷଦକୁ ଯଥାଶୀଘ୍ର ମ୍ୟୁନିସିପାଲଟି ଘୋଷଣା, କେସିଙ୍ଗା ବ୍ଲକ ତୁର୍ଲାଖମନରେ ହେବାକୁ ଥିବା ବହୁମୁଖି ତେଲ ବ୍ୟାରେଜକୁ ତୁରନ୍ତ କାର୍ଯ୍ୟକାରୀ, କେସିଙ୍ଗା ମଧ ଭାଗରେ ଥିବା ବୁଢାଡଙ୍ଗର ପାହାଡ଼ର ସୌନ୍ଦର୍ଯ୍ୟକରଣ ସହିତ ପାହାଡ଼ପାଦ ଦେଶରେ ରହୁଥିବା ୱାର୍ଡ ନ ୧୦, ୧୧ ଓ ୧୨ ରେ ରହୁଥିବା ଜନସାଧାରଣ ଙ୍କୁ ଆବାସର ବ୍ୟବସ୍ଥା, ସହରର ମଧ ଭାଗରେ ଥିବା ତେଲ ଓ ରେତ ନଦୀର ସଙ୍ଗମ ସ୍ଥଳୀକୁ ପର୍ଯ୍ୟଟନସ୍ଥଳୀ ର ମାନ୍ୟତା ପ୍ରଦାନ କରି ଉନ୍ନତିକରଣ ଏବଂ ମଞ୍ଜୁର ହୋଇଥିବା କେସିଙ୍ଗା ଭବାନୀପାଟଣା ରେଳ ପ୍ରକଳ୍ପକୁ ଅତି ଶୀଘ୍ର ଆରମ୍ଭ କରିବା ପାଇଁ ଦାବି ନେଇ ଆନ୍ଦୋଳନର ଡାକରା ଦେଇଛି ସଚେତନ ନାଗରିକ ମଞ୍ଚ। ପ୍ରକାଶ ଥାଉକି ନାଗରିକ ମଞ୍ଚ ସଭାପତିଙ୍କ ନେତୃତ୍ୱରେ ଗତ ୧୫ ମଇ ରେ ଆନ୍ଦୋଳନର ଚେତାବନୀ ଦେଇ ସ୍ଥାନୀୟ କାର୍ଯ୍ୟନିର୍ବାହୀଙ୍କ ଜରିଆରେ ଜିଲ୍ଲାପାଳ ଓ ସ୍ଥାନୀୟ ଆଦର୍ଶ ଥାନା ଅଧିକାରୀଙ୍କ ପାଖକୁ ଆନ୍ଦୋଳନ ବିଷୟରେ ଜଣାଇ ଦିଆଯାଇଛି ବୋଲି ସଭାପତି ପ୍ରକାଶ କରିଛନ୍ତି।ମଞ୍ଚ ସଭାପତି ଉତ୍ତର ମହଲା ସହରର ସମସ୍ୟାକୁ ନେଇ ହେଉଥିବା ଉକ୍ତ ହରତାଳରେ ସହରବାସୀଙ୍କ ସମେତ ବୁଦ୍ଧିଜିବୀ, ସମସ୍ତ ସଂଗଠନ, ଗଣମାଧମ ପ୍ରତିନିଧିମାନେ ଯୋଗ ଦେବା ପାଇଁ ଅନୁରୋଧ କରିଛନ୍ତି। ଆନ୍ଦୋଳନ ୧୮ ତାରିଖ ସକାଳୁ ସ୍ଥାନୀୟ ପୁରୁଣା ଷ୍ଟେଟବ୍ୟାଙ୍କ ରାଜୀବଗାନ୍ଧି ଛକ ଠାରେ ଅନୁଷ୍ଠିତ ହେବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

# ଲୋକଙ୍କୁ ବାଟରେ ଅଟକାଇ ଡକାୟତି, ୩ ଗିରଫ



**ଥୁଆମୂଳ ରାମପୁର, ୧୪।୬(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାପାଟ ଥାନା ଅନ୍ତର୍ଗତ ପେରମଞ୍ଜି ରାସ୍ତାରେ ଲୋକଙ୍କୁ ଛୁରି ଦେଖାଇ ଡ଼କାୟତି କରି ଲୁଟ କରିବା ଅଭିଯୋଗରେ କର୍ଲାପାଟ ପୁଲିସ ୩ ଜଣ ଦୁର୍ବୃତ୍ତଙ୍କୁ ଗିରଫ କୋର୍ଟ ଚାଲାଣ କରିଛି। ଗିରଫ ୩ ଜଣ ପୁଲିଂପଦର ଗ୍ରାମର ବୋଲି ଜଣାପଡ଼ିଛି।ଏମାନେ ହେଲେ ପ୍ରବୀଣ ମାଝୀ(୨୩), ଅକ୍ଷୟ ମାଝୀ(୨୦) ଏବଂ ରୋହିତ ମାଝୀ(୧୯)।ଏହି ତିନି ଜଣ ଯୁବକ ସାଇସୁରୁନି-ପେରମଞ୍ଜି ରାସ୍ତାର ହୁଁକାର୍ ସିଲ୍ ଘାଟିର ଜଙ୍ଗଲୀ ରାସ୍ତାରେ ଠିଆ ହୋଇ ଯିବା ଆସିବାଲୋକଙ୍କୁ ଅଟକାଇବା ସହିତ ଛୁରି ଦେଖାଇ ଟଙ୍କା ପଇସା, ଗହଣା ଲୁଟ କରିବା ସହ ମାଡ଼ ମାରି ଲହୁଲୁହାଣ କରୁଥିଲେ। ଶୁକ୍ରବାର ସାଇସୁରୁନି ଗ୍ରାମର ମୋହନ ରେଲି ନାମକ ଜଣେ ଯୁବକ ଭବାନୀପାଟଣା ଠାରୁ ନିଜ ଗାଁକୁ ଫେରୁଥିବା ବେଳେ ଅଟକାଇ ଲୁଟ୍ ଉଦ୍ୟମ କରିବା ସହିତ ମାଡ ମାରିଥିଲେ ଏବଂ ଧାରୁଆ ଅସ୍ତ୍ରରେ ମଧ ଆକ୍ରମଣ କରୁଥିବା ସମୟରେ ସ୍ଥାନୀୟ କିଛି ଯୁବକ ଦେଖି ତୁରନ୍ତ କର୍ଲାପାଟ ପୁଲିସକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଘଟଣାର ତଦନ୍ତ କରିବା ସହିତ ଆହତ ମୋହନଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ଏନେଇ ଗୁଣପୁର ପଞ୍ଚାୟତର ସମିତି ସଭ୍ୟାଙ୍କ ସ୍ୱାମୀ କର୍ଲାପାଟ ଥାନାରେ ଅଭିଯୋଗ କରିଛନ୍ତି। କର୍ଲାପାଟ ପୁଲିସ କେଶ ନଂ୧୫/୨୫ ରେ ୩ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କର୍ଲାପାଟର ଭାରପ୍ରାପ୍ତ ଥାନା ଅଧିକାରୀ ଶ୍ରୀକାନ୍ତ କାଲୁକା ଘଟଣାର ତଦନ୍ତ ଭାର ନେଇଥିବା ବେଳେ ତଦନ୍ତ ପ୍ରକ୍ରିୟା ଜାରି ରହିବ ବୋଲି ପ୍ରକାଶ କରିଛନ୍ତି। ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଏଭଳି ଘଟଣା ଘଟୁଥିବା ବେଳେ ବର୍ତ୍ତମାନର ଏଇ ଘଟଣା ପରେ ଯାତାୟତ କରୁଥିବା ଲୋକଙ୍କ ଭିତରେ ଭୟ ସୃଷ୍ଟି ହେଉଥିବା ବେଳେ ପୋଲିସ ପେଟ୍ରୋଲିଂ ଜରୁରୀ ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଭାଲୁ ଆକ୍ରମଣରେ ଦୁଇ ଗୁରୁତର

**ନୂଆପଡ଼ା/କୋମନା, ୧୪।୬(ସମିସ):** ନୂଆପଡ଼ା ଜିଲ୍ଲା କୋମନା ଥାନା ଅନ୍ତର୍ଗତ ସୋସେଙ୍ଗ ଗାଁରେ ଭାଲୁ ଆକ୍ରମଣରେ ଦୁଇ ଜଣ ଯୁବକ ଗୁରୁତର ହୋଇଛନ୍ତି। ଆହତ ଯୁବକମାନେ ଦିଗଚନ ମାଝି(୩୬) ଓ ଅମଳ ମାଝି(୩୭)। ଦୁହେଁ ଗାଁ ନିକଟ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିଲେ। ଏକ ଭାଲୁ ତାର ଛୁଆ ସହ ବୁଲୁଥିବା ବେଳେ ଯୁବକଙ୍କ ଉପରକୁ ଅତର୍କିତ ଆକ୍ରମଣ କରିଥିଲେ। ଏହି ଖବର ପାଇ ଗାଁ ଲୋକେ ଦୁଇ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଛନ୍ତି। ଦୁଇ ଯୁବକଙ୍କୁ ଚିକିତ୍ସା ପାଇଁ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଭର୍ତ୍ତି କରି ଚିକିତ୍ସା କରାଯାଉଛି। ଖବର ବନ୍ୟପ୍ରାଣୀ ବିଭାଗ ଏସିଏଫ ସଞ୍ଜୀବ ବନଗୋଲାଙ୍କ ନେତୃତ୍ୱରେ ଏକ ବନ ବିଭାଗ ଟିମ୍ ସୁନାବେଡ଼ା ଅଭୟାରଣ୍ୟ ସୋସେଙ୍ଗ ଗସ୍ତ କରି ପରିସ୍ଥିତିର ଅନୁଧ୍ୟାନ କରିଛନ୍ତି।


ଆଶାକର୍ମୀଙ୍କୁ ଦୁଷ୍କର୍ମ ଉଦ୍ୟମ ଘଟଣା

# ୯ ଦିନ ପରେ ମଧ ପୁଲିସର କାର୍ଯ୍ୟାନୁଷ୍ଠାନ ଶୂନ୍

**କୋକସରା, ୧୪।୬(ସମିସ):**



କୋକସରା ଥାନା ଅଞ୍ଚଳର ଜଣେ ଆଶାକର୍ମୀଙ୍କୁ ଦୁଷ୍କର୍ମ ଉଦ୍ୟମ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ତେବେ ଅଭିଯୋଗର ୯ ଦିନ ବିତିଯାଇଥିଲେ ସୁଦ୍ଧା ପୁଲିସ ମାମଲା ରୁଜୁ କରି ଚୁପ୍ ବସିଛି। ଅଭିଯୁକ୍ତ ଯୁବକଙ୍କୁ ଗିରଫ କରାଯାଇ ନ ଥିବାରୁ ଆଶା କର୍ମୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ଶୁକ୍ରବାର ପୀଡ଼ିତା ସମେତ କୋକସରା ଆଶା କର୍ମୀ ସଂଘ ଥାନା ଅଧିକାରିଣୀଙ୍କୁ ସାକ୍ଷାତ କରିଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ସେମାନେ ଦାବି କରିଛନ୍ତି। ନ ଚେତ୍ ଆଗକୁ ଆନ୍ଦୋଳନ ସହ ଥାନା ଘେରଉ କରିବା ପାଇଁ ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁସାରେ, ଗତ ୨ ତାରିଖ ଦିନ ପୀଡ଼ିତା ଆଶାକର୍ମୀ ଜନ୍ମ ସାର୍ଟିଫିକେଟ ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ତେବେ ଆଶାକର୍ମୀ ଜଣକ ଶୌଚାଳୟ ଯାଇଥିବାବେଳେ କୋକସରା ଗ୍ରାମର ଜଣେ ଯୁବକ ଜବରଦସ୍ତି ଶୌଚାଳୟକୁ ପଶି ଆଶାକର୍ମୀଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିଲେ। ଏହାପରେ ସେ ପାଟି କରି କୌଣସି ମତେ ସେଠାରୁ ଚାଲି ଆସିଥିବା ପୀଡ଼ିତା ଆଶାକର୍ମୀ ପ୍ରକାଶ କରିଛନ୍ତି। ଏନେଇ ଗତ ୪ ତାରିଖରେ ପୀଡ଼ିତା ଆଶା କର୍ମୀ କୋକସରା ଥାନାରେ ସମ୍ପୃକ୍ତ ଯୁବକଙ୍କ ନାଁରେ ଏତଲା ଦେଇଥିଲେ। ଅଭିଯୋଗ ପରେ ପୁଲିସ ଏକ ମମଲା ରୁଜୁ କରିଛି; ହେଲେ ଅଭିଯୋଗର ୯ ଦିନ ବିତିଯାଇଥିଲେ ସୁଦ୍ଧା ପୁଲିସ ସମ୍ପୃକ୍ତ ଯୁବକଙ୍କୁ ଧରିବାରେ ସଫଳ ହୋଇପାରି ନାହିଁ। ଏନେଇ ଆଜି ଆଶା ଓ ତାଙ୍କ ସାଥି ଆଶାକର୍ମୀମାନେ ଏକଜୁଟ ହୋଇ କୋକସରା ଥାନାରେ ପହଞ୍ଚି ଆଇଆଇସିଙ୍କୁ ସାକ୍ଷାତ କରିଛନ୍ତି। ସମ୍ପୃକ୍ତ ଯୁବକ ଗାଁରେ ବୁଲାବୁଲି କରୁଥିବା ସତ୍ତ୍ୱେ କାହିଁକି ଗିରଫ କରାଯାଉନାହିଁ ବୋଲି ପ୍ରଶ୍ନ କରିଥିଲେ। ଏହାପରେ ପୁଲିସ ସମ୍ପୃକ୍ତ ଯୁବକଙ୍କୁ ଧରିବା ପାଇଁ ଖୋଜାଖୋଜି ଆରମ୍ଭ କରିଥିଲେ ସୁଦ୍ଧା ତା'ର କୌଣସି ଟେର ପାଇ ନ ଥିବା ଜଣାପଡ଼ିଛି। ଅନ୍ୟପଟେ ଆଶା ସଂଘ ପକ୍ଷରୁ ସମ୍ପୃକ୍ତ ଯୁବକଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଆନ୍ଦୋଳନ କରିବା ପାଇଁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଣେ କୋକସରା ଥାନା ଅଧୀକାରିଣୀ ସ୍ନିଗ୍ଧାରାଣୀ ସୁନା କହିଛନ୍ତି ଯୁବକଙ୍କୁ ଧରିବା ପାଇଁ ଯୋଜନା କରାଯାଇଛି। ଶୀଘ୍ର ଧରାଯିବ ବୋଲି ପ୍ରକାଶ କରିଛନ୍ତି।



# ଛେଉଣ୍ଡ



ଅନୀଲ କୁମାର ପଣ୍ଡା

ଆଖିରୁ ବହି ଆସୁଥିବା ଲୁହକୁ ତରବରରେ ପୋଛି ଦେଉଥାଏ ବବୁଲ । କାଳେ କିଏ ଦେଖି ଦବ ଭାବି, ବାଥରୁମ୍‌ରେ ପଶିଗଲା । ତା' କାନ୍ଦିବାର ଶବ୍ଦକୁ କିନ୍ତୁ ସେ ନିଜ ଭିତରେ ଚାପି ରଖୁଛି । ମନରେ ଭୟ କାଳେ କିଏ ଜାଣି ଦେବ ।

ହେତୁ ପାଇବା ବେଳକୁ ଯାହାକୁ ବୋଉ ବୋଲି ଡାକୁଥିଲା, ପ୍ରକୃତରେ ସେ ହେଉଛି ତା'ର ପିଉସୀ । ତାଙ୍କରି କୋଳରେ ବବୁଲ ବଡ଼ ହେଉଥିଲା । ବବୁଲକୁ ଦେଖିବାକୁ ଜଣେ କଳା ଓ ଡେଙ୍ଗା ମଣିଷ ପ୍ରତ୍ୟେକ ସପ୍ତାହରେ ଆସନ୍ତି । ସେ ହିଁ ବବୁଲର ବାପା । ବାପା ଶବ୍ଦର ଅର୍ଥ ବୁଝିବାର ସାମର୍ଥ୍ୟ ତା'ପାଖରେ ନଥିଲା । ମୁହଁରେ ହସ ନଥିବା ଗୋଟେ ମଣିଷ । ସବୁବେଳେ ଆଖି ଦୁଇଟି ଲାଲ । ସେ ଆସନ୍ତି, ପିଉସୀ ସହ କଥାବାର୍ତ୍ତା ହୁଅନ୍ତି, ଆଉ ଚାଲି ଯାଆନ୍ତି । ବାପା କେତେବେଳେ ତାକୁ ଗେଲ କରିବାର ସେ ଜାଣି ନାହିଁ । କେତେବେଳେ କୋଳେଇ ନେବାର ତା'ର ମନେ ନାହିଁ । ତଥାପି ବାପା ଶବ୍ଦର ମାଧୁର୍ଯ୍ୟ ତାକୁ ବାନ୍ଧି ପକାଉଥାଏ । ବାପାଙ୍କୁ ସବୁବେଳେ ଦେଖୁଥିବା ବବୁଲ ଟିକେ ବଡ଼ ହେବା ପରେ ମାଆକୁ ଖୋଜିଲା । ପିଉସୀଙ୍କୁ ପଚାରିଲା । ବାପାଙ୍କୁ ପଚାରିଲା । ଉତ୍ତର ପାଇନଥିଲା ।

ପିଉସୀର ବାରଣ ସତ୍ତ୍ୱେ ବବୁଲ ବାପାଙ୍କ ସହ ଯିବା ପାଇଁ ଜିଦ୍ କଲା । ବାଧ୍ୟରେ ବାପା ତାକୁ ନେଇ ଚାଲି ଆସିଲେ । ତା' ପାଇଁ ଗୋଟେ ନୂଆ ଗାଁ, ତା' ଭିତରେ ଗୋଟେ ପୁରୁଣା ଘର । ଦାଣ୍ଡ କବାଟ ଖୋଲି ଭିତରକୁ ପଶିବା ବେଳକୁ ଖାଲି ଅନ୍ଧାର । ଅଗଣାରେ ପଡୁଥିବା ସୂର୍ଯ୍ୟ କିରଣରେ ସେ ଝାପ୍‌ସା ଭାବେ ଦେଖୁଥିଲା କୋଠରିଗୁଡ଼ିକକୁ । ସବୁ ଖାଲି ଖାଲି । ବାପାଙ୍କ ଛଡ଼ା ଆଉ କେହି ନାହାନ୍ତି । ପିଉସୀ ଘରେ ସେ କେତେଲୋକଙ୍କ ସହ ମିଶିଥିଲା । ସେଠି ପିଉସା ଥିଲେ, ଭାଇ ଥିଲେ, ଭାଉଜ ଥିଲେ, ଜଣେ ଅପା ବି ଥିଲା । ସବୁଦିନ ଭାଇ ଆଉ ଅପା ତାକୁ ଗେଲ କରୁଥିଲେ ।

ଘର ଭିତରେ ବାପା ତାଙ୍କ ଜାମା ଖୋଲି ଏକ ଗାମୁଛା ପିନ୍ଧିଲେ । ଅଗଣାକୁ ଯାଇ ମୁହଁ ହାତ ଧୋଇଲେ । ଆସି ଦାଣ୍ଡ ଦୁଆରେ ବସିଲେ । ସେ ଘର ଭିତରେ ବସି ବସି ସନ୍ଧ୍ୟା ହେବାକୁ ବସିଲା । ନାଁ ବାପା ବବୁଲକୁ କିଛି କହୁଥିଲେ । ନାଁ ବବୁଲ ବାପାଙ୍କୁ କିଛି କହୁଥିଲା । ରାତି ଘଡ଼ିଏ ବେଳକୁ ଦାଣ୍ଡରୁ ଉଠି ଆସି ବାପା ଗୋଟେ ବେଲାରେ କିଛି ଚୂଡ଼ା ଓ ଚିନି ବଢ଼େଇ ଦେଇ କହିଲେ, ନେ ଖାଇକି ଶୋଇପଡ଼େ । ବବୁଲ ବାପାଙ୍କ କଥାମାନି ଖାଇ ଶୋଇପଡ଼ିଲା । ଗୋଟେ ପଟା ଖଟ ଉପରେ ଶୋଇଥାଏ ବବୁଲ । ବାପା ତା'ର ଚଟାଣରେ ଆସି ଗଡ଼ି ପଡ଼ିଲେ ।

ଧୀରେ ଧୀରେ ଦିନ ବିତିଲା । କେତେବେଳେ ଚୂଡ଼ା ତ ପୁଣି କେତେବେଳେ ଭାତ ସହିତ କିଛି ପରିବା ସିଝା । ପିଉସୀ ଘରୁ ଚାଲି ଆସିବା ପରେ ଅଳ୍ପ କିଛି ପାଠ ପଢ଼ିଥିବା ବବୁଲର ପାଠ ପଢ଼ାରେ ଡୋରି ବନ୍ଧା ହେଲା ।

ବାପା ତାକୁ ପୁଣିଥରେ ପିଉସୀ ଘରେ ଛାଡ଼ିବା ପାଇଁ ବାଧ୍ୟ କଲେ । ସେ ଆଉ ଫେରିବାକୁ ପ୍ରସ୍ତୁତ ନଥିଲା । ବାପାଙ୍କ ଭଳି ସେ ମଧ୍ୟ ହସ ଖୁସି ଅବସ୍ଥାରୁ ନୀରବ ହୋଇଗଲା । ବେଳେ ବେଳେ ବାପା ତାକୁ ବାଧ୍ୟ କରନ୍ତି, ବାହାରକୁ ଯାଇ ପିଲାଙ୍କ ସହ ଖେଳିବା ପାଇଁ । ସେ ଯାଇ ପାରେନି । ତାକୁ ଭାରି ଅଖାଡୁଆ ଲାଗେ । ଗାଁ ପିଲା ତାକୁ କଟାସ ଭଳି ଲାଗନ୍ତି ।

ବବୁଲ ବଡ଼ ହେଉଥିଲା । ବାପା ସବୁଦିନ ସକାଳୁ ବାହାରି ଯାଆନ୍ତି, ସଂଜ କି ବେଳ ବୁଡ଼ିଲେ ଫେରନ୍ତି । ବବୁଲ ସେମିତି ଘରେ ବସିଥାଏ । ଘରକୁ ବେଳେ ବେଳେ କୁଣିଆ ଆସନ୍ତି । ବବୁଲ ସେମାନଙ୍କୁ ଚିହ୍ନି ନଥାଏ । ସେମାନେ ଆସି ବାପାଙ୍କ ସହ କିଛି କଥାବାର୍ତ୍ତା ହୁଅନ୍ତି, ପୁଣି ଚାଲି ଯାଆନ୍ତି । ବାପା ବେଳେ ବେଳେ ତାକୁ ପିଉସୀ ଘରକୁ ନେଇ ବୁଲି ଯାଆନ୍ତି । ମାତ୍ର ବାପାଙ୍କ ପାଖରେ ଅନ୍ୟ ପିଲାମାନଙ୍କ ଭଳି ବବୁଲ କିଛି ଅଳି କରି ପାରେନି । କାରଣ ବାପା ସବୁବେଳେ ନୀରବ ।

ଏବେ ବେଶ୍ ବଡ଼ ହୋଇ ସାରିଥାଏ । ଭଲ ମନ୍ଦ ବୁଝିବାର ବୟସ । ବାପା ଓ ଘରର ଦାୟିତ୍ୱ ନେଇଥିଲା । ସକାଳୁ ଉଠିବା ପରେ ଘର ସଫା ସୁତରା କରିବା, ଠାକୁର ପୂଜା କରିବା, ସକାଳୁ ଜଳଖିଆ ପ୍ରସ୍ତୁତ କରି ବାପାଙ୍କୁ ଦେବା, ନିଜେ ଖାଇବା ।

ଧୀରେ ଧୀରେ ନିଜକୁ ପରିବର୍ତ୍ତନ କଲା ବବୁଲ । ଗାଁ ପିଲାଙ୍କ ସହ ଖେଳକୁଦ କଲା । ବାପା ଶୋଇଥିବା ବେଳେ ତାଙ୍କ ସ୍କୁଟିକୁ ନେଇ ଦୁଇ ଚାରି ଘେରା ବୁଲି ଆସିଲା । ରାତିରେ ଦୋଳ ବୁଲିବା ସମୟରେ ଗାଁ ପିଲାଙ୍କ ସହ ନଦୀ ପଠାରେ ପଇଡ଼ ପିଇବା । ନିଜେ ଶାଳ ଭିଡ଼ି ଆଖୁ ପେଡ଼ିବା । ଏମିତି ଅନେକ କିଛି ନଟଖଟ କାମରେ ସେ ସିଦ୍ଧହସ୍ତ ହୋଇ ଯାଇଥିଲା । ବାପା ହିଁ ତା ପାଇଁ ପାଲଟି ଯାଇଥିଲେ ସର୍ବସ୍ୱ । ପୁଅର ଏଭଳି ଆଚରଣ ବାପା ପ୍ରଭଞ୍ଜନଙ୍କୁ ମଧ୍ୟ ବେଶ୍ ଭଲ ଲାଗୁଥିଲା । ପରିସ୍ଥିତି ତାଙ୍କଠାରୁ ସବୁ ଛଡ଼େଇ ନେଇଥିଲେ ବି, ସୁନାମୁଣ୍ଡା ଭଳି ପୁଅଟେ ପାଇଛନ୍ତି । ପାଠ ନପଢ଼ିଲେ ବି ବେଶ ନମ୍ର ଓ ଭଦ୍ର ଭାବେ ବଢ଼ିଥିଲା ବବୁଲ । ପିତୃପୁରୁଷରୁ ଥିବା ସମ୍ପତ୍ତିକୁ ଭୋଗ କରି ପୁଅ ଜୀବନ ସାରା ଚଳିଯିବାର ଆଶା ରଖିଥିଲେ ପ୍ରଭଞ୍ଜନ ।

କରୋନା ମହାମାରୀ କାରଣରୁ ତାଙ୍କ ଅଫିସ୍ ବନ୍ଦ ଥିଲା । ପ୍ରାୟ ଅଧିକାଂଶ ଦିନ ତାଙ୍କର ଘର ଭିତରେ ବିତିଲା । ହଠାତ୍ ତାଙ୍କର ଦେହ ଅସୁସ୍ଥ ହେବାକୁ ଲାଗିଲା । ପରିସ୍ରା ହଳଦିଆ ହେଲା, ଲାଲ ଆଖି ଗୁଡ଼ିକ ଶେତା ଦେଖାଗଲା । ବବୁଲର ବାରମ୍ବାର ତାଗିଦା ପରେ ପ୍ରଭଞ୍ଜନ ଡାକ୍ତରଖାନାକୁ ଗଲେ । ପରୀକ୍ଷାରୁ ଜଣାପଡ଼ିଲା । ତାଙ୍କୁ ଜଣ୍ଡିସ୍ ହୋଇଛି । ଘରେ ରହି ଚିକିତ୍ସା କଲେ । ହେଲେ ଜଣ୍ଡିସ୍ କମିବା ପରିବର୍ତ୍ତେ ଜ୍ୱର ଧରିଲା । ଦୁଇ ମାସ ବିତିଲା । ରୋଗ କମିବ କ'ଣ ବଢ଼ିଲା । ଏବେ ଡାକ୍ତରଖାନା ବେଡ୍‌ରେ ।

ତାଙ୍କର ଅବସ୍ଥା ଦେଖି ବବୁଲ ବାଥରୁମ୍ ଭିତରେ ଲୁଚି ଲୁଚି କାନ୍ଦୁଥିଲା । ବେଶି ସମୟ କାନ୍ଦିବା ପରେ ବବୁଲ ମୁହଁ ଧୋଇ ବାହାରକୁ ଆସିଲା । ବେଡ୍ ଉପରେ ବାପା, ପାଖରେ ଆସି ବସିଛନ୍ତି ପିଉସୀ । ପିଉସୀ ତାଙ୍କ ଭାଇର ଅବସ୍ଥା ଦେଖି ବାହୁନି କାନ୍ଦୁଥିଲେ ।

ପିଉସୀଙ୍କୁ ଦେଖି ବବୁଲ ଆଖିରେ ବି ଲୁହ ଆସି ଯାଇଥିଲା । ତଥାପି ସେ ନିଜକୁ ରୋକି ପିଉସୀକୁ ବୋଧ ଦେଲା । ବାପାଙ୍କ ପାଇଁ କ୍ଷୀର ଓ ପାଉରୁଟି ଆଣିବାକୁ ବାହାରକୁ ଚାଲିଗଲା । ଫେରିବା ବେଳକୁ ପିଉସୀ ପାଖ ବେଡ୍‌ରେ ଥିବା ଅନ୍ୟ ଜଣେ ରୋଗୀଙ୍କ ସହ କଥା ହେଉଥିଲେ । ବବୁଲ କବାଟ ପାଖରେ ଅଟକି କାନ ଡେରିଲା ।

"ମୋ ଭାଇ ଚାକିରି କରିବା ପରେ ନୂଆ ନୂଆ ବାହାଘର ହୋଇଥାଏ । ବାହାଘର ପରେ ତାଙ୍କ ସଂସାର ବେଶ୍ ଖୁସିରେ ଚାଲିଥିଲା । କିଛିଦିନ ପରେ ତାଙ୍କର ଗୋଟିଏ ପୁଅ ଜନ୍ମ ହୋଇଥିଲା । ଏନ୍ତୁଡ଼ି ନଉଠୁଣୁ, କଅଁଳା ପିଲାକୁ କାଳ ନେଇଗଲା । ଏନ୍ତୁଡ଼ିରେ ମା' ପିଲା ଶୋଇଥିବା ସମୟରେ ସାପ କାମୁଡ଼ି ଦେଲା । ଏଇଠୁ ପ୍ରଭଞ୍ଜନ ଜୀବନର ମୋଡ଼ ବଦଳିଲା । ପୁଅକୁ ଝୁରି ତା' ସ୍ତ୍ରୀ ରୋଗିଣା ହୋଇଗଲା । ମୁଣ୍ଡ କାମ କଲାନି । ଡାକ୍ତର କହିଲେ, ସେ ପାଗଳୀ ହୋଇଯାଇଛି । ଘରେ ଅନ୍ୟ କେହି ଦେଖାରେଖା କରିବାର ସୁବିଧା ନଥିବାରୁ ସ୍ତ୍ରୀକୁ ନେଇ ବାପା ଘରେ ଛାଡ଼ି ଆସିଲା । ମାସ କେତେଟା ବିତିନି ଶୁଣିବାକୁ ପାଇଲୁ, ତା ପାଗଳୀ ସ୍ତ୍ରୀ ଆଉ ନାହିଁ । ଅନେକ ଦିନ ସ୍ତ୍ରୀ ଓ ପୁଅକୁ ଝୁରି ଦୁଃଖରେ ରହିଲା । ବନ୍ଧୁବାନ୍ଧବଙ୍କ କଥାରେ ପୁଣିଥରେ ବାହା ହେବାକୁ ରାଜି ହେଲା । ପ୍ରଭଞ୍ଜନ ଦ୍ୱିତୀୟ ବିବାହ କଲା । ପୁଣିଥରେ ସଂସାର ଚାଲିଲା । ତା' ସ୍ତ୍ରୀ ଗର୍ଭବତୀ ହେଲା । ବବୁଲ ଜନ୍ମ ନେଲା । ସେ ପିଲାଟିକୁ ଡାକ୍ତରଖାନା ବେଡ୍‌ରେ ଛାଡ଼ି କେଉଁ ଆଡ଼େ ଚାଲିଗଲା । ସେଦିନଠାରୁ ବବୁଲକୁ ବଞ୍ଚାଇବା ସେ ଅନେକ କଷ୍ଟ କରିଛି ।"

ନଶୁଣିବା ଭଳି ଭିତରକୁ ଚାଲି ଆସିଲା ବବୁଲ । ପିଉସୀ ଅଟକି ଗଲେ । ବବୁଲ ଭାବିଲା, ତା' ଭୋଗିବାଠାରୁ ବାପାଙ୍କ ଭୋଗିବା କେତେ ଭୟଙ୍କର । ତା' ଆଖିରୁ ଲୁହ ଶୁଖିଗଲା । କଥା ବନ୍ଦ ହୋଇଗଲା । କିଛି ସମୟ ପୂର୍ବରୁ ଡାକ୍ତର କହି ଦେଇ ଯାଇଥିଲେ, ସେ ଆଉ ବେଶୀ ଦିନ ନୁହେଁ ।

ସେଇଆ ହିଁ ଘଟିଲା, ଚାରି ଦିନ ବିତିଲାନି । ବାପା ଆରପାରିକୁ ଚାଲିଗଲେ ।

କୋକେଇ ବନ୍ଧା ହେଲା । ଖଇ କଉଡ଼ି ପଡ଼ିଲା । ଗାଁ ମୁଣ୍ଡେ ଭାତହାଣ୍ଡି ଥୁଆହେଲା । ଶବ ଯାଇ ଶ୍ମଶାନରେ ପହଞ୍ଚିଲା । ବବୁଲ କଇଁ କଇଁ କାନ୍ଦୁଥିଲା । ପୁରୋହିତ ମାଠିଆଟି ବବୁଲ ହାତକୁ ବଢ଼ାଇ ଦେଲେ । ନଈର ଅଣତୁଠରେ ଗାଧୋଇ ପାଣି ଆଣିବାକୁ ପଠାଇଲେ ।

ଅଣତୁଠରେ ବବୁଲ ନଦୀକୁ ଗଡ଼ିବା ବେଳକୁ ନଈଗଡ଼ାରେ ପିଉସୀ କାହା ସହିତ କଥା ହେଉଥିଲେ । "ତୁ ପୋଡ଼ାମୁହିଁ, ଆଜି କୁଆଡ଼େ ଆସିଛୁ । ସେଦିନ ପିଲାକୁ ଗଡ଼େଇ ଦେଇ ଚାଲିଗଲା ବେଳେ ତୋ ଛାତି ଫାଟି ଗଲାନି ।"

କାନ୍ଦ କାନ୍ଦ ସ୍ୱରରେ ସ୍ତ୍ରୀ ଲୋକ ଜଣକ କହିଲେ, "ବିଶ୍ୱାସ କର ଅପା । ମୋ ଲିଭି ଯାଇଥିବା ସିନ୍ଦୂର ରାଣ; କେବଳ ତାଙ୍କୁ ସମ୍ମାନ ଦେବାକୁ ଯାଇ ଛାତିରେ ପଥର ରଖି ସେଠୁ ଚାଲିଗଲି । ତମ ଭାଇ ସର୍ତ୍ତ ରଖିଥିଲେ, ମୋ ବଂଶ ରକ୍ଷା ପାଇଁ ମୁଁ ବାହା ହେଉଛି ।" ଛୁଆ ଜନ୍ମ ହେବା ପରେ କହିଲେ, "ତୋ କାମ ସରିଲା । ତୁ ଚାଲି ଯା ।"

କାନ୍ଧରେ ପାଣି ମାଠିଆ ଧରି, ବବୁଲ ନଈଗଡ଼ାକୁ ଚାହିଁବା ବେଳକୁ ସେ ସ୍ତ୍ରୀ ଲୋକ ଜଣକ ଫେରି ଯାଉଥିଲେ । ବବୁଲ ବାପାଙ୍କ ଶବ ନିକଟକୁ ଯେତିକି ଯେତିକି ଆସୁଥିଲା, ସ୍ତ୍ରୀ ଲୋକ ଜଣକ ସେତିକି ସେତିକି ଦୂରେଇ ଯାଉଥିଲେ ।


ମୁଖାଗ୍ନି ଦେଇ ବବୁଲ ଆକାଶକୁ ଚାହିଁ ଭାବୁଥିଲା, ମୋ ଛେଉଣ୍ଡ ପାଇଁ କିଏ ଦାୟୀ? ଜୁଇରେ ଜଳୁଥିବା ବାପା; ନା, ପଛ କରିଦେଇଥିବା ମା' । ■

କ୍ରିଦାଶପୁର, ନୟାଗଡ଼
ମୋ: ୭୩୭୭୭୧୦୦୯୭

## ପୁସ୍ତକ ପରିଚୟ

### ଏକଶହ ଭାରାକ୍ରାନ୍ତ ଜହ୍ନରାତି

ରବିପ୍ରିୟ ଦାଶ





ରବିପ୍ରିୟ ଦାଶ
ନରଣଗଡ଼, ଖୋର୍ଦ୍ଧା
ପିନ୍: ୭୫୨୦୧୮
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୩୦୦ ଟଙ୍କା

'ଅଧାବାଟରେ/ ଜହ୍ନରାତିର ଗାଲିଚାକୁ/ ଅକ୍ତିଆର କରିନେଇଥିଲେ/ ଦଳେ କଳାମଚମଚ/ ବାଦଲ,/ ଦିଶୁ ନ ଥିଲା ରାସ୍ତାଘାଟ କି/ ଆକାଶରେ/ ଛାଇ ଅନ୍ଧକାରର/ ଲୁଚକାଳି ଖେଳ ।"(ଭାରାକ୍ରାନ୍ତ ଜହ୍ନରାତି-୬୮) ସତରେ ଜହ୍ନର ଆକର୍ଷଣ ନିଆରା । ମତୁଆଲା କରିଦିଏ ଜହ୍ନରାତି । କବିର କଲମ ମୁନରେ ଜହ୍ନରାତି ହୋଇଉଠେ ଆହୁରି ମନୋରମ । ଉଦାସ ମନକୁ ବି ସରସ କରିଦିଏ ଏହାର ଆଲୋକ । ଜହ୍ନରାତିକୁ ନେଇ କବି ରବିପ୍ରିୟ ଦାଶଙ୍କ ରଚିତ ୧୦୦ଟି କବିତାକୁ ନେଇ ପ୍ରକାଶ ପାଇଛି 'ଏକଶହ ଭାରାକ୍ରାନ୍ତ ଜହ୍ନରାତି' ପୁସ୍ତକ । ଏହି ପୁସ୍ତକର ପ୍ରତିଟି କବିତାରେ ଜହ୍ନରାତିର ନିବିଡ଼ ଅନୁଭବ ଓ ଅଭୁଲା ସ୍ମୃତି ପ୍ରସ୍ଫୁଟିତ ହୋଇଉଠିଛି । ଜୀବନକୁ ଭଲ ପାଉଥିବା, ମଣିଷକୁ ଭଲ ପାଉଥିବା କବିଙ୍କ କବିତାରେ ହିଁ ଜହ୍ନରାତି ଏତେ ଜୀବନ୍ତ ଓ ମାର୍ମିକ ହୋଇପାରେ । ଏଠାରେ ଜହ୍ନରାତିକୁ କବି ପ୍ରତୀକାତ୍ମକ ଭାବେ ନେଇଛନ୍ତି । ସମୟର ଅଙ୍କାବଙ୍କା ରେଖା ଭିତରେ କବି ମଣିଷ ଜୀବନର ବାସ୍ତବତା ଚିତ୍ର ପ୍ରଦାନ କରିଛନ୍ତି । ଜହ୍ନ କେତେବେଳେ ପ୍ରେମ ସାଗର ତ କେତେବେଳେ କୂଳ ଲଂଘୁଥିବା ନଈ । ପୁଣି କେବେ ମନେ ହୁଏ ପ୍ରେମ ବିନା ଭାରାକ୍ରାନ୍ତ ଥିବା ରୂପସୀର ମନ । ଜୀବନର ଗଭୀର ଉପଲବ୍ଧି, ସାମାଜିକ ବାସ୍ତବତା, ନିବିଡ଼ ଅନୁଭୂତିର ପ୍ରତୀକାତ୍ମକ ପରିପ୍ରକାଶ ହେଉଛି 'ଭାରାକ୍ରାନ୍ତ ଜହ୍ନରାତି'ର କବିତାଗୁଡ଼ିକ । ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ଖଣ୍ଡଗିରି-ଉଦୟଗିରି ଗୁମ୍ଫା ପରିଚୟ

ଇନ୍ଦ୍ରମଣି ଜେନା




ଇନ୍ଦ୍ରମଣି ଜେନା
ତୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର
ପିନ୍: ୭୫୧୦୩୦
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

ଭୁବନେଶ୍ୱରର ଖଣ୍ଡଗିରି-ଉଦୟଗିରି ଦୁଇଟି ଐତିହାସିକ ପାହାଡ଼ । ଏହି ପାହାଡ଼ ଉପରେ ରହିଛି ବହୁ ପ୍ରାଚୀନ ଗୁମ୍ଫା । ଏହି ଗୁମ୍ଫାଗୁଡ଼ିକକୁ ନେଇ ପ୍ରକାଶ ପାଇଛି ଇନ୍ଦ୍ରମଣି ଜେନାଙ୍କ 'ଖଣ୍ଡଗିରି-ଉଦୟଗିରି: ଗୁମ୍ଫା ପରିଚୟ' ପୁସ୍ତକ । ଏହି ପୁସ୍ତକରେ ଖଣ୍ଡଗିରି-ଉଦୟଗିରି ପାହାଡ଼ରେ ଥିବା ଐତିହାସିକ ଗୁମ୍ଫାଗୁଡ଼ିକ ସଂପର୍କରେ ସମ୍ୟକ ଆଲୋଚନା କରାଯାଇଛି । ଉଦୟଗିରି ପାହାଡ଼ରେ ଥିବା ଜୟାବିଜୟା ଗୁମ୍ଫା, ଅଳକାପୁରୀ ଗୁମ୍ଫା, ରାଣୀ ଗୁମ୍ଫା, ଗଣେଶ ଗୁମ୍ଫା, ଜମ୍ବେଶ୍ୱର ଗୁମ୍ଫା, ବାଘ ଗୁମ୍ଫା, ସାପ ଗୁମ୍ଫା, ହାତୀ ଗୁମ୍ଫା, ଜଗନ୍ନାଥ ଗୁମ୍ଫା, ମଞ୍ଚପୁରୀ ଗୁମ୍ଫା, ପାତାଳପୁରୀ ଗୁମ୍ଫା, ପଣସ ଗୁମ୍ଫା, ଠାକୁରାଣୀ ଗୁମ୍ଫା, ଧନଘର ଗୁମ୍ଫା ଆଦି ଗୁମ୍ଫା ଗୁଡିକର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରାଯାଇଛି । ଗୁମ୍ଫାଗୁଡ଼ିକର ଅବସ୍ଥିତି, ନିର୍ମାଣ, ତାତ୍ପର୍ଯ୍ୟ, ଗୁମ୍ଫାରେ ଥିବା ଚିତ୍ରର ବିବରଣୀ, ପ୍ରାଚୀନତା ଆଦି ସଂପର୍କରେ ବର୍ଣ୍ଣନା କରାଯାଇଛି । ସେହିପରି ଖଣ୍ଡିଗିରି ପାହାଡ଼ରେ ତାତୁଆ ଗୁମ୍ଫା, ଅନନ୍ତ ଗୁମ୍ଫା, ଖଣ୍ଡଗିରି ଗୁମ୍ଫା, ଧ୍ୟାନ ଗୁମ୍ଫା, ନବମୁନି ଗୁମ୍ଫା, ତ୍ରିଶୂଳ ଗୁମ୍ଫା, ଅମ୍ବିକା ଗୁମ୍ଫା ଆଦି ବହୁ ପ୍ରାଚୀନ ଓ ଐତିହାସିକ ଗୁମ୍ଫା ଅବସ୍ଥିତ । ଏହି ସବୁ ଗୁମ୍ଫାଗୁଡ଼ିକରେ ଓଡ଼ିଶାର କଳା, ଭାସ୍କର୍ଯ୍ୟ, ଶିଳାଲିପିର ଆଭାସ ମିଳିଥାଏ । ପର୍ଯ୍ୟଟକମାନଙ୍କ ଅବଗତ ପାଇଁ ଗୁମ୍ଫାଗୁଡ଼ିକର ଚିତ୍ର ପ୍ରଦାନ ସହିତ ଓଡ଼ିଆ ଏବଂ ଇଂରାଜୀ ଉଭୟ ଭାଷାରେ ଏହି ପୁସ୍ତକ ରଚିତ । ଖଣ୍ଡଗିରି-ଉଦୟଗିରିର ଗୁମ୍ଫାଗୁଡ଼ିକ ସଂପର୍କରେ ଜାଣିବା ପାଇଁ ଏହା ଏକ ଉପାଦେୟ ପୁସ୍ତକ । ■


## ମହାକାବ୍ୟ



ବିପିନ୍ ନାୟକ

ଅଥୟତାର ମୁହଁରେ
ଅନ୍ନର ଉଲ୍ଲାସରେ
ଲମ୍ବି ଆସୁଥିବା
ହାତର ହୃଦୟରେ
ଭଙ୍ଗା ଭଙ୍ଗା
ପକ୍ଷୀର ଡେଣାରେ କେବେକେବେ
କଅଁଳି ଆସେ ମହାକାବ୍ୟ,

ଟିକେ ମରଣ
ଟିକେ ଦହନ
ଗୋଟେ ବ୍ୟାଧ
ଟିକେ ବିଷାଦ ହିଁ ଯଥେଷ୍ଟ ତାକୁ ଲେଖିବା ପାଇଁ,
ସେଠି ସବୁ ମୁହୂର୍ତ୍ତ ମନ୍ୱନ୍ତର
ସବୁ ମୌନତା ମଧୁର
ସବୁ କୋଳାହଳ କାକୁସ୍ଥ ଆଉ ସବୁ ନୀରବତା ମୁଖର । ■



ନିର୍ବିକଳ୍ପ
ବାଞ୍ଛାନିଧି ନଗର, ବ୍ରହ୍ମପୁର-୧୦
ମୋ: ୯୩୪୮୪୭୯୭୨୭

## ପ୍ରାଣପକ୍ଷୀ



ପିନାକୀ ମିଶ୍ର

ବନ୍ଧନରେ ପଡ଼ିଛୁ
ଫୁଲ, ନେତ, ନୀଳନଭ, ନଈଧାର
ଏମାନେ ଶୁଣନ୍ତି ତୋ ବାଇଗଣୀ ରତ୍ନର ଗୀତ ।

ପ୍ରେମରେ ପଡ଼ିଛୁ
କ୍ଷତର ରକ୍ତରେ ବିଗଳିତ
କୁଟୁମ୍ବ କଳିରେ ଆହତ
ସମ୍ବେଦନ ପାଉନଥିବା ଖୁଣ୍ଟବନ୍ଧା ଛେଳି ପାଖରେ
ତୋ ହାତ ରିକ୍ତ, ତୁ ଅନୁତପ୍ତ ।

ଯତନରେ ସଜଉଛୁ ଘର
ରଜା ବି ତପସ୍ୱୀ ହେବାର ନଜିର୍ ଅଛିରେ,
ଆଗତ ଝଡ଼କୁ - ଯଥେଷ୍ଟ ତୋ ଛାତି
ମେଘ ଆଣ୍ଠେଇ ପଡ଼ିଲେ – ବଢ଼େ ତୋ ତାତି
ପିଲାପିଲିଙ୍କ ପାଇଁ - ତୋ ତାଳଗଛ ଦମ୍ଭ,
କାଠ ପରି ଜଳୁଥା, ତବତ ଫୁଟୁଥାଉ ।

କେତେ କୁଆଡ଼େ ଧାଇଁଛୁ
ବୋହିଆଣିଛୁ ଡେଣାଗୋଡ଼ ଛାଟି

ଭେଦିଛୁ କାଳିଅନ୍ଧାର
ସହିଛୁ କଟୁ କୁଟିଳ ତିରସ୍କାର
ଦୁନିଆଁ ଦର୍ପଣରେ ନିଜ ସ୍ଥିତି ପରଖୁଛୁ ।

ତୋ' ଆଲୁଅରେ ପାପ
ତୋ' ଛାଇରେ ପୁଣ୍ୟ
ତୋ' ମେଲାଆଖିରେ କେତେ ଆକର୍ଷଣ,
ତୋ' ନିବୁଜ ମନରେ ଭବିଷ୍ୟତର ଶୂନ୍ୟଘର ପାଇଁ
ନୀରବ ଆୟୋଜନ,
ଭାବୁଛୁ କି ? ଘଟ ଛାଡ଼ିଲେ କୁଆଡ଼େ ଯିବୁ ?

ନିଜ ଠିକଣା ଜାଣିନଥିବା ପ୍ରାଣପକ୍ଷୀ
ଉଡୁଉଡୁ ମଝି ଆକାଶରେ ଯାଉଛି ଅଟକି ? ■

'ଶୂନ୍ୟନୀଳ'
ଚର୍ଚ୍ଚ ପାଖ, ଜେଲ ରୋଡ୍, କେନ୍ଦୁଝର-୧
ମୋ: ୯୪୩୮୧୧୮୩୯୭

## 'ବିଦଗ୍ଧ ଚିନ୍ତାମଣି'ରେ ବାତ୍ସଲ୍ୟ ରସ




ଡକ୍ଟର ଅଭିମନ୍ୟୁ ବରାଳ

ମଧ୍ୟଯୁଗ ବା ରୀତି ଯୁଗୀୟ ଓଡ଼ିଆ ସାହିତ୍ୟ ଗଗନରେ ଯେଉଁ ଉଜ୍ଜ୍ୱଳ ଜ୍ୟୋତିଷ୍କ ପୁଞ୍ଜର ଅଭ୍ୟୁଦୟ ଘଟିଥିଲା, ସେହି ଜ୍ୟୋତିଷ୍କମାନଙ୍କ ମଧ୍ୟରୁ ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାର ହେଉଛନ୍ତି ଅନ୍ୟତମ । ତତ୍ ପ୍ରଣୀତ କାବ୍ୟ-କବିତା ରାଜି ଉତ୍କଳ ସାହିତ୍ୟ ନନ୍ଦନ ବନରେ ଏକ ମନୋରମ ପାରିଜାତ ପୁଷ୍ପ । ସେହି ଦେବ ଭୋଗ୍ୟ ପୁଷ୍ପର ଅପୂର୍ବ ତଥା ପବିତ୍ର ସୌରଭରେ ଉତ୍କଳ ସାହିତ୍ୟ ବାଣୀ ଭଣ୍ଡାର ଅତ୍ୟନ୍ତ ସୁଗନ୍ଧିତ ଏବଂ ଅତ୍ୟନ୍ତ ସମୃଦ୍ଧ । ସେହି ପ୍ରଥିତଯଶା ମହାକବି 'ବିଦଗ୍ଧ ଚିନ୍ତାମଣି', 'ବାଘଗୀତି', 'ଗୋବରା ଚଢ଼େଇ ଗୀତ', 'ବୋଲେ ହୁଁ ଗୀତ', 'ପ୍ରେମକଳା', 'ରସବତୀ', 'ସୁଲକ୍ଷଣା', 'ପ୍ରେମ ଚିନ୍ତାମଣି' ଭଳି ଅନେକ କାବ୍ୟ ରଚନା କରିଥିଲେ । ସେଥିମଧ୍ୟରୁ ତାଙ୍କର ଅନବଦ୍ୟ ସୃଷ୍ଟି ହେଉଛି 'ବିଦଗ୍ଧ ଚିନ୍ତାମଣି' । ଏହି କାବ୍ୟରେ ଅଳଙ୍କାର ଶାସ୍ତ୍ର ବର୍ଣ୍ଣିତ ସମସ୍ତ ରସ ପରିପୂର୍ଣ୍ଣ ହୋଇ ରହିଛି ।

ବିଦଗ୍ଧ କବି ଅଭିମନ୍ୟୁ ୧୭୬୦ଖ୍ରୀ.ଅ.ରେ ମାଘ ଶୁକ୍ଳ ସପ୍ତମୀ ତିଥିରେ ଯାଜପୁର ଜିଲ୍ଲା ଅନ୍ତର୍ଗତ ବାଲିଆ ଗ୍ରାମରେ ପ୍ରସିଦ୍ଧ ଜମିଦାର ଇନ୍ଦ୍ରଜିତ ସାମନ୍ତସିଂହାର ଓ ତୁଳସୀ ଦେବୀଙ୍କ କୋଳମଣ୍ଡନ କରି ଭୂମିଷ୍ଠ ହୋଇଥିଲେ । ମାତା ତୁଳସୀ ଦେବୀ ଥିଲେ ଅତ୍ୟନ୍ତ ଧର୍ମପ୍ରାଣା, ଭକ୍ତିମତି, ଆଉ ପତିବ୍ରତା ନାରୀ । କବିଙ୍କ ସୁଯୋଗ୍ୟ ପିତା ଇନ୍ଦ୍ରଜିତ ସମାନ୍ତସିଂହାର ଥିଲେ ଏକାଧାରାରେ ଅସୀମ ପରାକ୍ରମଶାଳୀ ଯୋଦ୍ଧା, ରସିକ, ବିବେକୀ ଆଉ ଧାର୍ମିକ । ଏକଥା ଅଭିମନ୍ୟୁ ସ୍ୱୀୟ ବାଘ ଗୀତରେ ଉଲ୍ଲେଖ କରି କହିଛନ୍ତି – "ବାଲିଆ ବୋଲି ଯେ ଏକ ନଗର । ତହିଁ ନୃପତି ସାମନ୍ତସିଂହାର । ରସିକ, ବିବେକୀ ବଡ଼ ଧାର୍ମିକ । ପ୍ରଶଂସା କରନ୍ତି ବହୁତ ଲୋକ ।"

ବାଲ୍ୟଶିକ୍ଷା ପରେ ଅଭିମନ୍ୟୁ ମାତ୍ର ଚତୁର୍ଦ୍ଦଶ ବର୍ଷ ବୟସରେ କେନ୍ଦ୍ରପଡ଼ାର ପ୍ରସିଦ୍ଧ ଜମିଦାର ରାଧାଶ୍ୟାମ ନରେନ୍ଦ୍ରଙ୍କ ପିଉସୀ ବିମଳା ଦେବୀଙ୍କୁ ବିବାହ କରିଥିଲେ । ବିମଳା ଦେବୀ ଥିଲେ, ଅତ୍ୟନ୍ତ କୃଷ୍ଣଭକ୍ତି ପରାୟଣା ତଥା ବିଦୂଷୀ ମହିଳା । ବିମଳା ଦେବୀଙ୍କ ପାଣିଗ୍ରହଣ କରି ତାଙ୍କ ସାଂସାରିକ ଜୀବନ ପରିପୂର୍ଣ୍ଣତା ଲାଭ କରିଥିଲା । ଅଭିମନ୍ୟୁ ମାତ୍ର ଊନବିଂଶ ବର୍ଷ ବୟସରେ ତାଙ୍କ ପିତୃ ବିୟୋଗ ଘଟିବାରୁ ସେ ବାଧ୍ୟ ହୋଇ ବାଲିଆ ରାଜ୍ୟର ଭାର ଗ୍ରହଣ କରିଥିଲେ । ଏତେ ଐଶ୍ୱର୍ଯ୍ୟ ପ୍ରାଚୁର୍ଯ୍ୟ ମଧ୍ୟରେ ଥିଲେ ମଧ୍ୟ ସେ ବାଣୀ ଆରାଧନା ତଥା ସାରସ୍ୱତ ସାଧନାରୁ ବିରତ ହୋଇ ନଥିଲେ । କିଛି ଦିନ ସଂସାର କରିବା ପରେ କବିଙ୍କର ପତ୍ନୀ ବିୟୋଗ ଘଟିଥିଲା । ପତ୍ନୀ ବିୟୋଗ ପରେ ସଂସାର ବିମୁଖ ହୋଇ କବି ଅଭିମନ୍ୟୁ 'ବିଦଗ୍ଧ ଚିନ୍ତାମଣି' କାବ୍ୟ ରଚନା କରିଥିଲେ ।




ଅଳଙ୍କାର ଶାସ୍ତ୍ରରେ ନବରସ ମଧ୍ୟରେ ବାତ୍ସଲ୍ୟ ରସକୁ ଗ୍ରହଣ କରାଯାଇଛି । ବୈଷ୍ଣବ ତତ୍ତ୍ୱବିତ୍ ପଣ୍ଡିତମାନଙ୍କ ମତରେ ବାତ୍ସଲ୍ୟ ରସ ବିଭିନ୍ନ ରସ ମଧ୍ୟରେ ଅନ୍ୟତମ । ପ୍ରାଚୀନ ଆଳଙ୍କାରିକମାନେ ଏହାକୁ ସ୍ୱତନ୍ତ୍ର ଏକ ରସ ଭାବରେ ଗ୍ରହଣ କରି ନାହାଁନ୍ତି । ଏହାକୁ ଶୃଙ୍ଗାର ରସ ମଧ୍ୟରେ ଅଙ୍ଗୀଭୂତ କରି ଅଛନ୍ତି । ସେମାନଙ୍କ ମତରେ ବାତ୍ସଲ୍ୟ ରସ ହିଁ ଶୁଦ୍ଧ ଶୃଙ୍ଗାର ବା ସାତ୍ତ୍ୱିକ ଶୃଙ୍ଗାର । ଜନକ ଜନନୀଙ୍କ ହୃଦୟରେ ଉଦ୍ରେକ ବାତ୍ସଲ୍ୟ ପ୍ରେମ ଏହି ରସର ପ୍ରାଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ବିଶେଷତଃ ଜନନୀର ସନ୍ତାନ ମମତା ହିଁ ବାତ୍ସଲ୍ୟ ରସର ମୁଖ୍ୟ ଉପଜୀବ୍ୟ । ଏହା ହିଁ ବାତ୍ସଲ୍ୟଭାବ, ବୈଷ୍ଣବ କବିମାନଙ୍କ ପ୍ରଣୀତ ସାହିତ୍ୟରେ ଶ୍ରୀକୃଷ୍ଣଙ୍କ ପ୍ରତି ଜନନୀ ଯଶୋଦା ମାତାଙ୍କର ଗଭୀର ମମତା ବାତ୍ସଲ୍ୟ ରସ ଭାବରେ ପ୍ରକାଶିତ । ଯେତେବେଳେ ଶ୍ରୀକୃଷ୍ଣ ସଖାମାନଙ୍କ ସହିତ ଗୋ ଚାରଣ ପାଇଁ ବନକୁ ଚାଲିଯାନ୍ତି , ଫେରୁ ଫେରୁ ସନ୍ଧ୍ୟା ହୋଇଯାଏ । ସେତେବେଳେ ମାତା ଯଶୋଦାଙ୍କ ପ୍ରାଣରେ ଗଭୀର ଦୁଃଖ ଜାତ ହୁଏ । ସେହି ପୁତ୍ର ବିରହ ବେଦନା ହିଁ ବାତ୍ସଲ୍ୟ ମମତାର ଅପୂର୍ବ ପରିପ୍ରକାଶ । ଶ୍ରୀକୃଷ୍ଣଙ୍କ ଅଦର୍ଶନରେ ପୁତ୍ର ବିରହ ବିଧୂରା ଯଶୋଦା କ୍ଷତମୃଗୀ ଭଳି ଦାଣ୍ଡକୁ ବାରୀ ବୁଲି ବୁଲି ପୁତ୍ରର ଅପେକ୍ଷା କରିଥାନ୍ତି । କବିଙ୍କ ଭାଷାରେ:-

"ନିଧନ ସଙ୍ଖାଳି ମୋର ଦରିଦ୍ର ପସରା,/ଅନ୍ଧ ଲଉଡ଼ି ବାବୁରେ ହୃଦ ରତ୍ନହାର । ମୋ କଳାମାଣିକରେ ।"

ପୁନଶ୍ଚ-

"ବୃଦ୍ଧ କାଳେ ତୁ ମୋହର ଏକଇ ନନ୍ଦନ,/ହୃଦତାପ ବିନାଶନେ ତୁ ହରିଚନ୍ଦନ । ମୋ କଳାମାଣିକରେ ।"

ଶ୍ରୀକୃଷ୍ଣ ଭୁଲିଯାଇ କଠଉ ଛତା ଛାଡ଼ି ଯାଇଛନ୍ତି । ଯଶୋଦାଙ୍କ ଦୃଷ୍ଟି ପଡ଼ିଯାଇଛି । କହିଛନ୍ତି ମାତା:-

"ନେଲୁ ନାହିଁ କାହିଁ ପାଇଁରେ ତୋ କଠଉ ଛତା,/ ବନେ କଣ୍ଟା ଲାଗି ହୁଏ ମୃଦୁପାଦ ଚିନ୍ତା । ମୋ କଳା ମାଣିକରେ ।"

'ବିଦଗ୍ଧ ଚିନ୍ତାମଣି'ର ୬୭ ଛାନ୍ଦରେ ବାତ୍ସଲ୍ୟ ମମତାର ପ୍ରାବଲ୍ୟ ସୁସ୍ପଷ୍ଟ । ଏହି ଛାନ୍ଦରୁ ପୁତ୍ର ସ୍ନେହ ବତ୍ସଳା ଜନନୀ ହୃଦୟର ଶାଶ୍ୱତ ଭାବ ପ୍ରକାଶିତ ହୋଇଥାଏ ।

ଶ୍ରୀକୃଷ୍ଣଙ୍କ ପ୍ରତି ମାତା ଯଶୋଦାଙ୍କର କେତେ ସ୍ନେହ କେତେ ମମତା ତାଙ୍କର ସ୍ୱନକ୍ଷତ୍ର ପାଳନ ଉତ୍ସବରେ ମାତା ଯଶୋଦା କେତେ ସୁମିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରାଇଛନ୍ତି । ପ୍ରଭାତରୁ ଶୀଘ୍ର ସ୍ନାନ ଶେଷ କରି ସଖାମାନଙ୍କ ସହିତ ଭୋଜନ କରିବାକୁ ମାତା ଶ୍ରୀକୃଷ୍ଣଙ୍କୁ କହିଲେ । ଏହି ସମୟରେ ଶ୍ରୀକୃଷ୍ଣ ପହଞ୍ଚିବା ପରେ ଯଶୋଦା ତାଙ୍କ ମୁଖ ଚୁମ୍ବନ କରି କହିଛନ୍ତି-

"ପ୍ରବେଶ ଏ ସମୟ ସଙ୍ଗେ ସଖା ନିଚୟେ ମୁଖଚୁମ୍ବି ଜନନୀ ଭାଷେ ।/ ଆରେ ଦୁଃଖ ପାଶୋରା ମୋର ସୁଖ ପଶରା ଦେହ କେଡ଼େ ଦୁର୍ବଳ ଦିଶେରେ ।/ ଗୋ କୁଳେତ । ତୋ ବିନା ସାର ନାହିଁ ଆଉ ।/ ଗୋ କୁଳେତ । ଶରଧା କରି ରଖି ଯାଉ ।/ ଅନ୍ଧ ଲଉଡ଼ି ମୋର, ଦୁଃଖ ସଙ୍ଖାଳିବର ନଖାଇ କିଆ ବୁଲୁ ଥାଉରେ ।" (ବିଦଗ୍ଧ ଚିନ୍ତାମଣି: ୬୩/୧୬

ବୃନ୍ଦାବନରେ ରାସମଣ୍ଡଳରେ ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କର ମଧୁର ମିଳନ ଘଟିଛି । ତତ୍‌ପରେ ଶ୍ରୀକୃଷ୍ଣ ଗୃହକୁ ଆସି, ଶୟନ କରିଛନ୍ତି ଏବଂ ଶଯ୍ୟା ତ୍ୟାଗ କରୁ କରୁ ବିଳମ୍ବ ହୋଇଯାଇଛି । ଯଶୋଦା ସ୍ନେହରେ ଉଠାଇଛନ୍ତି-

"ଡାକନ୍ତିରେ ଘନଶ୍ୟାମ, ରଙ୍କୁଣୀ ରତନ ଆନନ୍ଦ ଧାମରେ ।/ କଳା କାହ୍ନୁ । ଉଠ ଉଠ ଭାଙ୍ଗି ଶ୍ରମରେ ।/ ଦେଖିଦେ ଶ୍ରୀମୁଖ ଚାନ୍ଦ । ନୟନ-ଚକୋର ହେବ ଆନନ୍ଦରେ ।/ କଳାକାହ୍ନୁ । ଶେଷ ମୋ ହୃଦ କୁମୁଦରେ ।" (ବିଦଗ୍ଧ ଚିନ୍ତାମଣି: ୮୮/୧୫-୧୬)

'ବିଦଗ୍ଧ ଚିନ୍ତାମଣି'ର ଛତ୍ରେ ଛତ୍ରେ ବିଭିନ୍ନ ଛାନ୍ଦରୁ ମାତା ଯଶୋଦାଙ୍କ ହୃଦୟର ବିମଳ ବାତ୍ସଲ୍ୟ ରସ ବା ବାତ୍ସଲ୍ୟ ମମତାର ଅବାରିତ ପ୍ରବାହ ଦେଖିବାକୁ ମିଳିଥାଏ । ଏହି ରସ ମଧ୍ୟରେ ସ୍ନେହ ସ୍ଥାୟୀ ଭାବ ରୂପେ ବିଦ୍ୟମାନ । ଏହା ମଧ୍ୟ ବାତ୍ସଲ୍ୟ ଶୃଙ୍ଗାରର ଭାବ ବହନ କରି ଅନାବିଳ ଦ୍ୟୁତି ପ୍ରକାଶ କରିଅଛି ଏବଂ ଚିତ୍ତକୁ ଅଲୌକିକ ଆନନ୍ଦ ପ୍ରଦାନ କରିଛି । ବାତ୍ସଲ୍ୟ ରସର ଚମତ୍କାର ରୂପାୟନରେ ବିଦଗ୍ଧ କବି ଅଭିମନ୍ୟୁ ରୀତି ଯୁଗୀୟ ଓଡ଼ିଆ ସାହିତ୍ୟର ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ଅଟନ୍ତି । ■

ବକ୍ଷଣା ବିହାର
ମନ୍ଦିର ମାର୍ଗ, ସାକ୍ଷୀଗୋପାଳ, ପୁରୀ
ମୋ: ୯୯୩୭୮୩୫୨୩୦

## ଦଇତାପତି-ଶ୍ରୀମନ୍ଦିର ପ୍ରଶାସନ ବୈଠକ

# ଶୃଙ୍ଖଳିତ ପହଣ୍ଡିକୁ ଗୁରୁତ୍ୱ

ପୁରୀ, ୧୪।୬(ସମିସ): ଆସୁଛି ରଥଯାତ୍ରା। ପରେ ପରେ ବାହୁଡ଼ା, ସୁନାବେଶ, ଅଧରପଣା ଏବଂ ନୀଳାଦ୍ରି ବିଜେ ରହିଛି। ତେଣୁ ଏହିସବୁ ପର୍ବପର୍ବାଣୀ ଯେପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ, ସେନେଇ ଶନିବାର ଦଇତାପତି ସେବକଙ୍କ ସହିତ ଆଲୋଚନା କରିଛି ଶ୍ରୀମନ୍ଦିର ପ୍ରଶାସନ। ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ



**ରଥ ଉପରକୁ ମୋବାଇଲ୍ ଫୋନ୍ ମନା**

**ଅଣସେବକ ଚଢ଼ିଲେ ରୁଜୁ ହେବ ଫୌଜଦାରୀ ମାମଲା**

**ଏଥର ଗୋଟିଏ ଦିନରେ ନେତ୍ରୋତ୍ସବ ଓ ନବ ଯୌବନ ଦର୍ଶନ**

ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଦଇତାପତି ନିଯୋଗ ସଭାପତି, ସମ୍ପାଦକଙ୍କ ସହ ବାଡ଼ଗ୍ରାହୀ ଓ ଯୁବ ଦଇତାପତି ଯୋଗ ଦେଇଥିଲେ। ଚଳିତବର୍ଷ ଗୋଟିଏ ଦିନରେ ନବଯୌବନ ଓ ନେତ୍ରୋତ୍ସବ ଥିବାରୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ଗତବର୍ଷ ଆଡ଼ପ ପହଣ୍ଡି ବେଳେ ବଡ଼ଠାକୁର ବଳଭଦ୍ର ପଡ଼ିଯାଇଥିଲେ। ଏବର୍ଷ ଯେପରି ପହଣ୍ଡି ସମୟରେ କୌଣସି ପ୍ରକାର ଅଘଟଣ ନ ଘଟିବ, ତା' ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଏଭଳି ଅଘଟଣକୁ ଏଡ଼ାଇବା ପାଇଁ ସମ୍ପୃକ୍ତ ସେବକଙ୍କୁ ନେଇ ଗଠିତ ହୋଇଛି ପହଣ୍ଡି ଟିମ୍। ତିନିଜଣିଆ କମିଟିର ପରାମର୍ଶ ଅନୁଯାୟୀ ହେବ ପହଣ୍ଡି କାର୍ଯ୍ୟ। ରଥ ଉପରେ ଓ ପହଣ୍ଡି ସମୟରେ ମୋବାଇଲ୍ ସମ୍ପୂର୍ଣ୍ଣ ବାରଣ ହେବ। ନୀତି ଶୃଙ୍ଖଳା ଓ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ଦଇତାପତି ସେବକମାନେ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି।

ବୈଠକ ପରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ଶୃଙ୍ଖଳିତ ପହଣ୍ଡି ଉପରେ ବିଶେଷ ଭାବେ ଆଲୋଚନା ହୋଇଥିଲା। ଗତବର୍ଷ ପହଣ୍ଡି ଅଘଟଣର ଯେପରି ପୁନରାବୃତ୍ତି ନ ହୁଏ, ସେଥିପାଇଁ ତିନିଜଣିଆ କମିଟିର ଯେଉଁ ପରାମର୍ଶ ଆସିଛି ତାକୁ ମାନିବା ପାଇଁ କୁହାଯାଇଛି। ପହଣ୍ଡିରେ ପ୍ରାଧିକୃତ ସେବକ ହିଁ ରହିବେ। ରଥ ପାଇଁ ବରିଷ୍ଠ ଅଧିକାରୀଙ୍କୁ ନିଯୋଜିତ କରାଯିବ, ଯେଉଁମାନେ ତଦାରଖ କରିବେ। ସେହିପରି କୌଣସି ସେବକ ରଥ ଉପରେ ମୋବାଇଲ୍ ଫୋନ୍ ବ୍ୟବହାର କରିପାରିବେ ନାହିଁ। ସହାୟକମାନେ କେବଳ ଆବଶ୍ୟକ ସମୟରେ ହିଁ ରଥ ଉପରକୁ ଯିବେ। ଅନ୍ୟ ସମୟରେ ଗଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରଥ ଉପରକୁ ଛଦ୍ମବେଶୀ ଚଢ଼ିଲେ ସେମାନଙ୍କ ବିରୋଧରେ ଫୌଜଦାରୀ ମାମଲା ହେବ। ସ୍ନାନପୂର୍ଣ୍ଣିମାରେ ଭକ୍ତମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଛୁଇଁବା ଘଟଣାର ତଦନ୍ତ ଚାଲିଛି। ଭିଡିଓ ଫୁଟେଜ୍‌ର ଯାଞ୍ଚ ପରେ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ। ସେହିପରି ଦିବ୍ୟାଙ୍ଗ ଭକ୍ତଙ୍କ ସୁବିଧା ପାଇଁ ଉତ୍ତର ଦ୍ୱାର ଦେଇ ରାମ୍ପ ନିର୍ମାଣ ଶେଷ ହୋଇଛି। ନୀଳାଦ୍ରିବିଜେ ପରେ ସମ୍ପୃକ୍ତ ସେବାୟତଙ୍କ ସହ ଏ ବିଷୟରେ ଆଲୋଚନା କରାଯିବ। ଯେପରି କୌଣସି ପରମ୍ପରା ବିରୋଧୀ କାର୍ଯ୍ୟ ନ ହେବ ତାକୁ ବିଚାର କରି ଏହି ବ୍ୟବସ୍ଥା ଆରମ୍ଭ ହେବ ବୋଲି ଡ. ପାଢ଼ୀ କହିଛନ୍ତି।

ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର କହିଛନ୍ତି, ଆମ ନିଯୋଗ ତରଫରୁ ପହଣ୍ଡିରେ ନିୟୋଜିତ ସେବକଙ୍କ ତାଲିକା କରିସାରିଛୁ। ବରିଷ୍ଠ ଓ ଯୁବକମାନେ କିଏ କେଉଁ ଦଳରେ ରହିବେ ଖସଡ଼ା ପ୍ରସ୍ତୁତ କରିଛୁ। ମୋବାଇଲ୍ ପ୍ରବେଶ କଟକଣା ସହ ଅଣସେବାୟତ କିପରି ନ ଚଢ଼ିବେ ତାକୁ ଗୁରୁତ୍ୱ ଦେବୁ। ଯୁବ ଦଇତାପତି ଅମିତ ଦାସମହାପାତ୍ର କହିଛନ୍ତି, ୧୫୦ ଜଣ ପହଣ୍ଡିରେ ସାମିଲ୍ ହେବେ। ଗୋଟିପହଣ୍ଡି ଥିବାରୁ ଦଇତାପତି ସେବକଙ୍କୁ ଚାରି ଦଳରେ ବିଭକ୍ତ କରାଯାଇଛି। ପହଣ୍ଡିବେଳେ ଅତିରିକ୍ତ ସୁରକ୍ଷାବଳୟ ସହ ଶୃଙ୍ଖଳିତ ପହଣ୍ଡିକୁ ଗୁରୁତ୍ୱ ଦିଆଯିବ।

# ଏଟିଏମ୍ ଆଗରେ କଟିଲା ରଜ

## ଲକ୍ଷେ ଟଙ୍କା ଜମା କରି ଜଗି ରହିଲେ

ବ୍ରହ୍ମପୁର, ୧୪।୬(ସମିସ): ଛୁଟି ଦିନରେ କେହି କାହାକୁ ସହଯୋଗର ହାତ ବଢାଇବା କ୍ୱଚିତ ଦେଖିବାକୁ ମିଳେ। ସମସ୍ତେ ଛୁଟି କାଟିବାରେ ବ୍ୟସ୍ତ। ଏପରିକି ଛୁଟି ଦିନରେ ମହାପୁରୁଷଙ୍କ ଜୟନ୍ତୀ ଅଥବା ଶ୍ରାଦ୍ଧଦିବସ ପାଳନ କରିବାରେ ମଧ୍ୟ ଆମେ ପଛଘୁଞ୍ଚା ଦେଉଥିବା ନଜିର ରହିଛି। ଏଭଳି ପରିସ୍ଥିତିରେ ବ୍ୟାଙ୍କ କର୍ତ୍ତୃପକ୍ଷ ନିଜର ଗ୍ରାହକଙ୍କୁ ସହଯୋଗର ହାତ ନବଢ଼ାଇବା କିଛି ନୂଆ କଥା ମଧ୍ୟ ନୁହେଁ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବ୍ରହ୍ମପୁର ସହରରେ। ସହରର ଏକ ଏଟିଏମ୍ କେନ୍ଦ୍ରରେ ଜଣେ ବ୍ୟକ୍ତି ଦୀର୍ଘ ସମୟ ଧରି ଅଟକି ରହିଥିଲେ। କାରଣ ପଚାରିବାରେ ସେ ଯେଉଁ ଉତ୍ତର ଦେଇଥିଲେ ତାକୁ ଶୁଣି ଚକିତ ହୋଇଯାଇଥିଲେ ଆମ ପ୍ରତିନିଧି। ସ୍ଥାନୀୟ ଏକ ବ୍ୟାଙ୍କର 'ଏଟିଏମ' କେନ୍ଦ୍ରରେ ଜଣେ ବ୍ୟକ୍ତି ନିଜ କମ୍ପାନୀର ନଗଦ ୧ଲକ୍ଷ ଟଙ୍କାକୁ କାର୍ଡଲେସ୍ ଭାବେ ମେସିନରେ ଜମା କରିଥିଲେ। କିନ୍ତୁ ତାହା ସେଥିମଧ୍ୟରେ ଅଟକି ରହିଯାଇଥିଲା। କୌଣସି ଟ୍ରାଞ୍ଜାକ୍ସନ ସମ୍ପର୍କିତ ତଥ୍ୟ ମଧ୍ୟ ମେସିନରୁ ମିଳିନଥିଲା। ବରଂ ଏଟିଏମ୍ ମେସିନ ଅଚଳ ହୋଇଯାଇଥିଲା। ଫଳରେ ସ୍ୱଳ୍ପବେତନଭୋଗୀ କର୍ମଚାରୀଜଣକ ନିଜ ମାଲିକଙ୍କୁ କି ଉତ୍ତର ଦେବେ ତାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ। ଏଟିଏମ ଭିତରେ ଲାଗିଥିବା ବିଭିନ୍ନ ପୋଷ୍ଟରରେ ଲେଖା ଥିବା ଟୋଲ ଫ୍ରି ନମ୍ବର ଏପରିକି ବ୍ୟାଙ୍କର କର୍ମଚାରୀଙ୍କ ନମ୍ବରରେ ମଧ୍ୟ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ। ହେଲେ କୌଣସି ଫଳ ମିଳିନଥିଲା। ଅପରାହ୍ନ ପ୍ରାୟ ୧୨ଟା ୨୭ମିନିଟରୁ ଏଭଳି ପରିସ୍ଥିତିରେ ପଡ଼ିଥିବା ବ୍ୟକ୍ତି ଜଣକ ବାଧ ହୋଇ ଅଖିଆପିଆ ଏଟିଏମ ଭିତରେ ସନ୍ଧ୍ୟା ପର୍ଯ୍ୟନ୍ତ ଦୀର୍ଘ ୪ରୁ୫ଘଣ୍ଟା ପର୍ଯ୍ୟନ୍ତ ମେସିନକୁ ଜଗି ରହିଥିଲେ।

ତାଙ୍କରି ମନରେ ଗୋଟିଏ ଭୟ କାଳେ ସେହି ଟଙ୍କାକୁ ଆଉ କେହି ନେଇଯିବ ଓ ତାଙ୍କୁ ତାଙ୍କ ମାଲିକଙ୍କ ନିକଟରେ ଉତ୍ତରଦାୟୀ ହେବାକୁ ପଡିବ।

■ ରଥଖଳାରୁ...

## ଉଠିଲା ତୃତୀୟ ଭୂଇଁ

ପୁରୀ, ୧୪।୬ (ସମିସ): ଆଉ ମାତ୍ର ୧୨ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଚତୁର୍ଦ୍ଧା ବିଗ୍ରହଙ୍କ ଏହି ନବଦିନାତ୍ମକ ଯାତ୍ରା ଲାଗି ପ୍ରସ୍ତୁତି ଜୋର୍‌ଦାର ଚାଲିଛି। ରଥଖଳାରେ ରଥ କାମ ମଧ୍ୟ ସରି ସରି ଆସୁଛି। ମହାରଣା, ଭୋଇ, ରୂପକାର, ଚିତ୍ରକର, କମାର ସେବକ ନିଜ ନିଜ କାମରେ ଲାଗି ପଡ଼ିଛନ୍ତି। ଶନିବାର ସୁଦ୍ଧା ପ୍ରତ୍ୟେକ ରଥରେ ଦୁଇଟି ଲେଖାଏଁ ଡମକ ଉଠି କଣ୍ଟା ବାଡ଼ାଯିବା ପରେ ତୃତୀୟ ଭୂଇଁ ସଂଯୋଗ କରାଯାଇଛି। ଏହାପରେ ପୋଟଳ ଖମ୍ବ, ପୋଟଳ ପାରେଣୀ ଓ ପୋଟଳ ଓରା ଖଞ୍ଜାଯାଇଛି। ସେହିପରି ତିନି ରଥର ୨ଟି ଲେଖାଏଁ କତରା (ଆଗ ଓ ପଛ) ନିର୍ମାଣ ସରିଛି। ରଥଖଳାରେ ମୂଳ କଇଁଚି ନିର୍ମାଣ ଚାଲିଛି। ଏତଦ୍‌ବ୍ୟତୀତ ଶନିବାର ପ୍ରତ୍ୟେକ ରଥରେ ଡାଗ ବାଡ଼ିଆ ମଧ୍ୟ ଆରମ୍ଭ କରାଯାଇଛି। ଚାରପରିଛା ଗୋଟିଏ ଲେଖାଏଁ କାମ ହୋଇଛି। ସେହିପରି ରୂପକାର ସେବକମାନେ ଧୂଳିଦଣ୍ଡା ନିର୍ମାଣ ଶେଷ କରି ଯୋଗାଇ ଦେଇଛନ୍ତି। ଚିତ୍ରକର ସେବକମାନେ ସଫା ହୋଇ ରହିଥିବା ତିନିରଥ ପାର୍ଶ୍ୱ ଦେବଦେବୀ ମୂର୍ତ୍ତି, ସକ୍ଷୀ, ଓଲଟ ଶୁଆ ଏବଂ ଦେବଦେବୀ ଆସ୍ଥାନ ଫ୍ରେମ୍‌ଗୁଡ଼ିକରେ ରଙ୍ଗ ଦେଉଛନ୍ତି। ପ୍ରତ୍ୟେକ ରଥର ଦଣ୍ଡା ଏବଂ ଗୁଜଗୁଡ଼ିକରେ ରଙ୍ଗ ହେବା ପୂର୍ବରୁ ଧଳା ପ୍ରାଇମର ଦେଇଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ପୋଟଳ ପାଇଁ ପୋଟଳ ନଦା କଣ୍ଟା ତିଆରି କରୁଛନ୍ତି।


**ପଟ୍ଟା ହଜିଯାଇଛି**

ମୁଁ ଆଦମ ଖାନ, ବୟସ ୫୦ ବର୍ଷ, ପିତା-ଦିଦାର ଖାନ, ଜା-ମୁସଲମାନ, ସା-ଖାଟ ମହଲ୍ଲା, ପୋଷ୍ଟ /ଥାନା- ପୁରୁଣା ବଜାର, ଜିଲ୍ଲା- ଭଦ୍ରକ, ଖାତା ନମ୍ବର-705 / 340 ର ଅରିଜିନାଲ ପଟ୍ଟା ଟି ଘରୁ ପୁରୁଣା ବଜାର ମାର୍କେଟ ଯିବା ବାଟରେ ହଜିଯାଇଛି, ମୁଁ ସତଚେଷ୍ଟା କରିସାରିବା ପରେ ମଧ୍ୟ ଉପର ଲିଖିତ ପଟ୍ଟା କୁ ଖୋଜି ପାଇବାରେ ସକ୍ଷମ ହୋଇନାହିଁ । ଯଦି କୌଣସି ସହୃଦୟ ବ୍ୟକ୍ତି ଏହାକୁ ପାଆନ୍ତି ତେବେ ନିମ୍ନ ଲିଖିତ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ ।

ମୌଜା-ଚେକା

ଫୋନ-9937127176 --9090224511



**BEFORE THE HON'BLE MOTOR ACCIDENT CLAIMS TRIBUNAL (SCCH-15) AT BENGALURU**

**M.V.C. No. 5199/2024**

**Between:** Smt. Rupa P ...Petitioner

**And:** Utility Transport Co and two others ...Respondents

**Notice to Respondent No.2**

**Ranjith Kumar Jha** S/o Santhosh Kumar Jha Aged about 32 years, R/at: Belapahara Village, Near ITI college, Jarasagudha Jarasagudha, Orissa-768217

Whereas, the petitioner Smt. Rupa, has filed the above petition under Section 166 of IMV Act against the respondent No.1 to 3 seeking compensation of Rs.10,00,00,000/- with cost and interest for the injuries suffered by her in Road Traffic Accident that occurred on 04/05/2023 at 09:10 PM on Doddaballapura Main Road, Near Yelahanka Traffic Police Station, Yelahanka, Bangalore-560064. You, Mr. Ranjith Kumar Jha being the driver of the offending vehicle lorry bearing number NL-01-Q-6019 arrayed as respondent No.2, is hereby summoned to appear in person or through pleader before this Hon'ble Court at **11 am on 17th July 2025** to answer the same, failing which the petition will be heard and decided ex-parte in your absence.

Given under my hand and seal of the court, this 12th day of June 2025.

**By Order of the Court**
Sd/- Assistant Registrar
Court of Small Causes, Bangalore

**"Avadhuthara Krupa Law Associates".**
No.30/1, 2nd Floor, Sundar Industrial Compound, N.T.Y Layout, Mysore Road, B'lore-26.
Ph: 9900600555



**NOTICE**

By virtue of an affidavit sworn before Executive Magistrate, BARIPADA, dated 12/06/2025, I RANVEER PRASAD SAHA S/o- Ranjit Prasad Saha, At – Babusahi, Ward No – 05, Po - Baripada, P.S- Baripada, Dist – Mayurbhanj, Pin – 757001 declare that I have changed my name from **RANBIR SAHA** to **RANVEER PRASAD SAHA.** Henceforth, I shall be known as **RANVEER PRASAD SAHA** for all purposes.

**Sd/- RANVEER PRASAD SAHA**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୁଶାନ୍ତ ସିଂହଙ୍କୁ...

ନେଇ ତାଙ୍କ ବାପା ଅଭିଯୋଗ କରି କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ସିବିଆଇ ଏହି ରିପୋର୍ଟ ଦାଖଲ କରିଛି।

ଏହି ମାମଲାରେ ଅଭିନେତାଙ୍କ ପୂର୍ବତନ ବାନ୍ଧବୀ ରିଆ ଚକ୍ରବର୍ତ୍ତୀଙ୍କୁ ୨୭ ଦିନ ପାଇଁ ଜେଲ୍‌ରେ ରହିବାକୁ ପଡ଼ିଥିଲା। ଏହି ରିପୋର୍ଟ ଆସିବା ପରେ ରିଆଙ୍କ ଓକିଲ ସତୀଶ ମାନସିନ୍ଦେ କହିଛନ୍ତି ଯେ ଏହି ମାମଲାକୁ ନେଇ ମିଥ୍ୟା କାହାଣୀ ପ୍ରସ୍ତୁତ କରାଯାଇଥିଲା। ଏହା ସତ୍ତ୍ୱେ ରିଆଙ୍କ ପରିବାର ଚୁପ୍ ହୋଇ ସବୁ ସହିଥିଲା। ସୁଶାନ୍ତଙ୍କ ପିତା କେକେ ସିଂହ ଏହି ମାମଲାକୁ ନେଇ ରିଆଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏଥିରେ ଆତ୍ମହତ୍ୟା ପାଇଁ ଉସୁକାଇବା, ଠକେଇ ଏବଂ ଟଙ୍କା ହେରଫେରର ଅଭିଯୋଗ କରାଯାଇଥିଲା। ସେହିପରି ରିଆ ସୁଶାନ୍ତଙ୍କ ପରିବାର ବିରୋଧରେ ମାନସିକ ଉତ୍ପୀଡନ ଅଭିଯୋଗ ଲଗାଇ ଥିଲେ। ସିବିଆଇ ଏହି ଦୁଇ ମାମଲାର ଯାଞ୍ଚ କରୁଥିଲା। ସୁଶାନ୍ତଙ୍କ ମୃତ୍ୟୁର କିଛି ଦିନ ତଳେ ୨୦୨୦ ଜୁନ୍ ୮ରେ ମୁମ୍ବାଇର ସାଲାଡ ସ୍ଥିତ କୋଠାର ୧୪ ମହଲାରୁ ଡେଇଁ ଦିଶା ସାଲିୟାନଙ୍କ ମୃତ୍ୟୁ ହୋଇଥିଲା। ଏହି ଦୁଇ ମୃତ୍ୟୁ ମାମଲା ପରସ୍ପର ସହ ଯୋଡ଼ି ଦେଖାଯାଉଥିଲା। ଦିଶାଙ୍କ ବାପା ସତୀଶ ସାଲିଆନ ଅଭିଯୋଗ କରିଛନ୍ତି ଯେ ଗଣଦୁଷ୍କର୍ମ ପରେ ଝିଅକୁ ହତ୍ୟା କରାଯାଇଥିଲା। କିନ୍ତୁ ରାଜନୈତିକ ଚାପ ଆଗରେ ମାମଲାକୁ ଚପାଇ ଦିଆଗଲା। ପ୍ରଥମେ ମୁମ୍ବାଇ ପୁଲିସର ଯାଞ୍ଚ ଉପରେ ଦିଶାଙ୍କ ବାପା ଭରସା କରିଥିଲ। କିନ୍ତୁ ପରେ ସେ ଚାପରେ ପଡ଼ି ଏପରି କହିଥିବା ଉଲ୍ଲେଖ କରିଥିଲେ। ଗତ ମାର୍ଚ୍ଚ ୨୦ରେ ସେ ପୁଣିଥରେ ମାମଲାର ଯାଞ୍ଚ ପାଇଁ ବମ୍ବେ ହାଇକୋର୍ଟରେ ଆବେଦନ ଦାଏର କରିଥିଲେ। ଏଥିରେ ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକରେଙ୍କ ବିରୋଧରେ ଏତଲା ରୁଜୁ କରାଯାଇଥିଲା। ମାମଲା ସିବିଆଇକୁ ପ୍ରଦାନ କରିବା ପାଇଁ ନିବେଦନ କରାଯାଇଥିଲା।

### ବର୍ଷପୂର୍ତ୍ତିରେ ମହାନଦୀ...

ମହାନଦୀ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେବାକୁ ଜଷ୍ଟିସ ବେଲା ଏମ୍. ତ୍ରିବେଦୀଙ୍କୁ ୬ ମାସ ପୂରିଲାଣି; ମାତ୍ର ଏଯାବତ୍ ଜଳ ବିବାଦକୁ ନେଇ ସ୍ଥଗିତ ରହିଥିବା ଶୁଣାଣି ପ୍ରକ୍ରିୟା ଆରମ୍ଭ ହୋଇପାରିଲା ନାହିଁ। ଓଡ଼ିଶା ଏଥିଯୋଗୁଁ ସର୍ବାଧିକ କ୍ଷତି ସହୁଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। ଏପରିସ୍ଥଳେ ମହାନଦୀର ବୈଷୟିକ ମୂଲ୍ୟାଙ୍କନ ଓ ସର୍ଭେ କେଉଁ କାମରେ ଲାଗିବ ବୋଲି ବିଶେଷଜ୍ଞ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଓଡ଼ିଶାର ଜୀବନରେଖା ଭାବେ ପରିଚିତ ମହାନଦୀ ଛତିଶଗଡ଼ ଓ ଓଡ଼ିଶାର ଜଳବିବାଦ ମଧ୍ୟରେ ସଙ୍କୁଚିତ ହୋଇଛି। ଛତିଶଗଡ଼ର ମନମାନୀ ଯୋଗୁଁ ଓଡ଼ିଶାକୁ ମହାନଦୀରେ ଜଳପ୍ରବାହ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏପରିକି ମୌସୁମୀରେ ମଧ୍ୟ ମହାନଦୀ ଏକପ୍ରକାର ଶୁଖିଲା ପଡ଼ିଛି। ଜଳ ବିବାଦର ସମାଧାନ ନେଇ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କର ଆନ୍ତରିକତାର ଅଭାବ ପରିଲକ୍ଷିତ ହେଉଛି। ଓଡ଼ିଶା-ଛତିଶଗଡ଼-କେନ୍ଦ୍ରର ଟ୍ରିପଲ୍ ଇଞ୍ଜିନ୍ ସରକାର ଏହାକୁ ଗୁରୁତର ସହ ବିଚାର କରି ସମସ୍ୟାର ଆଶୁ ସମାଧାନ ପ୍ରଦାନ ନେଇ ତତ୍ପରତା ଦେଖାନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

ତେବେ ଏନେଇ ପ୍ରତିକ୍ରିୟା ରଖି ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଆନ୍ଦୋଳନର ଆବାହାକ ସୁଦର୍ଶନ ଛୋଟରାୟ କହିଛନ୍ତି, ଆଗାମୀ ମୌସୁମୀକୁ ଆଖି ଆଗରେ ରଖି ସରକାର ତରବରିଆ ଭାବେ ଏହି ମୂଲ୍ୟାଙ୍କନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ବୈଷୟିକ ମୂଲ୍ୟାଙ୍କନ ବହୁ ଆଗରୁ କରିବାର ଥିଲା। ରାଜ୍ୟରେ ନୂଆ ସରକାରଙ୍କୁ ବର୍ଷେ ପୂରିଲାଣି। ଟ୍ରିବ୍ୟୁନାଲ ଅଧ୍ୟକ୍ଷ ନିଯୁକ୍ତି ହେବାକୁ ମଧ୍ୟ ୬ ମାସ ଅତିକ୍ରାନ୍ତ ହେଲାଣି। ମାତ୍ର ମହାନଦୀ ବିବାଦ ମାମଲାରେ ନୂଆ ଅଧ୍ୟକ୍ଷ ନିଯୁକ୍ତି ପରଠାରୁ ଶୁଣାଣି ହୋଇପାରିଲା ନାହିଁ। ରାଜ୍ୟ ସରକାର ମହାନଦୀ ବିବାଦର ସ୍ଥାୟୀ ସମାଧାନ ପାଇଁ କାହିଁକି ତତ୍ପରତା ପ୍ରକାଶ କରୁନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଉଭୟ ଛତିଶଗଡ଼ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ବିବାଦର ସମାଧାନ ଆଲୋଚନା ଦ୍ୱାରା ସମ୍ଭବ ବୋଲି କହୁଛନ୍ତି। ତା'ହେଲେ ଉଭୟଙ୍କୁ ଏଥିପାଇଁ କିଏ ରୋକିଛି? କେନ୍ଦ୍ର ସହ ଛତିଶଗଡ଼ ଏବଂ ଓଡ଼ିଶାରେ ଟ୍ରିପଲ ଇଞ୍ଜିନ ସରକାର ଚାଲିଛି। ବିବାଦରେ ଯାହା କାଗଜପତ୍ର ଦାଖଲ କରିବା କଥା ତାହା ଉଭୟ ରାଜ୍ୟ କରି ସାରିଛନ୍ତି। ରାଜ୍ୟ ସରକାର ଟ୍ରିବ୍ୟୁନାଲରେ ଶୁଣାଣି ପାଇଁ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାନ୍ତୁ। ଯାହାଫଳରେ ଟ୍ରିବ୍ୟୁନାଲରେ ତ୍ୱରିତ୍ ଶୁଣାଣି ହେଉ ବୋଲି ଶ୍ରୀ ଛୋଟରାୟ ମତବ୍ୟକ୍ତ କରିଛନ୍ତି।

ଅପରପକ୍ଷେ ଗତ ଶୁକ୍ରବାର ମହାନଦୀ ବଞ୍ଚାଅ ଆନ୍ଦୋଳନ ଓ ଓଡ଼ିଶା ନଦୀ ସୁରକ୍ଷା ସମିତି ପକ୍ଷରୁ ଭୁବନେଶ୍ୱରଠାରେ ଓଡ଼ିଶା ନଦୀ ସୁରକ୍ଷା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରେ ନଦୀ ଗୁଡ଼ିକର ସ୍ୱାସ୍ଥ୍ୟ ଅତି ସଙ୍କଟାପନ୍ନ ଓ ସେଗୁଡ଼ିକର ସୁରକ୍ଷା ପାଇଁ ଏଥିରେ ଉଦ୍‌ବେଗ ପ୍ରକାଶ କରାଯାଇଛି। ରାଜ୍ୟର ନଦୀ ସଂକ୍ରାନ୍ତରେ ଏକ ଶ୍ୱେତପତ୍ର ପ୍ରକାଶ ଓ ରାଜ୍ୟ ପାଇଁ ଏକ ନଦୀ ନୀତି ପ୍ରଣୟନ ପାଇଁ ସମ୍ମିଳନୀ ସରକାରଙ୍କଠାରେ ଦୃଢ଼ ଦାବି କରିଛି।

### ରାଜସ୍ଥାନର ମହେଶ...

ସର୍ବଭାରତୀୟ ତାଲିକାରେ ୬୦ ତମ ର୍‍ୟାଙ୍କରେ ରହିଛନ୍ତି। ୨୦୨୫ ନିଟ୍ ପରୀକ୍ଷାଫଳ ସହ ଏନ୍‌ଟିଏ ଅନ୍ତିମ ନିଟ୍ ଉତ୍ତରପତ୍ର ଓ ସର୍ବଭାରତୀୟ ର୍‍ୟାଙ୍କ ମଧ୍ୟ ପ୍ରକାଶ କରିଛି। ଚଳିତବର୍ଷ ଓଡ଼ିଆ ଭାଷାରେ ୮୧୨ ଜଣ ପରୀକ୍ଷା ଦେବା ପାଇଁ ପଞ୍ଜୀକରଣ କରିଥିଲେ। ଓଡ଼ିଶାରୁ ୬୧ ହଜାର ୧୧୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ପଞ୍ଜୀକରଣ କରିଥିଲା ବେଳେ ୫୯ ହଜାର ୨୩୮ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୧ ହଜାର ୬୭୩ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଗତବର୍ଷ ତୁଳନାରେ ଏଥର ଓଡ଼ିଶାର ପିଲାମାନଙ୍କ ପ୍ରଦର୍ଶନ ହ୍ରାସ ପାଇଛି। ୨୦୨୪ରେ ୬୪ ହଜାର ୩୨୫ ଜଣ ପରୀକ୍ଷା ଦେଇଥିବାବେଳେ ୩୨ ହଜାର ୫୫୭ ଜଣ ପାସ୍ କରିଥିଲେ।

### ଚର୍ମ କର୍କଟ ରୋକିବ...

କାର୍ଯ୍ୟ କରିଥାଏ। ଏହାର ପ୍ରଭାବରେ ଚର୍ମ ଓ ବୟସର ଛାପକୁ ମଧ୍ୟ ହ୍ରାସ କରିଥାଏ। ଏହି ସାମୁଦ୍ରିକ ଶୈବାଳକୁ ରାସାୟନିକ ସନସ୍କ୍ରିନ୍ ପାଇଁ ଏକ ନିରାପଦ, ଜୈବିକ ଏବଂ ପରିବେଶ ଅନୁକୂଳ ବିକଳ୍ପ ଭାବେ ବ୍ୟବହାର କରାଯାଇ ପାରିବ ବୋଲି ଗବେଷଣାରୁ ଜଣାପଡ଼ିଛି। ଚିଲିକା ହ୍ରଦର ଜୈବବିବିଧତା ଏହି ସାମୁଦ୍ରିକ ଶୈବାଳର ବୃଦ୍ଧି ପାଇଁ ପ୍ରକୃଷ୍ଟ ପରିବେଶ। ମଧୁର ଏବଂ ଲୁଣିଆ ପାଣିର ମିଶ୍ରଣ ଏବଂ ପୁଷ୍ଟିସାରର ପ୍ରଚୁରତା ହିଁ ଏହାର ସ୍ୱତନ୍ତ୍ରତା। ଏଠାରେ ଏପର୍ଯ୍ୟନ୍ତ ୧୪ ପ୍ରଜାତିର ମାକ୍ରୋ ଶୈବାଳ ଚିହ୍ନଟ କରାଯାଇଛି। ଏ ସମ୍ପର୍କରେ ବୈଜ୍ଞାନିକ ତଥା ଗବେଷକ କହିଛନ୍ତି, ଏହା ସନସ୍କ୍ରିନ୍‌ର ବିକଳ୍ପ ଭାବେ ଆମେ ବ୍ୟବହାର କରିପାରିବା। ଏହାକୁ ଆମ ତ୍ୱଚାରେ ବ୍ୟବହାର କଲେ, ଅତି ବାଇଗଣୀ ରଶ୍ମି ତ୍ୱଚା ଭିତରକୁ ପ୍ରବେଶ କରିପାରିବ ନାହିଁ। ଏହା ଦୀର୍ଘ ବର୍ଷର ଗବେଷଣା ପରେ ଆବିଷ୍କାର ହୋଇଛି ବୋଲି ସେ କହିଛନ୍ତି।

### ଛେଳିଚୋରକୁ ପିଟିପିଟି...

ପପୁ ପାତ୍ର (୨୪) ଫେରାର୍ ହୋଇଯାଇଛି। ସୂଚନାନୁଯାୟୀ, ଦେବର୍ଷିଙ୍କ ଏକ ଛେଳିକୁ ଗତ ଗୁରୁବାର ବିପିନ ଚୋରି କରିନେଇଥିଲା। ଏହା ଜାଣିବା ପରେ ଦେବର୍ଷି, ବୀଣାପାଣି ଓ ପପୁ ଗତ ରାତି ପ୍ରାୟ ୯ଟାରେ ବିପିନକୁ ଗାଁ ମୁଣ୍ଡରେ ଏକୁଟିଆ ପାଇ ମାଡ଼ି ବସିଥିଲେ। ସେଠାରେ ତାଙ୍କୁ ଏକ ଗଛରେ ବାନ୍ଧି ନିସ୍ତୁକ ପିଟିଥିଲେ। ଏଥିରେ ପଦ୍ମିନୀ ମଧ୍ୟ ସାମିଲ ହୋଇଥିଲେ। ତେବେ ଏଥିରେ ବିପିନ୍‌ଙ୍କ ମୃତ୍ୟୁ ହୋଇଯିବାରୁ ସେମାନେ ଶବକୁ ଶଙ୍ଖୁଆ ଗୋରାଣ୍ଡିଯୋଡ଼ି ରାସ୍ତାର ହାଇସ୍କୁଲ ନିକଟ ରାସ୍ତାକଡ଼ରେ ଫୋପାଡ଼ି ଦେଇଥିଲେ। ଆଜି ସକାଳୁ କିଛି ଗ୍ରାମବାସୀ ମୃତଦେହ ଦେଖି ପୁଲିସ୍‌କୁ ସୂଚନା ଦେଇଥିଲେ। ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତ ବିପିନଙ୍କ ପତ୍ନୀ ତିଲୋତ୍ତମାଙ୍କ ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଆଜି ପୁଲିସ୍ ଏହି ଘଟଣାରେ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନାଧିକାରୀ ମାନସ ମହାକୁଡ଼ ସୂଚନା ଦେଇଛନ୍ତି।

### ଭୋଜିଭାତ ଉପରେ...

ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଉଦ୍ୟମ ସତ୍ତ୍ୱେ ଡାଇରିଆର ପ୍ରକୃତ ଉତ୍ସ ଓ କାରଣ ଜଣାପଡ଼ିନାହିଁ।

ଅନ୍ୟପକ୍ଷରେ ପ୍ରତିଦିନ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ଜିଲ୍ଲାରେ ପହଞ୍ଚି ସମୀକ୍ଷା ବୈଠକ କରିବା ସହ ଆକ୍ରାନ୍ତଙ୍କୁ ଭେଟୁଛନ୍ତି। ଏହି କ୍ରମରେ ଆଜି ଜାତୀୟ ସ୍ୱାସ୍ଥ୍ୟ ମିଶନ ବିଭାଗର ନିର୍ଦ୍ଦେଶିକା ଡ. ବୃନ୍ଦା ଡି. ଓ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଡ. ବିଜୟ କୁମାର ମହାପାତ୍ର ଯାଜପୁର ଜିଲ୍ଲାର ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗସ୍ତ କରିଥିଲେ। ଏହି ଅବସରରେ ଝାଡ଼ାବାନ୍ତି ତଥା ଡାଇରିଆରେ ଆକ୍ରାନ୍ତ ଥିବା ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ।

ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ ମିଶନ ବିଭାଗର ନିର୍ଦ୍ଦେଶିକା ଡ. ବୃନ୍ଦା ଡି. କହିଲେ ଯେତେ ବି ଝାଡ଼ାବାନ୍ତି ସଂକ୍ରମିତ ହେଉଛନ୍ତି, ସବୁର ତାଲିକା କରାଯିବ। ପରବର୍ତ୍ତୀ ସମୟରେ ଆଶାକର୍ମୀ ଓ ଅଙ୍ଗନବାଡ଼ି କର୍ମୀମାନେ ତାଙ୍କର ଓ ତାଙ୍କ ପରିବାରର ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବେ। ଆର୍‌ବିଏସ୍‌କେ ମୋବାଇଲ ହେଲଥ୍ ଟିମ୍ ପ୍ରତ୍ୟେକ ଦିନ ଗାଁ ପରିଦର୍ଶନ କରିବେ। ଯେଉଁ ଗ୍ରାମରେ ଅଧିକ ରୋଗୀ ଚିହ୍ନଟ ହେବେ, ସେଇ ଗ୍ରାମକୁ ଆଗ ପରିଦର୍ଶନ କରାଯିବ ଏବଂ ଆଉଟ୍‌ରିଚ୍ ଗ୍ରାମଗୁଡ଼ିକୁ ମଧ୍ୟ ଭିଜିଟ୍ କରାଯିବ। ପାଣି ପାଉଚ୍ ଓ ବୋତଲ ମ୍ୟାନୁଫ୍ୟାକ୍‌ଚର ଉପରେ ତଦାରଖ କରାଯିବ। ପ୍ରତିଦିନ ସନ୍ଧ୍ୟାରେ ଏକ ସମୀକ୍ଷା ବୈଠକ କରାଯିବ। ଏହି ବୈଠକରେ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ପ୍ରତି ସଂକ୍ରମଣ ରୋକିବା ପାଇଁ ଆଶା, ଅଙ୍ଗନବାଡ଼ି କର୍ମୀ, ଏଏନ୍‌ଏମ୍‌ମାନେ ଘରକୁ ଘର ଯାଇ ଜନସାଧାରଣଙ୍କୁ ସଚେତନ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ।

### ସ୍ଥିତି ଯାଞ୍ଚ କରିବ...

ପାଣି ପାଇଁ ଅନେକ ଲୋକ ଡାଇରିଆରେ ଆକ୍ରାନ୍ତ ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ଡାଇରିଆ ମାମଲା କମୁଛି, ଆସନ୍ତା ୨୪ଘଣ୍ଟାରେ ଏହା ଆହୁରି ହ୍ରାସ ପାଇବ। ଆଗୁଆ ମୌସୁମୀ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ଡାଇରିଆ ସଂକ୍ରମଣ ଦେଖିବାକୁ ମିଳୁଛି। ଏଥିପାଇଁ ଜଳ ଉତ୍ସ ଯାଞ୍ଚ କରାଯାଉଛି। ଲୋକମାନେ ବିଶୁଦ୍ଧ ପାଣି ପିଇବା ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁରୋଧ କରାଯାଉଥିବା ସେ କହିଛନ୍ତି।

ସୂଚନାଥାଉ କି, ଯାଜପୁର, ଭଦ୍ରକ, କେନ୍ଦୁଝର ପରେ କଟକ ଜିଲ୍ଲାରେ ଏବେ ଡାଇରିଆ ସ୍ଥିତି ଦେଖାଯାଇଛି। ପ୍ରାୟ ୭୦୦ ଲୋକ ଡାଇରିଆ ସଂସ୍ପର୍ଶରେ ଆସିଛନ୍ତି। କିନ୍ତୁ ଯାଜପୁର ଜିଲ୍ଲାରେ ଡାଇରିଆ ସହିତ ହଇଜା ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ସଂଗ୍ରହ କରାଯାଇଥିବା ମଳ ନମୁନାରୁ ୧୧ଟି ହଇଜା ପଜିଟିଭ୍ ଚିହ୍ନଟ ହୋଇଛି। ୧୦ ଦିନ ଭିତରେ ସ୍ଥାନୀୟ ଅଞ୍ଚଳରେ ବିଶୋଧନ କାର୍ଯ୍ୟ ଶେଷ କରିବା ଲାଗି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ୨୦୨୨ ମସିହାରେ ରାୟଗଡ଼ା ଜିଲ୍ଲା କାଶୀପୁରରେ ଭିବ୍ରିଓ କଲେରା ଜୀବାଣୁ ପାଇଁ ଶତାଧିକ ଆକ୍ରାନ୍ତ ହୋଇଥିବାବେଳେ ୫ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏହି ପ୍ରଜାତି ଦ୍ୱାରା ଏବେ ଯାଜପୁରରେ ଝାଡ଼ାବାନ୍ତି ବ୍ୟାପିଥିବା ଜଣାପଡ଼ିଛି।


**NOTICE**

By virtue of an affidavit sworn before Executive Magistrate, BARIPADA, dated 12/06/2025 I LEELABATI SAHA D/o- Bholanath Bhagat, At – Babusahi, Ward No – 05, Po - Baripada P.S- Baripada Dist – Mayurbhanj Pin – 757001 declare that I have changed my name from **LILABATI SAHA** to **LEELABATI SAHA**. Henceforth, I shall be known as **LEELABATI SAHA** for all purposes.

**Sd/- LEELABATI SAHA**

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

**Contact**
**GADHWAL GROUP**
**Mob.: 9437015112**

**AFFIDAVIT**

I, Rishabh Roshan Malik, aged about 26 years, S/o.: Shyam Sundar Malik, Resident of D-182, Phase-1, Nalco Nagar, Bhubaneswar, Dist.: Khurda declare by this affidavit No.: 36600, dtd. 13.06.2025 that now onwards I shall be known as **Rishabh Roshan Mallik** for all future purposes.

**AFFIDAVIT**

By virtue of an affidavit sworn before Notary Public, Sri Prasanna Kumar Bisoi of Aska, Affidavit No. 3296, dated: 11.06.2025. I, Bebarta Siva Satyam, Address- At/Po-Kalasandhpur, Aska, Sorada Road Ganjam- 761111, Odisha declare that I have changed my name from **B.Siva Satyam** to **Bebarta Siva Satyam**. Henceforth, I shall be known as **Bebarta Siva Satyam** for all Purposes.

**Sd/- Bebarta Siva Satyam**

**AFFIDAVIT**

I, Kavya, S/o.: Rajul Upadhyay, Resident of At Flat No.: 303, Block-B, Panchawati Appt., Main Road, PO./P.S.: Barbil, Dist.: Keonjhar, Odisha, declare by this affidavit No.: 158 dtd 13.06.2025 that now onwards I shall be known as KAVYA UPADHYAY for all future purposes.

**AFFIDAVIT**

By virtue of an affidavit No. 49, dtd. 12.06.2025 in the Court of the Executive Magistrate, Nandapur, Dist- Koraput, I, Madhab Krisani have changed my minor son's name from **Dambau Kirsani** to **Dambrudhar Kirsani.** Heanceforth he will be known as **Dambrudhar Kirsani** for all Purposes.

**Sd/- Madhab Kirsani**

**AFFIDAVIT**

By virtue of an affidavit sworn before Notary Public, Padampur, 12.06.2025, I, Pooja Patel, Address At-Dhumabhata, Po-Lakhamara, Dist-Bargarh, Pin-768036, Odisha declare that I have changed my name from **Pooja** to **Pooja Patel.** Henceforth, I shall be known as **Pooja Patel** for all purposes.

**Sd/- Pooja Patel**

**AFFIDAVIT**

By virtue of an affidavit sworn before the Executive Magistrate, Kabisuryanagar, No. A/IV dated 12.06.2025, I, **Rabindra Polei**, S/o- Ramesh Polei, resident of Vill.- Kholasamantarapur, Po.- Gudiali, Ps.- Kabisuryanagar, Dist.- Ganjam, Odisha- 761104 state that, I have changed my minor daughter's name from **Prakruti Polei** to **Ayesha Polei**. Henceforth she will be known as **Ayesha Polei** for all future purposes.

**AFFIDAVIT**

I, Ranjan Patel, S/o.: Umakanta Patel, Resident of Vill: Salohi, PO.: Kesaibahal, P.S.: Mahulpali, Dist: Sambalpur, PIN-768228, Odisha, declare by this affidavit No.: 568..dtd 13.06.2025 that now onwards I shall be known as RANJAN KUMAR PATEL for all future purposes.

**AFFIDAVIT**

I, Abanti Nayak, aged about 59 years, D/o- Gopinath Swain, resident of 2RA 40/4, A.I.F Colony, Sunabeda-1, Dist- Koraput, PIN-763001, Odisha declared by this affidavit No. 501, dtd- 13/06/2025 that now onwards I shall be known as **ABANTI SWAIN** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Kabisuryanagar, No.A/3 dated 10.06.2025, I, **SMT. SWAPNA BISWAL**, W/o- Ajaya Biswal resident of Vill.- E. Dengapadar, Po.- Hindala, Ps.- Kabisuryanagar, Dist.- Ganjam, Odisha- 761104, state that, my daughter's actual and correct name is **Pragati Biswal.** But in her Aadhaar Card her name has been wrongly mentioned as **Itishree Biswal**. Her name should be corrected as **Pragati Biswal**, D/o- Ajaya Biswal and Swapna Biswal.

**AFFIDAVIT**

I, Roshni, W/o.: Rajul Upadhyay, Resident of At Flat No.: 303, Block-B, Panchawati Appt., Main Road, PO./P.S.: Barbil, Dist.: Keonjhar, Odisha, declare by this affidavit No.: 159 dtd 13.06.2025 that now onwards I shall be known as ROSHNI UPADHYAY for all future purposes.

**AFFIDAVIT**

By Virtue of an affidavit before the Notary Public, Baripada, Mayurbhanj. **I, Samanta Singhar Mohanta,** S/o: Duriyodhan Mohanta, Branch Manager, Odisha Grameen Bank, Baripada Branch, At/PO.: Baripada, PS.: Baripada Town, Dist.: Mayurbhanj. declare that, one Lalit Kumar Das, the Daily Deposit Agent of our Branch has been disengaged as per his request letter dt.20.03.2025 and the same has been granted by the Head Office, Odisha Grameen Bank vide letter No.: P&T/01/2025-26 dt. 02.06.2025. That, as such the depositors are hereby requested not to deposit any amount through him and his security deposit will be released within 30 days of his disengagement.

**AFFIDAVIT**

BY VIRTUE OF an affidavit sworn before the Notary Public, Sunabeda, No.2609 dated 31.03.2025, I, **SANADHAR KHADA**, S/o- Late Rabi Khada of Vill.- Alangapada, Po.- Jalahanjar, Dist.- Koraput, Odisha declare that, I have changed my name from **SANADHAR KHADA** to **SUNADHAR KHADA.** Henceforth I shall be known as **SUNADHAR KHADA** for all purposes.

**AFFIDAVIT**

BY VIRTUE OF an affidavit sworn before the Notary Public, Nabarangpur, No.4122/25 dated 13.06.2025, I, **SANTILATA GANTAYAT**, D/o- Gouranga Gantayat resident of Vill.- Kenduguda, Po.- Kotpad, Dist.- Koraput declare that, I have changed my name from **SANTI PATTNAYAK** to **SANTILATA GANTAYAT**. Henceforth I shall be known as **SANTILATA GANTAYAT** for all purposes.

**AFFIDAVIT**

By virtue of an affidavit no. 360/9.6.25 I, **Suchismita Nanda** W/o- Amitav Nanda R/o- Sonepur, Gokarneswarpara, Po/Ps-Sonepur, Odisha, 767017 do hereby declared That I Shall be known as **Suchismita Padhi** instead of **Suchismita Nanda** in all Purposes.

**Sd/- Suchismita Padhi**

**AFFIDAVIT**

By virtue of an affidavit sworn before Executive Magistrate, Panposh, Rourkela dated 30.05.2025, I, Mohammad Anwar Ansari, Address-At-Anand Bhawan Lane, Azad Mohalla, PO-Rourkela (Head Office), PS-Plantsite, Dist.-Sundargarh, Odisha, Pin-769001, declare that I have changed my daughter's name from **Neha Parween** to **Nargis Anwar.** Henceforth, she shall be known as **Nargis Anwar** for all purposes.

**Sd/- MOHAMMAD ANWAR ANSARI**

ସକାଳ THE SAKALA



www.sakalaepaper.com

## ଟ୍ରକ୍-ବୋଲେରୋ ଧକ୍କା, ଜଣେ ମୃତ, ୯ ଗୁରୁତର

**ବୌଦ୍ଧ, ୧୪।୬(ସମିସ):** ଶନିବାର ସକାଳେ ଜାତୀୟ ରାଜପଥ ନଂ ୫୭ର ବୌଦ୍ଧ ଥାନା ଖଜୁରୀ ପଡ଼ା ନିକଟରେ ଟ୍ରକ୍ ଓ ବୋଲେରୋ ମଧ୍ୟରେ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୯ ଜଣ ଗୁରୁତର ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜଗନ୍ନାଥଙ୍କ ଦେବସ୍ନାନ ପୂର୍ଣ୍ଣିମା ଦେଖି ବରଗଡ଼ ଜିଲ୍ଲା ବରପାଲି ଥାନା ସରଣ୍ଡା ପାଲି ଗ୍ରାମର ଡ୍ରାଇଭରକୁ ମିଶାଇ ୧୦ ଜଣ ଯାତ୍ରୀ ଏକ ବୋଲେରୋରେ ଫେରୁଥିଲେ। ଖଜୁରୀପଡ଼ା ଗ୍ରାମ ନିକଟରେ ସାମ୍ନାରୁ ଆସୁଥିବା ଏକ ଟ୍ରକ୍ ସହ ମୁହାଁ ମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣା ସ୍ଥଳରେ ଜଣେ ବୋଲେରୋ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୯ ଜଣ ଗୁରୁତର ଆହତ ହୋଇଛନ୍ତି। ୧୦୮ ଆମ୍ବୁଲାନ୍ସ ଯୋଗେ ସମସ୍ତ ଗୁରୁତରଙ୍କୁ ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଲୋକେ ଖଜୁରୀପଡ଼ା ନିକଟରେ ଜାତୀୟ ରାଜପଥ ନଂ ୫୭କୁ ଅବରୋଧ କରିଥିବା ସୂଚନା ମିଳିଛି।

## ସନ୍ତରଣ ଦକ୍ଷତା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସମ୍ବର୍ଦ୍ଧନା ଉତ୍ସବ

ବୌଦ୍ଧ, ୧୪।୬(ସମିସ):ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ଗୃହରେ ସନ୍ତରଣ ଦକ୍ଷତା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଯାପନି ଦିବସରେ ସମ୍ବର୍ଦ୍ଧନା ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଷ୍ଟାଡିୟମ ସ୍ଥିତ ସନ୍ତରଣାଗାର, ରଇଠାଣିବନ୍ଧ ଏବଂ ୫ମ ଆଇଆରବି ବାଟାଲିଆନ ବ୍ୟାରେକରେ ଯୁବବର୍ଗ ତାଲିମ ଗ୍ରହଣ କରିଥିଲେ।ଯୁବବର୍ଗ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ଗୃହରେ ତଥ୍ୟ ଭିତ୍ତିକ ତାଲିମ ନେବାପରେ ପ୍ରାକ୍ଟିକାଲ ତାଲିମ ଗ୍ରହଣ କରିଛନ୍ତି। ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଯୁବ ବର୍ଗଙ୍କ ପାଇଁ ସନ୍ତରଣ ଦକ୍ଷତା ବୃଦ୍ଧି ସମ୍ପର୍କିତ ଶିବିରରେ ଯୁବ ବର୍ଗଙ୍କୁ ପ୍ରାକ୍ଟିକାଲ ତାଲିମ ଦିଆଯାଇଛି।କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ପ୍ରମୁଖ ଉପସ୍ଥିତ ରହି ଯୁବ ବର୍ଗଙ୍କୁ ଉତ୍ସାହିତ କରିଥିଲେ।

## ବିଶ୍ୱ ରକ୍ତଦାତା ଦିବସ ପାଳିତ

**ବୌଦ୍ଧ, ୧୪।୬(ସମିସ):**ବୌଦ୍ଧ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ତାଲିମ କେନ୍ଦ୍ରରେ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇ ଯାଇଛି। ଅତିରିକ୍ତ ଜିଲ୍ଲା ଚିକିତ୍ସକ ଅଧିକାରୀ ଡାକ୍ତର ଭଞ୍ଜ କିଶୋର ରାମଚନ୍ଦ୍ର ଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରକ୍ତଦାତା ଶୁଭକାନ୍ତ ମହାନ୍ତି, ସର୍ବାଧିକ ରକ୍ତଦାନ କରିଥିବା ରକ୍ତଦାତା ଦେବାଶିଷ ପୁରୋହିତ ଓ ସଞ୍ଜୟ କୁମାର ପଣ୍ଡା ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ରକ୍ତଦାନର ଆବଶ୍ୟକତା ଓ ତାର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଚଳିତ ବର୍ଷ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହୋଇଥିବା ରକ୍ତଦାନ ଶିବିର ଗୁଡିକର ଆୟୋଜକ ମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।

## ବିକାଶ ବାହନର ଶୁଭାରମ୍ଭ

ବୀରମହାରାଜପୁର, ୧୪।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ବିକାଶ ବାହନର ଶୁଭାରମ୍ଭ କରିଛନ୍ତି ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଳା। ବିଧାୟକ ପତାକା ଦେଖାଇ ବିକାଶ ବାହନର ଶୁଭାରମ୍ଭ କରିଛନ୍ତି। ଓଡ଼ିଶା ସରକାରଙ୍କ ଏକ ବର୍ଷ ପୂର୍ତ୍ତୀ ଉପରେ ଲୋକମାନଙ୍କୁ ଏହି ବାହନ ବାର୍ତ୍ତା ଦେବ। ଏହା ପ୍ରତ୍ୟେକ ପଞ୍ଚାୟତରେ ପହଞ୍ଚିବା ସହ ୧୨ଟି ବିଭାଗର କର୍ମଚାରୀ ଏଥିରେ ସାମିଲ୍ ହୋଇ ଜନସାଧରଣଙ୍କୁ ସେବା ଯୋଗାଇବେ ବୋଲି ବିଧାୟକ ଶ୍ରୀ ରଘୁନାଥ ଜଗଦଳା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତି ଲୁହା, ପୂର୍ବତନ ବ୍ଲକ ଚେୟାରମ୍ୟାନ୍ ସନ୍ତୋଷ କୁମାର ଭୋଇ, ସାଂସଦଙ୍କ ପ୍ରତିନିଧି ନଳିନୀ ପଣ୍ଡା, ବିଧାୟକଙ୍କ ପ୍ରତିନିଧି ପଦାର୍ଥ ଜଗଦଳା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଉଷାକୁମାରୀ, ସୁମନ୍ତ ଜଗଦଳାଙ୍କ ସମେତ ଶତାଧିକ ବିଜେପି କର୍ମୀ ସାମିଲ ଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁରୋଷୋତ୍ତମ ଧାରୁଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଦୃଷ୍ଟିବାଧିତ କଳାକାରଙ୍କ ଭଜନ ସମାରୋହ

ଶଗଡ଼ା, ୧୪।୬( ସମିସ): ବୌଦ୍ଧ ଜିଲ୍ଲାକଣ୍ଟାମାଳ ବ୍ଲକର ଘଣ୍ଟାପଡ଼ା ବସଷ୍ଟାଣ୍ଡ ଓ କଣ୍ଟାମାଳ ହାଟପଦା ଛକରେ ଦୃଷ୍ଟି ବାଧିତ କଳାକାରଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି।ସୁବର୍ଣ୍ଣପୁର ଜିଲ୍ଲା ବସାଶଙ୍କର ଗ୍ରାମର ଅସ୍ତୁବ କୁମ୍ଭାରଙ୍କ ନେତୃତ୍ୱରେ ମାଁ କନ୍ଧେନବୁଢୀ ଦୃଷ୍ଟିହୀନ ଭଜନ ପରିବାର ପକ୍ଷରୁ ଆୟୋଜିତ ଭଜନ ସମାରୋହରେ ଦୃଷ୍ଟି ବାଧିତ ସଙ୍ଗୀତ କଳାକାରଙ୍କ କଣ୍ଠରୁ ସୁମଧୁର ଭଜନ ଶୁଣିବାପାଇଁ ବହୁ ଲୋକଙ୍କ ସମାଗମ ହୋଇଥିଲା। ମାଁ କନ୍ଧେଁବୁଢି ଦୃଷ୍ଟିହୀନ ଭଜନ ପରିବାରର ଶୁଭମ୍ କୁମ୍ଭାର, ସଙ୍ଗମ ସାହୁ, ରବି ହେର୍ଣ୍ଣା, ଖିରସିନ୍ଧୁ ମହାନନ୍ଦ, ଅସ୍ତୁବ କୁମ୍ଭାର ପ୍ରମୁଖ ଭଜନ ପରିବେଷଣ କରିଥିଲେ।

## ଆଇଆଇସିଙ୍କ ସହ ବରିଷ୍ଠ ନାଗରିକ ସଂଘର ଆଲୋଚନା

ବୀରମହାରାଜପୁର, ୧୪।୬(ସମିସ): ବରିଷ୍ଠ ନାଗରିକଙ୍କ ସମସ୍ୟା ନେଇ ବରିଷ୍ଠ ନାଗରିକ ସଂଘର ଏକ ପ୍ରତିନିଧି ଦଳ ସ୍ଥାନୀୟ ଥାନାଧିକାରୀ ଗଞ୍ଜୁ ଓରାମ୍‌ଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ସଂଘର ଅନେକ ସଦସ୍ୟ ସଦସ୍ୟା ବର୍ତ୍ତମାନ ସୁଦ୍ଧା ବରିଷ୍ଠ ନାଗରିକ ପରିଚୟ ପତ୍ର ପାଇ ନଥିବା ଆଲୋଚନା ବେଳେ ଅବଗତ କରାଇଛନ୍ତି। ଅନେକ ଦିନ ହେଲା ବୀରମହାରାଜପୁର ଥାନାଧିକାରୀଙ୍କ ମାଧ୍ୟମରେ ସଦସ୍ୟସଦସ୍ୟାମାନଙ୍କର ଆବେଦନ ଫର୍ମ ଆରକ୍ଷୀ ଅଧିକ୍ଷକଙ୍କ ନିକଟକୁ ପ୍ରେରଣ କରାଯାଇଛି। ଏ ସମ୍ପର୍କରେ ଆଲୋଚନା ପରେ ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ଓରାମ କହିଥିଲେ। ପରେ ବରିଷ୍ଠ ନାଗରିକଙ୍କର ସାମାଜିକ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରତିନିଧି ଦଳରେ ସଭାପତି ଡ.ପ୍ରଫୁଲ୍ଲ ରଥ, ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ପାଢ଼ୀ, ଭୂଷଣ କୁମାର ପାତ୍ର, ବଳରାମ କାଣ୍ଡ, ନାରାୟଣ ପ୍ରସାଦ ନାୟକ, ସମ୍ପାଦକ ସନ୍ତୋଷ ଷଡ଼ଙ୍ଗୀ, ଉପ ସଭାପତି ସୌମିତ୍ରୀ ମହେର, ବାସୁଦେବ ପଣ୍ଡା, ଡ. ଦ୍ୱିତୀକୃଷ୍ଣ ପଣ୍ଡା ଭୀମସେନ ବାରିକ, ସୁରୁ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ଜରାଜାରିଙ୍ଗ ଓ ଶିବତୁଲାରେ ବିକାଶ ବାହନ ରଥ

ତରଭା, ୧୪।୬(ସମିସ): ବିକାଶ ବାହନ ରଥ ଶନିବାର ତରଭା ବ୍ଲକର ଜରାଜାରିଙ୍ଗ ପଞ୍ଚାୟତରେ ପହଞ୍ଚିଥିଲା। ସରପଞ୍ଚ ସଦା ପାତ୍ର, ବିଏସ୍ଏସ୍ଓ ପ୍ରଭାସ କର୍ଣ୍ଣ, ପିଇଓ ରମେଶ ମେହେର ଗ୍ରାମବାସୀଙ୍କ ସହ ରଥକୁ ସ୍ୱାଗତ କରିଥିଲେ। ପ୍ରାରମ୍ଭରେ ଏଲଇଡି ଟିଭି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାର୍ତ୍ତା ପ୍ରସାରିତ କରାଯାଇଥିଲା। ଏଥିରେ ଆଶାକର୍ମୀ, ଏସଏଚ୍‌ଜି ମହିଳା, ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ। ଏହି ଅବସରରେ ତିନି ଜଣଙ୍କୁ ରାସନ କାର୍ଡ, ଦଶ ଜଣଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ଘର କାର୍ଯ୍ୟାଦେଶ ଓ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଏହି ରଥ ତରଭା ବ୍ଲକର ଶିବତୁଲା ପଞ୍ଚାୟତରେ ପହଞ୍ଚିବା ପରେ ସେଠାରେ ମଧ୍ୟ ସ୍ଥାନୀୟ ସରପଞ୍ଚ ମୁକ୍ତା ନାଗ, ପିଇଓ ଶଙ୍କର ବଢ଼ିଆ, ବିପିଏମ ଅଶୋକ ମିଶ୍ରଙ୍କ ସହ ଗ୍ରାମବାସୀ ରଥକୁ ସ୍ୱାଗତ କରିଥିଲେ। ବ୍ଲକ କଳା ସଂସ୍କୃତି ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପରେ ତିନି ଜଣଙ୍କୁ ରାସନ କାର୍ଡ, ପାଞ୍ଚ ଜଣଙ୍କୁ ଜବକାର୍ଡ ବଣ୍ଟନ କରାଯାଇଥିଲା।

### କେନ୍ଦ୍ରିଆପାଲି ଓ ବହଳପଦର ପଞ୍ଚାୟତରେ ଅଣାୟତ୍ତ କିଡ୍‌ନୀ ରୋଗ

**ଆଉ ଜଣଙ୍କ ମୁଣ୍ଡ ନେଲା**

## କାମ ଦେଲାଣି ସ୍ୱାସ୍ଥ୍ୟ କାର୍ଡ; ବାଧକ ସାଜିଲା ଅର୍ଥ

- ବର୍ଷକରେ ଗଲାଣି ୩୦ ଜଣଙ୍କ ଜୀବନ
- ଆଉ କେତେ ମଲେ ଚେତିବ ପ୍ରଶାସନ?

**ସୁବଳୟା, ୧୪।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକର କେନ୍ଦ୍ରିଆପାଲି ଓ ବହଳପଦର ପଞ୍ଚାୟତରେ ଅଣାୟତ୍ତ ହେଲାଣି କିଡ୍‌ନୀ ରୋଗ। ବର୍ଷକ ମଧ୍ୟରେ ଏହି ଦୁଇ ପଞ୍ଚାୟତରେ କିଡ୍‌ନୀ ରୋଗ ୩୦ ଜଣଙ୍କ ଜୀବନ ନେଇଥିବା ବେଳେ ଏହି ରୋଗ ଶନିବାର ଆଉ ଜଣଙ୍କ ମୁଣ୍ଡ ନେଇଛି। ମୃତ ଆକ୍ରାନ୍ତ ଜଣକ ବଳପଦର ପଞ୍ଚାୟତର ଅମରପାଲି ଗ୍ରାମର ଦଶରଥ ସିନ୍ଧିରିଆ(୬୨) ବୋଲି ଜଣାପଡ଼ିଛି। ସ୍ୱାସ୍ଥ୍ୟ କାର୍ଡ କାମ ଦେଇ ନଥିବା ଅର୍ଥାଭାବରୁ ତାଙ୍କର ଆବଶ୍ୟକୀୟ ଚିକିତ୍ସା ହୋଇପାରି ନଥିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ପ୍ରାୟ ତିନି ମାସ ପୂର୍ବେ ଦଶରଥଙ୍କୁ ଜ୍ୱର ହେବାରୁ ପ୍ରଥମେ ବୀରମହାରାଜପୁର ଡାକ୍ତରଖାନାକୁ ନିଆଯାଇଥିଲା। ପରେ ତାଙ୍କୁ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସମ୍ବଲପୁର ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଦଶରଥ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ସେଠାରୁ ତାଙ୍କୁ ବୁର୍ଲା ବଡ଼ ଡାକ୍ତରଖାନା ଓ ପରେ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କର ସ୍ୱାସ୍ଥ୍ୟ କାର୍ଡ ଥିଲେ ମଧ୍ୟ ତାହା କୌଣସି କାମରେ ଆସି ନଥିଲା। ମାତ୍ର କିଛି କମ୍ ଦାମର ଔଷଧ କେବଳ ମାଗଣା



ମିଳୁଥିବାବେଳେ ବାକି ସବୁ ଦାମୀ ଔଷଧ ବାହାର ଔଷଧ ଦୋକାନରୁ କିଣିବାକୁ ପଡୁଥିଲା। ଏପରିକି ଡାକ୍ତର ତାଙ୍କୁ ଡାୟାଲେସିସ କରିବାକୁ କହିଥିଲେ ମଧ୍ୟ ସୁବିଧା ନ ହେବାରୁ ଦୁଇଥର ଘରୋଇ ଡାକ୍ତରଖାନାରେ ଡାୟାଲେସିସ କରିଥିଲେ। କେବଳ ଥରେ ମାତ୍ର ବୁର୍ଲା ବଡ଼ ଡାକ୍ତରଖାନାରେ ଡାୟାଲେସିସ କରିଥିଲେ। ଦଶରଥ ଜଣେ ଗରିବ ଓ ଶ୍ରମିକ ଶ୍ରେଣୀର ହୋଇଥିବାରୁ ଅର୍ଥ ଅଭାବରୁ ତାଙ୍କର ଅଧିକ ଚିକିତ୍ସା ହୋଇପାରି ନଥିଲା। ସେ ଘରେ ପଡ଼ି ରହିଥିଲେ। ଦଶରଥଙ୍କ ଜମି କହିଲେ ମାତ୍ର ଅଧ ଏକର। ତାଙ୍କର ତିନି ପୁଅ ଓ ତିନି ଝିଅ। ଦୁଇ ପୁଅ ବିବାହ କରିଥିବାବେଳେ ସମସ୍ତ ତିନି ପୁଅ ବାହାରେ ଶ୍ରମିକ ଭାବେ କାମ କରୁଛନ୍ତି। ଦଶରଥ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରାଯିବାକୁ ଦାବି ହୋଇଛି। ସୂଚନାଯୋଗ୍ୟ, କେନ୍ଦ୍ରିଆପାଲି, ବହଳପଦର ସମେତ ଦୁର୍ଜନତୈଲା ପଞ୍ଚାୟତ ଅଞ୍ଚଳରେ ପ୍ରାୟ ଶହେରୁ ଅଧିକ କିଡ୍‌ନୀ ଆକ୍ରାନ୍ତ ରହିଛନ୍ତି। ନଳକୂପରୁ ବାହାରୁ ଥିବା ଦୂଷିତ ଜଳ ଯୋଗୁଁ କିଡ୍‌ନୀ ରୋଗ ବ୍ୟାପୁଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଉଥିଲେ ମଧ୍ୟ ଉପରୋକ୍ତ ପଞ୍ଚାୟତ ଅଞ୍ଚଳରେ କେତେ ସଂଖ୍ୟକ ରୋଗୀ ଅଛନ୍ତି ତାହା ଚିହ୍ନଟ କରାଯାଉ ନାହିଁ। ଏପରିକି ଉକ୍ତ ରୋଗୀଙ୍କୁ ବୀରମହାରାଜପୁର ଓ ସୁବର୍ଣ୍ଣପୁରରେ ମାଗଣା ଚିକିତ୍ସା ମିଳୁ ନାହିଁ। ରୋଗୀଙ୍କୁ ମାଗଣା କୌଣସି ଔଷଧ ମଧ୍ୟ ଦିଆଯାଉ ନାହିଁ। ଯାହାଦ୍ୱାରା ବର୍ତ୍ତମାନ ସୁଦ୍ଧା ବର୍ଷକ ମଧ୍ୟରେ ୩୦ ଜଣଙ୍କ କିଡ୍‌ନୀ ରୋଗରେ ମୃତ୍ୟୁ ହୋଇସାରିଥିବା ଅଞ୍ଚଳବାସୀଙ୍କ ପକ୍ଷରୁ ସୂଚନା ମିଳିଛି। ତୁରନ୍ତ ଏହି ରୋଗ ନିୟନ୍ତ୍ରଣ ସହ ଆକ୍ରାନ୍ତ ଚିକିତ୍ସା ସୁବିଧା କରାଯିବା ଦିଗରେ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ବୈଠକ



**ମନମୁଣ୍ଡା, ୧୪।୬(ସମିସ):** ବୌଦ୍ଧ ଜିଲ୍ଲା ପ୍ରାଥମିକ ଶିକ୍ଷକ (ଏକ୍ସକ୍ୟାଡ଼ର) ସଂଘର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ବୌଦ୍ଧ ବ୍ଲକ ଦହ୍ୟା ହାଇସ୍କୁଲରେ ଶନିବାର ଦିନ ଜିଲ୍ଲା ସଭାପତି ରଞ୍ଜୁ ଅମାତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଜିଲ୍ଲା ସାଧାରଣ ସମ୍ପାଦକ ବୀରବିକ୍ରମ ପ୍ରଧାନ ଉପସ୍ଥାପନ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ପ୍ରକାଶ ଡାଙ୍ଗ ପରିଚାଳନାରେ ସହଯୋଗ କରିଥିଲେ। ପରେ ବିଶେଷ ଭାବରେ ୧.୩.୧୭ରୁ ୩୧.୮.୧୭ର ଆସିଥିବା ଏରୀୟର ଅର୍ଥ ଜିଲ୍ଲା ସମଗ୍ର ଶିକ୍ଷାରୁ ବିଇଓ ହେଡରେ ଡିପୋଜିଟରେ ବିଳମ୍ବ ହେବା, ବୌଦ୍ଧ ବ୍ଲକ ଏକ୍ସକ୍ୟାଡ଼ର ଶିକ୍ଷକଙ୍କ ଏନପିଏସ ଭାଗ ନିୟମିତ ଦିନଠାରୁ ଆଜି ପର୍ଯ୍ୟନ୍ତ ଡିପୋଜିଟ ହୋଇନପାରିବା ସମସ୍ୟା ଉପରେ ଉପସ୍ଥିତ କାର୍ଯ୍ୟକର୍ତ୍ତା ଓ ଶିକ୍ଷକମାନେ କ୍ଷୋଭ ପ୍ରକାଶ କରିଥିଲେ।ଏପରିକି କେତେକ ଶିକ୍ଷକ ଅବସର ନେଇଥିବା ବେଳେ ଅନ୍ୟ କେତେକ ଶିକ୍ଷକଙ୍କ ମୃତ୍ୟୁବରଣ ହୋଇଥିବାରୁ ସେପରିବାର ଦୁଃଖରେ କାଳାତିପାତ କରୁଥିବରୁ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଏକ୍ସକ୍ୟାଡ଼ର ଉଚ୍ଛେଦ କରି କିପରି ସମସ୍ତେ କ୍ୟାଡର ଭୁକ୍ତ ହେବେ ସଂଘ ପକ୍ଷରୁ ଆପ୍ରାଣ ଉଦ୍ୟମ ଜାରି ରହିଥିବା କଥା ଜିଲ୍ଲା ସଭାପତି ଶ୍ରୀ ଅମାତ କହିଥିଲେ। ଯଦି କୌଣସି ସମସ୍ୟାର ସମାଧାନ ନହେବ ଆଗାମି ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଜିଲ୍ଲା ସଂଘରେ ମତପ୍ରକାଶ ପାଇଥିଲା। ଉକ୍ତ ବୈଠକରେ ବୌଦ୍ଧ ବ୍ଲକ ସଭାପତି ସରୋଜ ପ୍ରଧାନ, କଣ୍ଟାମାଳ ସଭାପତି ରତ୍ନନିଧି ଖମାରୀ, ସମ୍ପାଦକ କେଶବ ପ୍ରଧାନ, କୋଷାଧ୍ୟକ୍ଷ ନରେଶ କର୍ମୀ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସୁମିତ୍ରା ମିଶ୍ର, ସୁବାଷ ସାହୁ, ସରୋଜ ରଣା, ରଞ୍ଜନ ଗରିଆ, କ୍ଷୀରୋଦ ପ୍ରଧାନ, ପରମେଷ୍ଠି ରଣା, ସୁମନ୍ତ ନାଏକ, ସଞ୍ଜୀବ ପାତ୍ର, ସ୍ମରଣ ମହାକୁଡ଼, ଅନଙ୍ଗ ମହାକୁଡ଼, ସୁଜିତ ସିଂ ପ୍ରମୁଖ ଯୋଗ ଦେଇ କର ବା ମର ନୀତିନେଇ ଆଗକୁ ବଢ଼ିଲେ ସଫଳତା ନିଶ୍ଚୟ ମିଳିବ ବୋଲି କହିଥିଲେ।ଶେଷରେ କୋଷାଧ୍ୟକ୍ଷ କେଶବ ବେହେରା ଧନ୍ୟବାଦ ଦେଇଥିଲେ।

## କୃଷକ ସଂଗଠନ ଓ ଟ୍ରକ୍ ମାଲିକ ସଂଘର ପ୍ରତିବାଦ



**ସୋନପୁର, ୧୪।୬(ସମିସ):** କୃଷକ ସଂଗଠନ ଓ ଟ୍ରକ୍ ମାଲିକ ସଂଘ ବିଭିନ୍ନ ସମସ୍ୟାକୁ ନେଇ ପ୍ରତିବାଦ କରିଛନ୍ତି। ଏନେଇ ସୁବର୍ଣ୍ଣପୁର ଜିଲ୍ଲା କୃଷକ ସଂଗଠନ ଓ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ବିଗତ ଦିନରେ ଜିଲ୍ଲାରେ ବର୍ଷାରେ ଚାଷୀର ଧାନ କ୍ଷତି ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହାର ସର୍ଭେ ହୋଇପାରିନି। ଏଥିସହ ଇନ୍‌ପୁଟ ସବସିଡି ମଧ୍ୟ ମିଳିପାରିନି। ମଣ୍ଡିରେ ଧାନ ବିକ୍ରି କରିବାକୁ ଚାଷୀମାନଙ୍କୁ କଟନି ଛଟନିର ଶିକାର ହେବାକୁ ପଡୁଛି। ଅନ୍ୟପକ୍ଷରେ ଜିଲ୍ଲା ପ୍ରଶାସନ ସମସ୍ତ ମଣ୍ଡିମାନଙ୍କୁ ବଡ ଟ୍ରକ୍ ଗୁଡିକରେ ଧାନ ଉଠାଇବାକୁ ମନା କରିଥିବାରୁ ସ୍ଥାନୀୟ ଟ୍ରକ୍ ମାଲିକମାନେ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏହାଦ୍ୱାରା ଛୋଟ ଛୋଟ ଗାଡ଼ିରେ ଧାନ ପରିବହନ କରି ଚାଷୀମାନେ ଦିନ ଦିନ ଧରି ମଣ୍ଡିରେ ଧାନ ବିକିବାକୁ ଅପେକ୍ଷା କରିବାକୁ ପଡୁଛି। ଫଳରେ ବିଗତ ବର୍ଷମାନଙ୍କରେ ଚାଷୀ ଏହି ସମୟରେ ତାହାର କଷ୍ଟ ଉପାର୍ଜିତ ଫସଲ ବିକ୍ରି କରି ଖୁସିରେ ରହୁଥିବା ବେଳେ ଏହି ବର୍ଷ ଧାନ ବିକ୍ରି କରି ନପାରି ଚିନ୍ତାରେ ରହିଛି। ଏହି ସବୁ ଘଟଣାକୁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଧ୍ୟାନ ଦେଇ ଶୀଘ୍ର ସମାଧାନ ନକଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚାଷୀ ସଂଗଠନ ଓ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଟ୍ରକ୍ ମାଲିକ ସଂଘ ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ଚାଷୀ ନେତା ବୈକୁଣ୍ଠ ଶତପଥୀ, ପ୍ରଦୀପ ପୁରୋହିତ, ନରେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ଜଳଛାୟା ବିଭାଗ କାର୍ଯ୍ୟରେ ଅନିୟମିତତା

## ଫଳକ ଗୋଟିଏ ଜାଗାରେ, କାର୍ଯ୍ୟ ଅନ୍ୟ ଜାଗାରେ

**ଶଗଡ଼ା, ୧୪।୬( ସମିସ) :**କଣ୍ଟାମାଳ ବ୍ଲକରେ ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ବିଭାଗ ପକ୍ଷରୁ ଅନେକ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି।ହେଲେ ବାସ୍ତବରେ ଯୋଜନାର ସୁଫଳ ଚାଷୀଙ୍କ ଅପେକ୍ଷା ଠିକାଦାର ମାଧ୍ୟମରେ କାର୍ଯ୍ୟକାରୀ ହେଉଛି। ଅନେକ ସ୍ଥାନରେ ନିମ୍ନମାନର କାର୍ଯ୍ୟ କରି ଟଙ୍କା ଲୁଟ କରାଯାଉଥିବା ବେଳେ ଆଉ କେତେକ ସ୍ଥାନରେ ଠିକାଦାରଙ୍କ ମାଧ୍ୟମରେ କାର୍ଯ୍ୟ କରାଯାଉଛି। ଯାହା ଫଳରେ ଚାଷୀଙ୍କ ପାଇଁ ଆସୁଥିବା କୋଟି କୋଟି ଟଙ୍କାର ଅନୁଦାନ ସଠିକ ଭାବରେ ବିନିଯୋଗ ହୋଇ ନ ପାରି ବାଟ ମାରଣା ହେଉଛି। ଅନେକ ସ୍ଥାନରେ କାମ ନ କରି ମଧ୍ୟ ଟଙ୍କା ଲୁଟ କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅନିୟମିତତା ନେଇ ପଞ୍ଚାୟତବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରି ଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଲୋକେ କହିଛନ୍ତି। ସୂଚନା ଅନୁସାରେ କଣ୍ଟାମାଳ ବ୍ଲକ ନାରାୟଣ ପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ଖେମୁଣ୍ଡି ଗଡ଼ ଗ୍ରାମର ଜଟିଆ ବୁଢା ନାଳ (୨) ଉପରେ ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ବିଭାଗ ପକ୍ଷରୁ ୨୦୨୨-୨୩ଆର୍ଥିକ ବର୍ଷରେ ୪ ଲକ୍ଷ ୮୩ ହଜାର ଟଙ୍କା ବ୍ୟୟ ଅଟକଳରେ ଏକ ପ୍ରୋଟେକ୍ସନ



ଗାର୍ଡ ୱାଲ ନିର୍ମାଣ ପାଇଁ ସୂଚନା ଫଳକ ଲଗା ଯାଇଥିଲା।ଏପରିକି ଗାର୍ଡୱାଲ ନିର୍ମାଣ ପାଇଁ ଖୋଳା ମଧ୍ୟ ଯାଇଥିଲା। ହେଲେ ନିର୍ଦ୍ଧାରିତ ସ୍ଥାନରେ ଉକ୍ତ ପ୍ରକଳ୍ପ କରା ନ ଯାଇ ଉକ୍ତ ସ୍ଥାନରୁ ବହୁ ଦୂରରେ ଥିବା ଜଙ୍ଗଲ ନିକଟରେ ଉକ୍ତ ପ୍ରକଳ୍ପ କରାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟ କଥା ଯେ କାର୍ଯ୍ୟ ସ୍ଥଳରେ ଏକ ଖାଲି ଫଳକ ନିର୍ମାଣ କରାଯାଇ ଥିବା ବେଳେ ଗାର୍ଡ ୱାଲ ନିର୍ମାଣ ସରିବାର ଏକ ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା କୌଣସି ସୂଚନା ଲେଖା ଯାଇ ନାହିଁ। ବିନା କୌଣସି ସୂଚନା ଫଳକରେ ଉକ୍ତ ଗାର୍ଡ ୱାଲ ପାଇଁ କିଭଳି ଭାବରେ ମଷ୍ଟର ରୋଲ ବାହାରିଲା ତାହା ବିଭାଗର ସ୍ୱଚ୍ଛତା ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ ଉକ୍ତ ଗାର୍ଡୱାଲ ନିମ୍ନମାନର ନିର୍ମାଣ କାର୍ଯ୍ୟ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସୂଚନା ଯୋଗ୍ୟ ଯେ ଗତ ବର୍ଷ ନାରାୟଣ ପ୍ରସାଦ ପଞ୍ଚାୟତରେ ୮୪ ଲକ୍ଷ ଟଙ୍କାର ଦୁର୍ନୀତି ହୋଇଥିବା ବେଳେ କାମ ନ କରି ଟଙ୍କା ଉଠାଣ ହୋଇଥିବା ଅଭିଯୋଗ ହୋଇଥିଲା। ଉକ୍ତ ଦୁର୍ନୀତିରୁ ମୁକୁଳିବା ପାଇଁ ବିଭାଗ ପକ୍ଷରୁ ଗୋଟିଏ ପରେ ଗୋଟିଏ କାମ କରି ଦୁର୍ନୀତିକୁ ଲୁଚାଇବାକୁ ଉଦ୍ୟମ କରା ଯାଉଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଘଟଣା ସମ୍ପର୍କରେ ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ହୃଷିକେଶ କହଁର ଙ୍କୁ ପଚାରିବାରୁ ଏହାର ତଦନ୍ତ କରିବା ବୋଲି କହିବା ପରିବର୍ତ୍ତେ କାମ ସବୁ ଠିକ ହୋଇଛି ବୋଲି ସଫେଇ ଦେଇଛନ୍ତି।

- ମହିଳାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ

## ବସଉଠ ହେଲେ ବସ୍ ଡ୍ରାଇଭର

**ବୌଦ୍ଧ, ୧୪।୬(ସମିସ):**ବଘିଆ ପଡ଼ା ରାସ୍ତାର ପନଖିମାଳ ଗ୍ରାମ ନିକଟରେ ଜଣେ ମହିଳା ଯାତ୍ରୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇ ମୁଖ୍ୟମନ୍ତ୍ରୀ ବସ୍ ସେବାର ଜଣେ ଡ୍ରାଇଭର ହୀନସ୍ତା ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଶନିବାର ପନଖିମାଳ ଗ୍ରାମର ଜଣେ ମହିଳା ବୌଦ୍ଧ ବ୍ରିଜ ଛକରୁ ମୁଖ୍ୟମନ୍ତ୍ରୀ ବସ ସେବା ଗାଡ଼ିରେ ପନଖି ମାଳ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ମହିଳାଙ୍କୁ ଓହ୍ଲାଇବା ସ୍ଥାନକୁ ନେଇ ବସ୍ ଡ୍ରାଇଭର ଓ ମହିଳାଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ଭିତରେ



ଡ୍ରାଇଭର ମହିଳା ଯାତ୍ରୀଙ୍କୁ ଆଶାଳୀନ ମନ୍ତବ୍ୟ ଦେଇଥିଲେ। ମହିଳା ଜଣଙ୍କ ଅପମାନିତ ହୋଇ ଘରେ ଏ କଥା କହିଥିଲେ ଫଳରେ କିଛି ସମୟ ପରେ ବସ ବଘିଆପଡ଼ାରୁ ଫେରୁଥିବା ସମୟରେ ପନଖିମାଳ ନିକଟରେ ଅଟକାଇ ଡ୍ରାଇଭରଙ୍କୁ ପଚାରିଥିଲେ। ଡ୍ରାଇଭର ଭୁଲ୍ ସ୍ୱୀକାର କରିବା ସହ ମାଗିଥିଲେ ଓ ରାସ୍ତା ଉପରେ କାନ ଧରି ବସଉଠ ହେଉଥିବା ଦେଖିବାକୁ ମିଳିଥିଲା। ଏ ଘଟଣା ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି।

### ପ୍ରଶାସନର ଦୃଷ୍ଟି ଆଢୁଆଳରେ ଗୋଧନେଶ୍ୱର ପୀଠ

## ନାହିଁ ଆନୁଷଙ୍ଗିକ ବ୍ୟବସ୍ଥା; ଗଛମୂଳେ ପ୍ରସାଦ ସେବନ

**ସୁବଳୟା, ୧୪।୬(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଜଟେସିଂହା ପଞ୍ଚାୟତ ଅନ୍ତର୍ଗତ ମହାନଦୀ କୂଳରେ ଅବସ୍ଥିତ ପ୍ରାଚୀନ ତଥା ପ୍ରସିଦ୍ଧ ଶୈବପୀଠ ବାବା ଗୋଧନେଶ୍ୱର ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଛି। ଏହି ଶୈବପୀଠରେ ଅଦ୍ୟାବଧି ଯାତ୍ରୀ ନିବାସ, ପାନୀୟ ଜଳ, ଆଲୋକୀକରଣ, ପରିଶ୍ରାଗାର ଭଳି ଆନୁସଙ୍ଗିକ ବ୍ୟବସ୍ଥା ନାହିଁ। ପ୍ରଶାସନ ପକ୍ଷରୁ ବିଭିନ୍ନ ପୁରାତନ ଐତିହ୍ୟ କୀର୍ତ୍ତିରାଜି ଓ ମନ୍ଦିର ଗୁଡିକର ରକ୍ଷଣାବେକ୍ଷଣ କରାଯାଉଥିବା ବେଳେ ଏହି ପ୍ରାଚୀନ ଶୈବପୀଠ ବାଦ୍ ପଡ଼ିଛି। ପ୍ରଚୀନ ଶୈବପୀଠ ହୋଇଥିବାରୁ ଏଠାକୁ ପ୍ରତ୍ୟେକ ଦିନ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମରେ ହେଉଛି। ବିବାହ, ବ୍ରତ ଓ ଅନ୍ୟ ମାଙ୍ଗଳିକ କାର୍ଯ୍ୟପାଇଁ ଆସୁଥିବା



ଲୋକଙ୍କ ନିମନ୍ତେ ଭୋଗ ମଣ୍ଡପ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ନଥିବାରୁ ଲୋକେ ଗଛମୂଳେ ପ୍ରସାଦ ସେବନ କରିବା ସହ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରକାଶ ଥାଉକି, ଆବାହମାନ କାଳରୁ ଏହି ପ୍ରାଚୀନ ମନ୍ଦିରରେ ଆରାଧ୍ୟ ଦେବତା ଭାବେ ପୂଜା ପାଇ ଆସୁଛନ୍ତି ବାବା ଗୋଧନେଶ୍ୱର। ଏହି ପ୍ରାଚୀନ ମନ୍ଦିର କେବଳ ଜିଲ୍ଲାର ନୁହେଁ ବରଂ ରାଜ୍ୟର ଅନ୍ୟତମ ପ୍ରମୁଖ ଶୈବପୀଠ ଭାବେ ପରିଚିତ ହୋଇଛି। ପାର୍ଶ୍ୱରେ ବୋହି ଯାଉଥିବା ମହାନଦୀ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଛି। ଏହାବ୍ୟତିତ ସମଗ୍ର ଓଡ଼ିଶାରେ ଆବିଷ୍କୃତ ୬ ପଥର ନିର୍ମିତ ନାଗ ମୂର୍ତ୍ତି ମଧ୍ୟରୁ କେବଳ ପଶ୍ଚିମ ଓଡ଼ିଶାରେ ୩ ଟି ରହିଥିବାବେଳେ ସେଥିରୁ ଗୋଟିଏ ଏହି ମନ୍ଦିର ପରିସରରୁ ଆବିଷ୍କୃତ ହୋଇଥିବା ଗବେଷକଙ୍କ ମତରୁ ଜଣାପଡେ। ସେହିପରି ପୀଠ ନିକଟରେ ମା' ଭୈରବୀଙ୍କ ଅସ୍ଥାୟୀ ମନ୍ଦିର ରହିଛି। ଯେଉଁଠାରେ ମା' କାଳୀ ପୂଜା ପାଉଛନ୍ତି। ଅର୍ଥ ଅଭାବରୁ ମା'ଙ୍କ ମନ୍ଦିର ନିର୍ମାଣ ହୋଇପାରୁନାହିଁ। ଏହି ମନ୍ଦିରକୁ ନେଇ ଏକ କିମ୍ବଦନ୍ତି ରହିଛଇ। ଏହି ଶୈବ ପୀଠ ନିର୍ମିତ ସ୍ଥଳ ପୂର୍ବରୁ ଏକ ଘଞ୍ଚ ଗିଳଲଟି ରହିଥିଲା। ମହାନଦୀ ଆରପଟକୁ ଏକ କଳା ରଙ୍ଗର ଗାଇ ପ୍ରତ୍ୟେହ ଆସି ଏହି ମହାଦେବଙ୍କ ଠାରେ କ୍ଷୀର ଦେଉଥିବା କିମ୍ବଦନ୍ତୀ ରହିଥିବା ବେଳେ ରାଜାରାଜୁଡ଼ା ସମୟରୁ ଏଠାରେ ଛୋଟ ମନ୍ଦିର ନିର୍ମାଣ ହୋଇଥିବା ଜଣାଯାଏ। ଏହି ପ୍ରଚୀନ ମନ୍ଦିରର ରକ୍ଷଣାବେକ୍ଷଣ ସ୍ଥାପନ ପରଠାରୁ ଅଞ୍ଚଳବାସୀ ନିଜ ଖର୍ଚ୍ଚରେ କରିଅସୁଛନ୍ତି। କିନ୍ତୁ ତାହା ଯଥେଷ୍ଟ ହୋଇପାରୁ ନାହିଁ। ଅନ୍ୟପଟରେ ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଏହି ପ୍ରାଚୀନ ମନ୍ଦିର ଧୀରେ ଧୀରେ ଅବକ୍ଷୟମୁଖୀ ହେବାରେ ଲାଗିଛି। ଏବେ ମନ୍ଦିରର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ତୁରନ୍ତ ଏହାର ରକ୍ଷଣାବେକ୍ଷଣ କରା ନଗଲେ ପ୍ରାଚୀନ କଳା, ସଂସ୍କୃତି ଓ ପରମ୍ପରାର ଅନ୍ୟତମ ପ୍ରତୀକ ଭାବେ ରହିଥିବା ବାବା ଗୋଧନେଶ୍ୱର ମନ୍ଦିର ଲୁପ୍ତ ହେବା ଆଶଙ୍କା ରହିଛି। ଜିଲ୍ଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

## କଳାହାଣ୍ଡି ଓ ରାୟଗଡ଼ା ଜିଲ୍ଲାରେ ଲାଗିବ ୧ ଲକ୍ଷରୁ ଅଧିକ ଗଛ

**ଭୁବନେଶ୍ୱର, ୧୪।୬(ସମିସ):** ବିଶ୍ୱ ପରିବେଶ ଦିବସ ୨୦୨୫ ଅବସରରେ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଓଡ଼ିଶାର କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲାରେ 'ମୋ ଗଛ ମୋ ପରିବାର' ନାମକ ଏକ ମେଗା ବୃକ୍ଷ ରୋପଣ ଅଭିଯାନ ଆରମ୍ଭ କରିଛି। ଏହି ଅଭିଯାନରେ ଦୁଇ ଜିଲ୍ଲାରେ ୧, ୦୦,



୦୦୦ରୁ ଅଧିକ ଫଳଗଛ ଚାରା ରୋପଣର ଲକ୍ଷ୍ୟ ରହିଛି, ଯାହା ଓଡ଼ିଶାର ୩୦, ୦୦୦ରୁ ଅଧିକ ଗ୍ରାମୀଣ ପରିବାରକୁ ସକାରାତ୍ମକ ଭାବରେ ପ୍ରଭାବିତ କରିବ। ଆମ୍ବ, ଗୁଆ, ପଣସ ଏବଂ ସଜନା ଭଳି ଲୋକପ୍ରିୟ ପ୍ରଜାତିଗୁଡ଼ିକୁ ସେମାନଙ୍କର ପରିବେଶଗତ, ପୁଷ୍ଟିକର ଏବଂ ଆର୍ଥିକ ମୂଲ୍ୟ ପାଇଁ ଚୟନ କରାଯାଇଛି।ବଳଭଦ୍ରପୁର ଗ୍ରାମ ଏବଂ ବେଦାନ୍ତର ପ୍ଲାଣ୍ଟ ପରିସରରେ ଏକ ସମ୍ପ୍ରଦାୟ ନେତୃତ୍ୱରେ ଏକ ରୋପଣ ଅଭିଯାନ ମାଧ୍ୟମରେ ପଦକ୍ଷେପ ଆରମ୍ଭ ହୋଇଥିଲା, ଯେଉଁଥିରେ କର୍ମଚାରୀ, ବରିଷ୍ଠ ନେତୃତ୍ୱ, ସ୍କୁଲ ପିଲା, ସରକାରୀ ଅଧିକାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟଙ୍କ ସମେତ ୬୦୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। ପରିବାରର ସଦସ୍ୟ ଭାବରେ ପ୍ରତ୍ୟେକ ଗଛକୁ ପାଳନ କରିବା ପାଇଁ ଏହା ଏକ ପ୍ରତିଜ୍ଞା। ଏହି ପ୍ରୟାସକୁ ୬୦୦ରୁ ଅଧିକ କର୍ମଚାରୀ ସ୍ୱେଚ୍ଛାସେବକଙ୍କ ଦ୍ୱାରା ସମର୍ଥନ କରାଯାଇଛି ଏବଂ ବେଦାନ୍ତର ବରିଷ୍ଠ ପରିଚାଳନା ସଦସ୍ୟଙ୍କ ଦ୍ୱାରା ସମର୍ଥନ କରାଯାଇଛି, ଯାହା ଏହାକୁ ଏହି ଅଞ୍ଚଳର ସର୍ବବୃହତ ପରିବେଶ- ଆନ୍ଦୋଳନ ମଧ୍ୟରୁ ଗୋଟିଏ ଭାବେ ପରିଚୟ ପ୍ରଦାନ କରିଛି।ଏହି ଅଭିଯାନ ମୃତ୍ତିକାକୁ ସୁରକ୍ଷିତ ସହିତ ଗଛଗୁଡ଼ିକର ଜୀବନକାଳ ମଧ୍ୟରେ ପ୍ରାୟ ୧.୫ ଲକ୍ଷ ଟନ୍ କାର୍ବନ ନିର୍ଗମନକୁ ପ୍ରତିହତ କରିବ ବୋଲି ଆଶା କରାଯାଉଛି। ଏହା ବର୍ଦ୍ଧିତ ଜୈବ ବିବିଧତାରେ ଯୋଗଦାନ କରିବ ଏବଂ ପ୍ରାକୃତିକ ଜଙ୍ଗଲର ପୁନରୁତ୍ଥାନକୁ ସମର୍ଥନ କରିବ। ଏହି ପଦକ୍ଷେପ ମୃତ୍ତିକା ସଂରକ୍ଷଣକୁ ଉନ୍ନତ କରିବା ଏବଂ କ୍ଷୟ ରୋକିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହି ପ୍ରୟାସ ବିଷୟରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ବେଦାନ୍ତ ଲାଞ୍ଜିଗଡ଼ରେ, ସ୍ଥାୟୀତ୍ୱ କେବଳ ଏକ ଦାୟିତ୍ୱ ନୁହେଁ - ଏହା ଜୀବନର ଏକ ଉପାୟ। 'ମୋ ଗଛ ମୋ ପରିବାର' ମାଧ୍ୟମରେ ଆମେ ଆଶା, ଏକତା ଏବଂ ସମୃଦ୍ଧିର ବୀଜ ବୁଣୁଛୁ। ଆମେ ଏକ ସବୁଜ ଏବଂ ସ୍ଥିର ଭବିଷ୍ୟତ ଆଡ଼କୁ ସମ୍ପ୍ରଦାୟ ସହିତ ହାତ ମିଳାଇ ଚାଲୁଥିବାରୁ ଗର୍ବିତ।ଏହି ଅଭିଯାନ ଆଗାମୀ ବର୍ଷଗୁଡ଼ିକରେ ରାଜ୍ୟ ଏବଂ ଜାତୀୟସ୍ତରରେ ଅଭିଯାନକୁ ବୃଦ୍ଧି କରିବା ସହିତ ଭାରତର ଜଳବାୟୁ ଲକ୍ଷ୍ୟରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବାରେ ବେଦାନ୍ତର ବ୍ୟାପକ ମିଶନ ସହିତ ମଧ୍ୟ ହାତ ମିଶାଇବ।

### ପ୍ରତାରଣାର ଛାତ ତଳେ ଛାଲିଛି ବର୍ଷପୂର୍ତ୍ତି ଉତ୍ସବ

## ଆମ୍ବ ପସରା ହିଁ ବିକାଶ ମେଳାର ମୁଖ୍ୟ ଆକର୍ଷଣ

**ଭବାନୀପାଟଣା, ୧୪।୬(ସମିସ)**

ବିଜୁ ଜନତା ଦଳ ସରକାରର ଏକ ମୌଳିକ ପରିଚୟ ଏବଂ ମୂଲ୍ୟବୋଧକୁ ଏବେ ସାଧାରଣ ଲୋକ ସ୍ମରଣ କରି ଅବସାଦରେ କାଳ କାଟୁଛନ୍ତି। କେବଳ ତାହା ନୁହେଁ ମୋହନ ସରକାର ଉପରେ ବିଶ୍ୱାସର ସଙ୍କଟ ଧୀରେ ଧୀରେ ଘନୀଭୂତ ହେବାରେ ଲାଗିଛି। ବିକାଶର ଗତିଶୀଳତା ଠପ ହୋଇଯାଇଥିବା ବେଳେ କୋଟି କୋଟି ଟଙ୍କା ବ୍ୟୟରେ ରାଜ୍ୟ ସରକାର ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରି ପରିହାସର କାରଣ ସାଜିଛନ୍ତି। ବର୍ତ୍ତମାନ ରାଜ୍ୟବ୍ୟାପୀ ପ୍ରତି ଜିଲ୍ଲାରେ ପ୍ରତାରଣାର ଛାତତଳେ ଚାଲିଥିବା ବିକାଶ ମେଳା ଓଡ଼ିଶାବାସୀଙ୍କୁ ଅଧିକ ବ୍ୟଥିତ କରୁଥିବା ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ପକ୍ଷରୁ କୁହାଯାଇଛି। ଗୋଟେ ପଟେ ବିଜେପି ସରକାର ଏକ ବର୍ଷ ପୂର୍ତ୍ତି ନେଇ ସମସ୍ତ ଜିଲ୍ଲାରେ ବିକାଶ ମେଳା କରୁଥିବା ବେଳେ ବିଜେଡି ଏହାକୁ ଡବଲ ଇଞ୍ଜିନର ଡବଲ ଧୋକା ବୋଲି କହୁଛି। ଶନିବାର କଳାହାଣ୍ଡି ଜିଲ୍ଲା ବିଜେଡି ପକ୍ଷରୁ ବିଜେପି ସରକାରର ଏକ ବର୍ଷ ପୂର୍ତ୍ତିର ବିଫଳତା ଓ ଅପାରଗତାକୁ ନେଇ ସ୍ଥାନୀୟ



### ରାଜ୍ୟବାସୀଙ୍କୁ ଡବଲ ଇଞ୍ଜିନ ସରକାରଙ୍କ ଡବଲ ଧୋକା

ଏକ ହୋଟେଲ ଠାରେ ସାମ୍ବାଦିକ ସମ୍ମିଳନୀ କରାଯାଇଛି। ବିଜେପି ସରକାର ଆସିଲା ଦିନଠାରୁ ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଓଡ଼ିଶାର ମହିଳା ଓ ନାବାଳିକା ସୁରକ୍ଷିତ ନାହାଁନ୍ତି। ଚୋରି, ଧର୍ଷଣ, ଡକାୟତି ବଢ଼ିବାରେ ଲାଗିଛି। ଏପରିକି ଗତବର୍ଷ ଅପେକ୍ଷା ରାଜ୍ୟରେ ୮ ଶତକଡା ଧର୍ଷଣ ବଢ଼ିଛି ବୋଲି ବିଜେଡି ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ଆଣିଛି। ସେହିପରି କେନ୍ଦ୍ର ଅନୁଦାନ ୧୮ ଶତକଡା ହ୍ରାସ ପାଇବା, ବିଏସକେୱାଇ ତୁଳନାରେ ଆୟୁଷ୍ମାନ ଭାରତ ଯୋଜନା ଫେଲ ମାରିବା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦକୁ ଜାଣିଶୁଣି ଅକ୍ଷମ କରିବା, ଛାତ୍ର ଛାତ୍ରୀଙ୍କ ନୂଆ-ଓ ସ୍କୋଲାର୍ସିପ ବନ୍ଦ କରିବା, ଆଦିବାସୀ ଓ ଚାଷୀ ପ୍ରତି ଅନ୍ୟାୟ ଆଦି ଘଟଣା ଡବଲ ଇଞ୍ଜିନ ସରକାର ସାଧାରଣ ଲୋକଙ୍କୁ ଧୋକା ଦେଇଛି ବୋଲି ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର କହିଛନ୍ତି। ଅନ୍ୟପକ୍ଷରେ କଳାହାଣ୍ଡି ଜିଲ୍ଲା ର ବିକାଶ ଶିଥିଳ ହେବା, ବିଭିନ୍ନ ବିଭାଗରେ ପିସି କାରବାର ବୃଦ୍ଧି, ବର୍ଷକରେ ରାଜ୍ୟର ଋଣ ଭାର ୯୪ ହଜାର କୋଟି କରିବା, ଚିଟଫଣ୍ଡ ଜମାକାରୀଙ୍କ ପଇସା ଫେରାଇବା ପ୍ରତିଶ୍ରୁତି ଧୂଆଁ ବାଣ ହୋଇଛି ବୋଲି ସାମ୍ବାଦିକ ସମ୍ମିଳନୀର ଆବାହକ ତଥା ବରିଷ୍ଠ ବିଜେଡି ନେତା ସାରଦା ପ୍ରସନ୍ନ ସ୍ୱାଇଁ କହିଛନ୍ତି। ବିକାଶ ମେଳା ଚାଲିଛି। ଯୁଆଡେ ଦେଖିଲେ ବଡ ବଡ ପୋଷ୍ଟର ବ୍ୟାନର ଆଉ ହୋଡିଂ ମାନ ଲଗାହୋଇଛି। ମେଳା କହିଲେ ଏକାଧିକ ଆମ୍ବ ପସରା ଖୋଲି ଭୁଆଁ ବୁଲାଇବା ସାର ହୋଇଛି। ବିଜେପି ସରକାର ଆସିବା ପରେ ଯେମିତି ଏକ ଅଲିଖିତ ନିର୍ଦ୍ଦେଶନାମାକୁ ଆଧାରକରି ଦଳୀୟ କର୍ମୀ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ନିଜର ଦବ ଦବା ଜାହିର କରୁଥିବା ଘଟଣାକୁ ଆଜି ପ୍ରତିବାଦ କରାଯାଇଛି।ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୌରାଧ୍ୟକ୍ଷ ବିଷ୍ଣୁ ପ୍ରଧାନ, ବରିଷ୍ଠ ବିଜେଡି ନେତା ପ୍ରଦୀପ ମୁଣ୍ଡ, ଜିଲ୍ଲା ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ପ୍ରଶାନ୍ତ ନାଏକ, ଯୁବ ବରିଷ୍ଠ ଉପ ସଭାପତି ମଣ୍ଟୁ ନାଏକ, ମନିନ୍ଦ୍ର ମହାନ୍ତି, ସାମନ୍ତ ଖମାରୀ, କ୍ଷୀରସିନ୍ଧୁ ନାଏକ, ଚକ୍ର ସେଠୀ ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ଜନଜାଗରଣ ଅଭିଯାନ ଜରିଆରେ ଗାଁ ଗାଁରେ ସଭା କରାଯିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

## ସରକାରଙ୍କ ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ବାହନ ବୁଲିଲା

**କର୍ଲାମୁଣ୍ଡା, ୧୪।୬(ସମିସ):** ବର୍ଷ ଏକ ଉପଲବ୍ଧି ଅନେକ ନାରା ନେଇ ପ୍ରତି ପଞ୍ଚାୟତରେ ବିକାଶ ବାହନ ରଥ ପରିକ୍ରମା କରୁଛି। ଶନିବାର ରିଷିଡା ପଞ୍ଚାୟତରେ ରଥ ପହଞ୍ଚିବା ପରେ ମହିଳାମାନେ ବନ୍ଦାପନା କରି ସ୍ୱାଗତ କରିଥିଲେ। ପରେ ସରପଞ୍ଚ ସେବତୀ ରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ନାଏବ ସରପଞ୍ଚ ନରେଶ ଦାସ, ବନ ବିଭାଗରୁ ରିଷିଡା ପାରା ଫରେଷ୍ଟର ସତ୍ୟଭାମା ନାଗ, ମଦନପୁର ପାରା ଫରେଷ୍ଟର ସାଇଚନ୍ଦନ ନାଏକ, ଏନଜିଓରୁ ଟୁନୁ ଛତ୍ରିଆ, ଗ୍ରାମ୍ୟକୃଷି କର୍ମଚାରୀ ପ୍ରିତିସ୍ୱିନୀ ରାଉତରାୟ, ପ୍ରାଣୀଚିକିତ୍ସାଳୟରୁ ସୁବଳୟା ମଞ୍ଜରୀ ବଳିୟାର ସିଂ, ଆଇସିଡିଏସରୁ ସୁବ୍ରତ କୁମାର ରଣା, ସ୍ୱାସ୍ଥ୍ୟ ବିବାଗରୁ ଏଏନଏମ ଜଟିଳା ମଞ୍ଜରୀ ଲେଙ୍କା ଓ ରଶ୍ମୀରେଖା ପଣ୍ଡା ଯୋଗଦେଇ ନିଜ ନିଜ ବିଭାଗ ପକ୍ଷରୁ ଥିବା ଜନହିତକର କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ପିଇଓ ଦେବରାଜ ରଣା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସାମ୍ବାଦିକ ନରୋତ୍ତମ ସେଲମା ସଭାସଂଯୋଜନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ପ୍ରତିନିଧି ସଞ୍ଜୟ କୁମାର ଜୈନ, ସୀତାରାମ ରଣା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ନବୀନ ରଣା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ୧୦ ଜଣ ହିତାଧିକାରୀ ଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ, ୨ଜଣ ନୂତନ ରାସନକାର୍ଡ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା। ଏଥି ସହିତ ୧୦ ଜଣ ନୂତନ ବର୍ଦ୍ଧିତ ଭତ୍ତା ହିତାଧିକାରୀ ଙ୍କୁ ୩୫ଶହଟଙ୍କା ଭତ୍ତା ବଣ୍ଟନ କରାଯାଇଥିଲା। ତନ୍ମଧ୍ୟରୁ ୫ ଜଣ ଦିବ୍ୟାଙ୍ଗ ଓ ଅନ୍ୟ ୫ ଜଣ ୮୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଅର୍ନ୍ତଭୁକ୍ତ। ସେହିପରି କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ମୃତ୍ତିକା ସଂରକ୍ଷଣସ୍ୱାସ୍ଥ୍ୟ କାର୍ଡ ଓ ବନବିଭାଗ ପକ୍ଷରୁ ଚାରା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ରିଷିଡା ଗ୍ରାପର ଆକାଉଣ୍ଟାଣ୍ଟ କମ ଡିଇଓ ସୁରେଶ ସାହୁ, ଯୋଗାଣ ସହାୟକ ସନ୍ତୋଷ ରଣା, ବୈକୁଣ୍ଠ ପରୁଆ ତଥା ୱାର୍ଡମେମ୍ବରମାନେ ସହଯୋଗ କରିଥିଲେ।

## ସୀମାନ୍ତରେ ହାତୀପଲ



**ସିନାପାଲି, ୧୪।୬ (ସମିସ):** ନୂଆପଡ଼ା ଜିଲ୍ଲା ସୀମାନ୍ତ ସିନାପାଲି ରେଞ୍ଜ ଖୋଲାପଡ଼ା- ଚିତାରମା ନିକଟରେ ୯ ଟିକିଆ ହାତୀପଲ ବୁଲୁଥିବା ଦେଖିବାକୁ ମିଳିଛି। ହାତୀ ପଲଙ୍କ ମଧ୍ୟରେ ଦୁଇଟି ଛୁଆ ହାତୀ ଥିବା ବେଳେ ୪ ଟି ମାଇଁ ହାତୀ ରହିଛନ୍ତି। ଦୁଇଦିନ ହେଲା ସୀମାନ୍ତ ଅଞ୍ଚଳରେ ହାତୀ ବୁଲୁଥିବା ଦେଖିବାକୁ ମିଳିଛି। ସିନାପାଲି ରେଞ୍ଜର କମେଶ୍ୱର ତାଣ୍ଡିଙ୍କ ନେତୃତ୍ୱରେ ବନ ବିଭାଗ ଟିମ୍ ହାତୀର ଗତିବିଧିକୁ ନଜର ରଖିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ସଚେତନ କରୁଛି। ହାତୀକୁ ଜଙ୍ଗଲ ମୁହାଁ କରାଇବା ପାଇଁ ବନ ବିଭାଗ ଚେଷ୍ଟା ଜାରି ରଖିଛି।

## ଅଦ୍ୱିକା କିଶୋରୀ ସୁଭଦ୍ରା ଦିବସ ଉଦ୍‌ଯାପିତ

**ଭବାନୀପାଟଣା, ୧୪।୬(ସମିସ):** କଳାହାଣ୍ଡି ଜିଲ୍ଲାର ତିନୋଟି ସ୍ଥାନରେ ଭାବନିପାଟଣା ଗ୍ରାମାଞ୍ଚଳ, ସହରାଞ୍ଚଳ ଏବଂ ଧର୍ମଗଡ଼ରେ 'ଅଦ୍ୱିକା କିଶୋରୀ ସୁଭଦ୍ରା ଦିବସ' ରଜ ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ଧର୍ମଗଡ଼, ସୁଧିର ରଞ୍ଜନ ପଟ୍ଟଯୋଷି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଯୋଗଦେଇ ଉତ୍ସବ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ଧର୍ମଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷକ୍ଷବବିତା ପଟ୍ଟଯୋଷି, ଜିଲ୍ଲା ସଂସ୍କୃତି ଅଧିକାରୀ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଉପନିର୍ଦ୍ଦେଶକ (ପ୍ଲାନିଂ), ଶ୍ରୀକାନ୍ତ ଦଲେଇ, ଜିଲ୍ଲା ସମାଜ କଲ୍ୟାଣ୍ୟ ଅଧିକାରୀ ମଜିବୁନ ନିଷା, ପ୍ରୋଟେକ୍ସନ ଅଫିସର ସୁଚରିତ ମହାପାତ୍ର, ଫୁରଲେନସିଆ ସୋରେନ, ଜିଲ୍ଲା ଶିଶୁ ସୁରକ୍ଷ୍ୟା ଆଦିକରି ଶୈଳେନ୍ଦୁ ଶେଖର ମହାପାତ୍ର, ଜେଜେବି. ସଦସ୍ୟ ସ୍ୱର୍ଣ୍ଣଲତା ମହାନ୍ତି, ଏଡଏଟ ଆକ୍ସନ ଜିଲ୍ଲା ସଂଯୋଜକ ଦିବ୍ୟ ରଞ୍ଜନ ଯୋଷି, ଜିଲ୍ଲା ମହିଳା ହବ୍ ସଂଯୋଜକ ଯୋଗେଶ୍ୱର ବୁଦ୍ଧିଆ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ପିରାମଲ ଫାଉଣ୍ଡେସନ କର୍ମୀ, ସୁପରଭାଇଜର, ଅଙ୍ଗନବଡି କର୍ମୀ, କିଶୋର ବାଳକ ଏବଂ ବାଳିକାମାନେ ଉପସ୍ଥିତ ଥିଲେ। ଉତ୍ସବରେ କିଶୋର କିଶୋରୀଙ୍କ ଦ୍ୱାରା ପୁଚି, କବାଡ଼ୀ, ରଜ ମୁକୁଟ ତିଆରି, ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ବହୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଜେତାମାନଙ୍କୁ ମୁଖ୍ୟ ଅତିଥିଙ୍କ ହସ୍ତରେ ପୁରସ୍କାର ଦିଆଯାଇଥିଲା। କାର୍ଯ୍ୟକ୍ରମ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ ଧର୍ମଗଡ଼, ଭବାନୀପାଟଣା ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ଦ୍ୱାରା ଆୟୋଜିତ କରାଯାଇଥିଲା।ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ କଳାହାଣ୍ଡି ଦ୍ୱାରା ସହଯୋଗ ପ୍ରଦାନ କରାଯାଇଥିଲା। ଜିଲ୍ଲା ମହିଳା ହବ୍‌ର ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ।

## ବିନ୍ଦୁ ମହାନନ୍ଦଙ୍କୁ ସର୍ବଶ୍ରେଷ୍ଠ ବ୍ଲକ୍ ଅଧ୍ୟକ୍ଷ ପୁରସ୍କାର

**ଧର୍ମଗଡ଼, ୧୪।୬(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କୁ ସର୍ବଶ୍ରେଷ୍ଠ ବ୍ଲକ ଅଧ୍ୟକ୍ଷ ଭାବେ ପୁରସ୍କାର କରାଯାଇଛି। ଭୁବନେଶ୍ୱରସ୍ଥିତ ଉତ୍କଳ ମଣ୍ଡପ ଠାରେ ଆୟୋଜିତ 'ଆମ ଗାଁ ରଜ' କାର୍ଯ୍ୟକ୍ରମରେ ତାଙ୍କୁ ପୁରସ୍କୃ କରାଯାଇଛି। ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁ, ଯାଜପୁର ସାଂସଦ, ବରିଷ୍ଠ ସାମ୍ବାଦିକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ସାହୁ, ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ରାଜ୍ୟ ବିଜେପି ଉପସଭାପତି ଗୋଲକ ମହାପାତ୍ର, ପୂର୍ବତନ ବିଧାୟକ ସୁର ରାଉତ ରାୟ, ସାମ୍ବାଦିକ ସୁଧାଂଶୁ ରାଉତ ପ୍ରମୁଖଙ୍କ ଉପସ୍ଥିତିରେ ଶ୍ରୀ ମହାନନ୍ଦ ପୁରସ୍କାର ଗ୍ରହଣ କରିଛନ୍ତି।ତେବେ ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦ ସଦାସର୍ବଦା ନିଷ୍ଠା ଓ ସେବା ମନ ବୃତ୍ତି ନେଇ ସାଧାରଣ ଜନତାଙ୍କ ଆସ୍ଥା ଭାଜନ ହେବାରେ ଚର୍ଚ୍ଚା ପରିସରକୁ ଆସିଛନ୍ତି।ସେ ସରକାରୀ ଯୋଜନା ହେଉ ଅବା ଲୋକଙ୍କ ବିଭିନ୍ନ ଅଭିଯୋଗ ଉପରେ ଗୁରୁତ୍ୱ ଦେଇ ତତ୍କାଳୀନ ସେବା ଯୋଗାଇ ଦେବାରେ ରାଜ୍ୟର ପ୍ରଥମ ବ୍ଲକ ଅଧ୍ୟକ୍ଷ ଭାବେ ପରିଗଣିତ ହୋଇପାରିଛନ୍ତି।ସେ ପୁରସ୍କୃତ ହୋଇଥିବା ଖବର ଅଞ୍ଚଳରେ ପ୍ରଘଟ ହେବା ପରେ ସାଧାରଣଜନତାଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ମହଲରେ ଖୁସିର ଲହରୀ ଖେଳି ଯାଇଛି।

## ଚର୍ଚ୍ଚାରେ ଛତିଶଗଡ଼ି ଝିଅର ସମ୍ବଲପୁରୀ ଗୀତ



**ଧର୍ମଗଡ଼, ୧୪।୬ (ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକର ସୀମାନ୍ତକୁ ଲାଗିରହିଥିବା ଛତିଶଗଡ଼ ଦେଭୋଗର ପ୍ରୀତିବାଲା ଡୋଙ୍ଗରେ ବଘେଲ ଗାଇଥିବା ସମ୍ବଲପୁରୀ ଆଧୁନିକ ଗୀତକୁ ଦର୍ଶକ ବେଶ ପସନ୍ଦ କରୁଥିବା ଜଣାଯାଇଛି।ସମ୍ବଲପୁରୀ ତଥା ଓଡିଆ ଭାଷା ଲେଖି, ପଢ଼ି, ଜାଣି ନଥିଲେ ମଧ୍ୟ ସମ୍ବଲପୁରୀ ଗୀତ ପ୍ରତି ଥିବା ଭଲପାଇବା ଯୋଗୁଁ ତାଙ୍କ କଣ୍ଠର ଗୀତ ଆଜି ଉଭୟ ଛତିଶଗଡ଼ର ଦେଭୋଗ ଓ କଳାହାଣ୍ଡିର ଧର୍ମଗଡ଼ ଅଞ୍ଚଳରେ ବେଶ ଆଦୃତ ହୋଇପାରିଛି। ଏହି ସଫଳତା ପାଇଁ ଶ୍ରୀମତୀ ବଘେଲ ଖୁସି ଥିବା ବେଳେ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ତଥା ଅନୁଷ୍ଠାନ ତରଫରୁ ତାଙ୍କପାଖକୁ ଶୁଭେଚ୍ଛା ଆସୁଛି। ସେ ପ୍ରାଥମିକ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିବାବେଳେ ଗୀତ ଗାଇବା ତାଙ୍କର ନିଶା ଅଟେ ବୋଲି ପ୍ରତିକ୍ରିୟା ଦେଇଛନ୍ତି। ସେ ଗାଇଥିବା ଗୀତ 'ଦିଲର ଦିଲବର' ଆରକେ ମିଡ଼ିଆ ପ୍ରଯୋଜନାରେ ପ୍ରସ୍ତୁତ ହୋଇଥିବା ବେଳେ ବହୁ ସଂଖ୍ୟାରେ ଦର୍ଶକ ମୋବାଇଲରେ ଗୀତକୁ ଦେଖି ପସନ୍ଦ କରୁଛନ୍ତି। ବୃନ୍ଦାବନ ମେହେର ଗୀତ ଓ ସଙ୍ଗୀତ ପ୍ରସ୍ତୁତ କରିଥିବାବେଳେ ଖୁବଶୀଘ୍ର ତାଙ୍କର ଅନ୍ୟ ଏକ ସମ୍ବଲପୁରୀ ଗୀତ ଲୋକପ୍ରିୟ କଣ୍ଠଶିଳ୍ପୀ ସମୀର ଲୁହାଙ୍କ ସହିତ ଆସୁଥିବା ସୂଚନା ଦେଇଛନ୍ତି।

### ଅଲ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେସନର ନୂତନ କର୍ମକର୍ତ୍ତା

## ବସନ୍ତ ସଭାପତି, ବିଭୀଷଣ ସାଧାରଣ ସମ୍ପାଦକ

**ଭବାନୀପାଟଣା, ୧୪।୬(ସମିସ):** ଓଡ଼ିଶାର ଅଗ୍ରଣୀ ସାମାଜିକ ଓ ବୈଚାରିକ ସଂଗଠନ ଅଲ ଓଡ଼ିଶା ସିଡ୍ୟୁଲଡ କାଷ୍ଟ ଫେଡେରେସନର ନୂତନ କର୍ମକର୍ତ୍ତା ଚୟନ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏସଏନ କନଫରେନ୍ସ ହଲରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ୧୩ଟି ବ୍ଲକ, ତିନୋଟି ଏନ୍ଏସି ଓ ଗୋଟିଏ ମ୍ୟୁନିସିପାଲିଟିରୁ ତିନିଶହରୁ ଉର୍ଦ୍ଧ୍ୱ ସଦସ୍ୟ, ସଦସ୍ୟା ଯୋଗଦେଇ ନୂତନ କର୍ମକର୍ତ୍ତା ଚୟନରେ ସାମିଲ ହୋଇଥିଲେ। ଗଣତାନ୍ତ୍ରିକ ପଦ୍ଧତିରେ ନାମାଙ୍କନ ପତ୍ର ଦାଖଲ, ପ୍ରାର୍ଥୀପତ୍ର ଯାଞ୍ଚ ପରେ ନୂତନ ସଭାପତି ଭାବେ ବିଶିଷ୍ଟ ସମାଜସେବୀ ବସନ୍ତ ନାଏକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାବେଳେ ସାଧାରଣ ସମ୍ପାଦକ ଭାବେ ବିଭୀଷଣ ନାଏକ ଓ କୋଷାଧ୍ୟକ୍ଷ ଭାବେ ଗଜମୋହନ ନାଏକ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ସୂର୍ଯ୍ୟନାରାୟଣ କୁମାର, ଋଷିସୂଦନ ଛତ୍ରପାଲ, ତ୍ରିନାଥ ନାଏକ, ଉପସଭାପତି ଭାବେ ବରୁଣ ଛତ୍ରିଆ, ଛାୟାକାନ୍ତ ବେଣୁପାଣି, ମହିଳା ବିଭାଗ ସଭାନେତ୍ରୀ ଭାବେ ଲୀନା କୁମାର, ଯୁବ ବିଭାଗ ମୁଖ୍ୟ ଭାବେ ସଞ୍ଜୟ ସୁନାନୀ, ସାଂସ୍କୃତିକବିଭାଗମୁଖ୍ୟ ଭାବେ ଲକ୍ଷ୍ମଣମେହେର, କର୍ମଚାରୀ ବିଭାଗ ମୁଖ୍ୟ ଭାବେ ଚୂଡ଼ାମଣି ମହାନନ୍ଦ, ସମ୍ପାଦକ ଭାବେ ରୁଦ୍ରପ୍ରସାଦ ପାଣିଗ୍ରାହୀ, ରଶ୍ମିରଞ୍ଜନ ସୁନା ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ କମିଟିର ଅଧ୍ୟକ୍ଷ ଭାବେ ଗୋବର୍ଦ୍ଧନ ବାଗ, ଆବାହକ ଭାବେ ଯୋଗେଶ୍ୱର ସାଗର, ସଦସ୍ୟ ବିଶ୍ୱନାଥ କର, ସ୍ନେହଲତା ନାଏକ, କବିତା ବାଗ, ବରିଷ୍ଠ ଉପଦେଷ୍ଟା ପ୍ରେମାନନ୍ଦ ବାଗ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ନିର୍ବାଚନ କମିଟି ଆବାହକ ଶ୍ରୀ ସାଗର ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଏହାପରେ ପୂର୍ବତନ ସଭାପତି ଶ୍ରୀବତ୍ସ ତାଣ୍ଡି, ସାଧାରଣ ସମ୍ପାଦକ ସୂର୍ଯ୍ୟ ନାରାୟଣ କୁମାର, କୋଷାଧ୍ୟକ୍ଷ ଦେବେନ୍ଦ୍ର ନାଏକ ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଶପଥ ପାଠ ପରେ ଉପସ୍ଥିତ କର୍ମକର୍ତ୍ତାଙ୍କୁ ନୂତନ ସଭାପତି ଶ୍ରୀ ନାଏକ ନିଜ ପ୍ରଥମ ଅଭିଭାଷଣରେ କୃତଜ୍ଞତା ଜଣାଇବା ସହିତ ସାରା ରାଜ୍ୟରେ ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ଼ କରିବାକୁ ପଦକ୍ଷେପ ନିଆଯିବ, ଅନୁସୂଚିତ ଜାତିଙ୍କ ସାମ୍ବିଧାନିକ ହକ ଓ ଅଧିକାର ପାଇଁ ଲଢ଼େଇ ଜାରି ରହିବ ବୋଲି କହିଥିଲେ।ଶେଷରେ ଯୁବ ବିଭାଗ ମୁଖ୍ୟ ଶ୍ରୀ ସୁନାନୀ ଧନ୍ୟବାଦ ଅର୍ପଣ କରିଥିଲେ।



## ରଥ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**କେସିଙ୍ଗା, ୧୪।୬(ସମିସ):** ଆସନ୍ତା ୨୭ ତାରିଖ ଦିନ ହେବାକୁ ଥିବା ରଥ ଯାତ୍ରା ପାଇଁ କଳାହାଣ୍ଡି ଜିଲ୍ଲାର କେସିଙ୍ଗା ଜଗନ୍ନାଥ ମନ୍ଦିର ପରିସରରେ ଥିବା ଋଷି ସାହା ସାଂସ୍କୃତିକ ଭବନ ଠାରେ ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କେସିଙ୍ଗା ଗୌଡିଆ ତଥା ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ସଭାପତି ଡାକ୍ତର ହେମ ସାଗର ସାହା ଙ୍କ ନେତୃତ୍ୱରେ ବୈଠକ ହୋଇଯାଇଛି।ଶାନ୍ତି ଶୃଙ୍ଖଳାର ସହିତ କିପରି ଘୋଷ ଯାତ୍ରା ସମ୍ପନ୍ନ ହେବ ସେହି ଉପରେ ବିଶେଷ ଆଲୋଚନା କରାଯାଇ କମିଟି ପକ୍ଷରୁ କି କି ପଦକ୍ଷେପ ଗ୍ରହଣ କରାଯିବ ଓ କେଉଁ ମାନେ କୋଉ ଦାୟିତ୍ୱରେ ରହିବେ ଆଲୋଚନା କରାଯାଇ ଥିଲା।ବୈଠକରେ କେସିଙ୍ଗାର ସମସ୍ତ ବିଭାଗର ବିଭାଗୀୟ କର୍ମଚାରୀ ମାନେ ଉପସ୍ଥିତ ରହି ନିଜ ନିଜ କାର୍ଯ୍ୟ ସମ୍ପାଦନ ପାଇଁ ଦାୟିତ୍ୱ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କେସିଙ୍ଗା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, କେସିଙ୍ଗା ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର, ହରିଶଙ୍କର ଭୋଇ, ରମେଶ ଚନ୍ଦ୍ର ପଟ୍ଟନାୟକ, ନଳୀନ ପଟ୍ଟନାୟକ, ଶିଲୁ ପରିଡ଼ା, ଗିରିଧାରୀ ଭୋଇ, ଅଭିମନ୍ୟୁ ମହାନନ୍ଦ, ରଘୁ ରାଜ ସିଂ ଓ କେସିଙ୍ଗାର ଅନେକ ଲୋକ ଉପସ୍ଥିତ ଥିଲେ।

### ବର୍ଷେ ପରେ ବି ଭାଗ୍ୟ ଉଦୟ ହେଲାନି

## ବିଜୟାନନ୍ଦ ଚିନିକଳ ପୁଣି ଖୋଲିବା ଆଶା କ୍ଷୀଣ

**ବଲାଙ୍ଗିର, ୧୪।୬(ସମିସ)**

ରାଜ୍ୟରେ ବିଜେପି ସରକାର ଗଢ଼ିବାକୁ ଗୋଟିଏ ବର୍ଷ ପୂରଣ ହୋଇଛି। ଏଥିପାଇଁ ଆସନ୍ତା ୨୦ ତାରିଖରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ସେହିପରି ସବୁ ବିଭାଗର ମନ୍ତ୍ରୀମାନେ ନିଜ ରିପୋର୍ଟ କାର୍ଡ ମଧ୍ୟ ପ୍ରସ୍ତୁତ କରିଛନ୍ତି। ଅନ୍ୟପକ୍ଷରେ ବିଧାୟକ, ମନ୍ତ୍ରୀମାନେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କ ଅଞ୍ଚଳରେ

### କୃଷିମନ୍ତ୍ରୀଙ୍କ ଜିଲ୍ଲାରେ ଏହା ହେଉଛି ଏକମାତ୍ର ଶିଳ୍ପ

କ'ଣ କ'ଣ କରିଛନ୍ତି ତାହା ମଧ୍ୟ ରିପୋର୍ଟ କାର୍ଡ ମାଧ୍ୟମରେ ଲୋକମାନଙ୍କୁ ଅବଗତ କରାଇବା ପାଇଁ ସଚେତନ ନାଗରିକମାନେ ମତ ରଖିଛନ୍ତି। କିନ୍ତୁ ରାଜ୍ୟରେ ବିଜେପି ସରକାର ଗଠନ ହେବାପରେ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ କଣ ପଦକ୍ଷେପ ନିଆଯାଇଛି ତାକୁ ନେଇ ଚର୍ଚ୍ଚା ହେଉଥିବା ବେଳେ ଏଯାଏଁ କିନ୍ତୁ ଜିଲ୍ଲାରେ ବନ୍ଦ ପଡ଼ିଥିବା ଏକମାତ୍ର କୃଷି ଶିଳ୍ପ ଦେଓଗାଁ ଚିନିକଳର ପୁନଃାରମ୍ଭ ହୋଇପାରି ନାହିଁ। ପାଟଣାଗଡ଼ ବିଧାୟକ କନକ ବର୍ଦ୍ଧନ ସିଂହଦେଓଙ୍କୁ ଉପମୁଖ୍ୟମନ୍ତ୍ରୀ ସହ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମିଳିବାପରେ ଏହାର ଭାଗ୍ୟ ବଦଳିବା ନେଇ ଆଶା ପ୍ରକାଶ ପାଇଥିଲା। ଶ୍ରୀ ସିଂହଦେଓ ଏନେଇ ନିଜେ ମଧ୍ୟ ସକାରାତ୍ମକ ମନୋଭାବ



ଦେଖାଇଥିଲେ। କିନ୍ତୁ ସରକାର ଯେମିତି ଆଗକୁ ଚାଲିଲା ପୁଣି ଏହି ଚିନିକଳର ଭାଗ୍ୟ ପଛଘୁଞ୍ଚା ଦେଇ ଚାଲିଥିବା ଅଭିଯୋଗ ହୋଇଛି।

ବଲାଙ୍ଗିର ଜିଲ୍ଲା ଦେଓଗାଁଠାରେ ଥିବା ଜିଲ୍ଲାର ଏକ ମାତ୍ର କୃଷିଭିତ୍ତିକ ଶିଳ୍ପ ବିଜୟାନନ୍ଦ ଚିନିକଳ ବନ୍ଦ ହୋଇଯିବାପରେ ଏହାର ସିଧାସଳଖ ପ୍ରଭାବ ଜିଲ୍ଲା ତଥା ଆଖପାଖ ଜିଲ୍ଲାର ଆଖୁଚାଷୀଙ୍କ ଉପରେ ପଡ଼ିଛି। ବଲାଙ୍ଗିର ତଥା ଆଖପାଖ ଜିଲ୍ଲାର ଆଖୁଚାଷୀ ଏହି ଚିନିକଳ ଉପରେ ନିର୍ଭର କରିଆସୁଥିଲେ। ସମବାୟ ବିଭାଗ ଅଧୀନରେ ଥିବା ଏହି ଚିନିକଳ ପରିଚାଳନାରେ ଅନେକ ଅନିୟମିତତା କରାଯାଇଥିବା ଅଭିଯୋଗ ହେବା ପରେ ସମୟାନୁକ୍ରମେ ଏହା ବନ୍ଦ ହୋଇଥିଲା। ଏହାକୁ ପୁନଃ ଆରମ୍ଭ କରିବା ପାଇଁ ଜିଲ୍ଲାରେ ଅନେକ ଥର ଆନ୍ଦୋଳନ ହୋଇଛି କିନ୍ତୁ ଏହାକୁ ପୁଣି ଥରେ ଆରମ୍ଭ କରାଯାଇପାରି ନଥିଲା। ଫଳରେ ଏହା ଏବେ ଖତ ଖାଉଛି। ବିଜୟାନନ୍ଦ ଚିନିକଳ ଆରମ୍ଭ କରିବା ପ୍ରତି ନିର୍ବାଚନରେ ଏକ ପ୍ରସଙ୍ଗ ପାଲଟୁଥିବା ବେଳେ ଚଳିତ ସାଧାରଣ ନିର୍ବାଚନରେ ମଧ୍ୟ ଏହା ଏକ ପ୍ରସଙ୍ଗ ପାଲଟିଥିଲା। ଠିକ ନିର୍ବାଚନ ପୂର୍ବରୁ ସେହି ସମୟରେ ଏହି ଚିନିକଳ ପରିଚାଳନା ଦାୟିତ୍ୱରେ ଥିବା ଯଜ୍ଞେଶ୍ୱର ବାବୁ କଂଗ୍ରେସରୁ ଇସ୍ତଫା ଦେଇଥିଲେ। ଇସ୍ତଫା ଦେବା ସମୟରେ ସେ ଏହି ଚିନିକଳକୁ ଆରମ୍ଭ କରିବା ପାଇଁ ସମୟ ଦେବେ ବୋଲି କହିଥିଲେ। ବିଶେଷ କରି ତାଙ୍କ ନାମରେ ହିଁ ଅନିୟମିତତା ଅଭିଯୋଗ ରହିଥିବା ସତ୍ତ୍ୱେ ସେ ଏହାକୁ ପୁଣି ଥରେ କାର୍ଯ୍ୟକ୍ଷମ କରିବାକୁ ଚେଷ୍ଟା କରିବେ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ସେ ବିଜେପି ସପକ୍ଷରେ ରହିଥିବା ଜଣାପଡ଼ିଥିଲା। ଏହାପରେ ଆଶା କରାଯାଉଥିଲା ଯେ ଅନ୍ତତଃ ଏହି ଚିନିକଳ ଆରମ୍ଭ ହେବ। ରାଜ୍ୟରେ ନୂତନ ସରକାର ଆସିବା ପରେ ଅନ୍ୟ ଜିଲ୍ଲାର ଚିନିକଳ ଭଳି ବଲାଙ୍ଗିର ଚିନିକଳକୁ ନୂତନ ରୂପରେ ଆରମ୍ଭ କରାଯିବ ବୋଲି ଲୋକେ ଆଶା କରିଥିଲେ। କିନ୍ତୁ ନୂତନ ସରକାରକୁ ବର୍ଷେ ପୂରିଥିବାବେଳେ ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଜଣାପଡ଼ିଛି। ଏମିତିରେ ଜିଲ୍ଲାର ଆଖୁଚାଷୀ ନିରାଶ ହୋଇ ଆଖୁ ଚାଷ ଛାଡିଦେଇଥିବା କହିଛନ୍ତି। ବିଭାଗୀୟ ଅଧିକାରୀଙ୍କ ସୂଚନା ଅନୁସାରେ ଏହି ଚାଷର ପରିମାଣ କମି କମି ଏହା ଦୁଇ ଶହ ହେକ୍ଟରରେ ପହଞ୍ଚିଛି। ଫଳରେ ଜିଲ୍ଲାରେ ଗୁଡ଼ ଦର ମଧ୍ୟ ଅଧିକ ରହିଛି। ଏହି ଚିନିକଳ ଆରମ୍ଭ ହେଲେ ଜିଲ୍ଲାର ଦାଦନ ସମସ୍ୟା ମଧ୍ୟ କିଛି ମାତ୍ରାରେ କମି ପାରିବ। ସାମଗ୍ରିକ ଦୃଷ୍ଟିରୁ ଦେଖିଲେ ଏହି ଚିନିକଳ ଜିଲ୍ଲା ଅର୍ଥନୀତିକୁ ଆହୁରି ସୁଦୃଢ଼ କରିବ କିନ୍ତୁ ସରକାର ଏହାକୁ ଅଣଦେଖା କରିବା ସହ ଏହାକୁ ପୁଣିଥରେ ଆରମ୍ଭ କରିବାକୁ ଇଚ୍ଛାପ୍ରକାଶ କରୁ ନ ଥିବା ଅଭିଯୋଗ ହୋଇଛି।

## ଜିଲ୍ଲାସ୍ତରୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା



**ଭବାନୀପାଟଣା, ୧୪।୬(ସମିସ):** ଭବାନୀପାଟଣାସ୍ଥିତ ଲାଲବହାଦୁର ଶାସ୍ତ୍ରୀ ଖେଳପଡ଼ିଆରେ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ପ୍ରାତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଚାଲିଥିବା ବିକାଶ ମେଳା-୨୦୨୫ ଅବସରରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ତରଫରୁ ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା କଳାହାଣ୍ଡି ବ୍ୟାଡ଼ମିଣ୍ଟନ ସଂଘର ସଭାପତି ପ୍ରଦୀପ କୁମାର ଦାସଙ୍କ ନେତୃତ୍ୱରେ ସଂଘର ସହଯୋଗରେ ସମାପନ ହୋଇଯାଇଛି। କେବଳ ୧୫ ବର୍ଷରୁ କମ ବାଳକ ବିଭାଗ ଯୁଗଳ ପ୍ରତିଯୋଗିତା ଏବଂ ୧୯ ବର୍ଷରୁ କମ ବାଳିକା ବିଭାଗ ଯୁଗଳ ପ୍ରତିଯୋଗିତା ହୋଇଥିଲା। ବାଳକ ବିଭାଗରେ ଭବାନୀପାଟଣାର ଆର୍ଯ୍ୟାନ୍ତ ପଣ୍ଡା ଓ ଝିଲମାଲ ନିଆଲ ବିଜେତା ହୋଇଥିବା ବେଳେ ସାହେଲ ରାଏକୱାର ଓ ପ୍ରତ୍ୟୁଷ ରଞ୍ଜନ ଭୋଇ ଉପବିଜେତା ହୋଇଥିଲେ। ସେହିପରି ବାଳିକା ବିଭାଗରେ ଜୁନାଗଡ଼ର ଅଞ୍ଜଳି ନାଏକ ଓ ଶିବାନୀ ଭାଟି ବିଜେତା ହୋଇଥିବାବେଳେ ଧର୍ମଗଡ଼ର ଶ୍ରାଗଭି ମୁଣ୍ଡ ଓ ନିବେଦିତା ବିହାରୀ ଉପବିଜେତା ହୋଇଥିଲେ। ମୋଟ ୫୨ ଜଣ ବାଳକ ଓ ୧୪ ଜଣ ବାଳିକା ପ୍ରତିଯୋଗିତାରେ ଭାଗ ନେଇଥିଲେ। ସମସ୍ତ କୃତୀ ଖେଳାଳିଙ୍କୁ ଆସନ୍ତା ୧୮ ତାରିଖରେ ଉଦ୍‌ଯାପନୀ ଉତ୍ସବରେ ଲାଲ ବହାଦୁର ଖେଳପଡ଼ିଆର ମୁଖ୍ୟ ମଞ୍ଚରେ ଟ୍ରଫି ସହ ମାନପତ୍ର ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ ଉପସ୍ଥିତ ରହି ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।ସଂଘର ସଭାପତି ପ୍ରଦୀପ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। ସଂଘ ତରଫରୁ ସରୋଜ ମହାରଣା ପ୍ରତିଯୋଗିତା ମୁଖ୍ୟ ସଂଯୋଜକ ରହିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସହ ସମ୍ପାଦକ ସାଇ କୁମାର ସିଂ ସାମନ୍ତ, ନର୍ଲା ବ୍ୟାଡ଼ମିଣ୍ଟନ ସଂଘର ସମ୍ପାଦକ ମୋହିତ ମିଶ୍ର, ଶକ୍ତି ପ୍ରସାଦ ଯୋଶୀ, ଜିତେନ୍ଦ୍ର ମିଶ୍ର, ରବି ସାହୁ, ସନ୍ଦୀପ ଦାସ, ଅବିନାଶ ବାବୁ, ଶିବାଶିଷ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ୩ ଦିନ ମଧ୍ୟରେ ସକ୍ରିୟ ହେବ ମୌସୁମୀ

ଭୁବନେଶ୍ୱର, ୧୪।୬ (ସମିସ): ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପାଣିପାଗ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ପ୍ରୟୋଗ ଆରମ୍ଭ ହୋଇସାରିଛି। ବିଭାଗ ମଧ୍ୟରେ ଏଆଇ ଆପ୍ଲିକେସନ୍‌ର ବ୍ୟବହାର ପାଇଁ ବର୍ତ୍ତମାନ ଗବେଷଣା ଜାରି ରହିଛି। ଏ କ୍ଷେତ୍ରରେ ଆଇଆଇଟି, ଆଇଆଇଆଇଟି, ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ସଂସ୍ଥା ସହ ଆମେ ସହଭାଗିତା ଭିତ୍ତିରେ କାମ କରୁଛୁ ବୋଲି କହିଛନ୍ତି

- ■ ମିଶନ୍ ମୌସୁମ କାର୍ଯ୍ୟକ୍ରମରେ ଆହୁରି ସଠିକ୍ ହେବ ପାଣିପାଗ ପୂର୍ବାନୁମାନ
- ■ ଏଆଇ କରୁଛି ପାଣିପାଗ ପୂର୍ବାନୁମାନ: ମୃତ୍ୟୁଞ୍ଜୟ

ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର। ଶନିବାର ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଡ. ମହାପାତ୍ର ଭାରତୀୟ ପାଣିପାଗ କ୍ଷେତ୍ରରେ ଏଆଇର ଉପଯୋଗ ଏବଂ ବିପର୍ଯ୍ୟୟ ରୋକିବାରେ ବିଭାଗର ସଫଳତା ସମ୍ପର୍କରେ ବିଶଦ୍ ସୂଚନା ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ ଏଆଇକୁ ପ୍ରୟୋଗ କରି ପାଣିପାଗ କ୍ଷେତ୍ରରେ ସତର୍କ ସୂଚନା ପ୍ରଦାନ କରାଯାଉଛି। ଏହାକୁ ଆଗାମୀ ଦିନରେ ଆହୁରି ତ୍ୱରାନ୍ୱିତ କରାଯିବ। ଆସନ୍ତା ୫ବର୍ଷ ମଧ୍ୟରେ ମିଶନ ମୌସୁମ କାର୍ଯ୍ୟକ୍ରମ ଅଧୀନରେ ଭାରତରେ ଦେଖାଦେଉଥିବା ସିଭିୟର ୱେଦର୍ (ଭୀଷଣ ପାଣିପାଗ)କୁ ଅଧିକରୁ ଅଧିକ ସଠିକତାର ସହ ନିରୂପଣ ପାଇଁ ଲକ୍ଷ୍ୟ ରଖାଯାଇଛି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ବିପର୍ଯ୍ୟୟ ରୋକିବା କ୍ଷେତ୍ରରେ ଭାରତୀୟ ପାଣିପାଗ ବିଭାଗ ଯେଉଁ ପଦକ୍ଷେପ ନେଇଛି, ତାହା ବିଶ୍ୱବ୍ୟାପୀ ଆଦୃତି ଲାଭ କରିବା ସହ ପ୍ରଶଂସିତ ହୋଇଛି। ବିପର୍ଯ୍ୟୟ ହ୍ରାସ କ୍ଷେତ୍ରରେ ସତର୍କ ସୂଚନା ପ୍ରଣାଳୀର ଭୂମିକା ଗୁରୁତ୍ୱପୂର୍ଣ୍ଣ। ନିକଟ ଅତୀତରେ ପାଣିପାଗ ବିଭାଗ ଏ କ୍ଷେତ୍ରରେ ଏକାଧିକ ପଦକ୍ଷେପ ନେବା କାରଣରୁ ଆମର ସତର୍କ ସୂଚନା ପ୍ରଣାଳୀରେ ଅଭୂତପୂର୍ବ ପରିବର୍ତ୍ତନ ଆସିଛି। ପ୍ରାୟ ୪୦ରୁ ୫୦ ପ୍ରତିଶତ ପୂର୍ବାନୁମାନର ସଠିକତା ବୃଦ୍ଧି ପାଇଛି। ବାତ୍ୟା କେଉଁଠାରେ, କେଉଁ ସମୟରେ ଏବଂ ଏହାର ତୀବ୍ରତା ସମ୍ପର୍କରେ ସଠିକ ସମୟରେ ସୂଚନା ପ୍ରଦାନ କରାଯାଉଛି। ଫଳରେ ବିପର୍ଯ୍ୟୟ ମୁକାବିଲା ପୂର୍ବାପେକ୍ଷା ସହଜ ହେବା ସହ ମୃତ୍ୟୁ ସଂଖ୍ୟାକୁ ହ୍ରାସ କରାଯାଇ ପାରିଛି ବୋଲି ସେ ସୂଚନା ଦେଇଛନ୍ତି।

ଅପରପକ୍ଷେ, ଦକ୍ଷିଣ-ପୂର୍ବ ମୌସୁମୀ ବାୟୁକୁ ନେଇ ମଧ୍ୟ ସୂଚନା ରଖିଛନ୍ତି ଡ. ମହାପାତ୍ର। ଏବେ ଦକ୍ଷିଣ ଓଡ଼ିଶାରେ ମୌସୁମୀ ବାୟୁ ସକ୍ରିୟ ରହିଛି। ଆସନ୍ତା ୨ରୁ ୩ଦିନ ମଧ୍ୟରେ ଏହା ରାଜ୍ୟରେ ସକ୍ରିୟ ହେବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଆସନ୍ତା ୧୮ ତାରିଖ ଯାଏଁ ବିଭିନ୍ନ ଜିଲ୍ଲାରେ ବର୍ଷା ହେବା ନେଇ ଆଗୁଆ ସୂଚନା ପ୍ରଦାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର।

**ଶେଷ ପର୍ଯ୍ୟାୟରେ ବାଲେଶ୍ୱର ପାଣିପାଗ ରାଡାର୍ ବିଲଡିଂ କାମ**

# କେବେ ଲାଗିବ ରାଡାର୍?

ବାଲେଶ୍ୱର,୧୪।୬(ସମିସ): ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ବାଲେଶ୍ୱର ପାଣିପାଗ ରାଡାର ବିଲ୍ଡିଂ। ଏହି ତିନି ମହଲା ବିଶିଷ୍ଟ ରାଡାର୍ ବିଲଡିଂର ଶେଷ ପର୍ଯ୍ୟାୟ କାମ ଆରମ୍ଭ ହୋଇଛି। ଆସନ୍ତା ୩ରୁ ୪ ମାସ ଭିତରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ସୂଚନା ମିଳିଛି। ବର୍ତ୍ତମାନ ପିଡବ୍ଲୁଡି ବିଭାଗ ପକ୍ଷରୁ ଛାତ ଉପରେ ଢଳେଇ କାମ ହେଉଛି, ଯାହା ଉପରେ ରାଡାର୍ ବସିବ। ଏହି କାମ ସରିବା ପରେ ଏହି ବିଲ୍ଡିଂକୁ ବାଲେଶ୍ୱର ପାଣିପାଗ ବିଭାଗ କାର୍ଯ୍ୟାଳୟ ସ୍ଥାନାନ୍ତର ହେବ। ହେଲେ ରାଡାର୍ କେବେ ଲାଗିବ, ତାହା କେହି କହିପାରୁନାହାନ୍ତି।




ସୂଚନାଯୋଗ୍ୟ, ମୌସୁମୀ ତଥା ଘୂର୍ଣ୍ଣିବଳୟ, ବର୍ଷା ଓ ବାତ୍ୟାର ପୂର୍ବାନୁମାନ ପାଇଁ ୨୦୧୩ ମସିହାରେ ଚାନ୍ଦିପୁର ରାସ୍ତାର ନୂଆନଇ ନିକଟରେ ୩ ଏକର ଜମିରେ ପାଣିପାଗ ବିଭାଗର ନୂତନ ବିଲଡିଂ କାମ ପିଡବ୍ଲୁଡି ବିଭାଗ ପକ୍ଷରୁ ଆରମ୍ଭ ହୋଇଥିଲା। ୫ କୋଟି ୧୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ତିନି ମହଲା ବିଲଡିଂକୁ ପିଡବ୍ଲୁଡି ୨୦୧୪ରେ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିବାର ଅବଧି ରହିଥିଲା। ମାତ୍ର ତାହା ସମୟ ଅନୁସାରେ କାମ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ଏହାରି ଭିତରେ ୧୧ବର୍ଷରୁ ଅଧିକ ଦିନ ବିତିଗଲାଣି। ଦୀର୍ଘ ବର୍ଷ ପରେ ୨୦୨୪ ଜୁନ୍ ୧୩ରେ ଏହି କାମ ତ୍ୱରାନ୍ୱିତ ହେବା ପରେ ଆଗାମୀ ଛଅ ମାସ ଭିତରେ କାମ ସମ୍ପୂର୍ଣ୍ଣ ହେବା ନେଇ ସୂଚନା ମିଳିଥିଲା। ଏହି ତିନି ମହଲାର ଛାତ ଉପରେ 'ସି' ବ୍ୟାଣ୍ଡ ରାଡାର୍ ସ୍ଥାପନ ହେବ। ଯାହା ୨୫୦ କିଲୋମିଟର ପର୍ଯ୍ୟନ୍ତ ଅଞ୍ଚଳର ସୂଚନା ଆଗୁଆ ସଂଗ୍ରହ କରିବ। ପଶ୍ଚିମବଙ୍ଗଠୁ ଆରମ୍ଭ କରି ପାରାଦୀପ ପର୍ଯ୍ୟନ୍ତ ଏହି ରାଡାର୍ ପୂର୍ବାନୁମାନ କରିପାରିବ। ବିଶେଷକରି ଘୂର୍ଣ୍ଣିବଳୟ, ପ୍ରବଳ ବର୍ଷା, ବଜ୍ରପାତ ଏବଂ ବାତ୍ୟା ଆଦି ସମ୍ପର୍କରେ କିଛି ସମୟ ପୂର୍ବରୁ ସୂଚନା ସଂଗ୍ରହ କରିବ। ଫଳରେ ସେହି ସୂଚନା ଅନୁସାରେ ବାଲେଶ୍ୱର ପାଣିପାଗ ବିଭାଗ ପକ୍ଷରୁ ଲୋକଙ୍କୁ ସତର୍କ କରାଯାଇପାରିବ। ବର୍ତ୍ତମାନ ଏହି ତିନି ମହଲା ବିଲଡିଂର ଶେଷ ପର୍ଯ୍ୟାୟ କାମ ଚାଲୁଅଛି।

ଏ ନେଇ ବାଲେଶ୍ୱର ପାଣିପାଗ ବିଭାଗ ମୁଖ୍ୟ ମଦନ ମୋହନ ଦାସ କହିଛନ୍ତି, ରାଡାର୍ ବିଲଡିଂର ଶେଷ ପର୍ଯ୍ୟାୟ କାମ ଏବେ ଆରମ୍ଭ ହୋଇଛି। ରାଡାର୍ ବସିବା ପାଇଁ କାମ ହେଉଛି। ଆଗାମୀ ତିନି ଚାରି ମାସ ଭିତରେ ବାକି ସମସ୍ତ କାମ ପରେ ପିଡବ୍ଲୁଡି ବିଲଡିଂ ହସ୍ତାନ୍ତର କରିବ। ତାପରେ ରାଡାର୍ ବସିବ। ବିଲଡିଂ ହସ୍ତାନ୍ତର ପରେ କାର୍ଯ୍ୟାଳୟ ସେଠାକୁ ସ୍ଥାନାନ୍ତର ହେବ।

## ଦୁଇ ଦୁର୍ଘଟଣାରେ ୨ ମୃତ

ଆନନ୍ଦପୁର, ୧୪।୬ (ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ୨୦ନମ୍ବର ଜାତୀୟ ରାଜପଥରେ ଦୁଇଟି ପୃଥକ୍ ଦୁର୍ଘଟଣାରେ ୨ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ଉଭୟଙ୍କ ସମ୍ପର୍କୀୟ ଆସି ନଥିବାରୁ ମୃତଦେହ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ରଖାଯାଇଛି। ସୂଚନାନୁସାରେ, ଶନିବାର ଅପରାହ୍ନ ୩ଟାରେ କୋଲିମାଟି ନିକଟରେ ଏକ ହାଇୱା ଧକ୍କା ଦେବାରୁ ଘଟଣାସ୍ଥଳରେ ବାହାନଗା ଅଞ୍ଚଳର ସୁଦୀପ ମହାରଣା (୨୮)ଙ୍କ ମୃତ୍ୟୁ ହୋଇଥିଲା। ବାଇକରେ ଥିବା ଅନ୍ୟ ଜଣେ ଗୁରୁତର ଆହତ ହୋଇ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଛନ୍ତି। ସେହପରି ଅପରାହ୍ଣ ସାଢ଼େ ୨ଟା ବେଳେ ଘସିପୁରା ବାଇପାସ୍ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ତାଙ୍କ ପରିଚୟ ସଠିକ ସ୍ପଷ୍ଟ ହୋଇପାରିନାହିଁ। ଘସିପୁରା ପୁଲିସ୍ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଛି।

# ବାତ୍ୟା ଆଶ୍ରୟସ୍ଥଳ ମରାମତିକୁ ନେଇ ଗୋଷ୍ଠୀ ସଂଘର୍ଷ

ଅସ୍ତରଙ୍ଗ,୧୪।୬(ସମିସ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅସନ ଗ୍ରାମରେ ଥିବା ଏକ ବାତ୍ୟା ଆଶ୍ରୟସ୍ଥଳୀର ମରାମତି ଓ ରଙ୍ଗ ମାରିବାକୁ ନେଇ ଶନିବାର ପୂର୍ବାହ୍ଣରେ ଦୁଇଗୋଷ୍ଠୀ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ୮ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଏ ସମ୍ପର୍କରେ ଅସନ ଗ୍ରାମର ଦେବକୀ ମଲ୍ଲିକଙ୍କ ପକ୍ଷରୁ ଥାନାରେ ୧୭ଜଣଙ୍କ ବିରୋଧରେ ଏକ ଲିଖିତ ଅଭିଯୋଗ ହୋଇଛି। ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ ଏବଂ ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିଆରସିଂ ପୁଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।



ସୂଚନାନୁଯାୟୀ, ବ୍ଲକ୍ ଆପାତ୍‌କାଳୀନ ବିପର୍ଯ୍ୟୟ ପାଣ୍ଠିରୁ ୬ ଲକ୍ଷ ଟଙ୍କା ବ୍ୟୟବରାଦରେ ଅସନ ବାତ୍ୟା ଆଶ୍ରୟସ୍ଥଳକୁ ମରାମତି ଓ ରଙ୍ଗ କରିବା ପାଇଁ ବାତ୍ୟା ଆଶ୍ରୟସ୍ଥଳୀର ସଭାପତି ତଥା ସମ୍ପୃକ୍ତ ଆଳସାହି ପଞ୍ଚାୟତ ବିଜେଡି ସମର୍ଥିତ ସରପଞ୍ଚ ସେଠାରେ ଥିବା ୱାର୍ଡ ସଭ୍ୟମାନଙ୍କୁ ଦାୟିତ୍ୱ ଦେଇଥିଲେ। ଗତ ୩ଦିନ ଧରି ୱାର୍ଡସଭ୍ୟାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ଜାରି ରହିଥିବା ବେଳେ ଶନିବାର ବାତ୍ୟା ଆଶ୍ରୟସ୍ଥଳୀକୁ ରଙ୍ଗ ମାରୁଥିବା ସମୟରେ ବିଜେପି ସମର୍ଥିତ ପଡ଼ୋଶୀ ପାଟସୁନ୍ଦରପୁର ଗ୍ରାମ ଓ ଅସନ ଗ୍ରାମର ଅନ୍ୟ ଏକ ମିଳିତ ଗୋଷ୍ଠୀ ପୂର୍ବ ପ୍ରସ୍ତୁତି ଅନୁଯାୟୀ ବିଭିନ୍ନ ମାରଣାସ୍ତ୍ର ଧରି ରଙ୍ଗ କାମ କରୁଥିବା ଲୋକମାନଙ୍କୁ ଅଚାନକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ୮ ଜଣ ଆହତ ହୋଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଗ୍ରାମରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଏ ସମ୍ପର୍କରେ ଅସ୍ତରଙ୍ଗ ଥାନା ଅଧିକାରୀ ଶ୍ରୀ ବଳିଆରସିଂ କୁହନ୍ତି, ପରିସ୍ଥିତି ଉପରେ ପୁଲିସ ନଜର ରଖିବା ସହ ହୋଇଥିବା ଗୋଟିଏ ଲିଖିତ ଅଭିଯୋଗ ଉପରେ ମାମଲା ରୁଜୁ କରାଯାଇଛି।

## ପୋଖରୀ କୂଳରୁ ଯୁବକଙ୍କ ମୃତଦେହ ଉଦ୍ଧାର

ସିମୁଳିଆ,୭।୬(ସମିସ): ପୋଖରୀ କୂଳରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ, ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ୍ ଅଧୀନ ଈଶ୍ୱରପୁର ପଞ୍ଚାୟତ ଚନ୍ଦ୍ରପଡ଼ା ଗ୍ରାମର ବୁଦ୍ଧିରାମ ଦାଶଙ୍କ ପୁତ୍ର ବସନ୍ତ ଦାଶ। ଗତକାଲି ବସନ୍ତ ଘରୁ ବାହାରକୁ ଯାଇ ଆଉ ଫେରିନଥିଲେ। ଆଜି ଅଡା କେନାଲରୁ ୨୦୦ ମିଟର ଦୂରରେ ଥିବା ପଦ୍ମ ପୋଖରୀ କୂଳରେ ସେ ପଡ଼ିଥିବାର ଅଞ୍ଚଳବାସୀ ଦେଖିଥିଲେ। ତୁରନ୍ତ ଆମ୍ବୁଲାନ୍ସ ଯୋଗେ ବସନ୍ତକୁ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାକୁ ମୃତ ବୋଲି ଘୋଷଣା କରିଥିଲେ। ଖବର ପାଇ ସିମୁଳିଆ ପୁଲିସ ପହଞ୍ଚି ଶବ ବ୍ୟବଛେଦ ପାଇଁ ପଠାଇବାସହ ଅଧିକ ତଦନ୍ତ ଜାରି ରଖିଛି।

**ଅଣସର ସମୟର ନିଷିଦ୍ଧ ନିୟମ**

# ଦଇତାପତିଙ୍କ ଘରକୁ ଆସି ନ ଥା'ନ୍ତି ବନ୍ଧୁବାନ୍ଧବ


ପୁରୀ,୧୪।୬(ସମିସ): ଦେବସ୍ନାନ ପୂର୍ଣ୍ଣିମାରେ ପ୍ରତ୍ୟକ୍ଷ ସ୍ନାନ କରି ଜ୍ୱରରେ ପଡ଼ିଛନ୍ତି ବିଶ୍ୱନିୟନ୍ତା। ଅଣସର ଘରେ ଚାଲିଛି ଗୁପ୍ତ ସେବା। ବେଶ୍ ନିଷ୍ଠା ଓ ଏକାଗ୍ରତାର ସହ ଗୋଷ୍ଠୀଗତ ଭାବେ ସେବା କରୁଛନ୍ତି ଦଇତାପତି। ତେବେ ଏହି ସମୟରେ ଦଇତାପତି ପରିବାରର କେତେକ ନିଷିଦ୍ଧ ନିୟମ ରହିଛି। ଅଣସର ସମୟରେ ଦଇତାପତି ପରିବାରର ବିବାହିତ ଝିଅମାନେ ବାପଘରକୁ ଆସନ୍ତି ନାହିଁ। ସେହିପରି ବନ୍ଧୁବାନ୍ଧବ ମଧ୍ୟ ଆସି ନ ଥା'ନ୍ତି। ଠାକୁର ଅଣସରରେ ଥିବା ବେଳେ ଏଭଳି କିଛି ନିୟମ ପାଳନ କରନ୍ତି ଦଇତାପତି ପରିବାର।

ଏ ସମ୍ପର୍କରେ ଦଇତାପତି ସେବକ କୁହନ୍ତି, ଅଣସରରେ ପ୍ରତ୍ୟେକ ଦଇତାପତି ପରିବାର ଶୁଦ୍ଧପୁତ ଭାବେ ରୁହନ୍ତି। ପବିତ୍ର ସ୍ନାନପୂର୍ଣ୍ଣିମା ପୂର୍ବରୁ ଘର, ପୋଷାକପତ୍ର ଇତ୍ୟାଦି ସଫା କରାଯାଏ। ରୋଷେଇ ଘର, ଠାକୁର ଘର ଭଲ ଭାବେ ଧୂଆ ହୋଇ ଧଉଳା ଯାଏ। ସ୍ନାନପୂର୍ଣ୍ଣିମା ଦିନ ସ୍ନାନ ଜଳ ଆସିବା ପରେ ବଡ଼ବଡ଼ିଆଙ୍କୁ ଲାଗି କରାଯାଏ। ଏହି ସ୍ନାନ ଜଳ ମାଟି ହାଣ୍ଡିରେ ପଡ଼ିବା ପରେ ହବିଷ୍ୟାନ୍ନ ପ୍ରସ୍ତୁତ ହୁଏ। ଦଇତାପତି ପରିବାରର ସ୍ତ୍ରୀ ଲୋକମାନେ ପାଟଶାଢ଼ି ପରିଧାନ କରି କାଠ ଚୁଲିରେ ହବିଷ୍ୟାନ୍ନ ତିଆରି କରିଥା'ନ୍ତି। ବର୍ତ୍ତମାନ ସମସ୍ତଙ୍କ ଘରେ କାଠ ଚୁଲି ନଥିଲେ ବି ଅଧିକାଂଶ ପରିବାର କାଠ ଚୁଲିରେ ହବିଷ୍ୟାନ୍ନ ପ୍ରସ୍ତୁତ କରନ୍ତି। ଯାହାର କାଠ ଚୁଲି ନାହିଁ, ସେମାନେ ନୂଆ ଗ୍ୟାସ୍ ଚୁଲାରେ ହବିଷ୍ୟାନ୍ନ ତିଆରି କରନ୍ତି। ଶ୍ରୀମନ୍ଦିରରେ ଯେଉଁଭଳି ପାରମ୍ପରିକ ଭାବେ ବିଭିନ୍ନ ପରିବା ପଡ଼ି ଡାଲମା ଏବଂ ଅନ୍ନ ତିଆରି ହୁଏ ସେହିପରି ଡାଲମା, ଅନ୍ନ ପ୍ରତ୍ୟେକ ପରିବାରରେ ହୁଏ। ଯିଏ ଯେଉଁଆଡ଼େ ଯାଇଥା'ନ୍ତି ସୂର୍ଯ୍ୟାସ୍ତ ପୂର୍ବରୁ ଫେରି ହବିଷ୍ୟାନ୍ନ ସେବନ କରନ୍ତି।

ଦଇତାପତି ପରିବାରର ସମସ୍ତ ସଦସ୍ୟ ଅର୍ଥାତ୍ ପିଲାଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଦିନକୁ ଗୋଟିଏଥର ହବିଷ୍ୟାନ୍ନ ଖାଆନ୍ତି। କେହି ବାହାରେ କିଛି ବି ଖାଦ୍ୟ ଗ୍ରହଣ କରନ୍ତି ନାହିଁ କି ପାଣି ମଧ୍ୟ ପିଅନ୍ତି ନାହିଁ। କୌଣସି ପରିବାରରେ ଯଦି କେହି ବାହାରେ ଚାକିରି କରୁଥିବେ, ତେବେ ଅଣସର ଲାଗି ଛୁଟି ଆଣି ଘରକୁ ଆସନ୍ତି। ଶୁଦ୍ଧପୁତ ଭାବେ ପରିବାର ସଦସ୍ୟଙ୍କ ସହ ରହି ସମସ୍ତ ନୀତିନିୟମ ପାଳନ କରିଥା'ନ୍ତି। ଏହି ସମୟରେ ବିବାହିତ ଝିଅମାନେ ବାପଘରକୁ ଆସନ୍ତି ନାହିଁ। ସେହିପରି ବନ୍ଧୁବାନ୍ଧବ ମଧ୍ୟ ଆସି ନ ଥା'ନ୍ତି। ଭିକାରୀଙ୍କୁ ବି ଭିକ୍ଷା ଦିଆଯାଇନଥାଏ। ଅଣସରରେ ମହାପ୍ରଭୁ ଖଟ, ପଲଙ୍କ, ଗଦି, ମାଣ୍ଡି(ତକିଆ) କିଛି ବି ବ୍ୟବହାର କରୁନଥିବାରୁ ଦଇତା ପରିବାରରେ ମଧ୍ୟ ଏହା ବ୍ୟବହାର ହୋଇନଥାଏ। ମୋଟାମୋଟି ସମସ୍ତେ ବିଳାସବ୍ୟସନରୁ ଦୂରେଇ ରହିବାକୁ ଚେଷ୍ଟା କରିଥା'ନ୍ତି। ଏପରିକି, ଏହି ସମୟରେ ଦଇତାପତି ପରିବାର ସଦସ୍ୟମାନେ ସୁନା ଅଳଙ୍କାର ପ୍ରାୟ ପିନ୍ଧନ୍ତି ନାହିଁ।

## ସ୍ତ୍ରୀକୁ ଟାଙ୍ଗିଆରେ ହାଣି ଝୁଲି ପଡ଼ିଲା ସ୍ୱାମୀ

ପଦ୍ମପୁର,୧୪।୬(ସମିସ): ସ୍ତ୍ରୀକୁ ଟାଙ୍ଗିଆରେ ହାଣିବା ପରେ ବେକରେ ରଶି ଲଗାଇ ଝୁଲିପଡ଼ିଲା ସ୍ୱାମୀ। ପଦ୍ମପୁର ଥାନା ଭେଉଁରିଆ ଗାଁରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ସୂଚନାନୁସାରେ, ଗାଁର ଶ୍ୟାମସୁନ୍ଦର ଭୋଇ ଓ ତାଙ୍କ ସ୍ତ୍ରୀ ରତ୍ନୀ ଭୋଇଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ମଦ୍ୟପ ସ୍ୱାମୀ ଏଥିରେ ଉତ୍‌କ୍ଷିପ୍ତ ହୋଇ ସ୍ତ୍ରୀକୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲା। ପରିବାରଲୋକେ ଆହତ ରତ୍ନୀଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ପରେ ଶ୍ୟାମସୁନ୍ଦର ଘରେ ବେକରେ ରଶି ଦେଇ ଆତ୍ମହତ୍ୟା କରିଥିଲା। ତେବେ କେଉଁ କାରଣରୁ ସ୍ତ୍ରୀଙ୍କୁ ଆକ୍ରମଣ ପରେ



ନିଜେ ଆତ୍ମହତ୍ୟା କରିଛନ୍ତି, ସେ ବିଷୟରେ ଜଣାପଡ଼ିନାହିଁ। ପଦ୍ମପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏ ସମ୍ପର୍କରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅନ୍ୟପକ୍ଷରେ ରତ୍ନୀଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରିଛି। ମୃତ ଶ୍ୟାମସୁନ୍ଦରର ଶବ ପଦ୍ମପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସେମାନଙ୍କ ୨ଟି ନାବାଳକ ସନ୍ତାନ ରହିଥିବା ଜଣାପଡ଼ିଛି।

**ଦଣ୍ଡମୁକ୍ତ ଅଞ୍ଚଳରେ ଛାତ୍ରଙ୍କୁ ଦଣ୍ଡିତ**

# ଡୁଙ୍ଗୁରିପାଲି ସ୍କୁଲରେ ଛାତ୍ରଙ୍କୁ କାମ କରାଉଥିବା ଭିଡିଓ ଭାଇରାଲ

ପାଟଣାଗଡ଼,୧୪।୬(ସମିସ): ସରକାର ସ୍କୁଲକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରିଛନ୍ତି। ଛାତ୍ରଛାତ୍ରୀ କିଭଳି ସ୍କୁଲପ୍ରତି ଆକୃଷ୍ଟ ହେବେ ସେଥିପାଇଁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ମଧ୍ୟ କରାଯାଇଛି। କିନ୍ତୁ ଏହି ଦଣ୍ଡମୁକ୍ତ ଅଞ୍ଚଳରେ ସ୍କୁଲର ଶିକ୍ଷକ ଛାତ୍ରମାନଙ୍କୁ କରଣି ଧରାଇ ମିସ୍ତ୍ରୀ କାମ କରାଉଥିବାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଭାଇରାଲ ଭିଡିଓ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ବେଲପଡ଼ା ବ୍ଲକ୍ ଡୁଙ୍ଗୁରିପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ବୋଲି ଜଣାପଡ଼ିଛି। ଏକ କୋଠରି କାମ ପାଇଁ ଛଅଜଣ ଛାତ୍ରଙ୍କୁ ଶ୍ରମିକ ଭାବେ ନିଯୁକ୍ତ କରିଥିବା ଦେଖିବାକୁ ମିଳିଛି। ଦୁଇଜଣ ଛାତ୍ର କରଣି ଧରି ମିସ୍ତ୍ରୀ ଭାବେ କାର୍ଯ୍ୟକରୁଥିବାବେଳେ ଅନ୍ୟ ଚାରିଜଣ ଶ୍ରମିକ ଭାବେ ଏକ ସିମେଣ୍ଟ ବସ୍ତାଧରି ଉକ୍ତସ୍ଥାନକୁ ନେଉଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ସେହି ସ୍କୁଲ ରାସ୍ତାଦେଇ ଯାଉଥିବା ଜଣେ ନାଗରିକ ଛାତ୍ରମାନେ କାମ କରୁଥିବା ଦେଖି ଭିଡିଓ ଉତ୍ତୋଳନ




କରିଥିଲେ ଓ ପଚାରିବାରୁ ଏକ କୋଠରି ରଙ୍ଗ କାମ କରୁଥିବା କହିଥିଲେ। ପରେ ଏହି ଘଟଣାକୁ ସ୍କୁଲର ପ୍ରଧାନଶିକ୍ଷକ ଚାପି ଦେଇଥିବା ସୂଚନା ମିଳିଛି। ତେବେ ଉକ୍ତ ଭିଡିଓଟି କେଉଁ ସମୟର ତାହା ଜଣାପଡ଼ି ନ ଥିବାବେଳେ ବେଲପଡ଼ା ବ୍ଲକ୍ ଏବିଇଓଙ୍କୁ ପଚାରିବାରୁ ପ୍ରମାଣ ଅଛିକି ବୋଲି କହିଥିଲେ ଓ ପରେ ଆଉ ଫୋନ ଗ୍ରହଣ କରି ନ ଥିଲେ। ଏନେଇ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ ନାଗଙ୍କୁ ପଚାରିବାରୁ ଆପଣଙ୍କ ଠାରୁ ଘଟଣା ବିଷୟରେ ଜାଣିଲି, ତଦନ୍ତ କରାଯାଇ ଦୃଢ଼ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

**ସୀମା ଲଙ୍ଘୁଛି ସାମାଜିକ ଗଣମାଧ୍ୟମ**

# ନିୟନ୍ତ୍ରଣ କରିବାରେ ସରକାର ବିଫଳ

ଭଦ୍ରକ,୧୪।୬(ଉମାକଲ୍ୟାଣ ମହାପାତ୍ର): ଭଦ୍ରକ ଜିଲ୍ଲା ରାଜ୍ୟର ଅନ୍ୟତମ ପ୍ରମୁଖ ସମ୍ବେଦନଶୀଳ ଜିଲ୍ଲା ଭାବେ ରାଜ୍ୟ ତଥା ରାଜ୍ୟ ବାହାରେ ପରିଚିତ। ସାମ୍ପ୍ରଦାୟିକ କନ୍ଦଳ ଓ ହିଂସା ନେଇ ସର୍ବଦା ଚର୍ଚ୍ଚାରେ ଏହି ଜିଲ୍ଲା। ତେବେ ଗତ ବର୍ଷକ ମଧ୍ୟରେ ଜିଲ୍ଲାରେ ଏହି ସାମ୍ପ୍ରଦାୟିକ ଉତ୍ତେଜନା ଓ ସଂଘର୍ଷ ଘଟଣା ବଢ଼ି ନିୟନ୍ତ୍ରଣ ବାହାରକୁ ଯାଇଛି। ଯାହାକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ପ୍ରକାଶ ପାଇଛି। ଗତ ମାସ ୩୦ ତାରିଖରେ ଜିଲ୍ଲାର ତିହିଡି ଥାନା କଷଟି ଅଞ୍ଚଳରେ ବେଆଇନ ଗୋ-ଚାଲାଣକାରୀଙ୍କ ଆକ୍ରମଣରେ ଜଣେ ଯୁବକ ଗୁରୁତର ଭାବେ ଆହତ ହେବା ଏବଂ ୧୧ ତାରିଖରେ ମୃତ୍ୟୁବରଣ କରିବା ପରେ ସମ୍ଭାବ୍ୟ ଉତ୍ତେଜନାମୂଳକ ସ୍ଥିତି ଉପୁଜିଥିଲା। ଏହି କାରଣରୁ ରାତିଅଧିଆ ଏସ୍‌ପି ମଡ଼କାର ସନ୍ଦୀପ ସମ୍ପଦଙ୍କୁ ବଦଳି କରି ନୂତନ ଏସ୍‌ପି ଭାବେ ଅଭିଜ୍ଞତା ସମ୍ପନ୍ନ ମନୋଜ କୁମାର ରାଉତଙ୍କୁ ଜିଲ୍ଲାକୁ ଅଣାଗଲା। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଜିଲ୍ଲାରେ ସାମାଜିକ ଗଣମାଧ୍ୟମ (ଫେସବୁକ, ଇନଷ୍ଟାଗ୍ରାମ, ୱାଟସଆପ ଆଦି...)ରେ ସୀମା ଲଙ୍ଘନ କରି ସାମ୍ପ୍ରଦାୟିକ ଉତ୍ତେଜନାମୂଳକ ପୋଷ୍ଟିଂ ଯୋଗୁଁ ଏହି ଉତ୍ତେଜନା ବା ହିଂସାତ୍ମକ ସ୍ଥିତି ବଢ଼ିବାରେ ଲାଗିଛି। ସରକାର ଏହି ଉତ୍ତେଜନା ଓ ଅଶାନ୍ତ ସ୍ଥିତିକୁ ସୁଧାରିବାରେ ବିଫଳ ହୋଇ ଜିଲ୍ଲାରେ ଇଣ୍ଟରନେଟ୍ ସେବା ବନ୍ଦ କରିବା ଭଳି ପଦକ୍ଷେପ ନେଇ ସମସ୍ତଙ୍କୁ ଦୁର୍ଦ୍ଦଶାରେ ସମ୍ମୁଖୀନ ହେବାକୁ ବାଧ କରୁଛନ୍ତି।

ଗତ ୧୨ ତାରିଖ ସକାଳ ସାଢ଼େ ୬ଟାରୁ ୨୪ଘଣ୍ଟା ପାଇଁ ଭଦ୍ରକ ସହର, ଭଦ୍ରକ ବ୍ଲକ, ଧାମନଗର ଏନ୍‌ଏସି, ଧାମନଗର ବ୍ଲକ ଓ ତିହିଡି ବ୍ଲକକୁ ମିଶାଇ ୫ଟି ଅଞ୍ଚଳରେ ଇଣ୍ଟରନେଟ୍ ସେବା ବନ୍ଦ କରିଥିଲେ। ପୁଣି ଅଧିକ ୧୨ଘଣ୍ଟା ଲାଗି ଇଣ୍ଟରନେଟ୍ ସେବା ବନ୍ଦ କରି ଶୁକ୍ରବାର ସନ୍ଧ୍ୟା ସାଢ଼େ ୬ଟାରେ ସେବା ଯୋଗାଇଦେଲେ। ଅର୍ଥାତ୍ ୩୬ ଘଣ୍ଟା କାଳ ଜିଲ୍ଲାର ୩ଟି ବ୍ଲକ ଓ ୨ଟି ସହରାଞ୍ଚଳବାସୀ ଇଣ୍ଟରନେଟ ସେବାରୁ ଅକାରଣରେ ବଞ୍ଚିତ ହୋଇ ଦୁର୍ଦ୍ଦଶା ଭୋଗିବାକୁ ବାଧ ହେଲେ। ଇଣ୍ଟରନେଟ୍ ସେବା ବନ୍ଦଥିବାରୁ ଲୋକମାନେ ଦୀର୍ଘ ୩୬ ଘଣ୍ଟା ହେବ ନାନାଦି ସମସ୍ୟାରେ ସମ୍ମୁଖୀନ

- ■ ୯ ମାସରେ ୨ଥର ୮୪ଘଣ୍ଟା ଇଣ୍ଟରନେଟ ସେବା ବନ୍ଦ
- ■ ଦୁର୍ଦ୍ଦଶା ଭୋଗୁଛନ୍ତି ଜିଲ୍ଲାବାସୀ

ହେଲେ। ବିଶେଷକରି ଯୁକ୍ତ ଦୁଇ ଓ ଯୁକ୍ତ ତିନି ପାଇଁ ନାମଲେଖା ଚାଲିଥିବା ବେଳେ ଇଣ୍ଟରନେଟ ସେବା ବନ୍ଦ ଥିବାରୁ ନାମ ଲେଖା ପାଇଁ ଛାତ୍ରଛାତ୍ରୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ୁଛି। ଆଇଆଇଟି ଓ ଏନ୍‌ଆଇଟିରେ ଆଡ୍‌ମିସନ ହେଉକି ସିଲେକ୍ସନ ଏସବୁ ଖବର ମିଳିବା ସମ୍ଭବ ହୋଇପାରୁନାହିଁ। ଯାହାକୁ ନେଇ ଅବିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସେହିପରି ଇଣ୍ଟରନେଟ ସେବା ବନ୍ଦଥିବାରୁ ଆଧାରକାର୍ଡ ସଂଶୋଧନଠାରୁ ଆରମ୍ଭ କରି ପାସ୍‌ପୋର୍ଟ ସେବା ଆବେଦନ ହୋଇପାରୁନାହିଁ। ଦୂରଦୂରାନ୍ତରୁ ଜିଲ୍ଲା ମୁଖ୍ୟାଳୟକୁ ଆସୁଥିବା ଲୋକଙ୍କୁ ହତାଶ ହୋଇ ଫେରିବାକୁ ପଡିଥିଲା। ଅନୁରୂପ ଭାବେ ବ୍ୟବସାୟ କ୍ଷେତ୍ରରେ ମଧ୍ୟ ଏହାର ସିଧାସଳଖ ପ୍ରଭାବ ଦେଖିବାକୁ ମିଳିଥିଲା। ରଜ ବଜାର ଏକପ୍ରକାର ଘାଟା ହୋଇଯାଇଥିଲା। ବର୍ତ୍ତମାନ ସମୟରେ ସବୁକିଛି ଡିଜିଟାଲ୍ ପେମେଣ୍ଟ ଉପରେ ନିର୍ଭର କରୁଥିବାରୁ କିଣାକିଣି କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେହିପରି ଏଟିଏମ୍ ମଧ୍ୟ ଅଚଳ ରହିଥିଲା। ଫଳରେ ନାହିଁ ନ ଥିବା ଅସୁବିଧା ଭୋଗିବାକୁ ପଡ଼ିଥିଲା।

କେବଳ ଗତ ୨/୩ ଦିନର କଥା ନୁହେଁ, ଏହା ପୂର୍ବରୁ ଗତ ସେପ୍ଟେମ୍ବର ମାସ ୨୮ ତାରିଖରେ ଅର୍ଥାତ ୮ ମାସ ତଳେ ବି ଜିଲ୍ଲାବାସୀ ସମଦଶା ଭୋଗିଥିଲେ। ଧାମନଗର, ଦୋବଲ ଅଞ୍ଚଳରେ ଉଭୟ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ଦେଖାଦେବା ଓ ପରେ ଭଦ୍ରକ ସହର ପୁରୁଣା ବଜାର ଅଞ୍ଚଳରେ ଏକ ଶୋଭାଯାତ୍ରାକୁ ପୁଲିସ ବିରୋଧ କରିବାରୁ ପୁଲିସ-ପବ୍ଲିକ ମୁହାଁମୁହିଁ ହୋଇଥିଲେ। ଏଥିରେ ପୁଲିସ ଅଧିକାରୀ, କର୍ମଚାରୀ ଆକ୍ରମଣରେ ଲହୁଲୁହାଣ ହୋଇଥିଲେ। ଏହି ଘଟଣାରେ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଗତ ସେପ୍ଟେମ୍ବର ୨୮ ତାରିଖରେ ଜିଲ୍ଲାବ୍ୟାପୀ ୪୮ ଘଣ୍ଟା କାଳ ଇଣ୍ଟରନେଟ୍ ସେବା ବନ୍ଦ କରିଥିଲେ। ଫଳରେ ଜିଲ୍ଲାର ସବୁ ବର୍ଗ ଲୋକେ ନାହିଁ ନଥିବା ସମସ୍ୟାରେ ସମ୍ମୁଖୀନ ହେବାକୁ ବାଧ ହୋଇଥିଲେ। ଏପରିକି, ସବୁ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଖବର ପ୍ରସାରଣ ଲାଗି ଜିଲ୍ଲା ସୀମା ଅତିକ୍ରାନ୍ତ କରି ପଡ଼ୋଶୀ ଜିଲ୍ଲାକୁ ଇଣ୍ଟରନେଟ ପାଇଁ ଧାଇଁବାକୁ ପଡ଼ିଥିଲା। ନୂତନ ସରକାରର ବର୍ଷକ ମଧ୍ୟରେ ଦୁଇ ଦୁଇଥର ନିହାତି ଜରୁରୀ ଇଣ୍ଟରନେଟ ସେବାକୁ ୮୪ ଘଣ୍ଟା ଲାଗି ବନ୍ଦ କରିବା ସରକାର ଓ ପ୍ରଶାସନର ବିଫଳତାକୁ ସ୍ପଷ୍ଟ କରୁଥିବା ସ୍ୱତଃ ପ୍ରମାଣିତ କରୁଛି। ଫଳରେ ନିରୀହ ଜିଲ୍ଲାବାସୀଙ୍କୁ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି।

# ୭୬ ବର୍ଷରେ ପଦାର୍ପଣ କଲେ ଓଡ଼ିଶାର ମସଲା ସମ୍ରାଟ ଡ. ଶରତ କୁମାର ସାହୁ

ଓଡ଼ିଶାର ଅଗ୍ରଣୀ ମସଲା ଉଦ୍ୟୋଗ ତଥା ପୂର୍ବ ଭାରତର ଅନନ୍ୟ ଖାଦ୍ୟ ପ୍ରସ୍ତୁତକାରୀ ଉଦ୍ୟୋଗ ରୁଚି ଫୁଡ୍‌ଲାଇନର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଡ଼ଃ ଶରତ କୁମାର ସାହୁ ଆଜି ୭୬ ବର୍ଷରେ ପଦାର୍ପଣ କରିଛନ୍ତି। ୧୯୭୬ ମସିହାରେ ଓଡ଼ିଶାରେ ପ୍ରଥମ ମସଲା ଉଦ୍ୟୋଗ ପ୍ରତିଷ୍ଠା କରି ସେ ମସଲା ସମ୍ରାଟ ବା ମସଲା ମଣିଷର ଆଖ୍ୟା ପାଇଥିବା ବେଳେ ତାଙ୍କଦ୍ୱାର ପ୍ରତିଷ୍ଠିତ ରୁଚି ଆଜି ୫୦ ବର୍ଷରେ ପଦାର୍ପଣ କରିଛି। ସେ ଓଡ଼ିଶାରେ ପ୍ରଥମ ମସଲା, ପ୍ରଥମ ଇଟାଲିୟାନ୍ ପାସ୍ତା, ପ୍ରଥମ ଫ୍ରୋଜେନ୍ ଫୁଡ୍ ଉଦ୍ୟୋଗ ଆଦି ଆରମ୍ଭ କରି ଖାଦ୍ୟ ପ୍ରକ୍ରିୟାକରଣରେ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଛନ୍ତି। ରୁଚି ଓ ଫ୍ରୋଜିଟ୍ ର ଗୁଣାତ୍ମକ ଖାଦ୍ୟକୁ ଜାତୀୟ ତଥା ଅର୍ନ୍ତଜାତୀୟ ସ୍ତରରେ ପହଞ୍ଚାଇ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣି ପାରିଛନ୍ତି।



ଡ଼ଃ ଶରତ କୁମାର ସାହୁ ଏକ ବ୍ୟକ୍ତି ନୁହନ୍ତି ବରଂ ଏକ ଅନୁଷ୍ଠାନ। ମାଟିକୁ ଛୁଇଁଲେ ସୁନା ହୋଇଯାଏ ନ୍ୟାୟରେ, ପ୍ରଭୁ ଲକ୍ଷେଶ୍ୱରଙ୍କ ଅପାର କରୁଣାରୁ ସେ ଅନେକ ଅସମ୍ଭବକୁ ସମ୍ଭବରେ ପରିଣତ କରି, ଓଡ଼ିଶା ଶିଳ୍ପ ଜଗତରେ ଏକ ଜ୍ୱଳନ୍ତ ଉଦାହରଣ ହୋଇପାରିଛନ୍ତି ସମସ୍ତଙ୍କ ପାଇଁ। ସେ ଜଣେ ଦରଦୀ, ପରୋପକାରୀ, ମିଷ୍ଟଭାଷୀ, ନମ୍ର, ଶାନ୍ତ, ସରଳ ବ୍ୟକ୍ତି ତଥା ଅନେକ ପ୍ରତୀଭାର ଅଧିକାରୀ। ଓଡ଼ିଶା ଓ ଓଡ଼ିଆକୁ ନେଇ ଗର୍ବ କରିଥିବା ଶ୍ରୀଯୁକ୍ତ ସାହୁ ରୁଚି ପ୍ରତିଭା ଫାଉଣ୍ଡେସନ୍ ପ୍ରତିଷ୍ଠା କରି ଅଗଣିତ ବିଦ୍ୟାର୍ଥୀ ଓ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରି ଓଡ଼ିଶାରେ ପ୍ରତିଭା ପୂଜନର ଏକ ନିଆରା ପରମ୍ପରା ସୃଷ୍ଟି କରିଛନ୍ତି। ଜଣେ ପୁରୁଖା କ୍ରୀଡାବିତ୍ ଭାବେ ଶୃଙ୍ଖଳା ଓ ଧୈର୍ଯ୍ୟକୁ ପାଥେୟ କରି ସେ ଜୀବନରେ ସଫଳତାର ସୋପାନ ଚଢି ଚାଲିଛନ୍ତି। ଖାଲି ବ୍ୟବସାୟ ନୁହେଁ ବରଂ ସମାଜର ବହୁବିଧ ଉନ୍ନତି କରିବା ପାଇଁ ସେ ସଂକଳ୍ପବଦ୍ଧ। ଓଡ଼ିଶାର କ୍ରୀଡ଼ା, ସାହିତ୍ୟ, କଳା, ସଂସ୍କୃତି ଆଦିର ଉନ୍ନତି ପାଇଁ ତାଙ୍କର ସାହାଯ୍ୟ, ସହଯୋଗ ଓ ସନ୍ଦେଶ ସର୍ବଦା ସ୍ମରଣୀୟ। ଅନାୟତ ଭବିଷ୍ୟତକୁ ଦେଖିପାରୁଥିବା ଏହି ମହିମା ମଣ୍ଡିତ ମଣିଷ ସଦା ସର୍ବଦା ଚେଷ୍ଟିତ ନିଜ ମାଆ ମାଟିର ସମ୍ମାନ ଓ ଗୌରବକୁ ବଢାଇବା ପାଇଁ। ହସ ବାଣ୍ଟି ପାରୁଥିବା ଏହି ସାଧାରଣ ମଣିଷଟି ଅନେକ ହୃଦୟର ମଉଡ଼ମଣି। ଜଣେ ଦକ୍ଷ ସଂଗଠକ, ଆୟୋଜକ, କ୍ରୀଡ଼ାବିତ୍, ବକ୍ତା, ବ୍ୟବସାୟୀ, ଓ ସର୍ବୋପରୀ ସମାଜସେବକ ଭାବେ ସାରା ଓଡ଼ିଶାବାସୀଙ୍କ ପାଖରେ ସେ ବେଶ୍ ପରିଚିତ। ରୁଚିର ବାସ୍ନାରେ ସାରା ଭାରତକୁ ସୁଗନ୍ଧିତ କରପାରିଥିବା ଓଡ଼ିଶାର ଜଣେ ସୁ ସନ୍ତାନ, ମାଟିର ମଣିଷ ଶ୍ରୀ ସାହୁ। ୭୬ବର୍ଷରେ ପଦାର୍ପଣ କରିଥିବା ଡ଼ଃ ସାହୁ ଏବେ ବି ବେଶ୍ ଚଳ ଚଞ୍ଚଳ ଅନେକ କିଛି କରିବା ପାଇଁ। ସେ ସ୍ୱପ୍ନଦ୍ରଷ୍ଟାଙ୍କର ଆଗାମୀ ପ୍ରକଳ୍ପ ରାମଦାସପୁର ଠାରେ ଗଢି ଉଠୁଥିବା ରୁଚିର ନୁଆ ପ୍ରକଳ୍ପ ପୁନଶ୍ଚ ସାରା ଓଡ଼ିଶା ପାଇଁ ଆଣିବ ଏକ ନୂଆ ସମ୍ଭାବନା।

ନିଜ କର୍ମ ଉପରେ ବିଶ୍ୱାସକରି ଜଣେ କର୍ମବୀର ଭାବେ ସୁନାମ ଅର୍ଜନ କରିଥିବା ଏହି ସରଳ, ନିଷ୍କପଟ ବ୍ୟକ୍ତିଙ୍କର ୭୬ ବର୍ଷରେ ପଦାର୍ପଣ ସମସ୍ତଙ୍କ ପାଇଁ ଏକ ଖୁସି ଆଉ ଆଶା ବିଶ୍ୱାସର ପ୍ରତୀକ। ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ପ୍ରଭୂ ଲକ୍ଷେଶ୍ୱର ତାଙ୍କୁ ଆର୍ଶୀବାଦ କରନ୍ତୁ ଆହୁରି ଆଗକୁ ବଢିବା ପାଇଁ। ଡ଼ଃ ସାହୁ ସବୁବେଳେ ହସୁଥାନ୍ତୁ ଆଉ ତାଙ୍କର ଜୀବନ ରୁପକ ନନ୍ଦିଘୋଷ ଆଗକୁ ଆଗକୁ ଯାଉ ଏହାହିଁ ମାହାପଭୂଙ୍କ ପାଖରେ ରୁଚି ପରିବାରର କାମନା।

ଆଜି ଏହି ଅବସରରେ ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ନିର୍ଦ୍ଦେଶକ ଅରବିନ୍ଦ ସାହୁ, ସଲିନା ସାହୁ, ରଶ୍ମୀ ସାହୁ, ରୁଚିର ମୂଖ୍ୟ ପ୍ରବନ୍ଧକ ମହେନ୍ଦ୍ର ଷଡଙ୍ଗୀ ଓ ରୁଚିର ସମସ୍ତ କର୍ମଚାରୀ ଡ଼ଃ ସାହୁଙ୍କୁ ଶୁଭେଚ୍ଛା ଜଣାଇଥିବା ବେଳେ ଅନେକ ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷମାନେ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରି ତାଙ୍କର ଉତ୍ତୋରତର ମଙ୍ଗଳ କାମନା କରିଥିଲେ।

# ପରିଚୟ ଦେଇଛି ବନ୍ୟପ୍ରାଣୀ ଫଟୋଗ୍ରାଫି



## ଅପରୁପା ଦେ



ଅପରୁପା ଦେ ଜଣେ ବନ୍ୟପ୍ରାଣୀ ଫୋଟୋଗ୍ରାଫର ଭାବେ ବେଶ୍ ପ୍ରସିଦ୍ଧି ଲାଭ କରିଛନ୍ତି। ସେ ନିଜର ଫଟୋଗ୍ରାଫି କଳା ମାଧ୍ୟମରେ ପରିବେଶ, ପଶୁପକ୍ଷୀ ସମେତ ଭାରତର ଜୈବବିବିଧତାକୁ ଦର୍ଶାଇଥାନ୍ତି। ଫଟୋଗ୍ରାଫି ପାଇଁ ସେ ବହୁ ବର୍ଷ ସମୟ ଦେଇଛନ୍ତି। ଫୋଟୋଗ୍ରାଫି ମାଧ୍ୟମରେ ଅନେକ ହଜି ଯାଉଥିବା ପ୍ରଜାତିଙ୍କ ସହ ସେ ଲୋକମାନଙ୍କୁ ପରିଚିତ କରାଇଥାନ୍ତି। ତାଙ୍କ ଉତ୍ତୋଳିତ ଫଟୋ କେବଳ ବନ୍ୟପ୍ରାଣୀଙ୍କ ପାଇଁ ଥିବା ଭଲ ପାଇବାକୁ ଦର୍ଶାଏ ନାହିଁ, ବରଂ ପରିବେଶ ସଂରକ୍ଷଣ ପାଇଁ ସମାଜକୁ ବାର୍ତ୍ତା ପ୍ରେରଣ କରିଥାଏ।

## ଆରଜୁ ଖୁରାନା



ଭାରତରେ ପ୍ରସିଦ୍ଧି ଲାଭ କରିଥିବା ମହିଳା ବନ୍ୟପ୍ରାଣୀ ଫଟୋଗ୍ରାଫର୍ଙ୍କ ମଧ୍ୟରୁ ଆରଜୁ ଖୁରାନା ଅନ୍ୟତମ। ସେ ଆଇନ୍‌ରେ ସ୍ନାତକ କରି ଫଟୋଗ୍ରାଫି ଦୁନିଆରେ ପାଦ ଥାପିଥିଲେ। ସେ ସର୍ବଦା ଆକାଶରେ ଉଡ଼ି ଯାଉଥିବା ଦଳ ଦଳ ପକ୍ଷୀଙ୍କ ଚମକଯୁକ୍ତ ରଙ୍ଗ ଓ ସୁନ୍ଦରତାକୁ ଦେଖି ବିମୋହିତ ହେଉଥିଲେ। ୧୬ ବର୍ଷ ବୟସରେ କ୍ୟାମେରା ଧରି ଫଟୋଗ୍ରାଫି ଆରମ୍ଭ କରିଥିଲେ। ଏହା ଦ୍ୱାରା ସେ ବଣ, ଜଙ୍ଗଲ, ପାହାଡ଼ ମଧ୍ୟରେ ଥିବା ପ୍ରକୃତ ସୁନ୍ଦରତାକୁ ଅନୁଭବ କରିଥିଲେ। କିନ୍ତୁ ପୁରୁଷ ପ୍ରାଧାନ୍ୟ ସମାଜରେ ଜଣେ ମହିଳା ଭାବେ ଏହି କାର୍ଯ୍ୟ କରିବା ଏତେ ସହଜ ନ ଥିଲା। ସେ ଖୁବ୍ ନିଷ୍ଠାର ସହ ଫୋଟୋଗ୍ରାଫି ଶିଖିଥିଲେ। ଏଥିପାଇଁ ତାଙ୍କୁ ପରିବାର ଲୋକେ ମଧ୍ୟ ସମର୍ଥନ କରିଥିଲେ। ୨୬ବର୍ଷ ବୟସରେ ସେ ପରିବାର ଲୋକଙ୍କୁ ବୁଝାଇ ସୋଲୋ ଟ୍ରିପ୍ କରିଥିଲେ। ସେ ଏକାକୀ ସଡ଼କ ଯାତ୍ରାରେ ଭାରତର ୫୫ଟି ବ୍ୟାଘ୍ର ସଂରକ୍ଷଣ ବୁଲିଥିଲେ। ଏଥିପାଇଁ ଛଅମାସରେ ୩୭,୦୦୦ କିଲୋମିଟର ଦୂରତା ଅତିକ୍ରମ କରିଥିଲେ।

## ଐଶ୍ବର୍ଯ୍ୟା ଶ୍ରୀଧର



ପ୍ରଥମ ଭାରତୀୟ ମହିଳା ବନ୍ୟପ୍ରାଣୀ ଫଟୋଗ୍ରାଫର ଭାବେ ଐଶ୍ବର୍ଯ୍ୟା ୨୩ ବର୍ଷ ବୟସରେ 'ଫଟୋଗ୍ରାଫର ଅଫ୍ ଦି ଇୟର' ପୁରସ୍କାର ଜିତିଥିଲେ। ପିଲାବେଳୁ ତାଙ୍କର ବନ୍ୟପ୍ରାଣୀ ଫଟୋଗ୍ରାଫି ପ୍ରତି ରୁଚି ରହିଥିଲା। ଯାହାର ଫଳସ୍ୱରୂପ ସେ ମାତ୍ର ଏଗାର ବର୍ଷ ବୟସରେ ଫଟୋଗ୍ରାଫି ଆରମ୍ଭ କରିଥିଲେ। ତାଙ୍କ ପିତା ବମ୍ବେ ନାଚୁରାଲ୍ସ ହିଷ୍ଟ୍ରି ସୋସାଇଟିର ସଦସ୍ୟ ଥିଲେ। ତେଣୁ ସେ ନିଜ ପିତାଙ୍କ ସହ ସବୁ ସ୍ଥାନକୁ ଯାଉଥିଲେ। ତାଙ୍କ ପିତାଙ୍କ ଠାରୁ ସେ ଫଟୋଗ୍ରାଫି ଦିଗରେ ପ୍ରେରଣା ପାଇଥିଲେ। ଆଖପାଖରେ ଯାହା ସବୁ ଦେଖୁଥିଲେ ତାକୁ କ୍ୟାମେରାରେ ଉଠାଉଥିଲେ। ଫଳରେ ସ୍ନାତକ ଶିକ୍ଷା ସମାପ୍ତି ପରେ ସେ ବନ୍ୟପ୍ରାଣୀ ଫଟୋଗ୍ରାଫର ହୋଇଥିଲେ। ଘଞ୍ଚ ଜଙ୍ଗଲ ମଧ୍ୟରେ ହିଂସ୍ର ପ୍ରାଣୀଙ୍କ ଫଟୋ ଉତ୍ତୋଳନ କରିବାକୁ ସେ ଡରନ୍ତିନି। ଜଙ୍ଗଲର ପ୍ରାକୃତିକ ପରିବେଶ ମଧ୍ୟରେ ରହିବାକୁ ସେ ଖୁବ୍ ଭଲପାଆନ୍ତି। ଫଟୋଗ୍ରାଫି କେବଳ ନିଶା ନୁହେଁ, ଏଥିରୁ ଜୀବନର ଅନେକ କଥା ଶିଖିବାକୁ ମିଳିଥାଏ ବୋଲି ସେ କୁହନ୍ତି। ସେ ନିଜର ଫଟୋଗ୍ରାଫି ପାଇଁ 'ସାଞ୍ଚୁରୀ ଏସିଆ ୟଙ୍ଗ୍ ନାଚୁରାଲ୍‌ଷ୍ଟି ଆୱାର୍ଡ' ସମେତ 'ଇଣ୍ଟରନ୍ୟାସ୍‌ନାଲ୍ କ୍ୟାମେରା ଫେୟାର୍ ଆୱାର୍ଡ' ପାଇଛନ୍ତି।

ବନ୍ୟପ୍ରାଣୀ ଫଟୋଗ୍ରାଫିକୁ ପୁରୁଷମାନଙ୍କ କାର୍ଯ୍ୟ ବୋଲି କୁହାଯାଏ। କାରଣ ଏହା ଏକ ଆହ୍ୱାନପୂର୍ଣ୍ଣ ବୃତ୍ତି ଭାବରେ ଜଣାଯାଏ। ଏଥିରେ ଧୈର୍ଯ୍ୟ, ସାହସ, କୌଶଳ ଓ ଦୃଢତାର ଆବଶ୍ୟକତା ରହିଥାଏ। କିନ୍ତୁ ସମୟ ବଦଳିଛି। ଫଟୋଗ୍ରାଫି ଯାହା କେବଳ ପୁରୁଷଙ୍କ କ୍ଷେତ୍ରରେ ସମ୍ଭବ ଥିଲା, ତାହା ଏବେ ମହିଳାମାନେ କରି ଦେଖାଉଛନ୍ତି। ପ୍ରକୃତିର ପ୍ରାକୃତିକ ସୌନ୍ଦର୍ଯ୍ୟକୁ କ୍ୟାମେରା ଲେନ୍ସରେ କଏଦ କରି ବନ୍ୟପ୍ରାଣୀ ସଂରକ୍ଷଣ ନିମନ୍ତେ ଅନେକ ପ୍ରେରଣାଦାୟୀ କାହାଣୀ ସାମ୍ନାକୁ ଆଣିଛନ୍ତି। ସମାଜର କଟକଣା, କଟାକ୍ଷ, ରଢ଼ିବାଦୀ ଚିନ୍ତାଧାରାକୁ ଆଡ଼େଇ ଫଟୋଗ୍ରାଫି କରି ସେମାନଙ୍କ ସାହସ ଓ ଦକ୍ଷତାକୁ ପ୍ରତିପାଦନ କରିଛନ୍ତି। ସେହିପରି କେତେକ ପ୍ରସିଦ୍ଧି ଲାଭ କରିଥିବା ଭାରତୀୟ ମହିଳା ବନ୍ୟପ୍ରାଣୀ ଫଟୋଗ୍ରାଫରଙ୍କୁ ନେଇ ଏହି ଉପସ୍ଥାପନା।

# କଳାଦାଗ ଦୂର କରିବ ଆଇପ୍ୟାଚ୍

ବ୍ୟସ୍ତ ଜୀବନଶୈଳୀ, ନିଦ୍ରାଭାବ କାରଣରୁ ଅନେକ ସମୟରେ ଆଖିତଳ କଳାପଡ଼ିଯାଏ। ଏଥିସହ କୁଞ୍ଚନ ସମସ୍ୟା ମଧ୍ୟ ଦେଖାଯାଏ। ଏହା ମୁହଁର ସୌନ୍ଦର୍ଯ୍ୟକୁ କମ୍ କରିଥାଏ। ତେଣୁ ଅଧିକାଂଶ ଲୋକେ ଏହି କଳାଦାଗକୁ ମେକ୍‌ଅପ୍ କରି ଲୁଚାଇ ଥାଆନ୍ତି। ହେଲେ ଏହା ସବୁବେଳେ କରିବା ଅନେକଙ୍କ ପକ୍ଷେ ସମ୍ଭବ ନୁହେଁ, ତେଣୁ ଚାହିଁଲେ ଘରେ ଆଇପ୍ୟାଚ୍ ପ୍ରସ୍ତୁତ କରି ଆଖିତଳ ଦାଗ ଦୂର କରିପାରିବେ।



- ଗୋଟିଏ ପାତ୍ରରେ ଏକ ଚାମଚ ଆଲୋଭେରା ଜେଲ୍, କାକୁଡ଼ି ରସ, ଗୋଲାପ ଜଳ ଓ ଏକ ଭିଟାମିନ୍ କ୍ୟାପ୍‌ସୁଲ୍ ମିଶାନ୍ତୁ। ଏହାକୁ କଟନପ୍ୟାଡରେ ବୁଡ଼ାଇ ଫ୍ରିଜ୍‌ରେ ଦଶ ମିନିଟ୍ ରଖି ଆଖି ତଳେ ଲଗାଇପାରିବେ। ଏହା ଆଖିତଳ ଦାଗ ସହ ଚର୍ମ କୁଞ୍ଚନ ଦୂର କରିଥାଏ।
- ଦୁଇଟି ଗ୍ରୀନ୍ ଟି ପ୍ୟାଚ୍‌କୁ ଗରମ ପାଣିରେ ବୁଡ଼ାଇ ଥଣ୍ଡା କରନ୍ତୁ। ଏଥିରେ ମହୁ, ଗୋଲାପ ଜଳ, ଭିଟାମିନ୍ – ଇ କ୍ୟାପ୍‌ସୁଲ ମିଶାନ୍ତୁ। ଏହାକୁ ଆଖି ତଳେ ଲଗାଇ କିଛି ସମୟ ରଖନ୍ତୁ।
- ସେହିପରି ଗୋଟିଏ କଞ୍ଚାଆଳୁ ଛିଲ୍‌କାରେ ଘଷି ସେଥିରେ ଏକ ଚାମଚ କ୍ଷୀର ଓ ଗୋଲାପଜଳ ମିଶାଇ ଫେଣ୍ଟି ଦିଅନ୍ତୁ। ଏହାକୁ ଫ୍ରିଜ୍‌ରେ ରଖି ଥଣ୍ଡା ହୋଇଗଲେ ଆଖି ତଳେ ଲଗାନ୍ତୁ।

# ଆମ୍ବ ପୋଡ଼ପିଠା

ମୋ ହାଣ୍ଡିଶାଳରୁ...



### ଆବଶ୍ୟକ ସାମଗ୍ରୀ

ପାଚିଲା ଆମ୍ବ- ତିନୋଟି, ଅରୁଆ ଚାଉଳ - ଦୁଇ କପ୍, ଚିନି - ଏକ କପ୍, ଛେନା - ଏକ କପ୍, ନଡ଼ିଆ - ଏକ କପ୍, କାଜୁ- ଅଧା କପ୍, ଗୁଜୁରାତି - ଦୁଇଟି, ଗୋଲମରିଚ - ତିନି ଚାରୋଟି, ବିଟ ଲୁଣ - ଅଧ ଚାମଚ, କିସ୍‌ମିସ୍ - ଆଠ ଦଶଟି, ତେଲ - ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ପାଚିଲା ଆମ୍ବରୁ ଚୋପା ଛଡ଼ାଇ ରସକୁ ବାହାର କରି ଜାର୍‌ରେ ଦେଇ ଗ୍ରାଇଣ୍ଡିଂ କରନ୍ତୁ। ଏହାପରେ ସେହି ଗ୍ରାଇଣ୍ଡିଂ ଜାର୍‌ରେ ବତୁରା ଅରୁଆ ଚାଉଳ, ଛେନା, କୋରା ନଡ଼ିଆ, କଟା କାଜୁ, ଗୋଲମରିଚ, ଗୁଜୁରାତି, ଚିନି ସମେତ ଅଳ୍ପ ବିଟ ଲୁଣ ଓ ପାଣି ଦେଇ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏହା ପରେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ଅଳ୍ପ ତେଲ ଦିଅନ୍ତୁ। ତେଲ ଗରମ ହୋଇଆସିଲେ ସେଥିରେ କାଜୁ, କିସ୍‌ମିସ୍ ଓ ନଡ଼ିଆ କୋରା ପକାଇ ପିଠାଖଡ଼ିକାରେ ଏପାଖ ସେପାଖ କରି ଦିଅନ୍ତୁ। ଏହାପରେ ବାଟି ରଖିଥିବା ଚାଉଳ ପେଷ୍ଟକୁ ଦେଇ ପିଠାଖଡ଼ିକାରେ ଗୋଳାଇ ଦିଅନ୍ତୁ। ଏହାପରେ ଆମ୍ବରସକୁ ଦେଇ ବହଳିଆ ହେବା ଯାଏ ଘାଣ୍ଟନ୍ତୁ। କିଛି ସମୟ ପରେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଗୋଟିଏ ପ୍ରେସର୍ କୁକର୍ ନେଇ ସେଥିରେ ସାମାନ୍ୟ ତେଲ ଘସି ଶାଳ ତଥା କଦଳୀ ପତ୍ର ଦେଇ ବଟାକୁ ପକାଇ ଭଲ ଭାବେ ଖେଳାଇ ଦିଅନ୍ତୁ। ଏହା ଉପରେ ଏକ ପତ୍ର ଘୋଡ଼ାଇ ଗ୍ୟାସ୍‌ରେ ବସାଇ ବାମ୍ଫ ଦିଅନ୍ତୁ। ଅଧ ଘଣ୍ଟା କିମ୍ବା ୪୫ ମିନିଟ୍ ପରେ ଗ୍ୟାସ ବନ୍ଦ କରି ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ଏହାକୁ ଗୋଟିଏ ପ୍ଲେଟ୍‌କୁ କାଢ଼ି ଖଣ୍ଡ କରି ପରଷନ୍ତୁ 'ଆମ୍ବ ପୋଡ଼ପିଠା'।

# ଗିଂଘମ୍ ଫେଶନ୍



ସାଧାରଣତଃ ଖରାଦିନେ ସମସ୍ତେ ସୂତାପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି। ଏହା ହାଲୁକା ସହ ଆରାମଦାୟ ହୋଇଥାଏ। ଖରାଦିନେ ସୂତା ପୋଷାକ ଭଳି ପ୍ରିଣ୍ଟର ମଧ୍ୟ ଗୁରୁତ୍ୱ ରହିଥାଏ। ଯାହା ଆଖିକୁ ସୁନ୍ଦର ଦେଖାଯିବା ସହ ଏକ ଷ୍ଟାଇଲିସ୍ ଲୁକ୍ ମିଳିଥାଏ। ତେଣୁ ଏହି ଦିନେ ଗିଂଘମ୍ ପ୍ରିଣ୍ଟର ଚାହିଦା ଅଧିକ ରହିଥାଏ। ଏ ପ୍ରକାର ପ୍ରିଣ୍ଟ ଥିବା ପୋଷାକ ସୁନ୍ଦର ଓ ଆକର୍ଷଣୀୟ ହୋଇଥାଏ।

### ଡ୍ରେସ୍

ଏଥିରୁ ଉଭୟ ଆଧୁନିକ ଓ ନବେ ଦଶକର ଭାଇବ୍ସ ମିଳିଥାଏ। ଏହାକୁ ପିନ୍ଧି ପାର୍ଟି, ଫଙ୍କସନ ଆଦିକୁ ଯାଇପାରିବେ। ଏହା ଷ୍ଟାଇଲିଶ୍ ସହ ଆକର୍ଷଣୀୟ ଦିଶିଥାଏ।

### ପ୍ୟାଣ୍ଟ

ଗିଂଘମ୍‌ର ଅର୍ଥ କେବଳ ବଜାର ତଥା ପିକ୍‌ନିକ୍ ଯିବା ଆଉଟ୍‌ଫିଟ୍‌ରେ ସୀମିତ ନୁହେଁ, ଏ ପ୍ରକାର ପ୍ରିଣ୍ଟ ପ୍ୟାଣ୍ଟରୁ ଏକ ସ୍ମାର୍ଟ ଲୁକ୍ ମିଳିଥାଏ।

### ସଟ୍‌ସ

ଖରାଦିନେ ଆରାମ ସହିତ ଷ୍ଟାଇଲିଶ୍ ଲୁକ୍ ପାଇବାକୁ ଚାହିଁଥିଲେ, ଗିଂଘମ୍ ପ୍ରିଣ୍ଟ ଥିବା ସଟ୍‌ସ ପିନ୍ଧିପାରିବେ। ଏଥିରୁ ଏକ ଫିନିଶ୍ ଲୁକ୍ ମିଳିଥାଏ। ଏଥି ସହ ଧଳା କିମ୍ବା ପେଷ୍ଟାଲ୍ ରଙ୍ଗର ଟପ୍ସ ପିନ୍ଧିଲେ ଭଲ ମାନିଥାଏ।

### ଗିଂଘମ୍ ଆସେସରିଜ୍

ଗିଂଘମ୍ ପ୍ରିଣ୍ଟ ପୋଷାକ ଭଳି ଗିଂଘମ୍ ଆସେସରିଜ୍‌ର ମଧ୍ୟ ଚାହିଦା ରହିଛି। ଗିଂଘମ୍ ହେଡ୍‌ବ୍ୟାଣ୍ଡରୁ ନେଇ ଟୋଟ୍ ବ୍ୟାଗ୍, ହେୟାର୍ କ୍ଲିପ୍ ଆଦି ରହିଛି। ଏହାକୁ ଲଗାଇ ଏଥିରୁ ଏକ କ୍ୟୁଟ୍ ଲୁକ୍ ପାଇପାରିବେ। ବିଶେଷ କରି ଯୁବତୀମାନଙ୍କୁ ଏହି ଆସେସରିଜ୍ ଖୁବ୍ ପସନ୍ଦ।

# କେଶଝଡ଼ା ରୋକିବ ଅଦା ପାଣି

କେଶ ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ। ତେଣୁ ସମସ୍ତେ ଘନ, ଲମ୍ବା କେଶ ଚାହାନ୍ତି। ଏଥିପାଇଁ ବିଭିନ୍ନ ରସାୟନିକ ପ୍ରସାଧନ ମଧ୍ୟ ଲଗାଇଥାନ୍ତି। ହେଲେ ବର୍ତ୍ତମାନର ଜୀବନଶୈଳୀ, ଧୂଳିମାଟି, ପ୍ରଦୂଷଣ ଯୋଗୁଁ ଅଧିକ କେଶଝଡ଼ା ସମସ୍ୟା ଦେଖାଯାଉଛି। ସେହିପରି କେଶ ଧଳା ଏବେର ଏକ ମୁଖ୍ୟ ସମସ୍ୟା ପାଲଟିଛି। ତେଣୁ କେଶକୁ ପ୍ରାକୃତିକ ଉପାୟରେ ସୁସ୍ଥ ରଖିବାକୁ ଚାହୁଁଥିଲେ, ଅଦା ପାଣି ବ୍ୟବହାର କରିପାରିବେ।

### ସ୍ପ୍ରେ ପ୍ରସ୍ତୁତି

ଏଥିପାଇଁ ଏକ କପ୍ ପାଣିରେ ତିନି ଇଞ୍ଚ ଅଦା ପକାଇ ଫୁଟାନ୍ତୁ। ଏହାକୁ ଦୁଇମିନିଟ୍ ଫୁଟାଇ ଏକ ପାତ୍ରକୁ କାଢ଼ି ଛାଣି ଗୋଟିଏ ବୋତଲରେ ଭର୍ତ୍ତି କରିଦିଅନ୍ତୁ। ସେହିପରି କେଶ ରୁକ୍ଷ ଓ ଶୁଷ୍କ ଥିଲେ ସେଥିରେ ଅଲିଭ୍ ଅଏଲ୍ ଓ ମହୁ ମିଶାନ୍ତୁ। ଏଥିସହ ରୁପି ସମସ୍ୟା ଥିଲେ ଲେମ୍ବୁ ମିଶାଇପାରିବେ।

### ଲଗାଇବା ବିଧି -

ସ୍ପ୍ରେ ବୋତଲରେ ଷ୍ଟୋର୍ କରି ରଖିଥିବା ଅଦା ପାଣିକୁ କେଶରେ ଅଳ୍ପ ଅଳ୍ପ ସ୍ପ୍ରେ କରି ଏହାକୁ ହାଲୁକା ହାତରେ ମସାଜ୍ କରନ୍ତୁ। କେଶରେ ଅଧିକ ରୁପି ଥିଲେ କେଶ ଧୋଇବାର ଅଧ ଘଣ୍ଟା ପୂର୍ବରୁ ଏହାକୁ ଲଗାଇ ସଫା କରନ୍ତୁ। ଏପରି ଦୁଇ ତିନି ସପ୍ତାହ ଲଗାଇବା ଦ୍ୱାରା ରୁପି ସମସ୍ୟା ଦୂର ହୋଇଥାଏ।



# ଲାଟିନା ମେକ୍‌ଅପ୍



ସମୟ ଅନୁସାରେ ଅନେକ ମେକ୍‌ଅପ୍ ଟ୍ରେଣ୍ଡ ଦେଖିବାକୁ ମିଳିଥାଏ। ସେହିପରି ଏବେ ଲାଟିନା ମେକ୍‌ଅପ୍ ଚର୍ଚ୍ଚାରେ ରହିଛି। ଏହାକୁ ଯୁବତୀମାନେ ଖୁବ୍ ପସନ୍ଦ ମଧ୍ୟ କରୁଛନ୍ତି। ତେବେ ଲାଟିନା ମେକ୍‌ଅପ୍ ଲାଟିନ୍ ଆମେରିକା ମହିଳାଙ୍କ ସୌନ୍ଦର୍ଯ୍ୟ, ଷ୍ଟାଇଲରୁ ଅନୁପ୍ରାଣିତ। ଏହା ମହିଳାଙ୍କୁ ଆକର୍ଷଣୀୟ ସହ ଏକ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ। ଏହି ମେକ୍‌ଅପ୍ ପ୍ରକ୍ରିୟାରେ ତ୍ୱଚାରେ ପ୍ରାକୃତିକ ଚମକ ଆସିଥାଏ। ବିଶେଷ କରି ବୋଲ୍‌ଡ ଲିପ୍ସ, ଶାର୍ପ ଫେସ୍ ଓ ଆଖି ମେକ୍‌ଅପ୍‌କୁ ଧ୍ୟାନ ଦିଆଯାଇଥାଏ। ଏହି ମେକ୍‌ଅପ୍ କିପରି କରିବେ ଜାଣିବା ସେ ବିଷୟରେ...

### ଫେସ୍‌ୱାସ୍

ପ୍ରଥମେ ତ୍ୱଚାକୁ ଫେସ୍‌ୱାସ୍‌ରେ ଭଲ କରି ଧୋଇ ଦିଅନ୍ତୁ। ଏହାପରେ ହାଇଡ୍ରେଟିଙ୍ଗ୍ ଟୋନର୍ ସହ ସିରମ୍ ଲଗାଇ ତ୍ୱଚାକୁ ଏକ ନରମ ବେସ୍ ଦିଅନ୍ତୁ।

### ଫାଉଣ୍ଡେସନ୍

ମୁହଁର ରଙ୍ଗ ଅନୁଯାୟୀ, କ୍ରିମ୍ ବା ମ୍ୟାଟ୍ ଫିନିଶ୍ ଦେଉଥିବା ଫାଉଣ୍ଡେସନ୍ ଲଗାନ୍ତୁ। ବ୍ଲେଣ୍ଡର ସାହାଯ୍ୟରେ ତ୍ୱଚାରେ ଭଲ କରି ମିଶାନ୍ତୁ। ତ୍ୱଚାର ଦାଗକୁ ଦୂର କରିବା ପାଇଁ କନ୍‌ସିଲର୍ ଲଗାନ୍ତୁ। ନାକ, ଗାଲ ଏବଂ ଆଖିରେ କନ୍‌ସିଲର୍ ଲଗାଇବା ଦ୍ୱାରା ଏକ ଫିନିଶ୍ ଲୁକ୍ ମିଳିଥାଏ।

### କଂଟୁରିଙ୍ଗ୍

ବ୍ରୋଞ୍ଜର ବ୍ୟବହାର କରି ଚିକ୍, ଫୋର୍‌ହେଡ୍ ଏବଂ ଜ-ଲାଇନ୍‌କୁ କଂଟୁର କରନ୍ତୁ। ବ୍ରୋଞ୍ଜରକୁ ଆଖି ପାଖରେ ଭଲରେ ମିଶାଇ ହାଇଲାଇଟର୍ ଲଗାନ୍ତୁ। ଏହା ଆଖିକୁ ଆକର୍ଷଣୀୟ ଲୁକ୍ ଦେଇଥାଏ।

### ବୋଲ୍‌ଡ ଆଇବ୍ରୋ

ବ୍ରୋ ପେନ୍‌ସିଲ୍‌ରେ ଆଇବ୍ରୋକୁ କୁଣ୍ଡାଇ ସଜାଡ଼ନ୍ତୁ। ଏହାପରେ ଆଇବ୍ରୋରେ କନ୍‌ସିଲର୍ ଲଗାଇ ଏହାକୁ ତ୍ୱଚାର ରଙ୍ଗ ସହ ମିଶାନ୍ତୁ ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ।

## ୨୭ ବର୍ଷ ପ୍ରତୀକ୍ଷାର ଅନ୍ତ; ଡବ୍ଲ୍ୟୁଟିସି ଫାଇନାଲରେ ଅଷ୍ଟ୍ରେଲିଆ ପରାସ୍ତ

# ଦକ୍ଷିଣ ଆଫ୍ରିକା ହାତରେ ଆଇସିସି ଟ୍ରଫି

ଲର୍ଡ୍ସ,୧୪।୬ (ଏଜେନ୍ସି):

କ୍ରିକେଟର ମକ୍କା ଭାବେ ବିବେଚିତ ଐତିହାସିକ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଇତିହାସ ରଚିଛି ଦକ୍ଷିଣ ଆଫ୍ରିକା। ଏଠାରେ ଗତ ୪ ଦିନ ଧରି ଚାଲିଥିବା ବିଶ୍ୱଟେଷ୍ଟ ଚାମ୍ପିଅନସିପ୍(ଡବ୍ଲ୍ୟୁଟିସି)ର ଫାଇନାଲ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିଅନ ବା ଗତଥରର ବିଜେତା ଅଷ୍ଟ୍ରେଲିଆକୁ ୫ ୱିକେଟରେ ପରାସ୍ତ କରି ଦକ୍ଷିଣ ଆଫ୍ରିକା ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏହା ଫଳରେ ବିଜୟୀ ଦଳ ଦୀର୍ଘ ୨୭ ବର୍ଷ ପରେ ୧୧ଟି ସେମିଫାଇନାଲ ଓ ଗୋଟିଏ ଫାଇନାଲରେ ହାରିବା ପରେ ଆଇସିସି ଟ୍ରଫି ବିଜୟୀ ହୋଇଛି। ପୂର୍ବରୁ ୧୯୯୮ରେ ଦକ୍ଷିଣ ଆଫ୍ରିକା ଆଇସିସି ନକ୍‌ଆଉଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇ ପ୍ରଥମ ଆଇସିସି ଟ୍ରଫି ବିଜୟୀ ହୋଇଥିଲା। 'ଆଇସିସି ନକ୍‌ଆଉଟ ଟୁର୍ଣ୍ଣାମେଣ୍ଟ' ପରବର୍ତ୍ତୀ ସମୟରେ ଆଇସିସି ଚାମ୍ପିଅନ୍ସ ଟ୍ରଫି ଭାବରେ ନାମିତ ହୋଇଥିଲା। ଏବେ ବିଶ୍ୱଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଅଷ୍ଟ୍ରେଲିଆକୁ ମାତ ଦେଇ ଦକ୍ଷିଣ ଆଫ୍ରିକା ନାମରେ ଥିବା ଚୋକର୍ସ ଟ୍ୟାଗ୍‌କୁ ହଟାଇବାରେ ପ୍ରଥମ ପାଦ ଥାପିଛି। ଏହି ଫାଇନାଲରେ ଦକ୍ଷିଣଆଫ୍ରିକାର ଦ୍ୱିତୀୟ ଇନିଂସରେ ୧୩୬ ରନ୍‌ର ଦମ୍‌ଦାର ଇନିଂସ ଖେଳି ଦଳକୁ ବିଜୟୀ କରାଇଥିବା ଓପନର ଆଇଡେନ ମାର୍କରାମଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।





ପରାଜୟରେ ମ୍ରିୟମାଣ ଅଷ୍ଟ୍ରେଲୀୟ ଖେଳାଳି

### ୫ ୱିକେଟରେ ମାତ୍ ଦେଲା

ଏହି ମ୍ୟାଚରେ ବିଉ ୱେବ୍‌ଷ୍ଟର ୭୨ ଓ ଷ୍ଟିଭେନ ସ୍ମିଥ ୬୬ ରନ୍ କରିବା ଫଳରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୨୧୨ ରନ୍ କରିଥିଲା। ଜବାବରେ ପ୍ୟାଟ୍ କମିନ୍ସ ୬ଟି ୱିକେଟ ନେବା ଫଳରେ ଦକ୍ଷିଣ ଆଫ୍ରିକାର ପ୍ରଥମ ଇନିଂସ ୧୩୮ ରନ୍‌ରେ ଅଟକିଥିଲା। ଡେଭିଡ ବେଡିଂହାମ ୪୫ ଓ ତେମ୍ବା ବଭୁମା ୩୬ ରନ୍ କରିଥିଲେ। ପ୍ରଥମ ଇନିଂସରେ ୭୪ ରନ୍‌ରେ ଆଗୁଆ ରହିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୭୭ ରନ୍‌ରେ ୭ ୱିକେଟ ହରାଇଥିଲେ ମଧ୍ୟ ମିଚେଲ ଷ୍ଟାର୍କଙ୍କ ଅପରାଜିତ ୫୮ ଓ ଆଲେକ୍ସ କ୍ୟାରୀଙ୍କ ୪୩ ରନ୍ ସହାୟତାରେ ଦଳ ୨୦୭ ରନ୍ କରିବାକୁ ସମର୍ଥ ହୋଇଥିଲା। ଅଷ୍ଟ୍ରେଲିଆର ପ୍ରଥମ ପାଳିରେ ୫ ୱିକେଟ ନେଇଥିବା କାଗିସୋ ରାବାଡା ଦ୍ୱିତୀୟଇନିଂସରେ ମଧ୍ୟ ୪ଟି ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ସଫଳତା ପାଇଥିଲେ।

ଏହା ପରେ ଆରମ୍ଭ ହୋଇଥିଲା ଇତିହାସ ରଚିବାର ଚେଷ୍ଟା। ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଆଗରେ ୨୮୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ୭୦ ରନ୍‌ରେ ୨ ୱିକେଟ ହରାଇଥିଲା। କିନ୍ତୁ ତୃତୀୟ ୱିକେଟ ଯୋଡିରେ ଦଳର ସବୁଠାରୁ ଅଭିଜ୍ଞ ବ୍ୟାଟର ଓପନର ଆଇଡେନ୍ ମାର୍କରାମ ଓ ତେମ୍ବା ବଭୁମା ଉଭୟ ଧୈର୍ଯ୍ୟପୂର୍ଣ୍ଣ ଓ ଆକ୍ରମଣାତ୍ମକ ବ୍ୟାଟିଂ କରି ୨୫୦ ବଲ୍‌ରୁ ୧୪୭ ରନ୍ ଉଠାଇ ଦଳକୁ ବିଜୟର ଦ୍ୱାର ଦେଶରେ ପହଞ୍ଚାଇଥିଲେ। ମ୍ୟାଚ୍ ଜିତିବାକୁ ଆଉ ୬୫ ରନ୍ ଆବଶ୍ୟକ ଥିଲାବେଳେ ଅଧିନାୟକ ବଭୁମା ଓ ୬ ରନରୁ ଦୂରରେ ଥିଲାବେଳେ ମାର୍କରାମ ଆଉଟ ହୋଇଯାଇଥିଲେ। କିନ୍ତୁ ଡେଭିଡ ବେଡିଂହାମ ଅଧିକ କ୍ଷତି ହେବାକୁ ନ ଦେଇ ଦଳକୁ ଐତିହାସିକ ବିଜୟ ପ୍ରଦାନ କରିଥିଲେ। ବଭୁମା ୧୩୪ ବଲ୍‌ରୁ ୫ ଚୌକା ସହ ୬୬ ଏବଂ ମାର୍କରାମ ତାଙ୍କ ଟେଷ୍ଟ ଜୀବନର ଶ୍ରେଷ୍ଠ ଇନିଂସ ସହ ୨୦୭ ବଲ୍‌ରୁ ୧୪ ଚୌକା ସହ ୧୩୬ ରନ୍‌ରେ ଆଉଟ ହୋଇଥିଲେ। ଦକ୍ଷିଣ ଆଫ୍ରିକାର ଦୁଇ ଓପନରଙ୍କୁ ଆଉଟ କରିବା ବ୍ୟତୀତ ଅନ୍ୟ ସମୟରେ ଅଷ୍ଟ୍ରେଲିଆର ତଥାକଥିତ ପ୍ରଭାବଶାଳୀ ଓ ବିଶ୍ୱଚାମ୍ପିଅନ ବୋଲର ପ୍ରଭାବବିହୀନ ହୋଇଯାଇଥିଲେ।



ଆଇଡେନ୍ ମାର୍କରାମ- ୧୩୬

### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୨୧୨/୧୦ (ବିଉ ୱେବ୍‌ଷ୍ଟର-୭୩, ଷ୍ଟିଭେନ ସ୍ମିଥ୍-୬୬, କାଗିସୋ ରାବାଡ଼ା- ୫/୫୧, ମାର୍କୋ ଜାନସେନ-୩/୪୯)।

**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ:** ୧୩୮/୧୦ (ଡେଭିଡ୍ ବେଡିଂହାମ-୪୫, ତେମ୍ବା ବଭୁମା-୩୬, ପ୍ୟାଟ୍ କମିନ୍ସ-୬/୨୮, ମିଚେଲ ଷ୍ଟାର୍କ-୨/୪୧)।

**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ:** ୨୦୭/୧୦ (ମିଚେଲ ଷ୍ଟାର୍କ-୫୮*, ଆଲେକ୍ସ କ୍ୟାରୀ-୪୩, ରାବାଡା-୪/୫୯, ଲୁଙ୍ଗି ଏନ୍‌ଗିଡି-୩/୩୮)।

**ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ:** ୨୮୨/୫ (ଆଇଡେନ୍ ମାର୍କରାମ-୧୩୬, ତେମ୍ବା ବଭୁମା-୬୬, ମିଚେଲ ଷ୍ଟାର୍କ-୩/୬୬, ଜୋଶ ହାଜ୍‌ଲେଉଡ୍-୧/୫୮)।

**ପ୍ଲେୟର ଅଫ୍ ଦି ମ୍ୟାଚ୍**
**ଆଇଡେନ୍ ମାର୍କରାମ**

### ଅପରାଜେୟ ଅଧିନାୟକ ବଭୁମା

ଦକ୍ଷିଣ ଆଫ୍ରି ଟେଷ୍ଟ ଦଳର ନେତୃତ୍ୱ ନେବାପରଠାରୁ ଏଯାଏ ଗୋଟିଏ ହେଲେ ଟେଷ୍ଟରେ ହାରି ନାହାନ୍ତି। ଏହା ଫଳରେ ସେ ଟେଷ୍ଟ ଅଧିନାୟକ ଭାବେ ଅପରାଜିତ ରହିଛନ୍ତି। ସେ ୧୦ଟି ଟେଷ୍ଟରେ ନେତୃତ୍ୱ ନେଇଥିଲାବେଳେ ୯ଟିରେ ବିଜୟୀ ହୋଇଛନ୍ତି ଓ ଅନ୍ୟ ଗୋଟିଏ ମ୍ୟାଚ୍ ଡ୍ର ରଖିଛନ୍ତି। ଏହା ମଧ୍ୟରେ ଏକ ଐତିହାସକ ସିରିଜ୍ ବିଜୟ ଓ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ରହିଛି। ତାଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଲର୍ଡ୍ସରେ ଅନୁଷ୍ଠିତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଅଷ୍ଟ୍ରେଲିଆକୁ ୫ ୱିକେଟରେ ପରାସ୍ତ କରି ଇତିହାସ ସୃଷ୍ଟି କରିଛନ୍ତି।

### ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ବିଜେତା

| ବର୍ଷ | ଚାମ୍ପିଅନ | ରନର୍ସଅପ୍ |
| --- | --- | --- |
| ୨୦୧୯-୨୧ | ନ୍ୟୁଜିଲାଣ୍ଡ | ଭାରତ |
| ୨୦୨୧-୨୩ | ଅଷ୍ଟ୍ରେଲିଆ | ଭାରତ |
| ୨୦୨୩-୨୫ | ଦକ୍ଷିଣ ଆଫ୍ରିକା | ଅଷ୍ଟ୍ରେଲିଆ |

### ଆଇସିସି ଟ୍ରଫି ଫାଇନାଲ: ୧୫ ବର୍ଷ ପରେ ହାରିଲା ଅଷ୍ଟ୍ରେଲିଆ

ଦୀର୍ଘ ୧୫ ବର୍ଷ ପରେ ଆଇସିସି ଦ୍ୱାରା ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଅଷ୍ଟ୍ରେଲିଆ ପରାଜିତ ହୋଇଛି। ଇଂଲଣ୍ଡର ଲର୍ଡ୍ସରେ ଶନିବାର ଶେଷ ହୋଇଥିବା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକା ନିକଟରୁ ପରାଜିତ ହୋଇଛି। ଏହା ପୂର୍ବରୁ ଶେଷଥର ୨୦୧୦ ଟି-୨୦ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆ ଚାମ୍ପିଅନ ଇଂଲଣ୍ଡ ନିକଟରୁ ପରାଜିତ ହୋଇଥିଲା। ଏହା ମଧ୍ୟରେ ଅଷ୍ଟ୍ରେଲିଆ ୨୦୧୫ ଦିନିକିଆ ବିଶ୍ୱକପ୍, ଦୁବାଇରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍, ୨୦୨୧-୨୩ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଓ ୨୦୨୩ ଦିନିକିଆ ବିଶ୍ୱକପ୍ ଫାଇନାଲ ଜିତି ଚାମ୍ପିଅନ ହୋଇଥିଲା। ଅଷ୍ଟ୍ରେଲିଆ ବିଭିନ୍ନ ଫର୍ମାଟରେ ୧୪ଟି ଆଇସିସି ଟୁର୍ଣ୍ଣାମେଣ୍ଟ ଫାଇନାଲରେ ପ୍ରବେଶ କରିଛି। ଏହା ମଧ୍ୟରୁ ମାତ୍ର ୪ଟିରେ ପରାଜିତ ହୋଇଛି।

### ଏଫ୍‌ଆଇଏଚ୍ ପୁରୁଷ ପ୍ରୋ-ଲିଗ୍

## ଭାରତର କ୍ରମାଗତ ୫ମ ପରାଜୟ




ଆଣ୍ଟ୍‌ୱର୍ପ, ୧୪।୬ (ଏଜେନ୍ସି): ଏଫ୍‌ଆଇଏଚ୍ ପୁରୁଷ ପ୍ରୋ ଲିଗ୍‌ର ୟୁରୋପ ଟୁର୍‌ରେ ପରାଜୟ ଭାରତର ପିଛା ଛାଡୁନାହିଁ। ଏଠାରେ ଶନିବାର ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ମୁକାବିଲାରେ ଭାରତ ୨-୩ ଗୋଲରେ ଅଷ୍ଟ୍ରେଲିଆ ନିକଟରୁ ପରାଜିତ ହୋଇଯାଇଛି। ଏହା ଫଳରେ ୟୁରୋପ ଟୁର୍‌ରେ ଦଳ କ୍ରମାଗତ ପଞ୍ଚମ ପରାଜୟ ବରଣ କରିଛି। ପୂର୍ବରୁ ନେଦରଲାଣ୍ଡସ ଓ ଆର୍ଜେଣ୍ଟିନା ନିକଟରୁ ଦଳ ୨ଥର ଲେଖାଏଁ ପରାଜିତ ହୋଇଥିଲା। ଆଜିର ମୁକାବିଲାରେ ଅଭିଷେକ ଡବଲ ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ ମଧ୍ୟ ଲଢୁଆ ପ୍ରତ୍ୟାବର୍ତ୍ତନ କରି ଅଷ୍ଟ୍ରେଲିଆ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ବିଜୟୀ ଦଳ ପକ୍ଷରୁ ନାଥାନ ଏଫ୍ରାମସ, ଜୋଏଲ ରିଣ୍ଟାଲା ଓ ଟମ୍ କ୍ରେଗ୍ ଗୋଟିଏ ଲେଖାଏ ଗୋଲ ଦ୍ୱିତୀୟାର୍ଦ୍ଧରେ ସ୍କୋର କରିଥିଲେ। ଭାରତ ପକ୍ଷରୁ ଆଘାତ ପାଇଥିବା ଅଧିନାୟକ ହରମନପ୍ରୀତ୍ ସିଂ ଏହି ମ୍ୟାଚ୍ ଖେଳୁ ନ ଥିଲେ।

### ମ୍ୟୁନିକ୍ ସୁଟିଂ ବିଶ୍ୱକପ୍

## ଆର୍ଯ୍ୟା-ଅର୍ଜୁନଙ୍କୁ ସ୍ୱର୍ଣ୍ଣପଦକ

ମ୍ୟୁନିକ୍, ୧୪।୬ (ଏଜେନ୍ସି): ଏଠାରେ ଚାଲିଥିବା ଆଇଏସ୍‌ଏସଏଫ୍ (ସୁଟିଂ) ବିଶ୍ୱକପ୍‌ରେ ଭାରତର ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଯୋଡି ଆର୍ଯ୍ୟା ବୋଷ ଓ ଅର୍ଜୁନ ବାବୁଟାଙ୍କ ଯୋଡି ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଏଠାରେ ଶନିବାର ଅନୁଷ୍ଠିତ ମିକ୍ସଡ ଟିମ୍ ଇଭେଣ୍ଟରେ ଆର୍ଯ୍ୟା -ଅର୍ଜୁନଙ୍କ ଯୋଡି ୧୭-୭ ପଏଣ୍ଟରେ ଚୀନ୍‌ର ଜିଫେଇ ୱାଙ୍ଗ୍ ଓ ଲିହାସ ଶେଙ୍ଗ୍‌ଙ୍କ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଏହି ବିଜୟ ସହ ଭାରତ ମ୍ୟୁନିକ୍ ସୁଟିଂ ବିଶ୍ୱକପ୍‌ରେ ୨ଟି ସ୍ୱର୍ଣ୍ଣ ସହ ୪ଟି ପଦକ ଜିତିବାରେ ସମର୍ଥ ହୋଇଛି। ପୂର୍ବରୁ ସୁରୁଚି ଶର୍ମା ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ। ତାଙ୍କ ବ୍ୟତୀତ ସିଫ୍ଟ କୌର ସାମ୍ରା ଓ ଏଲାଭେନିଲ ୨ଟି କାଂସ୍ୟ ପଦକ ଜିତିବାରେ ସମର୍ଥ ହୋଇଥିଲେ। ଶନିବାର ଅନୁଷ୍ଠିତ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତର ଅନ୍ୟ ପ୍ରତିଯୋଗୀ ଏଲାଭେନିଲ ଭାଲାରିଭାନ ଓ ଅଙ୍କୁଶ ଯାଦବଙ୍କ ଯୋଡି ୬ଷ୍ଠ ସ୍ଥାନରେ ରହି ନିରାଶ କରିଥିଲେ।



### ଆଇସିସି ନିୟମରେ ପରିବର୍ତ୍ତନ

## ୨୫ ଓଭର ଦିନିକିଆ ମ୍ୟାଚ୍‌ରେ ଗୋଟିଏ ନୂଆ ବଲ୍

ଦୁବାଇ, ୧୪।୬ (ଏଜେନ୍ସି): ଆଇସିସି ପକ୍ଷରୁ କେତେକ ନିୟମରେ ପରିବର୍ତ୍ତନ କରାଯାଇଛି। ଏବେ ଦିନିକିଆ ମ୍ୟାଚ୍ ୨୫ ଓଭର ବିଶିଷ୍ଟ ହେଲେ ଇନିଂସରେ ଗୋଟିଏ ନୂଆ ବଲ୍ ବ୍ୟବହାର କରାଯିବ। ଏହି ନିୟମ ଜୁଲାଇ ୨ରୁ ଲାଗୁ ହେବ। ଏବେ ଦିନିକିଆ ମ୍ୟାଚ୍‌ରେ ୨ଟି ନୂଆବଲ ଖେଳାଯାଉଛି। ଯାହା ଫଳରେ ଫିଲ୍ଡିଂ କରୁଥିବା ଦଳ ଫାଇଦାରେ ରହୁଛି। ଏଣୁ ୩୪ ଓଭର ପରେ ଫିଲ୍ଡିଂ କରୁଥିବା ଦଳ ଏହି ଦୁଇଟି ବଲ୍‌ରୁ ଗୋଟିକରେ ବୋଲିଂ କରିବ।

ଶିବମ ଦୁବେଙ୍କ ସ୍ଥାନରେ ହର୍ଷିତ ରାଣାଙ୍କୁ କନକସନ ବଦଳ ଖେଳାଳିଭାବେ ବ୍ୟବହାର କରାଯିବାକୁ ନେଇ ବେଶ ଆଲୋଚନା ହୋଇଥିଲା। ଏହା ବିବାଦ ଘେରକୁ ଆସିବା ପରେ ଏବେ କନକସନ ନିୟମରେ କିଛି ପରିବର୍ତ୍ତନ କରାଯାଇଛି। ଗୋଟିଏ ଦଳ ଚୂଡାନ୍ତ ଏକାଦଶ ଖେଳାଳି ତାଲିକା ଦେଲାବେଳେ ଓ ଦଳରେ ଥିବା ଖେଳାଳିଙ୍କ ସମ୍ପର୍କରେ ୫ଟି କାଟାଗୋରୀ ସମ୍ପର୍କରେ ସୂଚନା ଦେବେ। ସେଗୁଡିକ ହେଲା ୱିକେଟରକ୍ଷକ, ବ୍ୟାଟର, ସିମ୍ ବୋଲର, ସ୍ପିନ୍ ବୋଲର ଓ ଅଲରାଉଣ୍ଡର। କନକସନ ବଦଳ ଅବସ୍ଥା ଆସିଲେ ମ୍ୟାଚ୍ ରେଫରି ଏହି ତାଲିକାରୁ ସମାନ ଖେଳାଳିଙ୍କୁ ଖେଳିବାକୁ ସୁଯୋଗ ଦେବେ। ସେହିପରି ବାଉଣ୍ଡରୀରେ କ୍ୟାଚ୍ ଧରିବା ନିୟମରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ବାଉଣ୍ଡରୀରେ ବଲ ଧରି ନିୟନ୍ତ୍ରଣ ହରାଇଲାବେଳେ ଅନେକ ଖେଳାଳି ବାଉଣ୍ଡରୀ ବାହାରକୁ ଚାଲିଯାଉଛନ୍ତି। କିନ୍ତୁ ସେମାନେ ଏକାଥରକେ ପଡ଼ିଆ ଭିତରକୁ ଆସି ନ ପାରିଲେ ତାହାକୁ ବାଉଣ୍ଡାରୀ ବିବେଚନା କରାଯିବ। ଏହି ନିୟମ ଅକ୍ଟୋବର ୨୦୨୬ରେ ଲାଗୁ କରାଯିବ। ପଡ଼ିଆ ବାହାରେ ଦୁଇଥର ଡେଇଁ ବଲ ଛୁଇଁଲେ ତାହାକୁ ବାଉଣ୍ଡାରୀ ବିବେଚନା କରାଯିବ। ସେହିପରି ବଲକୁ ଧରି ପଡ଼ିଆ ଭିତରକୁ ପକାଇବାରେ ଆଉଜଣେ କ୍ୟାଚ୍ ଧରିବା ବେଳକୁ ପୂର୍ବ ଖେଳାଳିଜଣଙ୍କ ପଡ଼ିଆ ଭିତରକୁ ଆସି ନ ଥିଲେ ତାହାକୁ ବାଉଣ୍ଡାରୀ ଭାବେ ବିବେଚନା କରାଯିବ।

### ଏସିଆନ୍ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍

## ପ୍ରଣତିଙ୍କୁ କାଂସ୍ୟ ପଦକ

ସିଓଲ, ୧୪।୬ (ଏଜେନ୍ସି): ଭାରତର ପ୍ରତିଯୋଗୀ ତଥା କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ଜିମ୍ନାଷ୍ଟିକ୍ ହାଇପରଫର୍ମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଥିବା ପ୍ରଣତି ନାୟକ ଏଠାରେ ଅନୁଷ୍ଠିତ ୨୦୨୫ ଏସିଆନ୍ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଶନିବାର ଅନୁଷ୍ଠିତ ଏହି ଇଭେଣ୍ଟରେ ପ୍ରଣତି ୧୩,୪୬୬ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଥିଲେ। ତାଙ୍କଠାରୁ ଅଧିକ ପଏଣ୍ଟ ପାଇଥିବା ଚୀନ୍‌ର ୟିହାନ ଝାଙ୍ଗ୍ ଓ ଭିଏତନାମ୍‌ର ଏନ୍‌ଗୁଏନ୍ ଥି କ୍ୟୁନ୍ ନୁ'ଙ୍କୁ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ମିଳିଥିଲା। ଏଥିରେ ଭାଗ ନେଇଥିବା ଅନ୍ୟ ଭାରତୀୟ ପ୍ରତିଯୋଗୀ ପ୍ରତିଷ୍ଠା ସାମନ୍ତ ଅଳ୍ପକେ ପଦକ ଜିତିବାରୁ ବଞ୍ଚିତ ହୋଇ ଚତୁର୍ଥ ସ୍ଥାନରେ ରହିଥିଲେ। ଏହି ବିଜୟ ଫଳରେ ପ୍ରଣତି ଭାରତୀୟ ଭାବେ ଏସିଆନ୍ ଚାମ୍ପିଅନସିପ୍‌ରେ ସର୍ବାଧିକ ୩ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ତାଙ୍କ ପୂର୍ବରୁ ଦୀପା କର୍ମାକାର ୨ଟି ପଦକ ଜିତିଥିଲେ। ୨୦୧୯ ଉଲାନବାତାର ଓ ୨୦୨୨ ଦୋହାରେ ଅନୁଷ୍ଠିତ ଚାମ୍ପିଅନସିପ୍‌ରେ ପ୍ରଣତି ଅନ୍ୟ ଦୁଇଟି କାଂସ୍ୟ ପଦକ ବିଜୟୀ ହୋଇଥିଲେ।



### ଜାତୀୟ କରାଟେ ପ୍ରତିଯୋଗିତା

## ଓଡ଼ିଶାକୁ ୫ ସ୍ୱର୍ଣ୍ଣ ସହ ୧୭ ପଦକ

ଭୁବନେଶ୍ୱର, ୧୪।୬ (ସମିସ): ଉତ୍ତରାଖଣ୍ଡର ଡେରାଡୁନ୍‌ଠାରେ ଚାଲିଥିବା ଜାତୀୟ କରାଟେ ପ୍ରତିଯୋଗିତାର ତୃତୀୟ ଦିନ ସୁଦ୍ଧା ଓଡ଼ିଶାର ପ୍ରତିଯୋଗୀମାନେ ତୃତୀୟ ଦିନରେ ୫ସ୍ୱର୍ଣ୍ଣ, ୮ରୌପ୍ୟ, ୪କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଗତକାଲି ଦ୍ୱିତୀୟ ଦିନରେ ପ୍ରତିଯୋଗୀମାନେ ୨ସ୍ୱର୍ଣ୍ଣ, ୨ରୌପ୍ୟ, ୫କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଗତକାଲି ଯୁବ ୭୦ କିଲୋ ଫାଇଟିଂ ଶ୍ରେଣୀରେ ଅଂଶୁମାନ ଆଚାର୍ଯ୍ୟ ଓ ୭୬ କିଲୋରୁ ଉର୍ଦ୍ଧ୍ୱ ଶ୍ରେଣୀ ଫାଇଟିଂରେ ଦିବ୍ୟପ୍ରସାଦ ନାୟକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଆଜି ତୃତୀୟ ଦିନରେ ଅଶ୍ଳେଷା ପଣ୍ଡା, ବୈଶାଳୀ ପାତ୍ର, ଶ୍ରେୟା କାନୁନଗୋ, ଆଦ୍ୟାଶା ପ୍ରିୟଦର୍ଶିନୀ ଓ ଲିନ୍‌ସି ସିଂହ। ଲିନ୍ସି ସିଂହ, ଆକାଂକ୍ଷା ମହାନ୍ତି, ଆଦ୍ୟାଶା ନାୟକ, ଏନ୍ ଜିସିକା, ଇଶାନି ପଣ୍ଡା, ଵଂଶିକା ମହାପାତ୍ର, ସୌମ୍ୟା ଶୁଭଦର୍ଶିନୀ, ଅନନ୍ୟା ସାହୁ ଓ ରାଜେଶ୍ୱରୀ ସିଂ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି।



ଯାଜପୁର ଜିଲ୍ଲା ଖଣ୍ଡିତରଠାରେ ଚାଲିଥିବା ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତାରେ ଶନିବାର ଅନୁଷ୍ଠିତ ମୁକାବିଲାର ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ

## ସ୍କୁଲ ଓପନ ଚେସ ଜିତିଲେ ପ୍ରାଂଶୁ



ଭୁବନେଶ୍ୱର, ୧୪।୬ (ସମିସ): ଭୁବନେଶ୍ୱର ଏପିଜେ ସ୍କୁଲ୍‌ର ପ୍ରାଂଶୁ ଦାଶ ଚତୁର୍ଥ ତ୍ରିନାଥ ଦାସ ସ୍ମାରକୀ ଓପନ ସ୍କୁଲ ଚେସ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଶନିବାର ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ରୁଚିକା ହାଇସ୍କୁଲର ସତ୍ୟମାଧବ ଶତପଥୀ, ନାରାୟଣ ଇ-ଟେକ୍ନୋ ସ୍କୁଲ୍‌ର ଆୟାବନ୍ତ ମହାନ୍ତି, ନୋଏଡା ରିୟାନ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ସାରାଂଶ ମିଶ୍ର ଓ ଜିଡି ଗୋଏଙ୍କା ପବ୍ଲିକ୍ ସ୍କୁଲ୍‌ର ରେୟାଂଶ ଦାସ ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। କ୍ୟାପ୍ଟେନ ଅମିତ ପଟ୍ଟନାୟକ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS